ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୨୩/୨୦୨୪ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, March 23/2024 Page 16 ₹ 7.00 | SAMBALPUR
୫୦ଶ ଭାଗ ୧୨୦ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 50 ISSUE 120 ମୂଲ୍ୟ₹୭/-

# ବିଜେଡି–ଭାଜପା ମେଣ୍ଟ ହେବନି

**ଓଡ଼ିଶାରେ ଆସନ୍ତା ମେ ୧୩ରୁ ଜୁନ୍ ୧ ମଧ୍ୟରେ ୪ ପର୍ଯ୍ୟାୟରେ ହେବାକୁ ଥିବା ନିର୍ବାଚନରେ ରାଜ୍ୟର ସମସ୍ତ ୨୧ ଲୋକ ସଭା ଏବଂ ୧୪୭ ବିଧାନସଭା ଆସନରେ ଭାଜପା ଏକାକୀ ଲଢ଼ିବ ବୋଲି ଦଳର ରାଜ୍ୟ ସଭାପତି ମନମୋହନ ସାମଲ ଶୁକ୍ରବାର ତାଙ୍କ 'ଏକ୍ସ' ଆକାଉଣ୍ଟରେ ଉଲ୍ଲେଖ କରିଛନ୍ତି। ଏହାର କିଛି ସମୟ ପରେ ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ (ବବି) ମଧ୍ୟ ତାଙ୍କ 'ଏକ୍ସ' ଆକାଉଣ୍ଟରେ ସୂଚନା ଦେଇଛନ୍ତି ଯେ, ବିଜେଡି ରାଜ୍ୟର ସବୁ ବିଧାନସଭା ଓ ଲୋକ ସଭା ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବ। ଏହି ଦୁଇ ନେତାଙ୍କ କଥାରୁ ବିଜେଡି–ଭାଜପା ମେଣ୍ଟ ହେବାର ସମ୍ଭାବନା ନାହିଁ ବୋଲି ସ୍ପଷ୍ଟ ହୋଇଛି।**

- **ରାଜ୍ୟରେ ଏକାକୀ ଲଢ଼ିବ ଭାଜପା: ମନମୋହନ**
- **ସବୁ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବ ବିଜେଡି: ପ୍ରଣବ**

ଭୁବନେଶ୍ୱର, ୨୨।୩(ସୁନିତ୍ ମିଶ୍ର)

ରାଜ୍ୟରେ ଭାଜପା ଏକାକୀ ଲଢ଼ିବ ବୋଲି ଦଳର ରାଜ୍ୟ ସଭାପତି ମନମୋହନ ସାମଲ 'ଏକ୍ସ'ରେ ପୋଷ୍ଟ କରିବା ପରେ ଦଳୀୟ ନେତା ଓ କର୍ମୀ ମହଲରେ ଉତ୍ସାହ ଦେଖିବାକୁ ମିଳିଛି। ବିଭିନ୍ନ ସ୍ଥାନରେ ବାଣ ଫୁଟାଇ, ମିଠା ବାଣ୍ଟି ଉତ୍ସବ ପାଳନ କରାଯାଇଛି। ମନମୋହନଙ୍କ ପୋଷ୍ଟକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଅନେକେ ରିପୋଷ୍ଟ କରିଛନ୍ତି।

ମନମୋହନ ତାଙ୍କ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ଯେ, ଗତ ୧୦ ବର୍ଷ ହେଲା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାର ବିଜେଡି ରାଷ୍ଟ୍ରୀୟ ମହତ୍ତ୍ୱ ଥିବା ଅନେକ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାରକୁ ସମର୍ଥନ କରିଆସୁଛନ୍ତି। ଏଥିପାଇଁ ତାଙ୍କୁ ଧନ୍ୟବାଦ ଜଣାଉଛୁ। ସମଗ୍ର ଦେଶରେ ଯେଉଁସବୁ ରାଜ୍ୟରେ ଡବଲ ଇଞ୍ଜିନ ସରକାର ରହିଛି ସେଠାରେ ବିକାଶ ଓ ଗରିବ କଲ୍ୟାଣର କାର୍ଯ୍ୟସବୁ ତ୍ୱରାନ୍ୱିତ ହୋଇଛି। ସବୁ କ୍ଷେତ୍ରରେ ସମ୍ପୃକ୍ତ ରାଜ୍ୟଗୁଡିକ ଅଗ୍ରଗତି ହାସଲ କରୁଛନ୍ତି ବୋଲି ଅନୁଭବ ହେଉଛି। ହେଲେ ବର୍ତ୍ତମାନ ଓଡ଼ିଶାରେ କେନ୍ଦ୍ରର ଅନେକ କଲ୍ୟାଣକାରୀ ଯୋଜନା ତୃଣମୂଳସ୍ତରରେ ପହଞ୍ଚି ପାରୁନାହିଁ। ଯେଉଁ କାରଣରୁ ଓଡ଼ିଶାର ଗରିବ ଲୋକଙ୍କୁ ଏହାର ସୁଫଳ ପାଇପାରୁ ନାହାନ୍ତି। ଓଡ଼ିଶାର ଅସ୍ମିତା, ଗୌରବ ଏବଂ ରାଜ୍ୟବାସୀଙ୍କ ସ୍ୱାର୍ଥ ସହ ଜଡ଼ିତ ଅନେକ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ସହ ସହମତ ହୋଇପାରୁ ନ ଥିବା ମନମୋହନ କହିଛନ୍ତି। ଆହୁରି ଉଲ୍ଲେଖ କରିଛନ୍ତି ଯେ, ସାଢେ ୪ କୋଟି ଲୋକଙ୍କ ଆଶା, ଅଭିଳାଷ ଓ ଆକାଂକ୍ଷା ପୂରଣ କରିବା ଲାଗି ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶାରେ ଭାଜପା ଏକାକୀ ଲଢ଼ିବ। ଅନ୍ୟପଟେ ଦଳର ରାଜ୍ୟ ନିର୍ବାଚନ ପ୍ରଭାରୀ ବିଜୟ ପାଲ ସିଂ ତୋମାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଓଡିଶାରେ ବହୁ କେନ୍ଦ୍ରୀୟ ଯୋଜନା ଲାଗୁ କରାଯାଇ ନାହିଁ। ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ମହିଳାଙ୍କ ପ୍ରତି ବହୁ ଅତ୍ୟାଚାର ହେଉଛି। ଦଳ ଏହି ସବୁ ପ୍ରସଙ୍ଗକୁ ନେଇ ଲୋକଙ୍କ ପାଖକୁ ଯିବ। ଭାଜପା ରାଜ୍ୟରେ ସରକାର କରିବ ବୋଲି ତୋମାର ଦୃଢ଼ୋକ୍ତି ଦେଖାଇଛନ୍ତି। ହେଲେ ସେ ମେଣ୍ଟ ହେବ ନାହିଁ ବୋଲି ମଧ୍ୟ ତାଙ୍କ ପ୍ରତିକ୍ରିୟାରେ କହିନାହାନ୍ତି।

ଅନ୍ୟପକ୍ଷରେ ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ତାଙ୍କ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଓ ରାଜ୍ୟବାସୀଙ୍କ ଆସ୍ଥା ବଳରେ ବିଜେଡି ରାଜ୍ୟର ସେବା କରିବା ସହ ସବୁ କ୍ଷେତ୍ରରେ ବ୍ୟାପକ ରୂପାନ୍ତରଣ ଆଣିଛି। ବିଜେଡି ସମସ୍ତ ୧୪୭ ବିଧାନସଭା ଏବଂ ୨୧ ଲୋକ ସଭା ନିର୍ବାଚନମଣ୍ଡଳୀରେ ପ୍ରତିଦ୍ୱନ୍ଦ୍ୱିତା କରିବା ସହ ରାଜ୍ୟବାସୀଙ୍କ ସମର୍ଥନ ଏବଂ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ୩ ଚତୁର୍ଥାଂଶରୁ ଅଧିକ ଆସନରେ ବିଜୟୀ ହେବ। ରାଷ୍ଟ୍ର ଗଠନ ପାଇଁ ସହକାରୀ ସଂଘବାଦ ଓ ରାଷ୍ଟ୍ରନୀତିଜ୍ଞତା ମନୋଭାବ ସହିତ ରାଜ୍ୟବାସୀଙ୍କୁ ସବୁବେଳେ ଆଗଧାଡିରେ ରଖି ସେମାନଙ୍କ କଲ୍ୟାଣ ପାଇଁ ବିଜେଡି ନିଷ୍ପତ୍ତି ନେବ। ନୂତନ ଓ ସଶକ୍ତ ଓଡ଼ିଶା ବିଜେଡିର ଲକ୍ଷ୍ୟ ହେବ। ଲୋକପ୍ରିୟ ନେତା ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଏହାକୁ ହାସଲ କରିବା ଦିଗରେ ଆଗେଇ ଚାଲିଛୁ ବୋଲି ପ୍ରଣବ ଉଲ୍ଲେଖ କରିଛନ୍ତି।

# ଭାଜପାକୁ ମେଘା ଇଞ୍ଜିନିୟରିଂ ଦେଇଛି ସର୍ବାଧିକ ଚାନ୍ଦା

ନୂଆଦିଲ୍ଲୀ,୨୨।୩

୨୦୧୯ ଏପ୍ରିଲ ୧୨ରୁ ୨୦୨୪ ଜାନୁଆରୀ ୨୪ ମଧ୍ୟରେ ଭାଜପା ଇଲେକ୍ଟୋରାଲ ବଣ୍ଡରୁ ୬,୦୬୦.୫ କୋଟି ଟଙ୍କା ପାଇଥିବା ପୂର୍ବରୁ ପ୍ରକାଶ ପାଇଥିଲା। ତେବେ ୨୦୧୮ ମାର୍ଚ୍ଚରୁ ଦେଖିଲେ ଏହି ଦଳକୁ ବଣ୍ଡ ଜରିଆରେ ମୋଟ ୮,୨୫୧.୮ କୋଟି ଟଙ୍କା ମିଳିଛି। ତେଲଙ୍ଗାନାର ମେଘା ଇଞ୍ଜିନିୟରିଂର ଇଲେକ୍ଟୋରାଲ ବଣ୍ଡ ଚାନ୍ଦାରେ ଭାଜପା ପ୍ରଥମ ପସନ୍ଦ ରହିଛି। ଏହି କମ୍ପାନୀ ଭାଜପାକୁ ୫୧୯ କୋଟି ଟଙ୍କା ଦେଇଥିବାବେଳେ ଭାରତ ରାଷ୍ଟ୍ର ସମିତି (ବିଆର୍ଏସ୍)କୁ ୧୫୦ କୋଟି ଟଙ୍କା ଦେଇଛି। ମେଘା ଇଞ୍ଜିନିୟରିଂ ପରେ ଭାଜପାକୁ ଚାନ୍ଦା ଦେବାରେ ଦ୍ୱିତୀୟ ସ୍ଥାନରେ ରହିଛି କ୍ୱିକ୍ସପ୍ଲାଏ। ୩୭୫ କୋଟି ଟଙ୍କା ଚାନ୍ଦା ଦେଇଥିବା ଏହି କମ୍ପାନୀ ରିଲାଏନ୍ସ ଗ୍ରୁପ୍ ସହ ସମ୍ପୃକ୍ତ ବୋଲି ଅଭିଯୋଗ ହୋଇଛି। କୋଲକାତାର ଶିଳ୍ପପତି ଏମ୍.କେ. ଜଲାନଙ୍କ କମ୍ପାନୀଗୁଡ଼ିକ ଭାଜପାକୁ ୩୩୯.୪୨ କୋଟି ଟଙ୍କା ଚାନ୍ଦା ଦେଇଛନ୍ତି। ଭାଜପାକୁ ମିଳିଥିବା ଅନ୍ୟ ୪୬୬.୩୧ କୋଟି ଟଙ୍କାର ବଣ୍ଡ ନମ୍ବର ସହ ମେଳକ ରେକର୍ଡ ମିଳିନାହିଁ। ୨୦୧୯ ନିର୍ବାଚନୀ ବର୍ଷରେ ଭାଜପା ଇଲେକ୍ଟୋରାଲ ବଣ୍ଡରୁ ୧,୫୦୫.୪ କୋଟି ପାଇଥିଲା। ସେଥିରୁ ୧୭୫.୫ କୋଟି ମଦନଲାଲ ଲିଃରୁ ମିଳିଥିବାବେଳେ କେଭେଣ୍ଟର ଫୁଡ୍ପାର୍କ ଇନ୍ଫ୍ରା ଲିଃ ୧୪୪.୫ କୋଟି ଏବଂ ମେଘା ଇଞ୍ଜିନିୟରିଂ ୧୨୫ କୋଟି ଟଙ୍କା ଦେଇଥିଲା। ୨୦୨୦ରେ ଇଲେକ୍ଟୋରାଲ ବଣ୍ଡରୁ ଭାଜପାର ଚାନ୍ଦା ୭୩.୮୯ କୋଟିକୁ ହ୍ରାସ ପାଇଥିବାବେଳେ ୨୦୨୧ରେ ୩୭୨ କୋଟି ମିଳିଥିଲା। ୨୦୨୨ରେ ଭାଜପା ୧,୭୬୩.୫୪ କୋଟି ଟଙ୍କା ପାଇଥିବାବେଳେ କ୍ୱିକ୍ସପ୍ଲାଏ ସର୍ବାଧିକ ୩୨୫ କୋଟି ଦେଇଥିଲା। ୨୦୨୩ରେ ଏହି ଦଳକୁ ୧,୬୭୬.୩ କୋଟି ମିଳିଥିବାବେଳେ ମେଘା ଇଞ୍ଜିନିୟରିଂର ଚାନ୍ଦା ୨୯୭ କୋଟି ଏବଂ ଭାରତୀ ଏୟାରଟେଲ୍ର ଚାନ୍ଦା ୯୩ କୋଟି ଥିଲା। ଚଳିତ ବର୍ଷ ଭାଜପା ଏନ୍କ୍ୟାଶ କରିଥିବା ୨୦୨ କୋଟି ଟଙ୍କାରୁ ଭାରତୀ ଏୟାରଟେଲ୍ର ଚାନ୍ଦା ୫୦ କୋଟି ରହିଛି ଏବଂ ରୁଙ୍ଗ୍ଟା ଆଣ୍ଡ ସନ୍ସର ୫୦ କୋଟି ରହିଛି।

ଭାରତର ନିର୍ବାଚନ କମିଶନ (ଇସିଆଇ) ଗୁରୁବାର ପ୍ରକାଶ କରିଥିବା ଇଲେକ୍ଟୋରାଲ ବଣ୍ଡର ସମ୍ପୂର୍ଣ୍ଣ ତଥ୍ୟ ଅନୁଯାୟୀ କେନ୍ଦ୍ରର ଶାସକ ଦଳ ଭାଜପା ଏବଂ ଓଡ଼ିଶାର ଶାସକ ଦଳ ବିଜେଡିକୁ ଖଣି ଓ ବୃହତ୍ ଇନ୍ଫ୍ରାଷ୍ଟ୍ରକ୍ଚର କମ୍ପାନୀଗୁଡ଼ିକ ବଣ୍ଡ ଜରିଆରେ ସର୍ବାଧିକ ଚାନ୍ଦା ଦେଇଛନ୍ତି। ଏହା ବ୍ୟତୀତ ତାମିଲନାଡ୍ରୁ, ଆନ୍ଧ୍ରପ୍ରଦେଶ ଆଦି ବିଭିନ୍ନ ରାଜ୍ୟର ଶାସକ ଦଳ ମଧ୍ୟ ଇଲେକ୍ଟୋରାଲ ବଣ୍ଡରୁ ଅଧିକ ଲାଭ ଉଠାଇଥିବା ଜଣାପଡ଼ିଛି। ବୃହତ୍ ଖଣି କମ୍ପାନୀ ବେଦାନ୍ତ ଲିଃ ଭାଜପାକୁ ୨୨୬ କୋଟି ଚାନ୍ଦା ଦେଇଥିବାବେଳେ କଂଗ୍ରେସକୁ ୧୦୪ କୋଟି ଏବଂ ବିଜେଡିକୁ ୪୦ କୋଟି ଦେଇଛି। ଓଡ଼ିଶାର ଲାଞ୍ଜିଗଡ଼ରେ ଆଲୁମିନିୟମ ରିଫାଇନେରି ଚଳାଉଥିବା ବେଦାନ୍ତର ସହଯୋଗୀ କମ୍ପାନୀ ନିୟମଗିରିର ବାୟୁ ଓ ଜଳ ପ୍ରଦୂଷଣ କରିଆସୁଛି। ଆଦିତ୍ୟ ବିର୍ଲା ଗ୍ରୁପ୍ର ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ ଲିଃ ଭାଜପାକୁ ୭୫ କୋଟି ଏବଂ ବିଜେଡିକୁ ୫୪ କୋଟି ଟଙ୍କା ଇଲେକ୍ଟୋରାଲ ବଣ୍ଡ ଜରିଆରେ ଦେଇଛି। ଆଲୁମିନିୟମ ଉତ୍ତୋଳନକୁ ନେଇ ଉକ୍ତ କମ୍ପାନୀ ଅତୀତରେ ଜୋର୍ଦାର ବିରୋଧର ସମ୍ମୁଖୀନ ହୋଇଥିଲା। ଓଡ଼ିଶାର ଲୁହାପଥର ମାଇନିଂ କମ୍ପାନୀ ମେସର୍ସ କେ.ଜେ.ଏସ୍. ଆହଲୁୱାଲିଆ ଏବଂ ଖଣି ଓ ଇସ୍ପାତ କମ୍ପାନୀ ରୁଙ୍ଗ୍ଟା ଭାଜପାକୁ ବଣ୍ଡ ଜରିଆରେ ଯଥାକ୍ରମେ ୧୪ ଏବଂ ୫୦ କୋଟି ଟଙ୍କା ଦେଇଛନ୍ତି। ଉତ୍ତରାଖଣ୍ଡରେ ଟନେଲ ଓ ରାସ୍ତା ନିର୍ମାଣରେ ନିୟୋଜିତ ଥିବା ନବଯୁଗ ଇଞ୍ଜିନିୟରିଂ କମ୍ପାନୀ ଭାଜପାକୁ ୫୫ କୋଟି ଟଙ୍କା ଚାନ୍ଦା ଦେଇଛି। ଇଲେକ୍ଟୋରାଲ ବଣ୍ଡ କିଣିଥିବା କମ୍ପାନୀ ମଧ୍ୟରୁ ☞ପୃଷ୍ଠା–୨








ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ନିଜ କର୍ମର ଫଳ ଭୋଗୁଛନ୍ତି। ଏକଦା ସେ ମୋ ସହ ମଦ ବିରୋଧୀ ଅଭିଯାନରେ ସାମିଲ ହୋଇଥିଲେ। କିନ୍ତୁ ଏବେ ମଦ ଉପରେ ନୀତି ପ୍ରଣୟନ କରି ଜେଲ ଯାଇଛନ୍ତି।

-ଆନ୍ନା ହାଜାରେ, ସାମାଜିକ କର୍ମୀ

# ‘ଏଜେନ୍ସିର ଦୁରୁପଯୋଗ କରୁଛି ଭାଜପା’

## ଇଡି, ସିବିଆଇ, ଆଇଟି ମୁଖ୍ୟଙ୍କୁ ହଟାଯାଉ: ଇସିଙ୍କୁ ଫେରାଦ ହେଲା ‘ଇଣ୍ଡିଆ’



କଂଗ୍ରେସ ନେତା ଅଭିଷେକମନୁ ସିଂଘଭୀଙ୍କ ନେତୃତ୍ୱରେ ଇଣ୍ଡିଆ ନେତାମାନେ ଇସିଙ୍କୁ ଭେଟିବା ପରେ ଗଣମାଧ୍ୟମକୁ ସମ୍ବୋଧିତ କରୁଛନ୍ତି।

**ନୂଆଦିଲ୍ଲୀ,୨୨।୩**

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗିରଫ କରିବାର ଦିନକ ପରେ ବିରୋଧୀ ବ୍ଲକ୍ ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପ୍‌ମେଣ୍ଟ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ନେତାମାନେ ନିର୍ବାଚନ କମିଶନ (ଇସି)ଙ୍କ ନିକଟରେ ଫେରାଦ ହୋଇଛନ୍ତି। କେନ୍ଦ୍ରରେ କ୍ଷମତାସୀନ ଭାଜପା ବିରୋଧୀ ଦଳଗୁଡ଼ିକର ମୁହଁ ବନ୍ଦ କରିବା ପାଇଁ ଇଡି ଭଳି କେନ୍ଦ୍ରୀୟ ତଦନ୍ତକାରୀ ଏଜେନ୍ସିଗୁଡ଼ିକର ଦୁରୁପଯୋଗ କରୁଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଇଣ୍ଡିଆ ନେତାମାନେ ଏହି ମର୍ମରେ ଇସିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ନିକଟରେ ବିରୋଧୀ ଦଳଗୁଡ଼ିକର ନେତାମାନଙ୍କୁ ଟାର୍ଗେଟ କରିବା ଲାଗି ଭାଜପା କିପରି କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଅପବ୍ୟବହାର କରିଛି, ତା’ର ଏକ ତାଲିକା ମଧ୍ୟ ଇସିଙ୍କୁ ଦିଆଯାଇଛି। ନିର୍ବାଚନରେ ନିରପେକ୍ଷତା ସୁନିଶ୍ଚିତ କରିବା ପାଇଁ ଇଡି ସମେତ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏବଂ ଆୟକର (ଆଇଟି) ବିଭାଗର ମୁଖ୍ୟମାନଙ୍କୁ ବଦଳାଇବାକୁ ‘ଇଣ୍ଡିଆ’ ନେତାମାନେ ଦାବି କରିଛନ୍ତି।

ଇସିଙ୍କୁ ସାକ୍ଷାତ ପରେ କଂଗ୍ରେସ ନେତା ଅଭିଷେକମନୁ ସିଂଘଭୀ ଗଣମାଧ୍ୟମକୁ କହିଛନ୍ତି, ଏହା ଏକ ସାଧାରଣ ଅଭିଯୋଗ ନୁହେଁ। ଭାରତୀୟ ସମ୍ବିଧାନର ମୌଳିକ ଢାଞ୍ଚାକୁ ପ୍ରଭାବିତ କରି ନ୍ୟୂନ ଓ ଧ୍ୱସ୍ତ କରିଦେବା ଭଳି ଏହା ଏକ ବୃହତ୍ ପ୍ରସଙ୍ଗ। ମୁକ୍ତ ଓ ନିରପେକ୍ଷ ନିର୍ବାଚନ ହେଉଛି ଗଣତନ୍ତ୍ରର ହୃଦୟ ତଥା ଆତ୍ମା। ସୁପ୍ରିମକୋର୍ଟ ମଧ୍ୟ ଲଗାତର ଏହି ବିଷୟ କହିଆସିଛନ୍ତି। ଏହାସତ୍ତ୍ୱେ ୨୦ ବର୍ଷ ପୁରୁଣା ମାମଲାଗୁଡ଼ିକୁ ମଧ୍ୟ ଉଜ୍ଜୀବିତ କରି ବିରୋଧୀଙ୍କୁ ଟାର୍ଗେଟ କରାଯାଉଛି। ଭାରତର ୭୫ ବର୍ଷ ଇତିହାସରେ କେବେ ଜଣେ କାର୍ଯ୍ୟରତ ମୁଖ୍ୟମନ୍ତ୍ରୀଙ୍କୁ ଗିରଫ କରାଯାଇ ନ ଥିଲା। କିନ୍ତୁ ଶାସକ ଦଳର କୌଣସି ଜଣେ ହେଲେ ବ୍ୟକ୍ତିଙ୍କୁ ଗିରଫ କରାଯାଉ ନାହିଁ ବୋଲି ଇସିଙ୍କୁ ବିରୋଧୀ ନେତାମାନେ ଅବଗତ କରାଇଛନ୍ତି। ଅନ୍ତତଃ ନିର୍ବାଚନ ଆଚରଣ ବିଧି ଲାଗୁ ହେବା ସମୟରେ ଇଡି, ସିବିଆଇ ଏବଂ ଆଇଟି ବିଭାଗ ମୁଖ୍ୟଙ୍କୁ ବଦଳି କରିବା ଜରୁରୀ ବୋଲି ସେମାନେ ଇସିଙ୍କୁ କହିଛନ୍ତି।

## କବିତାଙ୍କୁ ଜାମିନ ଦେଲେନି ସୁପ୍ରିମକୋର୍ଟ



କେ. କବିତା

ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ଇଡି ଦ୍ୱାରା ଗିରଫ ହୋଇଥିବା ବିଆର୍‌ଏସ୍ ନେତ୍ରୀ କେ. କବିତାଙ୍କୁ ଜାମିନ ଦେବା ପାଇଁ ସୁପ୍ରିମକୋର୍ଟ ଶୁକ୍ରବାର ମନା କରିଦେଇଛନ୍ତି। ଜଷ୍ଟିସ୍ ସଞ୍ଜୀବ ଖାନ୍ନାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ତଳ କୋର୍ଟରେ ଆବେଦନ କରିବାକୁ କବିତାଙ୍କୁ ପରାମର୍ଶ ଦେଇଛନ୍ତି। ପ୍ରୋଟୋକଲ୍‌କୁ ଅତିକ୍ରମ କରାଯାଇପାରିବ ନାହିଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଦେଇଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ମନିଲଣ୍ଡରିଂ ପ୍ରତିକାର ଆଇନ(ପିଏମ୍‌ଏଲ୍‌ଏ)କୁ ଚ୍ୟାଲେଞ୍ଜ କରି କବିତାଙ୍କ ଆବେଦନ ସମ୍ବନ୍ଧୀୟ ଥିଲା, ଯାହା ଉପରେ ଇଡିକୁ ନୋଟିସ କରାଯାଇ ୬ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ କୁହାଯାଇଛି।

## ସଂକ୍ଷେପରେ

### ଏ. ରାଜାଙ୍କ ବିରୋଧରେ ଶୁଣାଣି ହେବ

**୨ଜି ଦୁର୍ନୀତି ମାମଲା: ହାଇକୋର୍ଟରେ ସିବିଆଇର ଅପିଲ**



**ନୂଆଦିଲ୍ଲୀ,୨୨।୩ (ପି.ଟି.):** ୨ଜି ସ୍ପେକ୍ଟ୍ରମ୍ ଆବଣ୍ଟନ ଦୁର୍ନୀତି ମାମଲାରେ ପୂର୍ବତନ ଟେଲିକମ୍ ମନ୍ତ୍ରୀ ଏ. ରାଜା ଓ ଅନ୍ୟମାନଙ୍କୁ ଦୋଷମୁକ୍ତ କରାଯିବା ରାୟକୁ ସିବିଆଇ ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଛି। ତଦନ୍ତକାରୀ ସଂସ୍ଥାର ଅପିଲ୍‌କୁ ଶୁଣାଣି ପାଇଁ ହାଇକୋର୍ଟ ଶୁକ୍ରବାର ଗ୍ରହଣ କରିଛନ୍ତି। ରେକର୍ଡରେ ଥିବା ତଥ୍ୟ ଏବଂ ପକ୍ଷମାନଙ୍କ ଓକିଲ ଦାଖଲ କରିଥିବା ତଥ୍ୟପ୍ରମାଣ ଆଧାରରେ ସିବିଆଇ ପୂର୍ବ ରାୟର ସମୀକ୍ଷା ପାଇଁ ଆବେଦନ କରିଛି। ଏଥିପାଇଁ ସବିଶେଷ ଶୁଣାଣିର ଆବଶ୍ୟକତା ଥିବା ଜଷ୍ଟିସ୍ ଦିନେଶ କୁମାର ଶର୍ମା କହିଛନ୍ତି। ମେ’ ମାସରେ ପିଟିଶନ୍‌ର ଶୁଣାଣି ହେବ ବୋଲି ବିଚାରପତି କହିଛନ୍ତି। ସୂଚନାଯୋଗ୍ୟ, ୨୦୧୭ ଡିସେମ୍ବର ୨୧ରେ ସ୍ୱତନ୍ତ୍ର ଅଦାଲତ ୨ଜି ମାମଲାରେ ରାଜାଙ୍କ ସମେତ ଡିଏମ୍‌କେ ଏମ୍‌ପି କାନିମୋଝି ଓ ଅନ୍ୟମାନଙ୍କୁ ଦୋଷମୁକ୍ତ କରିଥିଲେ। ୨୦୧୮ ମାର୍ଚ୍ଚ ୧୯ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ ଦିନକ ପରେ ସିବିଆଇ ସ୍ୱତନ୍ତ୍ର ଅଦାଲତଙ୍କ ରାୟକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲା। ୬ ବର୍ଷ ପରେ ଉକ୍ତ ଅପିଲ୍‌କୁ ହାଇକୋର୍ଟ ଶୁଣାଣି ପାଇଁ ଗ୍ରହଣ କରିଛନ୍ତି।

### ଆମେରିକାରେ ସତର୍କ ରୁହନ୍ତୁ ଭାରତୀୟ

**ନ୍ୟୁୟର୍କ,୨୨।୩:** ଆମେରିକାରେ ବସବାସ କରୁଥିବା ଭାରତୀୟ ଛାତ୍ରୀଛାତ୍ରଙ୍କ ଉପରେ ଲଗାତର ଆକ୍ରମଣ ହେଉଥିବାରୁ ସେମାନଙ୍କୁ ସତର୍କ ରହିବା ପାଇଁ ପେପ୍ସିକୋର ପୂର୍ବତନ ସିଇଓ ଇନ୍ଦ୍ରା ନୂୟୀ ପରାମର୍ଶ ଦେଇଛନ୍ତି। ଆମେରିକାରେ ନିଜ ସୁରକ୍ଷା ସୁନିଶ୍ଚିତ କରିବା ସକାଶେ ସେମାନେ ସ୍ଥାନୀୟ ଆଇନକୁ ସମ୍ମାନ ଦେଇ ଅତ୍ୟଧିକ ଡ୍ରଗ୍ସ ସେବନ ଓ ମଦ୍ୟପାନଠାରୁ ଦୂରେଇ ରୁହନ୍ତୁ ବୋଲି ନୂୟୀ କହିଛନ୍ତି। ବିଶ୍ୱର ଅନ୍ୟତମ ପ୍ରଭାବଶାଳୀ ବିଜ୍‌ନେସ୍ ଏକ୍‌ଜିକ୍ୟୁଟିଭ୍ ନୂୟୀ ୧୦ ମିନିଟ୍ ଅବଧିର ଏକ ଭିଡିଓ ଜାରି କରିଛନ୍ତି, ଯାହାକୁ ନ୍ୟୁୟର୍କସ୍ଥିତ ଭାରତର କନ୍‌ସୁଲେଟ୍ ଜେନେରାଲ ନିଜ ଏକ୍ସ’ ହ୍ୟାଣ୍ଡେଲରେ ପୋଷ୍ଟ କରିଛନ୍ତି। ୨୦୨୪ରେ ଆମେରିକାରେ ୯ରୁ ଅଧିକ ଭାରତୀୟଙ୍କୁ ହତ୍ୟା କରାଗଲାଣି।



ଇନ୍ଦ୍ରା ନୂୟୀ

### ୟୁପି ମଦ୍ରାସା ଶିକ୍ଷା ଆଇନ ଅସାମ୍ବିଧାନିକ: ହାଇକୋର୍ଟ

**ଲକ୍ଷ୍ନୌ,୨୨।୩ (ପି.ଟି.):** ଉତ୍ତର ପ୍ରଦେଶ ବୋର୍ଡ ଅଫ୍ ମଦ୍ରାସା ଶିକ୍ଷା ଆଇନ, ୨୦୦୪ ଅସାମ୍ବିଧାନିକ ବୋଲି ଆଲ୍ଲାହାବାଦ ହାଇକୋର୍ଟ ଶୁକ୍ରବାର ଘୋଷଣା କରିଛନ୍ତି। ଏହି ଆଇନ ଧର୍ମନିରପେକ୍ଷତା ସିଦ୍ଧାନ୍ତର ଉଲ୍ଲଂଘନ କରୁଛି। ବର୍ତ୍ତମାନ ମଦ୍ରାସାରେ ପଢୁଥିବା ଛାତ୍ରୀଛାତ୍ରଙ୍କୁ ଆନୁଷ୍ଠାନିକ ଶିକ୍ଷାଦାନ ବ୍ୟବସ୍ଥାରେ ସାମିଲ କରିବା ପାଇଁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଂଶୁମାନ ସିଂ ରାଠୋର ନାମ ବ୍ୟକ୍ତିଙ୍କ ରିଟ୍ ପିଟିଶନ୍‌ର ଶୁଣାଣି କରି ମଦ୍ରାସା ଆଇନ ଅଧିକାରାତୀତ ବୋଲି ହାଇକୋର୍ଟର ଲକ୍ଷ୍ନୌ ବେଞ୍ଚର ବିଚାରପତି ବିବେକ ଚୌଧୁରୀ ଏବଂ ସୁଭାଷ ବିଦ୍ୟାର୍ଥୀ କହିଛନ୍ତି। ରାଠୋର ୟୁପି ମଦ୍ରାସା ବୋର୍ଡର ସାମ୍ବିଧାନିକତାକୁ ଚ୍ୟାଲେଞ୍ଜ କରିଥିଲେ।

**ସୁରକ୍ଷା ଗାଇଡ୍‌ଲାଇନର ଉଲ୍ଲଂଘନ**

## ଏୟାର ଇଣ୍ଡିଆକୁ ୮୦ ଲକ୍ଷ ଜରିମାନା

**ନୂଆଦିଲ୍ଲୀ,୨୨।୩**

ବିମାନ କର୍ମଚାରୀଙ୍କ ଡ୍ୟୁଟି ସମୟସୀମା ନିୟମାବଳୀ ଏବଂ ଥକାପଣ ପରିଚାଳନା ବ୍ୟବସ୍ଥାର ଉଲ୍ଲଂଘନ ପାଇଁ ଏୟାର ଇଣ୍ଡିଆକୁ ୮୦ ଲକ୍ଷ ଟଙ୍କା ଜରିମାନା କରାଯାଇଛି। ଜାନୁଆରୀରେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ସ୍ପଟ୍ ଅଡିଟ୍ କରିବା ପରେ କର୍ମଚାରୀମାନଙ୍କ ସୁରକ୍ଷା ଗାଇଡ୍‌ଲାଇନର ଉଲ୍ଲଂଘନ ହୋଇଥିବା ଜଣାପଡ଼ିଥିଲା। ଏଥିପାଇଁ ମାର୍ଚ୍ଚ ୧ରେ ଏୟାରଇଣ୍ଡିଆକୁ ଡିଜିସିଏ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ଏୟାରଲାଇନ୍ସର ଜବାବ ସନ୍ତୋଷଜନକ ନ ଥିବା ଦର୍ଶାଇ ଡିଜିସିଏ ଏହାକୁ ୮୦ ଲକ୍ଷ ଟଙ୍କା ଜରିମାନାରେ ଦଣ୍ଡିତ କରିଛି। ରିପୋର୍ଟ ଏବଂ ତଥ୍ୟପ୍ରମାଣର ଅନୁଧ୍ୟାନରୁ ଏୟାର ଇଣ୍ଡିଆ ୬୦ ବର୍ଷରୁ ଊର୍ଦ୍ଧ୍ୱ ଉଭୟ ବିମାନ କର୍ମଚାରୀଙ୍କୁ ନିୟୋଜିତ କରିଥିବା ଜଣାପଡ଼ିଥିଲା, ଯାହାକି ବିମାନ ନିୟମାବଳୀ, ୧୯୩୭ ରୁଲ୍ ୨୮ଏ’ର ସବ୍ ରୁଲ୍ (୨)ର ଉଲ୍ଲଂଘନ ବୋଲି ଡିଜିସିଏ ଏକ ବିବୃତିରେ କହିଛି।

## ବିବାଦୀୟ ଭୋଜଶାଳା କମ୍ପ୍ଲେକ୍ସର ଏଏସ୍‌ଆଇ ସର୍ଭେ ଆରମ୍ଭ

**ଧର(ଏମ୍‌ପି),୨୨।୩:** ଭାରତର ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ମଧ୍ୟପ୍ରଦେଶର ଆଦିବାସୀ ବହୁଳ ଧର୍ ଜିଲାରେ ବିବାଦୀୟ ଭୋଜଶାଳା/କମଲ ମୌଲା ମସ୍‌ଜିଦ କମ୍ପ୍ଲେକ୍ସର ସର୍ଭେ ଶୁକ୍ରବାର ଆରମ୍ଭ କରିଛି। ସର୍ଭେରେ କାର୍ବନ ଡେଟିଂ ଉପକରଣ ବ୍ୟବହାର କରାଯିବ ବୋଲି ଜଣେ ଅଧିକାରୀ କହିଛନ୍ତି। ମଧ୍ୟପ୍ରଦେଶ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଏଏସ୍‌ଆଇର ୧୫ ଜଣିଆ ଟିମ୍ ସହ ସ୍ଥାନୀୟ ବରିଷ୍ଠ ପୋଲିସ ଅଧିକାରୀ ଏବଂ ଜିଲା ପ୍ରଶାସନିକ ଅଧିକାରୀମାନେ ଭୋଜଶାଳାର ପରିସରର ବିଜ୍ଞାନଭିତ୍ତିକ ଆକଳନ ପାଇଁ ପ୍ରସ୍ତୁତି କରିଛନ୍ତି।

# ଭାରତ-ଭୁଟାନ ଟ୍ରେନ୍ ଚାଲିବ



ଭୁଟାନ ରାଜଧାନୀ ଥିମ୍ପୁରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସ୍ଥାନୀୟ ଲୋକେ ସ୍ୱାଗତ କରୁଛନ୍ତି।

- **ବହୁ ଚୁକ୍ତିନାମା ସ୍ୱାକ୍ଷର**
- **ମୋଦିଙ୍କୁ ଭୁଟାନର ସର୍ବୋଚ୍ଚ ବେସାମରିକ ସମ୍ମାନ**

**ଥିମ୍ପୁ,୨୨।୩ (ପି.ଟି.):** ଶକ୍ତି, ବାଣିଜ୍ୟ, ଡିଜିଟାଲ ଯୋଗାଯୋଗ, ମହାକାଶ ଏବଂ କୃଷି କ୍ଷେତ୍ରରେ ସହଯୋଗ ପାଇଁ ଭାରତ ଏବଂ ଭୁଟାନ ମଧ୍ୟରେ ଶୁକ୍ରବାର ଅନେକ ବୁଝାମଣା ପତ୍ର (ଏମ୍‌ଓୟୁ) ବିନିମୟ ହେବା ସହ ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ଦୁଇ ଦେଶ ମଧ୍ୟରେ ରେଳ ସଂଯୋଗ ସ୍ଥାପନ ନିମନ୍ତେ ଏମ୍‌ଓୟୁ ଚୂଡ଼ାନ୍ତ ହୋଇଥିବା ଜଣାପଡ଼ିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଇଦିନିଆ ଭୁଟାନ ଗସ୍ତରେ ଯାଇଥିବାବେଳେ ଥିମ୍ପୁରେ ସେ ଓ ତାଙ୍କ ଭୁଟାନ ପ୍ରତିପକ୍ଷ ଶେରିଙ୍ଗ୍ ଟୋବ୍‌ଗେଙ୍କ ଉପସ୍ଥିତିରେ ଏମ୍‌ଓୟୁ ବିନିମୟ ହୋଇଛି। ଉଭୟ ନେତାଙ୍କ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା। ପୁନଃନବୀକରଣଯୋଗ୍ୟ ଶକ୍ତି, କୃଷି, ଯୁବ ବିନିମୟ, ପରିବେଶ, ଜଙ୍ଗଲ ଓ ପର୍ଯ୍ୟଟନ ଆଦି ବିଭିନ୍ନ ସେକ୍ଟରରେ ସହଯୋଗ ବଢ଼ାଇବା ଆବଶ୍ୟକ ବୋଲି ଉଭୟ ନେତା ଅନୁଭବ କରିଥିଲେ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଶୁକ୍ରବାର ଭୁଟାନର ସର୍ବୋଚ୍ଚ ବେସାମରିକ ସମ୍ମାନ ‘ଅର୍ଡର ଅଫ୍ ଦି ଡ୍ରୁକ୍ ଗ୍ୟାଲ୍‌ପୋ’ରେ ସମ୍ମାନିତ କରାଯାଇଛି। ଏଭଳି ସମ୍ମାନ ପାଇବାରେ ମୋଦି ପ୍ରଥମ ବିଦେଶୀ ପ୍ରଧାନମନ୍ତ୍ରୀ। ଭାରତ-ଭୁଟାନ ସମ୍ପର୍କ ବଢ଼ାଇବାରେ ମୋଦିଙ୍କ ଉଲ୍ଲେଖନୀୟ ଅବଦାନ ଏବଂ ଭୁଟାନ ଓ ଏହାର ଜନସାଧାରଣଙ୍କୁ ଉଲ୍ଲେଖନୀୟ ସେବାର ସ୍ୱୀକୃତି ସ୍ୱରୂପ ତାଙ୍କୁ ସର୍ବୋଚ୍ଚ ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ସମ୍ମାନକୁ ସେ ୧୪୦ କୋଟି ଭାରତୀୟଙ୍କୁ ଉତ୍ସର୍ଗ କରିଥିବା ମୋଦି ଏକ୍ସ’ରେ ପୋଷ୍ଟ କରିଛନ୍ତି।

# ସୁପ୍ରିମକୋର୍ଟଙ୍କ ଚେତାବନୀ ପରେ ମନ୍ତ୍ରୀଙ୍କୁ ପୁନଃ ନିଯୁକ୍ତି ଦେଲେ ତାମିଲନାଡୁ ରାଜ୍ୟପାଳ

**ନୂଆଦିଲ୍ଲୀ,୨୨।୩**

ସୁପ୍ରିମକୋର୍ଟଙ୍କ ତାଗିଦ ପରେ ତାମିଲନାଡୁ ରାଜ୍ୟପାଳ ଆର୍.ଏନ୍. ରବି ଶୁକ୍ରବାର ଅପରାହ୍ନରେ ଡିଏମ୍‌କେ ନେତା କେ. ପୋନମୁଡିଙ୍କୁ ପୁନର୍ବାର ରାଜ୍ୟ କ୍ୟାବିନେଟ୍‌ରେ ସାମିଲ କରିଛନ୍ତି। ପୂର୍ବରୁ ଉଚ୍ଚଶିକ୍ଷା ମନ୍ତ୍ରୀ ଥିବା ପୋନମୁଡି ୨୦୧୧ରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଦୋଷୀସାବ୍ୟସ୍ତ ହେବା ସହ ୩ ବର୍ଷ ଜେଲ ଦଣ୍ଡାଦେଶ ପାଇଥିବାରୁ ତାଙ୍କୁ ପୁନର୍ବାର ମନ୍ତ୍ରୀ ଭାବେ ଶପଥ ପାଠ କରାଇବାକୁ ରାଜ୍ୟପାଳ ମନା କରିଦେଇଥିଲେ। ତେବେ ସର୍ବୋଚ୍ଚ ଅଦାଲତ ଉକ୍ତ ଦଣ୍ଡ ଉପରେ ରହିତାଦେଶ ଲଗାଇବା ପରେ ପୋନ୍‌ମୁଡି ତାଙ୍କ ବିଧାୟକ ପଦ ବଜାୟ ରଖିଥିଲେ। ଏହା ପରେ ତାଙ୍କୁ ମନ୍ତ୍ରୀ ଭାବେ ନିଯୁକ୍ତି ଦେବା ପାଇଁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ସୁପାରିସ କରିଥିଲେ। ରାଜ୍ୟପାଳ ଯଦି ମନ୍ତ୍ରୀ ପଦରେ ପୋନ୍‌ମୁଡିଙ୍କୁ ପୁନଃ ଅବସ୍ଥାପିତ ନ କରନ୍ତି, ତେବେ ଅଦାଲତ ଏଥିପାଇଁ ନିର୍ଦ୍ଦେଶ ଦେବେ ବୋଲି ଦିନକ ପୂର୍ବରୁ କହିଥିଲେ।

# ଆମେରିକାରେ ୮,୦୦୦ ମାଇଲ ବୁଲିବ ରାମମନ୍ଦିର ରଥ





**ୱାଶିଂଟନ୍,୨୨।୩**

ଆମେରିକାର ଶିକାଗୋରୁ ସୋମବାର ବାହାରିବାକୁ ଥିବା ରାମମନ୍ଦିର ରଥଯାତ୍ରା ଦେଶର ୪୮ ରାଜ୍ୟ ଭ୍ରମଣ କରିବ। ୬୦ ଦିନ ମଧ୍ୟରେ ଏହା ୮,୦୦୦ରୁ ଅଧିକ ମାଇଲ ଅତିକ୍ରମ କରି ୮୫୧ ମନ୍ଦିର ବୁଲିବ। ସେହିପରି କାନାଡାର ୧୫୦ ମନ୍ଦିର ମଧ୍ୟ ବୁଲିବ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି। ବିଶ୍ୱହିନ୍ଦୁ ପରିଷଦ ଆମେରିକା (ଭିଏଚ୍‌ପିଏ) ସାଧାରଣ ସମ୍ପାଦକ ଅମିତାଭ ମିତ୍ତଲ କହିଛନ୍ତି, ଏକ ଟୋୟୋଟା ଭ୍ୟାନ୍‌ରେ ନିର୍ମିତ ଏହି ରଥରେ ପ୍ରଭୁ ରାମ, ଦେବୀ ସୀତା, ଲକ୍ଷ୍ମଣ ଓ ହନୁମାନଙ୍କ ମୂର୍ତ୍ତିକୁ ଅବସ୍ଥାପିତ କରାଯାଇଛି। ଅଯୋଧ୍ୟା ରାମମନ୍ଦିରରୁ ନିଆଯାଇଥିବା ସ୍ୱତନ୍ତ୍ର ପ୍ରସାଦ ଏବଂ ପ୍ରାଣ ପ୍ରତିଷ୍ଠା ପୂଜିତ ଅକ୍ଷତକୁ ମଧ୍ୟ ଏଥିରେ ରଖାଯିବ। ରାମମନ୍ଦିର ପ୍ରତିଷ୍ଠା ପରେ ବିଶ୍ୱର ୧.୫ ବିଲିୟନ୍ ହିନ୍ଦୁଙ୍କ ମଧ୍ୟରେ ଆସ୍ଥା ଓ ଶକ୍ତିର ପୁନଃ ଅଭ୍ୟୁଦୟ ହୋଇଛି। ଏପ୍ରିଲ ୨୩ ହନୁମାନ ଜୟନ୍ତୀ ଅବସରରେ ଇଲିନୋଇସ୍ଥିତ ସୁଗାର ଗ୍ରୋଭ୍‌ରେ ରଥଯାତ୍ରା ଶେଷ ହେବ। ଏହି ଐତିହାସିକ ଯାତ୍ରାରେ ଭିଏଚ୍‌ପିଏକୁ ସହଯୋଗ କରିବା ପାଇଁ ବହୁ ସ୍ୱେଚ୍ଛାସେବୀ ନିଜ ନାମ ପଞ୍ଜୀକରଣ କରିଥିବା ସେ ସୂଚନା ଦେଇଛନ୍ତି।

# ହୋଲି ବେଳେ ୪୦ ଡେଇଁବ ତାପମାତ୍ରା

**ନୂଆଦିଲ୍ଲୀ,୨୨।୩(ପି.ଟି.)**



ହୋଲି ବେଳେ ଦେଶର ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ୍ ଅତିକ୍ରମ କରିବା ଆଶଙ୍କା ରହିଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ଏଭଳି ଅସ୍ୱାଭାବିକ ସ୍ଥିତି ଉପୁଜିପାରେ ବୋଲି ତାପମାତ୍ରା ଉପରେ ୧୯୭୦ରୁ ବିଶ୍ଳେଷଣ କରୁଥିବା ଏକ ସଂସ୍ଥା ପକ୍ଷରୁ କୁହାଯାଇଛି।

ଆମେରିକୀୟ ବୈଜ୍ଞାନିକମାନଙ୍କ ସଂସ୍ଥା ‘କ୍ଲାଇମେଟ୍ ସେଣ୍ଟ୍ରାଲ’ ବୈଶ୍ୱିକ ପରିତାପନ ପରିପ୍ରେକ୍ଷୀରେ ଭାରତର ସ୍ଥିତି ଉପରେ ବିଶ୍ଳେଷଣ କରିଛନ୍ତି। ସେମାନଙ୍କ ମତରେ ମାର୍ଚ୍ଚ ଶେଷ ଭାଗରେ ଭାରତର ତାପମାତ୍ରାରେ ଅହେତୁକ ବୃଦ୍ଧି ଦେଖିବାକୁ ମିଳିବ। ବିଶେଷକରି ମହାରାଷ୍ଟ୍ର, ଛତିଶଗଡ଼ ଓ ବିହାରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିବା ନେଇ ୫ ପ୍ରତିଶତରୁ ଅଧିକ ସମ୍ଭାବନା ରହିଛି। ରାଜସ୍ଥାନ, ଗୁଜରାଟ, ତେଲଙ୍ଗାନା, ମଧ୍ୟପ୍ରଦେଶ, ଓଡ଼ିଶା ଓ ଆନ୍ଧ୍ରପ୍ରଦେଶରେ ମଧ୍ୟ ତାତି ବଢ଼ିପାରେ। ଏହି ଗବେଷଣା ପାଇଁ ବୈଜ୍ଞାନିକମାନେ ୧୯୭୦ ମସିହାରୁ ଅଦ୍ୟାବଧି ମାର୍ଚ୍ଚ ଓ ଏପ୍ରିଲ ଭିତରେ ତାପମାତ୍ରା ହାର ମଧ୍ୟରେ ରହିଥିବା ତାରତମ୍ୟକୁ ଅନୁଧ୍ୟାନ କରିଥିଲେ। ସେମାନଙ୍କ ମତରେ ବର୍ତ୍ତମାନ ଭାରତରେ ଏପରି ୩୭ ସହର ରହିଛି, ଯେଉଁଠି ୪୦ ଡିଗ୍ରୀ ଉପରକୁ ତାପମାତ୍ରା ବଢ଼ିବା ନେଇ ଅନ୍ୟୂନ ୧% ଆଶଙ୍କା ଉପୁଜିଛି। ସେହିପରି ୧୧ ସହରରେ ୧୦% କିମ୍ବା ତଦୂର୍ଦ୍ଧ୍ୱ ଆଶଙ୍କା ରହିଛି। ମାର୍ଚ୍ଚ-ଏପ୍ରିଲରେ ସାରା ଦେଶରେ ତାତି ବଢ଼ିବ ବୋଲି କ୍ଲାଇମେଟ୍ ସେଣ୍ଟ୍ରାଲ ପକ୍ଷରୁ କୁହାଯାଇଛି। ଏହି ତାପମାତ୍ରା ବୃଦ୍ଧି ପାଇଁ କ୍ଲାଇମେଟ୍ ସେଣ୍ଟ୍ରାଲର ସାଇନ୍ସ ଭାଇସ୍ ପ୍ରେସିଡେଣ୍ଟ ଆଣ୍ଡ୍ର୍ୟୁ ପେର୍ଶିଂ ମାନବକୃତ ଜଳବାୟୁ ପରିବର୍ତ୍ତନକୁ ଦାୟୀ କରିଛନ୍ତି। ସ୍କାଏମେଟ ୱେଦରର ମେଟେରୋଲୋଜି ଆଣ୍ଡ କ୍ଲାଇମେଟ୍ ଚେଞ୍ଜ ଭାଇସ୍ ପ୍ରେସିଡେଣ୍ଟ ମହେଶ ପାଲାୱତ୍ କହିଛନ୍ତି, ଆଗକୁ ତାତି ବୃଦ୍ଧିର ଏହି ଧାରା ଜାରି ରହିବ। ଗ୍ରୀଷ୍ମଋତୁ ପାଇଁ ଆମକୁ ପ୍ରସ୍ତୁତ ରହିବାକୁ ପଡ଼ିବ। ଅନ୍ୟପକ୍ଷେ ୧୮୫୦ରୁ ବିଶ୍ୱବ୍ୟାପୀ ତାପମାତ୍ରା ୧.୧ ଡିଗ୍ରୀ ସେଲ୍‌ସିୟସ୍‌ରୁ ଅଧିକ ବୃଦ୍ଧି ପାଇଛି। ଏଥିଯୋଗୁ ୨୦୨୩ରେ ତାପମାତ୍ରା ରେକର୍ଡ ଭାଙ୍ଗିଥିଲା।




ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୨୩/୨୦୨୪ | Bhubaneswar, Saturday, March 23/2024 | ପୃଷ୍ଠା-୧

# ୨୮ ଯାଏ ଇଡି ରିମାଣ୍ଡରେ କେଜ୍‌ରିୱାଲ



କେଜ୍‌ରିୱାଲଙ୍କ ଗିରଫଦାରି ପ୍ରତିବାଦରେ ଶୁକ୍ରବାର ମନ୍ତ୍ରୀ ଅତିଶୀ ଏବଂ ସୌରଭ ଭରଦ୍ୱାଜଙ୍କ ସମେତ ଆପ୍ କର୍ମୀମାନେ ଆଇଟିଓରେ ବିକ୍ଷୋଭ କରୁଛନ୍ତି।

**ନୂଆଦିଲ୍ଲୀ,୨୨।୩(ପି.ଟି.)**

ଦିଲ୍ଲୀ ଅବକାରୀ ନୀତି ସମ୍ପର୍କିତ ମନି ଲଣ୍ଡରିଂ ମାମଲାରେ ଗିରଫ ହୋଇଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ଏକ କୋର୍ଟ ଶୁକ୍ରବାର ୨୮ ତାରିଖ ପର୍ଯ୍ୟନ୍ତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ହାଜତକୁ ପଠାଇଦେଇଛନ୍ତି। ଇଡି କେଜ୍‌ରିୱାଲଙ୍କୁ ରାଉଜ୍ ଆଭେନ୍ୟୁ କୋର୍ଟରେ ହାଜର କରି ୧୦ ଦିନିଆ ରିମାଣ୍ଡ ଅନୁମତି ଦେବାକୁ ନିବେଦନ କରିଥିଲା। କିନ୍ତୁ ସ୍ୱତନ୍ତ୍ର ବିଚାରପତି କାବେରୀ ବାୱେଜା ୬ ଦିନ ପାଇଁ ରିମାଣ୍ଡରେ ନେବାକୁ ଅନୁମତି ଦେଇଛନ୍ତି। ମାର୍ଚ୍ଚ ୨୮ ଅପରାହ୍ନ ୨ଟାରେ ଅଦାଲତରେ କେଜ୍‌ରିୱାଲଙ୍କୁ ହାଜର କରାଇବାକୁ ବିଚାରପତି ଇଡିକୁ ନିର୍ଦ୍ଦେଶ ଦେଇଛନ୍ତି।

ରିମାଣ୍ଡ ଆବେଦନର ଶୁଣାଣି ବେଳେ ଇଡି ଯୁକ୍ତି ବାଢ଼ିଥିଲା ଯେ, ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ଜାତୀୟ ଆବାହକ କେଜ୍‌ରିୱାଲ ହେଉଛନ୍ତି ଅବକାରୀ ନୀତି ଦୁର୍ନୀତିର ମୁଖ୍ୟ ଷଡ଼ଯନ୍ତ୍ରକାରୀ। ଅନ୍ୟ ମନ୍ତ୍ରୀ ଓ ଦଳୀୟ ନେତାମାନଙ୍କ ସହ ମିଶି ସେ ଏହି ଦୁର୍ନୀତି କରିଛନ୍ତି। ଦିଲ୍ଲୀ ଅବକାରୀ ନୀତି ୨୦୨୧-୨୨ ପ୍ରଣୟନ ଓ କାର୍ଯ୍ୟକାରୀ ପାଇଁ ସେ 'ସାଉଥ୍ ଗ୍ରୁପ୍'ଠାରୁ ଅନେକ କୋଟି ଟଙ୍କା ଲାଞ୍ଚ ଆକାରରେ ନେଇଛନ୍ତି। ଏହି ଦକ୍ଷିଣ ମଦ ବ୍ୟବସାୟୀ ଗୋଷ୍ଠୀର କେତେଜଣ ଅଭିଯୁକ୍ତଙ୍କୁ ପଞ୍ଜାବ ବିଧାନସଭା ନିର୍ବାଚନ ସମୟରେ ଦଳୀୟ ଟିକେଟ ଦେବା ପାଇଁ କେଜ୍‌ରିୱାଲ ସେମାନଙ୍କୁ ୧୦୦ କୋଟି ଟଙ୍କା ଦାବି କରିଥିଲେ ବୋଲି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ମାମଲା ପରିଚାଳନା କରୁଥିବା ଅତିରିକ୍ତ ସଲିସିଟର ଜେନେରାଲ (ଏଏସ୍‌ଜି) ଏସ୍.ଭି. ରାଜୁ କୋର୍ଟରେ ଯୁକ୍ତି ବାଢ଼ିଥିଲେ। ରାଜୁ ଆହୁରି କହିଥିଲେ, ଗୋଆ ବିଧାନସଭା ନିର୍ବାଚନରେ ଖର୍ଚ୍ଚ ହୋଇଥିବା ୪୫ କୋଟି ଟଙ୍କା ୪ଟି ହାଓଲା ରୁଟ୍‌ରେ ଆସିଥିଲା। କଲ୍ ଡିଟେଲ୍ ରେକର୍ଡ୍ସ (ସିଡିଆର୍) ଜରିଆରେ ସମସ୍ତ ଅଭିଯୁକ୍ତ ଓ ସାକ୍ଷୀଙ୍କ ବୟାନକୁ ରେକର୍ଡ କରାଯାଇଥିବା ରାଜୁ କୋର୍ଟଙ୍କୁ ଅବଗତ କରାଇଥିଲେ। ଆପ୍ ଜଣେ ବ୍ୟକ୍ତି ନୁହେଁ, ବରଂ ଏକ କମ୍ପାନୀ। ତେଣୁ କମ୍ପାନୀର ଆଚରଣ ପାଇଁ ଏହାର ସମସ୍ତେ ଦାୟୀ ବୋଲି ରାଜୁ କହିଥିଲେ। ଅନ୍ୟପକ୍ଷେ କେଜ୍‌ରିୱାଲଙ୍କ ପକ୍ଷରୁ ମାମଲା ଲଢୁଥିବା ☞ପୃଷ୍ଠା-୨

## ଜେଲରୁ ସରକାର ଚଳାଇବି



ଅରବିନ୍ଦ କେଜ୍‌ରିୱାଲ

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ଗିରଫ ହୋଇଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ନିଜ ପଦରୁ ଇସ୍ତଫା ଦେବାକୁ ଶୁକ୍ରବାର ମନା କରିଦେଇଛନ୍ତି। ଆବଶ୍ୟକ ହେଲେ ଜେଲରୁ ସରକାର ଚଳାଇବେ ବୋଲି ମଧ୍ୟ ସେ ସ୍ପଷ୍ଟ କରିଛନ୍ତି। ରାଉଜ୍ ଆଭେନ୍ୟୁ କୋର୍ଟ ୬ ଦିନିଆ ରିମାଣ୍ଡରେ ନେବା ପାଇଁ ଇଡିକୁ ଅନୁମତି ଦେବା ପରେ କେଜ୍‌ରିୱାଲ ଏକ ଜାତୀୟ ଗଣମାଧ୍ୟମକୁ ସାକ୍ଷାତ୍କାର ଦେଇ କହିଛନ୍ତି, ମୁଁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବିନାହିଁ। ଯଦି ଆବଶ୍ୟକ ପଡ଼େ ଜେଲରେ ରହି ସରକାର ଚଳାଇବି। ଗୁରୁବାର ରାତିରେ ଇଡି ପକ୍ଷରୁ କୌଣସି ପ୍ରଶ୍ନ କରା ନ ଯାଇ ତାଙ୍କୁ ଗିରଫ କରାଯାଇଥିଲା ବୋଲି ଆପ୍‌ର ରାଷ୍ଟ୍ରୀୟ ଆବାହକ କେଜ୍‌ରିୱାଲ ସ୍ପଷ୍ଟ କରିଛନ୍ତି।

## କିସ୍ ବିଶ୍ୱବିଦ୍ୟାଳୟକୁ ନାକ୍ 'ଏ' ଗ୍ରେଡ୍ ମାନ୍ୟତା



**ଭୁବନେଶ୍ୱର,୨୨।୩(ଅସମାପିକା ସାହୁ)**

କିସ୍ ବିଶ୍ୱବିଦ୍ୟାଳୟକୁ ନ୍ୟାଶନାଲ ଆସେସ୍‌ମେଣ୍ଟ ଆଣ୍ଡ ଆକ୍ରିଡିଟେଶନ୍ କାଉନ୍‌ସିଲ୍ (ନାକ୍) ପକ୍ଷରୁ 'ଏ' ଗ୍ରେଡ୍ ମାନ୍ୟତା ପ୍ରଦାନ କରାଯାଇଛି। ପ୍ରଥମ ଥରରେ ନାକ୍‌ର ଏହି ଶ୍ରେଷ୍ଠ ମାନ୍ୟତା ପାଇବା କ୍ଷେତ୍ରରେ କିସ୍ ବିଶ୍ୱବିଦ୍ୟାଳୟ ହେଉଛି ଦେଶର ପ୍ରଥମ ଶିକ୍ଷାନୁଷ୍ଠାନ। କିସ୍‌ର ଏହି ସଫଳତାରେ ଶିକ୍ଷାବିତ୍‌ମାନେ ଖୁସିବ୍ୟକ୍ତ କରିଛନ୍ତି। କିସ୍ ବିଶ୍ୱବିଦ୍ୟାଳୟ ଠିକ୍ ସମୟରେ ନାକ୍ ମାନ୍ୟତା ପାଇଁ ଆବେଦନ କରି ପ୍ରଥମ ଥରରେ 'ଏ' ଗ୍ରେଡ୍ ପାଇଛି, ଯାହା ବିଶ୍ୱବିଦ୍ୟାଳୟର ଗୁଣାତ୍ମକ ଶିକ୍ଷାର ମାନକୁ ସୂଚତ କରୁଛି ବୋଲି ସେମାନେ କହିଛନ୍ତି। କିସ୍‌ର ଏହି ସଫଳତାରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଖୁସିବ୍ୟକ୍ତ କରିବା ସହ ଏଥିପାଇଁ ବିଶ୍ୱବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ, ଛାତ୍ରଛାତ୍ରୀ ଓ ଶୁଭେଚ୍ଛୁଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସୂଚନାଯୋଗ୍ୟ, ୨୦୧୭ରେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ କିସ୍‌କୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ କରାଯାଇଥିଲା। ବର୍ତ୍ତମାନ ଏହା ହେଉଛି ବିଶ୍ୱର ଏକମାତ୍ର ଜନଜାତି ବିଶ୍ୱବିଦ୍ୟାଳୟ।

**ଆଜିର ସମ୍ପାଦକୀୟ**

**ନବନୀତ ଫେରିଲେ**

# ଦାମ ରାଉତଙ୍କ ପରଲୋକ

**ଭୁବନେଶ୍ୱର,୨୨।୩(ଅନିଲ ଦାସ)**

ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତଙ୍କ ଶୁକ୍ରବାର ଭୋର ୫ଟା ୨୩ରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ୮୩ ବର୍ଷ ହୋଇଥିଲା। ଦୀର୍ଘ ଦିନ ଧରି ସେ କିଡ୍‌ନୀଜନିତ ରୋଗରେ ଆକ୍ରାନ୍ତ ଥିଲେ। ମାର୍ଚ୍ଚ ୧୮ ତାରିଖରେ ସେ ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ପକ୍ଷରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା ଏବଂ ସେଠାରେ ସେ ହୃଦ୍‌ଘାତର ଶିକାର ହୋଇଥିଲେ। ଏହାପରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଶୁକ୍ରବାର ଭୋରରୁ ତାଙ୍କର ମୃତ୍ୟୁ ହୋଇଛି। ଦାମଙ୍କ ମରଶରୀରକୁ

## ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ଶୋକ



ଦାମୋଦର ରାଉତ

ପ୍ରଥମେ ୟୁନିଟ୍ ୬ସ୍ଥିତ ସରକାରୀ ବାସଭବନକୁ ନିଆଯାଇଥିଲା। ଏହାପରେ ତାଙ୍କୁ ବିଜେଡି କାର୍ଯ୍ୟାଳୟକୁ ନିଆଯାଇଥିଲା। ସେଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ୫-ଟି ଓ ନବୀନ ଓଡ଼ିଶା ☞ପୃଷ୍ଠା-୧୩

# ବିଜେଡି ଛାଡ଼ିଲେ ଭର୍ତ୍ତୃହରି

**କଟକ,୨୨।୩(ଶିଳ୍ପା ପ୍ରିୟଦର୍ଶିନୀ)**

କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଶୁକ୍ରବାର ବିଜେଡିରୁ ଇସ୍ତଫା ଦେଇଛନ୍ତି। ସେ ନିଜର



ଭର୍ତ୍ତୃହରି ମହତାବ

ଇସ୍ତଫାପତ୍ରକୁ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇଛନ୍ତି। ଏଥିସହ ଭର୍ତ୍ତୃହରି ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା ନେଇ କଟକ ବିହାରୀବାଗସ୍ଥିତ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ମୋର ଅଭିଜ୍ଞତା ଅନୁସାରେ ୧୭ତମ ଲୋକ ସଭାରେ ଏମ୍‌ପି ଭାବେ ବିଜେଡିର ପ୍ରତିନିଧି ହୋଇ ଠିକ୍ ଭାବେ ଦଳ ପାଇଁ କାମ କରିଛି। ୨୦୨୪ ନିର୍ବାଚନ ☞ପୃଷ୍ଠା-୨




**ଆଜିର ମନ୍ତବ୍ୟ**
ଆର୍‌ଜେଡି ସୁପ୍ରିମୋ ଲାଲୁ ପ୍ରସାଦ ଯାଦବ ଲୋକ ସଭା ନିର୍ବାଚନରେ ଆଶାୟୀମାନଙ୍କୁ ଦଳୀୟ ଟିକେଟ ବିକ୍ରି କରୁଛନ୍ତି। ଏପରି କି ସେ ନିଜ ଝିଅ ରୋହିଣୀ ଆଚାର୍ଯ୍ୟଙ୍କୁ ମଧ ଛାଡ଼ିନାହାନ୍ତି। ଲାଲୁ ରୋହିଣୀଙ୍କଠାରୁ ଏକ କିଡ୍‌ନୀ ନେଇ ତାଙ୍କୁ ଆର୍‌ଜେଡିରୁ ଲଢ଼ିବା ପାଇଁ ଟିକେଟ ଦେଇଛନ୍ତି। **–ସମ୍ରାଟ ଚୌଧରୀ, ବିହାର ଉପମୁଖ୍ୟମନ୍ତ୍ରୀ**

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ୬୩ତମ ବାର୍ଷିକ ବୈଷୟିକ ଅଧିବେଶନ ଏବଂ ପ୍ରଫେସର ଡ. ଭୁବନେଶ୍ୱର ବେହେରା ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମ, ସ୍ଥାନ: ଅଡିଟୋରିୟମ୍ ଅଫ୍ ଓଡ଼ିଶା ଷ୍ଟେଟ୍ ସେଣ୍ଟର, ଦି ଇନ୍‌ଷ୍ଟିଚ୍ୟୁସନ ଅଫ୍ ଇଞ୍ଜିନିୟର୍ସ, ସମୟ: ପୂର୍ବାହ୍ନ ୧୦ଟା ୨୫।
- ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପକ୍ଷରୁ ବିଜିନେସ୍ ଏମିନେନ୍ସ ଆୱାର୍ଡସ, ସ୍ଥାନ: ସ୍ୱସ୍ତି ପ୍ରିମିୟମ, ସମୟ: ପୂର୍ବାହ୍ନ ୧୧ଟା।
- ଛାତ୍ରୀଛାତ୍ରଙ୍କ ଦ୍ୱାରା ଖାନା ଖଜନା କାର୍ଯ୍ୟକ୍ରମ,ସ୍ଥାନ: ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପରିସର, ବାଲିଅନ୍ତା, ସମୟ: ଅପରାହ୍ନ ୧ଟା।

## ପୁରୀ
- କଂଗ୍ରେସର ଗ୍ୟାରେଣ୍ଟି ପତ୍ର ଉନ୍ମୋଚନ କାର୍ଯ୍ୟକ୍ରମ, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ, ପୁରୀ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଭଗତ ସିଂହଙ୍କ ଶହୀଦ ଦିବସ ଓ ରାମମନୋହର ଲୋହିଆଙ୍କ ଜୟନ୍ତୀ ଦିବସ ପାଳନ, ସ୍ଥାନ: ନାୟକ ପ୍ଲାଜା ସମ୍ମିଳନୀ କକ୍ଷ, ସମୟ: ସନ୍ଧ୍ୟା ୬ଟା।
- ମା'କୋଶଳାଇଙ୍କ ପୀଠରେ ଅଷ୍ଟପ୍ରହର ନାମଯଜ୍ଞ ଓ ହରିହାଟ, ସ୍ଥାନ:ବାୟାବର, ବଳଙ୍ଗା, ସମୟ: ସନ୍ଧ୍ୟା ୬ଟା।
- ଭାଣପୁର ପ୍ରିମିୟର ଲିଗ୍ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ ସମାରୋହ, ସ୍ଥାନ: ଭାଣପୁର ହାଇସ୍କୁଲ ପଡ଼ିଆ ଭାଣପୁର, ନିମାପଡ଼ା, ସମୟ: ସନ୍ଧ୍ୟା ୬ଟା।
- ନାଟକ ମହୋତ୍ସବର ତୃତୀୟ ଦିବସରେ ପରିବେଷଣ ହେବ ସଂସ୍କୃତ ନାଟକ କୃଷ୍ଣ କୁତୁହଳମ୍, ସ୍ଥାନ: ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୭ଟା ୩୦।
- ସାହିଯାତ ସମ୍ପର୍କିତ ବୈଠକ, ସ୍ଥାନ: ପୁରୀ ବିଶୁନି ଜାଗା, ସମୟ: ସନ୍ଧ୍ୟା ୭ଟା ୩୦।

## କଟକ
- କଟକ ନଗର ଜିଲା କଂଗ୍ରେସ କମିଟିର ଜିଲାସ୍ତରରେ ସଂକଳ୍ପପତ୍ର ଘୋଷଣା କାର୍ଯ୍ୟକ୍ରମ, ସ୍ଥାନ: କଲେଜ ଛକସ୍ଥିତ କଂଗ୍ରେସ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତିଙ୍କ ୯ମ ବାର୍ଷିକ ଶ୍ରାଦ୍ଧୋତ୍ସବ ଓ ସାରସ୍ୱତ ସମ୍ମାନ ପ୍ରଦାନ ସମାରୋହ, ସ୍ଥାନ: କଟକ ସାରଳା ଭବନ, ସମୟ: ସନ୍ଧ୍ୟା ୬ଟା।
- ପଞ୍ଚସଖା ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ତୁଳସୀପୁର, ବଡ଼ମ୍ବା, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା
- ଚତୁର୍ଦ୍ଦଶ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ ଓ ଦୋଳ ଉତ୍ସବରେ ନାମ ସଂକୀର୍ତ୍ତନ, ସ୍ଥାନ: ଶ୍ରୀବାସୁଦେବଙ୍କ ବିଜେସ୍ଥଳୀ, ପଦ୍ମପୁର (ଖାରଡ଼ପଲ୍ଲୀ), ବୋଲଗଡ଼, ସମୟ: ପ୍ରାତଃ ୫ଟା।
- କାଇପଦର ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: କାଇପଦର ପଡିଆ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା।
- ଖୋର୍ଦ୍ଧା ଜିଲା କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ସାମ୍ବାଦିକ ଭବନ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବୋଲଗଡ଼ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ପି.ଏନ୍ କଲେଜ ନିକଟ ଖେଳପଡ଼ିଆ, ବୋଲଗଡ଼, ସମୟ: ମଧ୍ୟାହ୍ନ ୧୨ଟା।

## ବାଲେଶ୍ୱର
- ଶ୍ରୀ ଅଭିରାମ ପରମହଂସ ଦେବଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଶାନ୍ତି ଆନନ୍ଦାଶ୍ରମ, ବାଖରାବାଦ ଶାଖା, ରୂପସା, ସମୟ: ସକାଳ ୮ଟା।
- ଦୁଇଦିନିଆ ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ୧୯୭୪ ବ୍ୟାଚର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ, ସ୍ଥାନ: ବରି ହାଇସ୍କୁଲ ପରିସର, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ, କଂଗ୍ରେସ ଗଳି, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- କୁଟାରୀଶୁଣୀ ଓ ବୁଢ଼ୀଜାଗୁଳାଇ ମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: କୁଟାରୀ, ସିମୁଳିଆ, ସମୟ: ଦିବସ ବ୍ୟାପୀ।
- ଶ୍ରୀ ଜଗନ୍ନାଥ ପବ୍ଲିକ ସ୍କୁଲର ୧୩ତମ ବାର୍ଷିକ ଉତ୍ସବ, ସ୍ଥାନ: ସଲ୍ଟ ରୋଡ୍, ସୁନ୍ଦରୀ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ଖଇରା ବ୍ଲକ ବଟେଶ୍ୱର ଗ୍ରାମରେ ହରିହର ମିଳନ ଉତ୍ସବ, ସ୍ଥାନ: ବଟେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ
- ଶହୀଦ ଭଗତ୍ ସିଂ, ରାଜଗୁରୁ ଓ ସୁଖ ଦେବଙ୍କ ୯୩ତମ ବଳିଦାନ ଦିବସ ପାଳନ, ସ୍ଥାନ: ଅଗ୍ରସେନ ଭବନ, ଚରମ୍ପା, ସମୟ: ପୂର୍ବାହ୍ନ ୧୧ଟା।
- କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରଶାନ୍ତି ଶିଶୁବିହାରର ବାର୍ଷିକୋତ୍ସବ, ସ୍ଥାନ: ବେତଡ଼ା, ବାସୁଦେବପୁର, ସମୟ: ଅପରାହ୍ନ ୪ଟା ୩୦।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ସୁଦର୍ଶନପୁର, ବାସୁଦେବପୁର, ସମୟ: ଅପରାହ୍ନ ୫ଟା।
- ଆଗରପଡ଼ା ମହୋତ୍ସବର ୭ମ ସନ୍ଧ୍ୟା, ସ୍ଥାନ: ହେମପଦ୍ମ ଗାଲାକ୍ସି, ଆଗରପଡ଼ା, ସମୟ: ସନ୍ଧ୍ୟା ୬ଟା।
- ସୋଫିଆ ଇଂଲିଶ ମାଧ୍ୟମ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: କାଳୀପଡ଼ିଆ, ଚାନ୍ଦବାଲି, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର
- ରଜିଆଠାରେ ୨୪ ପ୍ରହର ନାମଯଜ୍ଞ, ସ୍ଥାନ: ରଜିଆ, ଚମ୍ପୁଆ, ସମୟ : ସକାଳ ୮ ଟା।
- ମାଇନିଂ ଟେକ ଫେଷ୍ଟ, ସ୍ଥାନ: ସରକାରୀ ଇଞ୍ଜିନିୟରିଂ କଲେଜ, କେନ୍ଦୁଝର, ସମୟ: ସକାଳ ୯ ଟା।
- ରାଜ୍ୟସ୍ତରୀୟ ରାତ୍ରକାଳୀନ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ବେଲବାହାଲି, ଆନନ୍ଦପୁର, ସମୟ: ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ
- ଉଦଳା କଲେଜ ଉଦ୍ଭିଦ ବିଜ୍ଞାନ ଅଧ୍ୟାପକଙ୍କୁ ସ୍ୱାଗତ ଓ ଶେଷ ବର୍ଷର ଛାତ୍ରୀଛାତ୍ରମାନଙ୍କୁ ବିଦାୟ ସମ୍ବର୍ଦ୍ଧନା, ସ୍ଥାନ: ଉଦଳା କଲେଜ,ସମୟ: ପୂର୍ବାହ୍ନ ୧୧ଟା।
- ହନୁମାନ ମନ୍ଦିର ପ୍ରତିଷ୍ଠା ଦିବସ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ହନୁମାନ ମନ୍ଦିର ପରିସର, ଉଦଳା, ସମୟ: ଅପରାହ୍ନ ୫ଟା।
- ରାଧାକୃଷ୍ଣ ମହାପ୍ରଭୁଙ୍କ ଷୋହଳ ପ୍ରହର ବ୍ୟାପି ଅଖଣ୍ଡ ନାମଯଜ୍ଞ ଓ ସଂକୀର୍ତ୍ତନ, ସ୍ଥାନ: ବାରୁଣୀ ରୋଡ୍, ମଧୁବନ, ବାରିପଦା, ସମୟ: ସନ୍ଧ୍ୟା ୬ଟା।

## ସମ୍ବଲପୁର
- ସୁଧାମୟୀ ଓ ଭୀଷ୍ମଦେବ ବଡପଣ୍ଡା ସ୍ମୃତିରେ ନାମଯଜ୍ଞ, ସ୍ଥାନ: ଯୁଯୁମୁରା ବ୍ଲକ ଅନ୍ତର୍ଗତ ପଡିଆବାହାଲ, ସମୟ: ସକାଳ ୮ଟା।
- ସୁଇଟ୍‌ର ବାର୍ଷିକ ସାଂସ୍କୃତିକ କାର୍ଯ୍ୟକ୍ରମ ଆବାହନ–୨୦୨୪, ସ୍ଥାନ: ସୁଇଟ୍ ପରିସର, ସମୟ: ସନ୍ଧ୍ୟା ୫ଟା।

## ବଲାଙ୍ଗୀର
- ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ରଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ସେଲିବ୍ରେଶନ,ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ହାସ୍ୟ କବି ସମ୍ମିଳନୀ, ସ୍ଥାନ: ନଟରାଜ ପେଲେସ୍, ବଲାଙ୍ଗୀର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ଅଷ୍ଟପ୍ରହରୀ ନାମଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ପାତରପାଲି ଗ୍ରାମ, ସମୟ: ସକାଳ ୭ଟା।
- ଚବିଶ ପ୍ରହରୀ ନାମଯଜ୍ଞ ନାମାରମ୍ଭ, ସ୍ଥାନ: ବୀରମହାରାଜପୁର , ସମୟ: ସକାଳ ୭ଟା।
- ଡୁଙ୍ଗୁରିପାଲି ବ୍ଲକର ଦିଗିଶିରାରେ ହୋଲି ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଦିଗିଶିରା ଯାତ୍ରା ପଡିଆ, ସମୟ: ଅପରାହ୍ନ ୪ଟା ୩୦।
- ଚମ୍ପେଶ୍ୱର ବାବା ପଞ୍ଚଦୋଳ ମହୋତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ବୀରମହାରାଜପୁର ବ୍ଲକ ଚମ୍ପାମାଳ ଗ୍ରାମ, ସମୟ: ସନ୍ଧ୍ୟା ୬ ଟା।
- ଦେଶ୍‌ଫାଲ୍ ଲୋକକଳା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା,ସ୍ଥାନ: ବୀରମହାରାଜପୁର ଉପଖଣ୍ଡ ଧର୍ମଶାଳା ଦୋଳମଣ୍ଡପ ପଡିଆ, ସମୟ: ସନ୍ଧ୍ୟା ୬ଟା।
- ତରଭା ବ୍ଲକ ସରଗଜରେ ବିଷ୍ଣୁ ମହାଯଜ୍ଞର ଅଷ୍ଟମ ଦିନ ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ସରଗଜ ପଡିଆ, ସମୟ: ସନ୍ଧ୍ୟା ୭ଟା ।

## ରାଉରକେଲା
- ଶିବଶକ୍ତି ପୀଠରେ ରାମଚରିତ ମାନସ ଓ ବିଶ୍ୱଶାନ୍ତି ଯଜ୍ଞ ଆରମ୍ଭ, ସ୍ଥାନ: ବାସନ୍ତୀ କଲୋନି, ସମୟ: ପ୍ରାତଃ ସାଢେ ୬ଟା।
- ଡିୱାଇଏଫ୍‌ଆଇ ପକ୍ଷରୁ ୯୩ତମ ଫାଶୀ ଦିବସ, ସ୍ଥାନ: ଛେଣ୍ଡ, ସମୟ: ସକାଳ ୮ଟା।
- ରାଉରକେଲା କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର–୨୧, ସମୟ: ପୂର୍ବାହ୍ନ ୧୧ଟା।
- ଦି ମିରର୍ ପକ୍ଷରୁ ପ୍ରି ହୋଲି, ସ୍ଥାନ: ଲାଠିକଟା ଦୃଷ୍ଟିହୀନ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଆଇଆଇଏମ୍‌ଏମ୍ ପକ୍ଷରୁ ଜାତୀୟ ସମ୍ମିଳନୀ, ସ୍ଥାନ: ସେକ୍ଟର–୨୦ ରାଉରକେଲା କ୍ଲବ, ସମୟ: ପୂର୍ବାହ୍ନ ୧୧ଟା।
- କାନଭାସ୍ ପକ୍ଷରୁ ରାଉରକେଲା ଦିବସ, ସ୍ଥାନ: ସେକ୍ଟର– –୧୭ ପେଟ୍ରୋଲ ପମ୍ପ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ଜାତୀୟ ନାଟକ ମହୋତ୍ସବ, ସ୍ଥାନ: ମ୍ୟୁଜିକ ସର୍କଲ, ସମୟ: ସନ୍ଧ୍ୟା ୬ଟା।
- ରାଜସ୍ଥାନ ପରିଷଦ ପକ୍ଷରୁ ହୋଲି କାର୍ଯ୍ୟକ୍ରମ, ସ୍ଥାନ: ଅମର ଭବନ, ସମୟ: ସନ୍ଧ୍ୟା ୬ଟା।
- ଜାତୀୟ ନାଟକ ମହୋତ୍ସବ, ସ୍ଥାନ: ମ୍ୟୁଜିକ ସର୍କଲ, ସନ୍ଧ୍ୟା: ୬ଟା ୩୦।

## ସୁନ୍ଦରଗଡ଼
- ଏକ୍ସକ୍ୟାଡର ଶିକ୍ଷକ ସଂଘ ବୈଠକ, ସ୍ଥାନ: ବଡ଼ଗାଁ ପୂର୍ତ୍ତ ବିଭାଗ ଡାକବଙ୍ଗଳା, ସମୟ: ପୂର୍ବାହ୍ନ:୧୧ଟା।

## ବରଗଡ଼
- ଶହୀଦ ଭଗତ ସିଂଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ, ସ୍ଥାନ: ଗୁରୁଦ୍ୱାରା ଛକ, ବରଗଡ଼, ସମୟ: ସକାଳ ୮ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ସାଂସ୍କୃତିକ ଭବନ(ଦୁର୍ଗା ମନ୍ଦିର), ସୋହେଲା, ସମୟ: ସକାଳ ୯ଟା।
- ରକ୍ତଦାନ ଶିବିର, ସ୍ଥାନ: ଲିଟିଲ ଏଞ୍ଜେଲ ପବ୍ଲିକ ସ୍କୁଲ, ବରପାଲି, ସମୟ: ସକାଳ ୯ଟା।
- ନିଆଁରୁ ଜଙ୍ଗଲକୁ ରକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପାଇକମାଳ ବିନ୍ଧ୍ୟବାସିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ସକାଳ ୯ଟା।
- ସଂଯୁକ୍ତ ଯୁବ ସଙ୍ଗଠନର ଧାରଣା, ସ୍ଥାନ: ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ମହାରାଜା ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ମହାରାଜା ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଓବିସି ମଞ୍ଚର ଖବରଦାତା ସମ୍ମିଳନୀ, ସ୍ଥାନ: ବରଗଡ଼ ସାମ୍ବାଦିକ ସଂଘ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା
- ନିଆଁରୁ ଜଙ୍ଗଲକୁ ରକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ନୃସିଂହନାଥ ହାଇସ୍କୁଲ, ପାଇକମାଳ, ସମୟ: ପୂର୍ବାହ୍ନ ୧୧ଟା ୩୦।

## କଳାହାଣ୍ଡି
- ଶାସ୍ତ୍ରିଜୀ ଶିକ୍ଷା ନିକେତନରେ ବିଜ୍ଞାନ, ଗଣିତ ମେଳା ଓ ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ: ଭବାନୀପାଟଣା ଚକ୍ରଧରନଗର, ସମୟ: ପୂର୍ବାହ୍ନ ୧୦ଟା।
- ଦୋଳ ପୂର୍ଣ୍ଣିମା ମହୋତ୍ସବ ପାଇଁ ଶୋଭାଯାତ୍ରା, ଅଧିବାସ, ସ୍ଥାନ: କୋକସରା ବ୍ଲକ ଚିଲିଗୁଡା, ସମୟ: ଅପରାହ୍ନ ୫ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପାଇଁ କଳସଯାତ୍ରା ଓ ଅଧିବାସ, ସ୍ଥାନ: କୋକସରା ବ୍ଲକ ସର୍ଗିଗୁଡା, ସମୟ: ଅପରାହ୍ନ ୫ଟା ୩୦ ମିନିଟ୍।
- ବିଶେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଦୋଳ ଉତ୍ସବ ଉଦ୍‌ଘାଟିତ, ସ୍ଥାନ: ନର୍ଲା ବ୍ଲକ ଗୁପ୍ତା ଖମ୍ବପଡା, ସମୟ: ସନ୍ଧ୍ୟା ୬ଟା।
- ଶାସ୍ତ୍ରୀୟ ସଙ୍ଗୀତ ଓ ଲୋକ ସଙ୍ଗୀତର ଉତ୍ସବ ସଙ୍ଗୀତାୟନ ଉଦଘାଟିତ୍, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ସନ୍ଧ୍ୟା ୬ଟା ୩୦ ମିନିଟ୍।

## ନୂଆପଡ଼ା
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ କଳସ ଯାତ୍ରା, ସ୍ଥାନ: କୋମନା ବ୍ଲକ କ୍ରିପଡ଼ା ଗାଁର ମଝିପଡା, ସମୟ: ଅପରାହ୍ନ ୪ଟା।
- କ୍ରିୟାଯୋଗ ସତସଙ୍ଗ କାର୍ଯ୍ୟକ୍ରମ, ସ୍ଥାନ: ଖଡ଼ିଆଳ ଶ୍ରୀଜି ମଣ୍ଡପଠାରେ, ସମୟ: ସନ୍ଧ୍ୟା ୬ଟା।

## ବୌଦ୍ଧ
- ବୌଦ୍ଧ ବ୍ଲକ କମିରା ଗ୍ରାମରେ ଚବିଶ ପ୍ରହର ନାମଯଜ୍ଞର ତୃତୀୟ ଦିନ, ସ୍ଥାନ: କମିରା, ସମୟ: ସକାଳ ୬ଟା ।
- କଣ୍ଟାମାଳ ବ୍ଲକ ଘଣ୍ଟାପଡା ପଞ୍ଚାୟତ ତବଡା ଗ୍ରାମର ଶିବମନ୍ଦିରରେ ଚବିଶ ପ୍ରହର ନାମଯଜ୍ଞର ଦ୍ୱିତୀୟ ଦିନ, ସ୍ଥାନ: ତବଡା ଶିବମନ୍ଦିର, ସମୟ: ଅହୋରାତ୍ର।
- କଣ୍ଟାମାଳ ବ୍ଲକ କୁଲତାଯୋର ପଞ୍ଚାୟତର ନୂଆଁପାଲି ଗ୍ରାମରେ ଷୋହଳ ପ୍ରହର ନାମଯଜ୍ଞ ଶୁଭାରମ୍ଭ, ସ୍ଥାନ: ନୂଆଁପାଲି ଶିବମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୯ଟା।
- କଣ୍ଟାମାଳ ବ୍ଲକ ଘଣ୍ଟାପଡା ଗ୍ରାମ ପଞ୍ଚାୟତ ଲଣ୍ଡାପଦର ଗ୍ରାମରେ ଷୋହଳ ପ୍ରହର ନାଯଯଜ୍ଞ ଶୁଭାରମ୍ଭ, ସ୍ଥାନ: ଲଣ୍ଡାପଦର ଗ୍ରାମ୍ୟମଣ୍ଡପ , ସମୟ : ସକାଳ ୯ଟା
- କଣ୍ଟାମାଳ ବ୍ଲକ ଖମନମୁଣ୍ଡା ପଞ୍ଚାୟତ ଲଣ୍ଡାବାହଲରେ କ୍ରିକେଟ ଟୁର୍ନାମେଣ୍ଟର ପଞ୍ଚମ ଦିବସ, ସ୍ଥାନ: ଆଦର୍ଶ ଖେଳପଡିଆ ଲଣ୍ଡାବାହଲ, ସମୟ : ମଧ୍ୟାହ୍ନ ୧୨ଟା ୩୦ ।
- ବୌଦ୍ଧ ବ୍ଲକ ଦହ୍ୟାରେ ଫାଲଗୁନ ପୂର୍ଣ୍ଣିମା ଦୋଳ ମହୋତ୍ସବ ଅବସରରେ ଭଜନ ସମାରୋହ, ସ୍ଥାନ: ଦହ୍ୟା, ସମୟ: ସନ୍ଧ୍ୟା ୭ଟା।
- ବୌଦ୍ଧ ବ୍ଲକ ଅଁଳାପାଲିରେ ଧନୁଯାତ୍ରା ମହୋତ୍ସବ ଓ କଂସ ଦରବାରର ପଞ୍ଚମ ଦିବସ , ସ୍ଥାନ: ଅଁଳାପାଲି , ସମୟ: ସନ୍ଧ୍ୟା ୭ଟା।
- ବୌଦ୍ଧ ବ୍ଲକ ବହିରାରେ ଧନୁଯାତ୍ରା ମହୋତ୍ସବ ଓ କଂସ ଦରବାରର ପଞ୍ଚମ ଦିବସ, ସ୍ଥାନ: ବହିରା ଉଚ୍ଚ ବିଦ୍ୟାଳୟ ପଡିଆ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼
- କଂଗ୍ରେସ କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ରୌନକ ପ୍ଲାଜା, ସମୟ: ମଧ୍ୟାହ୍ନ ୧୨ଟା୩୦।

## ଝାରସୁଗୁଡ଼ା
- ଜିଲା କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଦଳୀୟ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ସାଢେ ୧୦ଟା।
- ଶ୍ରୀମଦ୍ ଭାଗବତ ସପ୍ତାହ ଆରମ୍ଭ, ସ୍ଥାନ: ଲମ୍ପିବାହାଲସ୍ଥିତ ଜ୍ୟୋତି କ୍ଲବ ପରିସର, ସମୟ: ସକାଳ ୯ଟା।
- ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ହିଲ୍‌ଟପ୍ କଲୋନୀ ଦୁର୍ଗାମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା
- ନିରପେକ୍ଷ ସାଧାରଣ ନିର୍ବାଚନ ପାଇଁ ପୋଲିସ କର୍ମଚାରୀଙ୍କୁ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ରାୟଗଡ଼ା, ସମୟ: ସକାଳ ୧୦ଟା।
- ଅତିରିକ୍ତ ନିର୍ବାଚନ ଅଧିକାରୀଙ୍କ ଜିଲାସ୍ତରୀୟ ନିର୍ବାଚନୀ ସମୀକ୍ଷା, ସ୍ଥାନ– ଜିଲା ପରିଷଦ ସମ୍ମିଳନୀ କକ୍ଷ, ରାୟଗଡ଼ା, ସମୟ– ସକାଳ ୧୦ଟା
- କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କଂଗ୍ରେସ ଭବନ, ରାୟଗଡ଼ା, ସମୟ: ପୂର୍ବାହ୍ନ୧୧ଟା।

## ନବରଙ୍ଗପୁର
- ଏଏପିର ଖବରଦାତା ସମ୍ମିଳନୀ, ସ୍ଥାନ: ନବରଙ୍ଗପୁର ସୁନାରିସାହି, ସମୟ: ପୂର୍ବାହ୍ନ ୯ଟା।

## ମାଲକାନଗିରି
- ରାଜ୍ୟ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ମାଲକାନଗିରି ଗସ୍ତ, ସମୀକ୍ଷା, ସ୍ଥାନ: ଡିଆରଡିଏ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦୩୦।
- ବିଶ୍ୱ ଯକ୍ଷ୍ମା ଦିବସ ପାଳନ,ସ୍ଥାନ: ରକ୍ତଭଣ୍ଡାର ପରିସର, ସମୟ ପୂର୍ବାହ୍ନ ୧୦୩୦।

## କେନ୍ଦ୍ରାପଡ଼ା
- ସତୀର୍ଥ ପକ୍ଷରୁ ବସନ୍ତ ଉତ୍ସବ, ସ୍ଥାନ: ଶ୍ରୀଜଗନ୍ନାଥ ମନ୍ଦିର, କୋରୋ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚମ ବାର୍ଷିକ ସାଗରବେଳା ମହୋତ୍ସବ, ସ୍ଥାନ: ପେଣ୍ଠ ବେଳାଭୂମି, ରାଜନଗର, ସମୟ: ଅପରାହ୍ନ ୪ଟା।
- ସଂଯୁକ୍ତ କୃଷକ ମୋର୍ଚ୍ଚାର ଗଣତନ୍ତ୍ର ବଞ୍ଚାଅ ସମାବେଶ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ୩୧ତମ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଶ୍ରୀ ରଘୁନାଥଜୀଉ ପୀଠ, ସଛପଡା ଓ ଗୋବିନ୍ଦପୁର, ରାଜନଗର, ସମୟ: ସକାଳ ୬ଟା।
- ପ୍ରଗତି ଯୁବକ ସଂଘ ପକ୍ଷରୁ ମା' ବଜ୍ରବୁଢ଼ୀ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା, ସ୍ଥାନ: ତେରଗାଁ, ମହାକାଳପଡା, ସମୟ: ସନ୍ଧ୍ୟା ୬ଟା।
- ଅଷ୍ଟମ ବାର୍ଷିକ ବିଶ୍ୱଶାନ୍ତି ମହାଗୁପ୍ତ ଯଜ୍ଞ, ସ୍ଥାନ: ତଳାତୀପଡିଆ, ବେଲାର ନୂଆଁଗା, ତେରଗାଁ, ମହାକାଳପଡା, ସମୟ– ଅପରାହ୍ନ ୪ଟା।ପ୍ରସିଦ୍ଧ ରାଜନଗର ଦୋଳ ମେଳଣ, ସ୍ଥାନ: ରାଜନଗର, ଡେରାବିଶ ବ୍ଲକ, ସମୟ ଅପରାହ୍ନ ୫ଟା ।

## ଯାଜପୁର
- ଶହୀଦ ଭଗତ ସିଂ ଯୁବକ ସଂଘ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ବ୍ୟାସନଗର ଗୁଗୁଲ ମଣ୍ଡପ ପ୍ରାଙ୍ଗଣ, ସମୟ: ସକାଳ ୯ଟା।
- କଳିଙ୍ଗନଗର ଶିଳ୍ପାଞ୍ଚଳର ବିସ୍ଥାପିତମାନଙ୍କ ଧାରଣା, ସ୍ଥାନ: ନୀଳାଚଳ କାରଖାନା ମୁଖ୍ୟ ଫାଟକ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଧର୍ମଶାଳା ପବ୍ଲିକ ସ୍କୁଲର ଅଭିଭାବକ ଦିବସ, ସ୍ଥାନ: ଧର୍ମଶାଳା ବ୍ଲକ ଶଙ୍ଖଖାରିଡ଼ିହସ୍ଥିତ ପବ୍ଲିକ ସ୍କୁଲ ପରିସର, ସମୟ: ଅପରାହ୍ନ ୫ଟା।
- ଶହୀଦ ଭଗତ ସିଂହ ଓ ରାଜଗୁରୁ ଶୁକଦେବଙ୍କ ଫାଶୀ ଦିବସ ପାଳନ, ଆଲୋଚନା ଚକ୍ର, ସ୍ଥାନ: ଗୁଗୁଲ ମଣ୍ଡପ ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା।
- ଜାରକା ବଡ଼ବଜାର ବ୍ୟବସାୟୀ ସଂଘର ବାର୍ଷିକ ଉତ୍ସବ, ସ୍ଥାନ: ଧର୍ମଶାଳା ବ୍ଲକ୍‌ର ଜାରକାସ୍ଥିତ ବିଜୁ ଗ୍ରାମୀଣ ବଜାର,ସମୟ: ସନ୍ଧ୍ୟା ୬ଟା।
- ଭୀମ ଆର୍ମି ଓ ବିଭିନ୍ନ ସଂଗଠନ ପକ୍ଷରୁ ପ୍ରତୀକ ଧାରଣା, ସ୍ଥାନ: ଟାଟା ଷ୍ଟିଲ ମୁଖ୍ୟ ଫାଟକ ସମ୍ମୁଖ, ସମୟ: ଦିନରାତି।

## ନୟାଗଡ଼
- ଚାଚେରି ଭୋଗଖିଆ, ଗଡ ଉତ୍ସବ ଉଦ୍‌ଯାପନ, ସ୍ଥାନ: ନୟାଗଡ଼ ପୁରୁଣାସହରର ଜଗନ୍ନାଥ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ବିଶ୍ୱଶାନ୍ତି ଯଜ୍ଞର ପୂଜାର୍ଚ୍ଚନା, ସ୍ଥାନ: ନୟାଗଡ଼ ବ୍ଲକ ଭାଟସାହିର ସିଦ୍ଧେଶ୍ୱର ଜୀଉଙ୍କ ପୀଠ, ସମୟ: ସକାଳ ୮ଟା।
- ରାମଚରିତ ମାନସ ନବାହ୍ନ ପାରାୟଣର ଅଷ୍ଟମ ଦିବସ, ସ୍ଥାନ: ପଶ୍ଚିମମୁଖୀ ହନୁମାନ ମନ୍ଦିର ଖଣ୍ଡପଡ଼ା, ସମୟ: ସକାଳ ୮ଟା।
- ଜିଲା କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଶହୀଦ ଭଗତ ସିଂହଙ୍କ ଶହୀଦ ଦିବସ, ସ୍ଥାନ: ଗୋଡିପଡା ଶହୀଦ ଭଗତ ସିଂ ମଣ୍ଡପ, ସମୟ: ସକାଳ ୮ ଟା।
- ଶହୀଦ ଭଗତ ସିଂହଙ୍କ ଶହୀଦ ଦିବସରେ ରକ୍ତଦାନ ଶିବିର, ସ୍ଥାନ: ଗୋଡିପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ସକାଳ ୯ ଟା।
- ତୃତୀୟ ବାର୍ଷିକ ମହୋତ୍ସବର ୨ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ଚାଉପଲ୍ଲୀ ଗାଁ, ସମୟ: ସକାଳ ୮ଟା।
- ନୀଳମାଧବଙ୍କ ଚାଚେରୀ ଭୋଗଖିଆ, ସ୍ଥାନ: କଣ୍ଟିଲୋ ଗାଁ ପରିକ୍ରମା, ସମୟ: ସନ୍ଧ୍ୟା ସାଢ଼େ ୭ଟା।

## ଢେଙ୍କାନାଳ
- କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଗାନ୍ଧୀମନ୍ଦିର ଢେଙ୍କାନାଳ, ସମୟ:ପୂର୍ବାହ୍ନ ୧୧ଟା।
- ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, କାମାକ୍ଷାନଗରର ବାର୍ଷିକ ଉତ୍ସବ, ସ୍ଥାନ: ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସର କାମାକ୍ଷାନଗର ସମୟ: ଅପରାହ୍ନ ୫ଟା।

## ଅନୁଗୋଳ
- ନିର୍ବାଚନ ଜନିତ ସେକ୍ଟର ଅଧିକାରୀଙ୍କ ବୈଠକ, ସ୍ଥାନ: ତାଳଚେର ବ୍ଲକ କାର୍ଯ୍ୟାଳୟ, ବଣ୍ଡରପାଳ ବ୍ଲକ, ଅନୁଗୋଳ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସାଧାରଣ ନିର୍ବାଚନ ଜନିତ ବିଏଲ୍‌ଓ ବୈଠକ, ସ୍ଥାନ: ଅନୁଗୋଳ ବ୍ଲକ କାର୍ଯ୍ୟାଳୟ, ତାଳଚେର ବ୍ଲକ, ବଣ୍ଡରପାଳ ବ୍ଲକ, କଣିହାଁ ବ୍ଲକ, ପାଲଲହଡା ବ୍ଲକ, ଆଠମଲ୍ଲିକ ବ୍ଲକ, ଛେଣ୍ଡିପଦା ବ୍ଲକ, କିଶୋରନଗର ବ୍ଲକ କାର୍ଯ୍ୟାଳୟ, ସମୟ:ପୂର୍ବାହ୍ନ ୧୧ଟା।
- ଅନୁଗୋଳ ମେଳା, ସ୍ଥାନ: ବିଜୁ ମଇଦାନ, ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର
- ହୋଲି ମିଳନ ଉତ୍ସବ, ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଭଞ୍ଜମଣ୍ଡପ, ସମୟ: ଅପରାହ୍ନ ୪ଟା

## କନ୍ଧମାଳ
- ଷୋହଳ ପ୍ରହର ନାମଯଜ୍ଞ, ସ୍ଥାନ: ଖଜୁରିପଡ଼ା ବନ୍ଧସାହି, ସମୟ : ସକାଳ ୭ଟା।

## • ଗଜପତି
- ଲେଖକ ଲେଖିକା ବହି ସମ୍ପର୍କରେ ସମୀକ୍ଷା ବୈଠକ, ସ୍ଥାନ: ପାରଳାଖେମୁଣ୍ଡି ଉତ୍କଳ ହିତୈଷିଣୀ ସମାଜ ସଭାଗୃହ, ସମୟ: ଅପରାହ୍ନ ୪ଟା୩୦।
- ଦୋଳ ଉତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ଦୋଳଯାତ୍ରା ମଣ୍ଡପ, ସମୟ: ସନ୍ଧ୍ୟା ୭ ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ**
ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ କାମକୁ ତ୍ୱରାନ୍ୱିତ କରିବାରେ ସହାୟ ହେବ। ଖାଦ୍ୟପେୟର ଅନିୟମିତତା କାରଣରୁ ସ୍ୱାସ୍ଥ୍ୟରେ ବ୍ୟତିକ୍ରମ ଦେଖାଦେବ। ଆର୍ଥିକ ସ୍ୱଚ୍ଛଳତା ଫେରିପାଇବେ ସତ ଯେଉଁଥିପାଇଁ ଆବଶ୍ୟକ ମନେ କରୁଥିଲେ ତାହାକୁ ପୂର୍ଣ୍ଣାଙ୍ଗ କରିପାରିବେ ନାହିଁ। ଅଧ୍ୟାପନା, ପ୍ରଶାସନିକ ସେବା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସା ମିଳିବ।

**ବୃଷ**
ଆଜିର କର୍ମକ୍ଷେତ୍ରରେ ଜଣେ ବନ୍ଧୁଙ୍କ ପରାମର୍ଶ ଅନୁଯାୟୀ କାମ କରି ଆଶାକୁ ଚରିତାର୍ଥ କରିବେ। ବିବାଦୀୟ ସମସ୍ୟାକୁ ନେଇ ଟେନ୍‌ସନ୍ ବଢ଼ିବ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବ, ମାତ୍ର ତାହା ନିଜ ସପକ୍ଷରେ ଯିବାର ସମ୍ଭାବନା ରହିଛି। କଳା, କ୍ରୀଡ଼ା, ଚଳଚ୍ଚିତ୍ର, ସଙ୍ଗୀତ, ସାହିତ୍ୟ କ୍ଷେତ୍ରରୁ ସୁଫଳ ଓ ଆନନ୍ଦ ମିଳିବ।

**ମିଥୁନ**
ଅତୀତ ଘଟଣାକୁ କେନ୍ଦ୍ରକରି ପରିବାରରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ସାଙ୍ଗଠନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ବାଧ ହେବେ। ସରକାରୀ କ୍ଷେତ୍ରରୁ ଆର୍ଥିକ ସାହାଯ୍ୟ ପାଇବେ ଏବଂ ବନ୍ଧୁମାନଙ୍କ ପରାମର୍ଶକୁ ଅନିଚ୍ଛା ସତ୍ତ୍ୱେ ଗ୍ରହଣ କରିବେ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିବ।

**କର୍କଟ**
ଆତ୍ମୀୟମାନେ ଆପଣଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସାହାଯ୍ୟ ଓ ସହଯୋଗ ପ୍ରଦାନରେ ସହାୟ ହେବେ। ପ୍ରକାଶନ, ପ୍ରଶାସନ, ରାଜନୀତି ଓ ଆନୁଷ୍ଠାନିକ କାମ ସହଜରେ ସାଧିତ ହେବ। ବାଣିଜ୍ୟ, ବ୍ୟବସାୟରେ ସଫଳତା ହାସଲ କରିବେ। ଘରର ବରାଦ ଅନୁଯାୟୀ ବିଳାସ ଉପକରଣ କିଣିପାରନ୍ତି।

**ସିଂହ**
ଆଜି ସକାଳୁ ବନ୍ଧୁଙ୍କ ଅନୁରୋଧ ରକ୍ଷାକରି ଦୂରଯାତ୍ରା କରିବାକୁ ପଡ଼ିପାରେ। ଆର୍ଥିକ ଅନଟନକୁ କେନ୍ଦ୍ରକରି ଘରୋଇ ସମସ୍ୟା ହେତୁ ମାନସିକ ଶାନ୍ତି ବ୍ୟାହତ ହେବ। ପାରିବାରିକ କ୍ଷେତ୍ରରେ ନୀରବ ରହିବାକୁ ବାଧ ହୋଇପାରନ୍ତି। ଦୀର୍ଘ ଦିନରୁ ଚାହୁଁଥିବା ସୁଯୋଗ ହାତଛଡ଼ା ହୋଇପାରେ। ଅଧିକାଂଶ ସମୟରେ ମନ ବିଚଳିତ ରହିବ।

**କନ୍ୟା**
ଆପଣଙ୍କ ସୁଚିନ୍ତିତ ବିଚାରଧାରା ଓ କାର୍ଯ୍ୟପ୍ରଣାଳୀ ପ୍ରତ୍ୟେକ କାମକୁ ସମ୍ପନ୍ନ କରିବାରେ ସହାୟକ ହେବ। ସମୟୋପଯୋଗୀ ପଦକ୍ଷେପ ନେବା ସହ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିବେ। ପରିବାରର ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ମନ ଭାରାକ୍ରାନ୍ତ ରହିବ। ଅଭାବନୀୟ ପରିସ୍ଥିତି ମଧ୍ୟରେ କାମ କରିବାକୁ ବାଧ ହେବେ।

**ତୁଳା**
ଆଜି ମାନସିକ ସ୍ଥିରତା, ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ, କାର୍ଯ୍ୟ ସିଦ୍ଧି ସହ ଅର୍ଥପ୍ରାପ୍ତିରୁ ମନ ଖୁସି ରହିବ। ମାତ୍ର ବିଶେଷ ଭାବରେ ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ କରନ୍ତୁ। ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ବିଭିନ୍ନ ପ୍ରକାର ସମସ୍ୟା ଦେଖାଦେଇପାରେ। ସନ୍ଧ୍ୟା ସମୟରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ।

**ବିଛା**
କିଛି ମନ୍ତବ୍ୟକୁ କେନ୍ଦ୍ରକରି ବୟସ୍କ ବ୍ୟକ୍ତି ଜଣେ ଅସନ୍ତୋଷ ପ୍ରକାଶ କରିପାରନ୍ତି। ଲାଗି ରହିଥିବା ସମସ୍ୟାର ଗତି ବଦଳିଯିବା କାରଣରୁ ମାନସିକ ସ୍ଥିତି ଠିକ୍ ରହିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ଆଲୋଚନା ପରିସରରେ ପୁରୁଣା କଥାକୁ ବେଶି ଦୋହରାଇବା ଠିକ୍ ହେବନି।

**ଧନୁ**
ଅସାବଧାନତା କାରଣରୁ ଧନହାନି, କଳହ, ପ୍ରତାରଣା ଓ ଶାରୀରିକ ଆଘାତ ପାଇବାର ସମ୍ଭାବନା ରହିଛି। ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବାକୁ ପଡ଼ିବ। ବିଳାସ ଉପକରଣ କ୍ରୟ କରିବା ସକାଶେ ଘରୁ ବରାଦ ପାଇପାରନ୍ତି। ସାମାଜିକ ସ୍ତରରେ ପରୋକ୍ଷ ଶତ୍ରୁତା ଯୋଗୁ ବିଚଳିତବୋଧ କରିବେ।

**ମକର**
କର୍ମକ୍ଷେତ୍ରରେ ଉଚ୍ଚ ଚିନ୍ତା କରିବେ ଏବଂ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ଆଲୋଚନା ଅବସରରେ ଆତ୍ମୀୟମାନଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ବାକି ରହିଯାଇଥିବା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଆଜିହିଁ ଶେଷ କରିବାକୁ ଚିନ୍ତା କରୁଥିବା କାମଟିରେ ନିରାଶ ହେବାକୁ ପଡ଼ିପାରେ।

**କୁମ୍ଭ**
ସମସ୍ତ ସୁବିଧା ଥିଲେ ମଧ୍ୟ ହାତକୁ ନେଇଥିବା କାମଟି ବିଳମ୍ବରେ ଓ ବହୁ କଷ୍ଟରେ ସମ୍ପନ୍ନ ହେବ। ପୂର୍ବର କେତେକ ବିବାଦୀୟ କଥାକୁ ମନେପକାଇ ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିପାରେ। ବନ୍ଧୁ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି।

**ମୀନ**
ସ୍ୱାସ୍ଥ୍ୟ ପ୍ରତି ଅଣଦେଖା କରିବା ହେତୁ ବହୁମୂଲ୍ୟ ଦେବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ମଧ ଅପ୍ରିୟ ସତ୍ୟଭାଷଣରୁ ଦୂରେଇ ରହିବା ଭଲ ହେବ। ପରିବାରରେ ପୁତ୍ରକନ୍ୟା ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ହେବେ। ତରବରିଆ ଭାବେ କୌଣସି କାମ ନ କରି ଦେଖିଚାହିଁ ପଦକ୍ଷେପ ନିଅନ୍ତୁ।

ଆଜି ମାର୍ଚ୍ଚ ୨୩ ତାରିଖ, ବିଶ୍ୱ ପାଣିପାଗ ବିଜ୍ଞାନ ଦିବସ, ଜୟୀରାଜଗୁରୁ, ଭଗତ ସିଂ ଏବଂ ସୁଖଦେବଙ୍କ ଶହୀଦ୍ ଦିବସ, ଆର୍ଥଆୱାର ଦିବସ, ପବିତ୍ର ମସିହ ମଉଦ୍ ଦିବସ, ଫାଲଗୁନ ଶୁକ୍ଳ ତ୍ରୟୋଦଶୀ ଯୁକ୍ତ ଚତୁର୍ଦ୍ଦଶୀ ଶନିବାର, ରାଶିନକ୍ଷତ୍ର–ପୂର୍ବା ଫାଲଗୁନୀ/ସିଂହ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୨୨ ଗତେ ଘ.୦୧।୦୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ. ୦୮।୫୨ ଗତେ ଘ.୧୦।୨୨ ମଧ୍ୟେ ରାହୁକାଳ।

ପ୍ରଥମ ପୃଷ୍ଠାରୁ...

## ଭାଜପାକୁ ମେଘା ଇଞ୍ଜିନିୟରିଂ ...
୧୫ଟିନିଫ୍ଟି୫୦ ଇଣ୍ଡେକ୍ସରେ ତାଲିକାଭୁକ୍ତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୮ଟି କମ୍ପାନୀ ବିଏସ୍‌ଇ ସେନ୍‌ସେକ୍ସରେ ମଧ ତାଲିକାଭୁକ୍ତ ଥିବା ଜଣାପଡ଼ିଛି। ୧୫ଟିନିଫ୍ଟିତାଲିକାଭୁକ୍ତ କମ୍ପାନୀ ଇଲେକ୍ଟୋରାଲ ବଣ୍ଡ ଜରିଆରେ ମୋଟ ୬୪୬ କୋଟି ଟଙ୍କା ରାଜନୈତିକ ଦଳଙ୍କୁ ଦେଇଥିବାବେଳେ ସେନ୍‌ସେକ୍ସ ଲିଷ୍ଟେଡ୍ କମ୍ପାନୀ ୩୩୭ କୋଟି ଦେଇଛନ୍ତି। ୧୫ କମ୍ପାନୀରୁ ଭାଜପା ଏକାକୀ ୫୨୧ କୋଟି ପାଇଛି, ଯାହା ଉକ୍ତ କମ୍ପାନୀଗୁଡ଼ିକର ମୋଟ ଚାନ୍ଦାର ୮୧ ପ୍ରତିଶତ।

## ବିଜେଡି ଛାଡ଼ିଲେ ...
ପାଇଁ ତାରିଖ ଘୋଷଣା ହୋଇସାରିଛି। କିନ୍ତୁ ଏହି ସମୟରେ ବିଜେଡି ପାଖରୁ ଦୂରେଇ ରହିବା ଆବଶ୍ୟକ ଭାବି ଏପରି ନିଷ୍ପତ୍ତି ନେଇଛି। ଏପରି ନିଷ୍ପତ୍ତି ନେବାର କାରଣ ଯେ, ବିଜେଡିରେ ବହୁ ପରିବର୍ତ୍ତନ ହୋଇସାରିଛି। ଦୁର୍ନୀତି ବିରୋଧରେ ଲଢ଼ିବା ପାଇଁ ବିଜେଡି ଗଠନ ହୋଇଥିଲା। ହେଲେ ଏବେ ତାହାର ଚିତ୍ର ସମ୍ପୂର୍ଣ୍ଣ ଭାବେ ଓଲଟା ହୋଇସାରିଛି। ପୂର୍ବରୁ ଯେଉଁ ଭଲ କାମ ବିଜେଡିରେ ହେଉଥିଲା ସେଥିପାଇଁ ଓଡ଼ିଶାବାସୀ ବିଜେଡିକୁ ସମର୍ଥନ ଦେଉଥିଲେ। ଏବେ ଦଳକୁ ପରିଚାଳନା ଠିକ୍ ଭାବରେ କରାଯାଉନାହିଁ। ଗତ କିଛିବର୍ଷ ଧରି ଦଳର ସଞ୍ଚାଳନା ଓ ପରିଚାଳନା ଯେଉଁଭଳି ଭାବେ ଚାଲିଛି, ସେବାବଦରେ ବହୁଥର ସ୍ୱର ଉଠାଇଛି। କିନ୍ତୁ ତାହା ସଫଳ ହେଲାନାହିଁ। ଏପରି କି ବିଜେଡିରେ ମୋର ଅନୁଭବକୁ ପ୍ରକାଶ କରିବା ପାଇଁ ବାଧା ଦିଆଯାଉଥିଲା। ଯଦି କିଛି କହୁଥିଲି, ତାହାକୁ ସମାଲୋଚନା କରାଯାଉଥିଲା। ସବୁଠୁ ବଡ଼ କଥା ହେଲା ଧୈର୍ଯ୍ୟର ସୀମା ରହିଥାଏ। କିନ୍ତୁ ମୋ ପାଇଁ ଏହି ସୀମା ଅତିକ୍ରାନ୍ତ କରିଯାଇଛି। ଫଳରେ ମୁଁ ଧୈର୍ଯ୍ୟଚ୍ୟୁତ୍ ହୋଇପଡ଼ିଛି। ଦଳ ଯେପରି ଭାବରେ ନିୟନ୍ତ୍ରଣ ହେଉଛି, ସେଥିରେ ମୁଁ ନିଜକୁ ଖାପ୍ ଖୁଆଇ ପାରୁନାହିଁ କି ସେଥିରେ ସାମିଲ ହୋଇପାରୁନାହିଁ। ବିଭିନ୍ନ କାର୍ଯ୍ୟକ୍ରମରେ ମୋତେ ଅଣଦେଖା କରାଯାଇଛି। ମୁଁ ସବୁବେଳେ ଓଡ଼ିଶାର ପ୍ରଗତି ପାଇଁ କାର୍ଯ୍ୟ କରିଛି। ମୋତେ ଶ୍ରେଷ୍ଠ ଏମ୍‌ପି ଭାବରେ ପୁରସ୍କାର ମଧ ମିଳିଛି। ସରକାର ବିଜେଡିର। ସେହି ବିଜେଡି ଦୀର୍ଘ ୧୩ ବର୍ଷ ପରେ ମୋ ବିରୋଧରେ ମକଦ୍ଦମା କିପରି କରୁଛି ବୋଲି ଏମ୍‌ପି ଭର୍ତ୍ତୃହରି ପ୍ରଶ୍ନ ଉଠାଇଛନ୍ତି। ଦଳ ଯେପରି ପରିଚାଳିତ ହେଉଛି, ମୁଁ ଅସହାୟ ହୋଇପଡ଼ିଛି। ଦଳର ଆଚରଣକୁ ସଂଶୋଧନ କରିବା ପାଇଁ ମୁଁ ସବୁବେଳେ ଚେଷ୍ଟା କରି ବିଫଳ ହୋଇଛି। ତେଣୁ ଏଭଳି ପରିସ୍ଥିତିରେ ମୁଁ ଦଳରେ ରହିବା ସମ୍ଭବପର ହେଲାନାହିଁ। ସରକାରଙ୍କ ପରିଚାଳନାରେ ତ୍ରୁଟି ସମ୍ପର୍କରେ ମୁଁ ମୁଖ୍ୟମନ୍ତ୍ରୀଙ୍କର ଦୃଷ୍ଟି ଆକର୍ଷଣ କରି ବିଫଳ ହୋଇଛି। ତେଣୁ ଦଳରୁ ଦୂରେଇ ଯିବା ଭଲ ବୋଲି ଚିନ୍ତା କରିବା ପରେ ଭଗ୍ନ ହୃଦୟରେ ଇସ୍ତଫା ପ୍ରଦାନ କରିଥିବା ନେଇ ଭର୍ତ୍ତୃହରି କହିଛନ୍ତି। ବିଜେଡିରୁ ଇସ୍ତଫା ଦେବା ପରେ ଅନ୍ୟ ଦଳ ଖାସ୍ କରି ଭାଜପାରେ ଯୋଗଦେବା ନେଇ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତରରେ ଭର୍ତ୍ତୃହରି କହିଛନ୍ତି, ପୁନର୍ବାର ମୁଁ ବନ୍ଧନ ମଧ୍ୟକୁ ଯିବି କି ନାହିଁ ତାହା ସମୟ କହିବ। ମୁଁ କଟକର ଭୋଟର ଭାବେ କ'ଣ କରିବା ଉଚିତ୍ ସେନେଇ ମୋର ଯେଉଁ ଶୁଭେଚ୍ଛୁ ଓ ବନ୍ଧୁମାନେ ରହିଛନ୍ତି ସେମାନଙ୍କ ସହ ଆଲୋଚନା କରିବି।

## ଟିକେଟ,ପଦବୀ ଲୋଭରେ ଭାଜପାକୁ ଯାଉଛନ୍ତି ଭର୍ତ୍ତୃହରି: ବିଜେଡି
ଭୁବନେଶ୍ୱର,୨୨।୩(ଅନିଲ ଦାସ)– ଭର୍ତ୍ତୃହରି ମହତାବଙ୍କୁ ୬ ଥର ବିଜେଡିରୁ ସାଂସଦ ଟିକେଟ ଦିଆଯାଇ ଦିଲ୍ଲୀ ପଠାଯାଇଥିଲା । ୨୦୧୪ ଓ ୨୦୧୯ରେ ଶେଷ ମୁହୂର୍ତ୍ତରେ ଟିକେଟ ଦିଆଯାଇଥିଲା। କାରଣ ତାଙ୍କ ସ୍ଥିତି କଟକରେ ଭଲ ନ ଥିଲା। ସେ ଦିନକୁ ଦିନ ଲୋକଙ୍କଠାରୁ ଦୂରେଇ ଯାଇଥିଲେ । ସେ ଜାଣିସାରିଥିଲେ ଯେ ଏଥର ସେ ଟିକେଟ ପାଇବେ ନାହିଁ । ଏ ସମ୍ପର୍କରେ ସେ ଦଳରୁ ବି ଇସାରା ପାଇଥିଲେ । ସେ ବହୁଦିନରୁ ଭାଜପା ସହ ସମ୍ପର୍କରେ ଥିଲେ । ଟିକେଟ ଓ ପଦପଦବୀ ପାଇବା ଲୋଭରେ ସେ ଭାଜପାକୁ ଯାଉଛନ୍ତି ବୋଲି ଶୁକ୍ରବାର ଶଙ୍ଖଭବନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ମାହାଙ୍ଗା ବିଧାୟକ ତଥା ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦକ ପ୍ରତାପ ଜେନା କହିଛନ୍ତି।

## ୨୮ ଯାଏ ଇଡି ...
ବରିଷ୍ଠ ଆଇନଜୀବୀ ଅଭିଷେକମନୁ ସିଂଘଭୀ କହିଥିଲେ, ସ୍ୱାଧୀନ ଭାରତର ଇତିହାସରେ ପ୍ରଥମ ଥର ପାଇଁ ଜଣେ ମୁଖ୍ୟମନ୍ତ୍ରୀଙ୍କୁ ଗିରଫ କରାଯାଇଛି। ଗିରଫଦାରି କ୍ଷମତା ଆବଶ୍ୟକତା ସହ ସମାନ ନୁହେଁ। କେଜ୍‌ରିୱାଲଙ୍କୁ ଗିରଫ କରିବା ଜରୁରୀ ନ ଥିଲା। ତେଣୁ ଇଡିକୁ ରିମାଣ୍ଡ ଅନୁମତି ଦିଆ ନ ଯାଉ ବୋଲି ସେ କୋର୍ଟଙ୍କୁ ନିବେଦନ କରିଥିଲେ। ସେହିପରି କେଜ୍‌ରିୱାଲଙ୍କ ଅନ୍ୟ ଜଣେ ଓକିଲ ବିକ୍ରମ ଚୌଧରୀ କହିଥିଲେ, ଇଡି ବିଚାରପତି ଓ ଦଣ୍ଡବିଧାନକାରୀ ପାଲଟିଯାଇଛି। ପ୍ରକାଶ ଯେ, ଇଡି ଅଧିକାରୀମାନେ ଗୁରୁବାର କେଜ୍‌ରିୱାଲଙ୍କ ସରକାରୀ ବାସଭବନରେ ଚଢ଼ାଉକରି କେତେକ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଜବତ କରିଥିଲେ। ପ୍ରାୟ ୨ ଘଣ୍ଟାର ପଚରାଉଚରା ପରେ ରାତି ପ୍ରାୟ ୯ଟାରେ ସେମାନେ ୫୫ ବର୍ଷୀୟ ମୁଖ୍ୟମନ୍ତ୍ରୀଙ୍କୁ ଗିରଫ କରିଥିଲେ। କେଜ୍‌ରିୱାଲ ନିଜ ଗିରଫଦାରି ବିରୋଧରେ ଦାଖଲ ପିଟିଶନକୁ ସୁପ୍ରିମକୋର୍ଟରୁ ପ୍ରତ୍ୟାହାର କରିନେବା ପରେ ତାଙ୍କୁ ରାଉଜ୍ ଆଭେନ୍ୟୁ କୋର୍ଟରେ ହାଜର କରାଯାଇଥିଲା।




# ଖିଲାପକାରୀଙ୍କ ନାଁରେ ମାମଲା ରୁଜୁ ପାଇଁ ଡିଏଫ୍‌ଓଙ୍କୁ ନିର୍ଦ୍ଦେଶ

## ବନ୍ୟପ୍ରାଣୀଙ୍କ ଭିଡିଓକୁ ନେଇ ଆକ୍ସନ ମୁଡ୍‌ରେ ବନ ବିଭାଗ

### ଭିଡିଓ ଡିଲିଟ୍ ପାଇଁ ୟୁଟ୍ୟୁବ୍‌କୁ ଚିଠି

ଭୁବନେଶ୍ୱର,୨୨।୩(ଅସମାପିକା ସାହୁ)

ସଂରକ୍ଷିତ ବନ୍ୟପ୍ରାଣୀଙ୍କୁ ଧରି ବେଆଇନ ଭିଡିଓ କରି ସୋସିଆଲ ମିଡିଆରେ ପୋଷ୍ଟ କରୁଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଅଣ୍ଟା ଭିଡ଼ିଛି ରାଜ୍ୟ ବନ ବିଭାଗ। ଏଥିପାଇଁ ପୂରା ଆକ୍ସନ ମୁଡ୍‌ରେ ରାଜ୍ୟ ବନ୍ୟପ୍ରାଣୀ ମୁଖ୍ୟ କାର୍ଯ୍ୟାଳୟ। ଯେଉଁମାନେ ୟୁଟ୍ୟୁବ୍ ଭିଡିଓ ପୋଷ୍ଟ କରୁଛନ୍ତି ସେମାନଙ୍କୁ ତାଗିଦ କରିବା ସହିତ ସେସବୁକୁ ଡିଲିଟ୍ କରିବା ପାଇଁ ମଧ୍ୟ ଚେତାବନୀ ଦେଇଛି। ତେବେ କେତେଜଣ ବନ ବିଭାଗ ପାଖରେ ଅଣ୍ଡରଟେକିଂ ଦେଇଥିଲେ ମଧ୍ୟ ପୋଷ୍ଟଗୁଡିକୁ ଡିଲିଟ୍ କରି ନ ଥିଲେ। ତେଣୁ ବନ ବିଭାଗ ୟୁଟ୍ୟୁବ୍‌କୁ ଚିଠି ଲେଖିଛି। ୟୁଟ୍ୟୁବ୍ ସେଥିରୁ କିଛି ପୋଷ୍ଟ ଡିଲିଟ୍ କରିଥିବା ବେଳେ ଆଉକିଛି ଭିଡିଓ ରହିଥିବା ଦେଖାଯାଇଛି।

ଏ ସମ୍ପର୍କରେ ବନ୍ୟପ୍ରାଣୀ ପିସିସିଏଫ୍ ସୁଶାନ୍ତ ନନ୍ଦ କହିଛନ୍ତି, ବନ୍ୟପ୍ରାଣୀଙ୍କୁ ଧରି ଭିଡିଓ ଶୁଟ୍ କରି ବ୍ୟବସାୟିକ ଭିତ୍ତିରେ ଟଙ୍କା କାରବାର ବେଆଇନ ବୋଲି ପ୍ରାରମ୍ଭିକ ପର୍ଯ୍ୟାୟରେ ୟୁଟ୍ୟୁବ୍ କମ୍ପାନୀକୁ ଚିଠି ଲେଖାଯାଇଛି। ଏଥିସହ ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ ଆଦି ସୋସିଆଲ ମିଡିଆ କମ୍ପାନୀଙ୍କୁ ମଧ୍ୟ ଜଣାଇ ଦିଆଯିବ। ଯଦି କମ୍ପାନୀମାନେ ଅମାନିଆ ହେବେ, ବନ୍ୟପ୍ରାଣୀ ଆଇନ ଉଲ୍ଲଂଘନକାରୀଙ୍କ ଭିଡିଓ ସବୁ ଡିଲିଟ ନ କରିବେ, ତେବେ ଭାରତରେ ଥିବା କମ୍ପାନୀଗୁଡିକର ପ୍ରତିନିଧିଙ୍କୁ ବନ୍ୟପ୍ରାଣୀ ଅପରାଧ ପାଇଁ ପ୍ରୋତ୍ସାହନକାରୀ ଭାବେ ସେମାନଙ୍କ ବିରୋଧରେ ଆବଶ୍ୟକ ଦଫା ଲଗାଯିବ। ଖାଲି ସେତିକି ନୁହେଁ, ସୋସିଆଲ ମିଡିଆ କମ୍ପାନୀମାନେ ନିଜର କମ୍ୟୁନିଟି ଗାଇଡ୍‌ଲାଇନ୍‌ରେ ବନ୍ୟପ୍ରାଣୀଙ୍କୁ ଧରି ଭିଡିଓ ପୋଷ୍ଟ କରିବା ବେଆଇନ ବୋଲି ଲେଖି ଲୋକଙ୍କୁ ଜଣାଇବା ପାଇଁ ଆମେ ସୋସିଆଲ ମିଡିଆ କମ୍ପାନୀଙ୍କୁ ବାଧ କରିବୁ ବୋଲି ପିସିସିଏଫ୍ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ବନ୍ୟପ୍ରାଣୀ (ସଂରକ୍ଷଣ) ଆଇନ ୧୯୭୨ର ଦଫା ୫୨ (Attempt and abetment)ରେ ମାମଲା ରୁଜୁ ହେଲେ ସୋସିଆଲ ମିଡିଆ କମ୍ପାନୀ ଅଧିକାରୀ ମଧ୍ୟ ୭ ବର୍ଷ ଯାଏ ଜେଲଦଣ୍ଡ ଭୋଗିବାର ପ୍ରାବଧାନ ରହିଛି। ଓଡ଼ିଶାରେ ଅନେକ ଲୋକ ପ୍ରସିଦ୍ଧ ହେବା ନିଶାରେ ହେଉ ବା ଟଙ୍କା ରୋଜଗାର କରିବା ଆଶାରେ ବନ୍ୟପ୍ରାଣୀଙ୍କୁ ଧରି ବିଭିନ୍ନ ସୋସିଆଲ ମିଡିଆରେ ଭିଡିଓ ପୋଷ୍ଟ କରିଆସୁଥିଲେ। ଗତ ୧୫ ତାରିଖରେ ରାଜ୍ୟ ବନ୍ୟପ୍ରାଣୀ ମୁଖ୍ୟ କାର୍ଯ୍ୟାଳୟ ଏହି ଆଇନକୁ କଡ଼ାକଡ଼ି ଲାଗୁ କରିବାକୁ ନିର୍ଦ୍ଦେଶ ଦେବା ସହ ସଂରକ୍ଷିତ ବନ୍ୟପ୍ରାଣୀ ସହ ଫଟୋ ଉଠାଇ ସୋସିଆଲ ମିଡିଆରେ ଛାଡ଼ିବା ଭଳି ବେଆଇନ ପୋଷ୍ଟ ଉପରେ ନିଷେଧାଜ୍ଞା ଜାରି କରିଥିଲା। ଜୀବନ୍ତ ବନ୍ୟପ୍ରାଣୀଙ୍କୁ ଧରି ଫଟୋ/ଭିଡିଓ କଲେ ବନ୍ୟପ୍ରାଣୀ (ସଂରକ୍ଷଣ) ଆଇନ ୧୯୭୨ର ଦଫା ୯ ଲଗାଇ ମାମଲା କୋର୍ଟକୁ ପଠେଇବା ପାଇଁ ଆଦେଶ ଦେଇଥିଲେ। ତେବେ ମାଙ୍କଡ଼, ସାପ ଆଦି ବନ୍ୟପ୍ରାଣୀଙ୍କୁ ଧରି ଭିଡିଓରୁ ଲକ୍ଷାଧିକ ଟଙ୍କା ରୋଜଗାର କରିଆସୁଥିବା କିଛି ଲୋକ ବନ ବିଭାଗର ଆଦେଶକୁ ଅମାନ୍ୟ କରି ସେହିଭଳି ବେଆଇନ ଭିଡିଓ ଶୁଟିଂ କରି ସୋସିଆଲ ମିଡିଆରେ ପୋଷ୍ଟ କରିବା ଜାରି ରଖିଥିବାରୁ ବନ ବିଭାଗ ଏକ କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ସମ୍ପୃକ୍ତ ଖିଲାପକାରୀଙ୍କ ବିରୋଧରେ ମାମଲା ରୁଜୁ କରିବା ପାଇଁ ଡିଏଫ୍‌ଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ପିସିସିଏଫ୍ ସୂଚନା ଦେଇଛନ୍ତି।

ବନ୍ୟପ୍ରାଣୀ ବିଶେଷଜ୍ଞମାନେ ବନ ବିଭାଗର ଏଭଳି ଦ୍ରୁତ କାର୍ଯ୍ୟକୁ ପ୍ରଶଂସା କରିଥିବା ବେଳେ ଯେଉଁମାନେ ଏହାର ପାଳନ କରୁନାହାନ୍ତି ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପରାମର୍ଶ ଦେଇଛନ୍ତି। ସେମାନଙ୍କ କହିବାନୁସାରେ, ଜଣେ ବ୍ୟକ୍ତି ଭିଡିଓ ଡିଲିଟ ନ କରି ଅଣ୍ଡରଟେକିଂ ଦେଇଥିଲେ ମଧ୍ୟ ସ୍ଥାନୀୟ ଡିଏଫ୍‌ଓ କିପରି ଏହାର ଯାଞ୍ଚ କଲେନି ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ ସ୍ଥାନୀୟ ଡିଏଫ୍‌ଓଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ବୋଲି ସେମାନେ ଦାବି କରିଛନ୍ତି।

# ବିଚାରାଧୀନ ବନ୍ଦୀଙ୍କ ଆତ୍ମହତ୍ୟା ଉଦ୍ୟମ

## ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର

କେନ୍ଦୁଝର,୨୨।୩
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା କାରାଗାର ପରିସରରେ ଜଣେ ବିଚାରାଧୀନ ବନ୍ଦୀ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେ ହେଲେ ସଦର ଥାନା ଅନ୍ତର୍ଗତ କାଠବାରି ପଞ୍ଚାୟତର ବୋଧବାହାଲି ଗ୍ରାମର ଅଜୟ ଦାସ(୨୫)। ସେ ଜଣେ ନାବାଳିକାଙ୍କୁ ଅସଦାଚରଣ ମାମଲାରେ ଗିରଫ ହୋଇ ଗତ ୧୧ ମାସ ହେବ କେନ୍ଦୁଝର ଜେଲରେ ବିଚାରାଧୀନ କଏଦୀ ଭାବେ ଥିଲେ। ଜେଲରେ ସୁରକ୍ଷା ତ୍ରୁଟି ପାଇଁ ଏପରି ଘଟଣା ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ଶୁକ୍ରବାର ଅପରାହ୍ନ ୧ଟା୨୦ରେ ଜେଲ ପରିସରରେ ପାଇଖାନା ଟାଙ୍କିରେ ସଂଯୋଗ ଥିବା ଏକ ପାଇପ୍‌ରେ ଗାମୁଛା ବାନ୍ଧି ଫାଶ ଲଗାଇ ସେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସେଠାରେ ଉପସ୍ଥିତ ଜେଲ ୱାର୍ଡର ଦେଖି ତାଙ୍କୁ ଉଦ୍ଧାରକରି କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟ ପୁରୁଷ ଭେଷଜ ୱାର୍ଡରେ ଭର୍ତ୍ତି କରିଥିଲେ। ପରେ ଗୁରୁତର ଅବସ୍ଥାରେ ଅପରାହ୍ନ ୩ଟାରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଜେଲ ଭିତରେ ସୁରକ୍ଷାରେ ଅବହେଳା ପାଇଁ ଅଘଟଣ ଘଟିଛି ନା ଅନ୍ୟ କେଉଁ କାରଣରୁ ଏହା ଘଟିଛି, ଜେଲ ପରିସରରେ ଲାଗିଥିବା ସିସିଟିଭି ଯାଞ୍ଚ କଲେ ଅଧିକ ତଥ୍ୟ ଲୋକଲୋଚନକୁ ଆସିପାରିବ ବୋଲି ଦାବି ହେଉଛି। ଅଭିଯୁକ୍ତ ଜଣକ ପୋକ୍‌ସୋ ଆଇନରେ ଗିରଫ ହୋଇ ଜେଲରେ ଥିଲେ। ଏଣୁ ଅଧିକ ଦଣ୍ଡ ହେବା ନେଇ ଭୟଭୀତ ହୋଇ ଏଭଳି ଘଟଣା ଘଟାଇଥିବା ସନ୍ଦେହ କରାଯାଉଛି। ଜେଲ ଅଧୀକ୍ଷକ କୁଅଁର ମାରାଣ୍ଡି କହିଛନ୍ତି, ତାଙ୍କର ମାନସିକ ଅବସ୍ଥା ଭଲ ଥିଲା। ତେବେ କାହିଁକି ଆତ୍ମହତ୍ୟା ଉଦ୍ୟମ କରୁଥିଲେ, ତାହା ତଦନ୍ତ ପରେ ଜଣାପଡ଼ିବ। ପରିବାର ଲୋକଙ୍କ ସହ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଯାଇଛି।

# ସ୍ତ୍ରୀ ହତ୍ୟାକାରୀଙ୍କୁ ଆଜୀବନ ଜେଲ

ବ୍ରହ୍ମପୁର,୨୨।୩(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ଦୌରାଜଜ୍ ରୂପଶ୍ରୀ ଚୌଧୁରୀ ଜଣେ ସ୍ତ୍ରୀ ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡ ସହ ୧୫ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୯ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଦୋଷୀ ସ୍ୱାମୀ ଜଣକ ହେଲେ ପାଟପୁର ଥାନା ଅନ୍ତର୍ଗତ ଜୁରାଗାଁ ରତନେଇ ମନ୍ଦିର ସାହିର ନାରାୟଣ ସାହୁ(୪୮)। ଅନ୍ୟପକ୍ଷରେ ମୃତ ମହିଳାଙ୍କ ୩ ସନ୍ତାନଙ୍କ ଭରଣପୋଷଣ ସକାଶେ ଆର୍ଥିକ ସହାୟତା ପାଇଁ ବିଚାରପତି ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ପାଟପୁର ଥାନା ଅନ୍ତର୍ଗତ ଜୁରାଗାଁରେ ରହୁଥିବା ନାରାୟଣଙ୍କ ଦୁଇଟି ପୁଅ ଓ ଗୋଟିଏ ଝିଅ। ନାରାୟଣ ବିଭିନ୍ନ ସମୟରେ ତାଙ୍କ ସ୍ତ୍ରୀ ଜୟନ୍ତୀ ସାହୁଙ୍କ ସହିତ ଝଗଡ଼ା କରୁଥିଲେ। ୨୦୨୨ ଡିସେମ୍ବର ୧୭ ତାରିଖ ବିଳମ୍ବିତ ରାତିରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ୧୮ତାରିଖ ସକାଳେ ଜୟନ୍ତୀଙ୍କ ମୃତଦେହ ବାରିପଟ ପରିବା ବାଡ଼ରେ ପଡ଼ିଥିଲା। ଜୟନ୍ତୀଙ୍କ ଭାଇ ଚେରୁ ସାହୁ ପହଞ୍ଚି ଭଉଣୀଙ୍କୁ ଭିଣୋଇ ହତ୍ୟା କରିଥିବା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମୃତଦେହ ଜବତ କରି ଚେରୁଙ୍କ ଅଭିଯୋଗକ୍ରମେ ଏକ ହତ୍ୟା ମାମଲା ରୁଜୁ କରିଥିଲା। ଏହା ସହିତ ଅଭିଯୁକ୍ତ ସ୍ୱାମୀ ନାରାୟଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପାଟପୁର ଥାନାର ତତ୍କାଳୀନ ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଥିଲେ। ମାମଲାର ଶୁଣାଣି ବେଳେ ୧୦ଜଣ ସାକ୍ଷୀଙ୍କ ବୟାନ୍ ରେକର୍ଡ଼ କରାଯାଇଥିଲା। ଗିରଫ ପରଠାରୁ ନାରାୟଣ ଜେଲ୍‌ରେ ବିଚାରାଧୀନ ବନ୍ଦୀ ଭାବେ ଥିଲେ। ଶୁକ୍ରବାର ତାଙ୍କୁ କୋର୍ଟରେ ହାଜର କରାଯାଇଥିଲା। ସରକାରଙ୍କ ପକ୍ଷରୁ କ୍ୟାଡର୍ ପିପି ତ୍ରିଲୋଚନ ପରିଡ଼ା ମାମଲା ପରିଚାଳନା କରିଥିଲେ।

# ଧରାପଡ଼ିଲେ ୭ ଶିକାରୀ, ୭ ଦେଶୀ ବନ୍ଧୁକ ଜବତ

## ଆକ୍ସନ ମୋଡରେ ବନବିଭାଗ, କୋମ୍ବିଂ ଅପରେଶନ ଜୋରଦାର

ନୀଳଗିରି,୨୨।୩
(ପ୍ରଶାନ୍ତ କୁମାର ବିଶ୍ୱାଳ)

ସୋମବାର ମଧ୍ୟରାତିରେ ବନବିଭାଗର ସର୍ଚ୍ଚ ଅପରେସନ ବେଳେ ଶିକାରୀଙ୍କ ଗୁଳିରେ ଦୁଇ ବନ କର୍ମଚାରୀ ଗୁରୁତର ହେବା ପରେ ଆକ୍ସନ ମୋଡକୁ ଆସିଛି କୁଲଡ଼ିହା ବନବିଭାଗ। ମଙ୍ଗଳବାର ଭୋର ସମୟରେ ନୀଳଗିରି ପୋଲିସ ଏବଂ ବନବିଭାଗର ମିଳିତ ଚଢ଼ାଉ ପରେ ଔପଦା ବ୍ଲକ କାଣ୍ଡଗରଡି ପଞ୍ଚାୟତ ମଲ୍ଲିବଣିଆ ଗ୍ରାମର ଜଗବନ୍ଧୁ ସିଂ ନାମକ ବ୍ୟକ୍ତିଙ୍କ ଘରୁ ୪ରୁ ଅଧିକ ଦେଶୀବନ୍ଧୁକ, ଲୁହା ବ୍ୟାରେଲ ସହ ବନ୍ଧୁକ ତିଆରି ସରଞ୍ଜାମ, ଦେଶୀ ପିସ୍ତଲ ମିଳିବା ପରେ ବନ୍ଧୁକ ତିଆରି କାରଖାନା ଚାଲିଥିବା ଠାବ କରାଯାଇଥିଲା। ତେବେ ଅଭୟାରଣ୍ୟ ପାଦଦେଶରେ ବହୁ ସଂଖ୍ୟାରେ ଦେଶୀ ବନ୍ଧୁକ ଥିବା ସୂଚନା ବନବିଭାଗ ପାଖରେ ଥିବାରୁ ଉକ୍ତ ଅଞ୍ଚଳରେ ବନ୍ୟପ୍ରାଣୀ ପିସିସିଏଫଙ୍କ ନିର୍ଦ୍ଦେଶରେ ବାଲେଶ୍ୱର ଏସିଏଫ ଶୋଭନ ଦିଗନ୍ତ ଚାନ୍ଦଙ୍କ ନେତୃତ୍ୱରେ କୁଲଡିହା ରେଞ୍ଜର ପ୍ରବୀର ମୁର୍ମୁ, ଫରେଷ୍ଟର, ଫରେଷ୍ଟଗାର୍ଡ, ସବୁଜବାହିନୀ, ଶିମିଳିପାଳ ଟାଇଗର ପ୍ରୋଟେକ୍ସନ ଫୋର୍ସ ଓ ବରହମପୁର ପୋଲିସର ମିଳିତ ସହଯୋଗରେ ଶୁକ୍ରବାର ଭୋର ସମୟରେ କୋମ୍ବିଂ ଅପରେଶନ କରାଯାଇଥିଲା। ଚଢ଼ାଉରେ ଟିଆକଟା ଗ୍ରାମର ଗୁହ୍ୟା ସିଂ (୨୩), ଉପରରାଉଡ଼ିଆ ଗ୍ରାମର ରବିନ କିସ୍କୁ(୨୪), ବିଂଝୁ କିସ୍କୁ (୪୫), ତଳ ରାଉଡିଆର ଶୁକୁରା ସିଂ (୨୮), କୁଟିବନ୍ଧ ଗ୍ରାମର ସୁନାରାମ ସିଂ (୩୯), ଗୌର ସିଂ (୩୦) ଏବଂ ମୁନସୀ ସିଂ (୩୦) ବୋଲି ସୂଚନା ମିଳିଛି। ସେମାନଙ୍କ ନିକଟରୁ ୭ଟି ଦେଶୀ ବନ୍ଧୁକ ଜବତ କରାଯାଇଥିବା ବେଳେ ସମସ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ବରହମପୁର ଥାନା ପକ୍ଷରୁ ମାମଲା (ନଂ. ୫୪/୨୪) ରୁଜୁ କରାଯାଇଛି।


ଜବତ ଦେଶୀ ବନ୍ଧୁକ।

# ଛାତ୍ରୀଙ୍କୁ ଅସଦାଚରଣ କରି ଅଧ୍ୟକ୍ଷ ଗିରଫ


ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପାଢ଼ୀଙ୍କୁ ପୋଲିସ ଗିରଫ କରି ନେଉଛି।

ମାଲକାନଗିରି,୨୨।୩
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା କାଲିମେଳା ବ୍ଲକ ଏମ୍‌ଭି-୭୯ସ୍ଥିତ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପାଢ଼ୀଙ୍କୁ ଗୁରୁବାର ବିଳମ୍ବିତ ରାତିରେ ମାଲକାନଗିରି ପୋଲିସ ଗିରଫ କରିଛି। ଉକ୍ତ ବିଦ୍ୟାଳୟରେ ଯୁକ୍ତ୨ ପ୍ରଥମ ବର୍ଷ ପଢୁଥିବା ଜଣେ ଛାତ୍ରୀଙ୍କୁ ଅସଦାଚରଣ ପ୍ରଦର୍ଶନ କରିବା ନେଇ ତାଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ଛାତ୍ରୀଙ୍କ ବୟାନ ଅନୁଯାୟୀ ଅଧ୍ୟକ୍ଷ ପାଢ଼ୀ ସମ୍ପୃକ୍ତା ଛାତ୍ରୀଙ୍କୁ ଭଲ ମାର୍କରେ ପାସ୍ କରାଇଦେବେ ବୋଲି କହି ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ କହିଥିଲେ। ଛାତ୍ରୀ ଜଣକ ଏହାର ପ୍ରତିବାଦ କରି ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ଓ ଏସ୍‌ପିଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ପରେ ଏସ୍‌ପି ନୀତୀଶ ବାଧ୍ୱାନୀଙ୍କ ନିର୍ଦ୍ଦେଶରେ ପୋଲିସ ଟିମ୍ ଓ ଜିଲା ଶିକ୍ଷା ଅଧିକାରୀ ବିଦ୍ୟାଳୟକୁ ଯାଇ ଅଧ୍ୟକ୍ଷ ପାଢ଼ୀଙ୍କୁ ପଚରାଉଚୁରା କରି ତଦନ୍ତ କରିଥିଲେ। ଛାତ୍ରୀଙ୍କୁ ଅସଦାଚରଣ କରିଥିବା ସ୍ପଷ୍ଟ ହେବା ପରେ ତାଙ୍କୁ ଗିରଫ କରାଯାଇ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ୨୨୮/୨୪ରେ ମାମଲା ରୁଜୁ ହୋଇଛି।

# ଭୁବନେଶ୍ୱର-ରାଉରକେଲା ଇଣ୍ଟରସିଟିରେ ନିଆଁ

ବଇଣ୍ଡା,୨୨।୩(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ସରିଗିପାଲି ଷ୍ଟେଶନ ନିକଟରେ ଶୁକ୍ରବାର ଭୁବନେଶ୍ୱର-ରାଉରକେଲା ଇଣ୍ଟରସିଟି ଏକ୍ସପ୍ରେସର ଇଞ୍ଜିନ ବ୍ରେକରେ ନିଆଁ ଲାଗିଥିଲା। ତେବେ ଅଗ୍ନିକାଣ୍ଡ ସମ୍ପର୍କରେ ତୁରନ୍ତ ଚାଳକ ଜାଣିପାରିବାରୁ ଟ୍ରେନକୁ ଅଟକାଇବା ସହ କିଛି କ୍ଷଣ ମଧ୍ୟରେ ଟ୍ରେନରେ ଥିବା ଅଗ୍ନି ନିର୍ବାପକ ଯନ୍ତ୍ର ଦ୍ୱାରା ନିଆଁକୁ ଲିଭାଇ ଦିଆଯାଇଥିଲା। ହେଲେ ଏହାକୁ ନେଇ ଯାତ୍ରୀମାନେ ଆତଙ୍କିତ ହୋଇପଡିଥିଲେ। କେତେଜଣ ଯାତ୍ରୀ ଟ୍ରେନରୁ ତରବର ହୋଇ ତଳକୁ ଓହ୍ଲାଇ ପଡ଼ିଥିଲେ।


ଇଣ୍ଟରସିଟି ଏକ୍ସପ୍ରେସ ବ୍ରେକ୍‌ରେ ଲାଗିଥିବା ନିଆଁକୁ ଲିଭାଯାଉଛି।

ସୂଚନା ଅନୁଯାୟୀ, ବଇଣ୍ଡା ଷ୍ଟେଶନରୁ ଟ୍ରେନଟି ଅପରାହ୍ନ ୪ଟା୫୦ରେ ଛାଡ଼ିଥିଲା। ଏହାର କିଛି ସମୟ ପରେ ୫ଟା ୫ ମିନିଟ୍‌ରେ ଟ୍ରେନ ବ୍ରେକରେ ନିଆଁ ଲାଗିବା ଆରମ୍ଭ ହୋଇଥିଲା। ଫଳରେ ଚାଳକ ଟ୍ରେନ୍‌କୁ ସରିଗିପାଲି ନିକଟରେ ଅଟକାଇବା ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ସେଠାରେ ୧୫ ମିନିଟ୍ ରହଣି କରିବା ପରେ ଟ୍ରେନ ସମ୍ବଲପୁର ଅଭିମୁଖେ ଯାତ୍ରା କରିଥିଲା।

# ଘରୋଇ ସ୍କୁଲରେ ନିଃଶୁଳ୍କ ଶିକ୍ଷା: ପ୍ରଥମ ପର୍ଯ୍ୟାୟରେ ୧୭,୨୩୫ ଛାତ୍ରୀଛାତ୍ର ଚୟନ

ଭୁବନେଶ୍ୱର,୨୨।୩(ଅସମାପିକା ସାହୁ)

ଶିକ୍ଷା ଅଧିକାର ଆଇନ(ଆର୍‌ଟିଇ) ଅଧୀନରେ ଆର୍ଥିକ ଅନଗ୍ରସର ପିଲାମାନେ ବେସରକାରୀ ବିଦ୍ୟାଳୟରେ ନିଶୁଳ୍କ ଶିକ୍ଷା ପାଇଁ ଶୁକ୍ରବାର ଲଟେରି ଉଠାଣ ହୋଇଛି। ୧୭,୨୩୫ ଛାତ୍ରୀଛାତ୍ର ନାମଲେଖା ପାଇଁ ଚୟନ ହୋଇଛନ୍ତି। ସମ୍ପୃକ୍ତ ବେସରକାରୀ ବିଦ୍ୟାଳୟକୁ ବ୍ଲକ୍ ଶିକ୍ଷା ଅଧିକାରୀ(ବିଇଓ)ମାନେ ଚୟନ ହୋଇଥିବା ଛାତ୍ରୀଛାତ୍ରଙ୍କ ତାଲିକା ପ୍ରଦାନ କରିବେ। ଛାତ୍ରୀଛାତ୍ରମାନେ ଆସନ୍ତା ୨୭ ତାରିଖରୁ ଏପ୍ରିଲ ୬ ପର୍ଯ୍ୟନ୍ତ ନିର୍ଦ୍ଧାରିତ ବିଦ୍ୟାଳୟରେ ନାମ ଲେଖାଇପାରିବେ। ଏପ୍ରିଲ ୧୦ରୁ ୨୪ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ଆବେଦନ ଗ୍ରହଣ ଓ ଯାଞ୍ଚ ପ୍ରକ୍ରିୟା କରାଯିବ। ଏହାର ଦୁଇଦିନ ପରେ ଅର୍ଥାତ ୨୬ ତାରିଖରେ ଲଟେରି ଉଠାଣ କରି ବିଦ୍ୟାଳୟ ଆବଣ୍ଟନ କରାଯିବ।

# ଗୁଜରାଟରୁ ଆସିଲା ବାୟୁସେନା ସର୍ଜେଣ୍ଟ ନାଗରାଜୁଙ୍କ ମରଶରୀର

ବିଷମକଟକ,୨୨।୩
(ବିଭୂତି ଭୂଷଣ ନାୟକ)

ହୃଦ୍‌ଘାତରେ କାର୍ଯ୍ୟରତ ଅବସ୍ଥାରେ ବୁଧବାର ମୃତ୍ୟୁବରଣ କରିଥିବା ବାୟୁସେନା ସର୍ଜେଣ୍ଟ ସି.ଏଚ୍.ନାଗରାଜୁଙ୍କ ମରଶରୀର ଶୁକ୍ରବାର ଗୁଜରାଟରୁ ବିଷମକଟକ ଆସିଛି। ମୃତ ଯବାନଙ୍କ ସ୍ତ୍ରୀ ଏବଂ ଭାଇ ଗୁଜରାଟରେ ପହଞ୍ଚିବା ପରେ ବାୟୁସେନା ବିଭାଗ ତରଫରୁ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଗାର୍ଡ ଅଫ୍ ଅନର ଦିଆଯାଇ ଶୁକ୍ରବାର ଅପରାହ୍ନରେ ନାଗରାଜୁଙ୍କ ମରଶରୀର ବିମାନ ଯୋଗେ ବିଶାଖାପାଟଣା ଆସିଥିଲା। ସେଠାରୁ ଆମ୍ବୁଲାନ୍ସ ଯୋଗେ ବିଷମକଟକ ଅଣାଯାଇଥିଲା। ଯବାନଙ୍କ ଶେଷ ଦର୍ଶନ ନିମନ୍ତେ ତାଙ୍କ ବାସଭବନରେ ଶତାଧିକ ଲୋକଙ୍କ ଭିଡ଼ ଜମିଥିଲା। ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା, ବିଜେଡି ଜିଲା ସଭାପତି ସୁଧୀର କୁମାର ଦାଶ, ବିଷମକଟକ ଥାନା ଆଇଆଇସି ସୂର୍ଯ୍ୟଚନ୍ଦ୍ର ପାଢ଼ୀ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପୁଷ୍ପମାଲ୍ୟାର୍ପଣକରି ଶେଷ ଦର୍ଶନ କରିଥିଲେ। ପରେ ପୁଷ୍ପମାଲ୍ୟରେ ସୁସଜ୍ଜିତ ସ୍ୱର୍ଗରଥରେ ମର ଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ସ୍ଥାନୀୟ ଶ୍ମଶାନକୁ ନିଆଯାଇଥିଲା। ସାଙ୍ଗସାଥୀ, ଆତ୍ମୀୟସ୍ୱଜନ ଓ ପରବାରବର୍ଗଙ୍କ ଉପସ୍ଥିତିରେ ଯବାନ ନାଗରାଜଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।


ସର୍ଜେଣ୍ଟ ନାଗରାଜୁଙ୍କ ମରଶରୀରକୁ ଆମ୍ବୁଲାନ୍ସ ଯୋଗେ ବିଷମକଟକ ନିଆଯାଉଛି।

KISS
KALINGA INSTITUTE OF SOCIAL SCIENCES
କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍‌ସେସ (କିସ୍)
କିସ୍ ଏକ ବିଦ୍ୟାଳୟ- ଏକ ମହାବିଦ୍ୟାଳୟ- ଏକ ବିଶ୍ୱବିଦ୍ୟାଳୟ
(Established U/S 3 of UGC Act, 1956) Bhubaneswar-751024, Odisha, India
Organization in Special Consultative Status with the Economic and Social Council- ECOSOC since 2015)

କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍‌ସେସ୍ (କିସ୍) ବିଶ୍ୱର ପ୍ରଥମ ଜନଜାତି ବିଶ୍ୱବିଦ୍ୟାଳୟ ସମ୍ପୂର୍ଣ୍ଣ ଆବାସିକ ଓ ସମ୍ପୂର୍ଣ୍ଣ ନିଃଶୁଳ୍କ। ୨୦୧୭ରେ ଭାରତ ସରକାରଙ୍କ ଶିକ୍ଷା ବିଭାଗ ଦ୍ୱାରା ବିଶ୍ୱବିଦ୍ୟାଳୟ ମାନ୍ୟତା ହାସଲ। ଆରମ୍ଭରୁ କିସ୍ ବିଶ୍ୱବିଦ୍ୟାଳୟ ଶିକ୍ଷା, ଗବେଷଣା ଓ ଅନନ୍ୟ ତଥା ଉଦୀୟମାନ ଜନଜାତୀୟ ଅଧ୍ୟୟନ ସମ୍ପର୍କିତ ଜ୍ଞାନ କ୍ଷେତ୍ରରେ କାର୍ଯ୍ୟ କରିଆସୁଛି। ୪୦ ହଜାର ଛାତ୍ରଛାତ୍ରୀ ଅଧ୍ୟୟନରତ ଓ ୪୦ ହଜାର ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ।

କିସ୍ ବିଶ୍ୱବିଦ୍ୟାଳୟକୁ
NAAC (ନାକ୍)ର
A Grade
ମାନ୍ୟତା
ପ୍ରଥମ ଥର ପାଇଁ ମିଳିଲା

କିସ୍ ହେଉଛି କିଟ୍ ଶିକ୍ଷାନୁଷ୍ଠାନ ସମୂହ, ଭୁବନେଶ୍ୱରର ଏକ ସହଯୋଗୀ ଅନୁଷ୍ଠାନ
KIIT

Regd. Office: KISS Campus, P.O.: KIIT, Bhubaneswar -751024, Odisha, INDIA
Phone No.: +91 674 - 2741671, 6010001, 2740326, Fax No.: +91 674-2743271
info@kiss.ac.in www.kiss.ac.in /kissfoundation
/achyutasamanta.com /dr.achyutasamanta
/AchyutaSamanta /achyuta_samanta

ଈଶ୍ୱରଙ୍କ ହାତରେ ସବୁତକ ସମୟ ଅଛି – ତେଣୁ ସେ କୌଣସି କାର୍ଯ୍ୟରେ ତରବର ହୁଅନ୍ତି ନାହିଁ। ସେ ମଧ୍ୟ ତାଙ୍କ ଲକ୍ଷ୍ୟ ସମ୍ବନ୍ଧେ ନିଶ୍ଚିତ। ତାଙ୍କର ସଫଳତା ସମ୍ବନ୍ଧେ ବି ନିଶ୍ଚିତ। ତେଣୁ ସେ ସହସ୍ରବାର କାର୍ଯ୍ୟରୁ ବିରତ ହେଲେ ବି, ବ୍ୟସ୍ତ ହୁଅନ୍ତି ନାହିଁ। କାରଣ ତଦ୍ୱାରା ସେ ପୂର୍ଣ୍ଣତାର ନିକଟବର୍ତ୍ତୀ ହୁଅନ୍ତି। –ଶ୍ରୀଅରବିନ୍ଦ

–ଶିବଚତୁର୍ଦ୍ଦଶୀ
ଉପବାସ ଓ ବେଢ଼ା



# ନବନୀତ ଫେରିଲେ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ନବନୀତ କୁମାର ସେହଗଲଙ୍କୁ ପ୍ରସାର ଭାରତୀ ବୋର୍ଡର ଚେୟାରମ୍ୟାନ ଭାବରେ ନିଯୁକ୍ତ କରାଯାଇଛି। ଏ.ସୂର୍ଯ୍ୟ ପ୍ରକାଶଙ୍କ ସେବା ନିବୃତ୍ତି ପରେ ୪ବର୍ଷରୁ ଅଧିକ ସମୟ ଧରି ଏହି ପଦବୀ ଖାଲି ରହିଥିଲା। ଏହା ନିଃସନ୍ଦେହ ଯେ ସେହଗଲ ଉତ୍ତରପ୍ରଦେଶରେ ଉଚ୍ଚ ପଦବୀରେ କାର୍ଯ୍ୟକରି ଅନେକ ଅଭିଜ୍ଞତା ହାସଲ କରିଛନ୍ତି । ୨୦୨୩ରେ ଅବସର ନେବା ପୂର୍ବରୁ ସେ କ୍ରୀଡ଼ା ଏବଂ ଯୁବ ବିଭାଗର ମୁଖ୍ୟ ସଚିବ ଥିଲେ। କିନ୍ତୁ ମିଡିଆ ପରିଚାଳନାରେ ଦକ୍ଷତା, ୟୁପିର ବିଶ୍ୱ ନିବେଶକ ସମ୍ମିଳନୀ ତଥା ନଏଡାର ସମ୍ମାନଜନକ ମୋଟୋ ଜିପି ଆୟୋଜନରେ ସେହଗଲଙ୍କ ଭୂମିକା ମଧ୍ୟ ଜଣାଶୁଣା। କିନ୍ତୁ ତାଙ୍କ ଉଜ୍ଜ୍ୱଳ କ୍ୟାରିୟରକୁ ଦୀର୍ଘଦିନ ଅଣଦେଖା କରାଯିବା ପରେ ଏବେ ତାଙ୍କର ଉଲ୍ଲେଖନୀୟ ପ୍ରତ୍ୟାବର୍ତ୍ତନ ହୋଇଛି । ପୁଣି ତାଙ୍କ କ୍ୟାରିୟରକୁ ସ୍ୱୀକୃତି ମିଳିଛି। ୟୁପିର ଅନ୍ୟତମ ପ୍ରଭାବଶାଳୀ ଅଧିକାରୀ ଏବଂ ଯୋଗୀ ଆଦିତ୍ୟନାଥଙ୍କ ସହ ଜଡ଼ିତ ୯ଜଣ ଆଇଏଏସ୍ ଅଧିକାରୀଙ୍କ ଦଳ 'ଟିମ୍ ୯'ର ଜଣେ ସଦସ୍ୟ ଭାବରେ ସେହଗଲଙ୍କୁ ବିବେଚନା କରାଯାଉଥିଲା। କିନ୍ତୁ ଅବସର ନେବା ପରେ ଉତ୍ତରପ୍ରଦେଶ ସରକାର ସେହଗଲଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦ ଦିଆଯାଇ ନ ଥିଲା। ଯୋଗୀଙ୍କ ସହ ତାଙ୍କର ବିବାଦ ଥିଲା ବୋଲି ଜଣାପଡୁଥିଲା। କିନ୍ତୁ ପର୍ଯ୍ୟବେକ୍ଷକମାନଙ୍କ ମତରେ ଯୋଗୀଙ୍କ ବିଶ୍ୱସ୍ତ ତାଲିକାରେ ଥିବା ସେହଗଲଙ୍କ ଉପରେ ବର୍ତ୍ତମାନ ମୋଦି ସରକାରଙ୍କ କୃପାଦୃଷ୍ଟି ପଡ଼ିଛି। ୟୁପି ସରକାରଙ୍କ ପାଇଁ ସମସ୍ୟା ନିବାରକ ଭାବେ ରହିଆସିଥିବା ସେହଗଲଙ୍କୁ ବର୍ତ୍ତମାନ ବିଶେଷକରି ଗୁରୁତ୍ୱପୂର୍ଣ୍ଣ ଜାତୀୟ ନିର୍ବାଚନ ସମୟରେ ମୋଦିଙ୍କ ମିଡିଆ ପରିଚାଳନାରେ ବିଶେଷ ଯୋଗଦାନ ଦେବାକୁ ଦାୟିତ୍ୱ ଦିଆଯାଇଛି।

## ଖାକିରେ ଅସନ୍ତୋଷ

ମଧୁପ କୁମାର ତିୱାରୀ ଦିଲ୍ଲୀର ସ୍ୱତନ୍ତ୍ର ପୋଲିସ କମିଶନର (ଆଇନ ଶୃଙ୍ଖଳା) ଭାବେ ଅବସ୍ଥାପିତ ଥିଲାବେଳେ ଫେବୃଆରୀରେ ଚଣ୍ଡିଗଡ଼ ଡିଜି ଭାବେ ତାଙ୍କୁ ବଦଳି କରାଯାଇଥିଲା। ତେବେ ନିର୍ବାଚନ ତାରିଖ ଘୋଷଣ ହେବାର ଦିନ କେଇଟା ପୂର୍ବରୁ ଡି.ସି. ଶ୍ରୀବାସ୍ତବଙ୍କ ସହ ତାଙ୍କ ବଦଳି ଆଦେଶକୁ ପୁନର୍ବାର ପରିବର୍ତ୍ତନ କରାଯାଇଛି। ଏଭଳି ଆକସ୍ମିକ ଅଦଳବଦଳର କାରଣକୁ ନେଇ ପର୍ଯ୍ୟବେକ୍ଷକମାନେ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଦିଲ୍ଲୀରୁ ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜକୁ ଡିଜିପି ଭାବେ ବଦଳି କରାଯାଇଥିବା ସୁରେନ୍ଦ୍ର ଯାଦବଙ୍କୁ ଏବେ ଚଣ୍ଡିଗଡ଼ର ନୂତନ ଡିଜିପି ଭାବେ ନିଯୁକ୍ତ କରାଯାଇଛି। ସୂତ୍ରରୁ ପ୍ରକାଶ ଯେ, ତିୱାରୀଙ୍କୁ ଦିଲ୍ଲୀରୁ ଚଣ୍ଡିଗଡ଼କୁ ବଦଳି କରାଯିବା ପରେ ଏହାକୁ ବିରୋଧ କରି ସେ ଯୁକ୍ତି ବାଢ଼ିଥିଲେ ଯେ ଦିଲ୍ଲୀରେ ଆଇନ ଶୃଙ୍ଖଳା ପରିସ୍ଥିତି ତଦାରଖ କରିବାରେ ତାଙ୍କର ଆବଶ୍ୟକତା ରହିଛି ଓ ଏହି ବଦଳିକୁ ରୋକାଯିବା ଦରକାର। ରିପୋର୍ଟ ମୁତାବକ, ତାଙ୍କର ଆବେଦନ ସଫଳ ହେବା ସହ ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିବାକୁ ଅନୁମତି ଦିଆଯାଇଥିବା ଜଣାପଡ଼ିଛି। ସରକାର ତାଙ୍କ ନିଷ୍ପତ୍ତି ବଦଳାଇବା ପଛରେ ଚଣ୍ଡିଗଡ଼ ମେୟର ନିର୍ବାଚନରେ ହୋଇଥିବା ତ୍ରୁଟିପୂର୍ଣ୍ଣ ପରିଚାଳନା ଏବଂ ଅନିଲ ମାସିହଙ୍କ ଭୂମିକାକୁ ନେଇ ବିବାଦ ଥାଇପାରେ ବୋଲି କିଛି କଳ୍ପନାଜଳ୍ପନା ପ୍ରକାଶ ପାଉଛି। ଏହି ସମୟରେ ଅରୁଣାଚଳ ପ୍ରଦେଶର ବର୍ତ୍ତମାନର ଡିଜି ଦେବେଶ ଶ୍ରୀବାସ୍ତବ, ଯାହାଙ୍କୁ ପୂର୍ବ ବିଜ୍ଞପ୍ତିରେ ଦିଲ୍ଲୀ ପୋଲିସକୁ ବଦଳି ପାଇଁ ଚୟନ କରାଯାଇଥିଲା, ସାମୟିକ ହୋଇଥିଲେ ମଧ୍ୟ ତାଙ୍କ ଦିଲ୍ଲୀ ପୋଷ୍ଟିଂ ସ୍ଥଗିତ ରହିଛି। ଏଭଳି ଆକସ୍ମିକ ବଦଳିଗୁଡ଼ିକ ବିଶେଷକରି ନିର୍ବାଚନ ସମୟରେ ଖାକିରେ କିଛି ଅସନ୍ତୋଷ ସୃଷ୍ଟି କରିଛି।

## ଦୀର୍ଘ ନ୍ୟାୟିକ ଲଢ଼େଇ

ନିକଟରେ ସୁପ୍ରିମକୋର୍ଟ ହରିୟାଣା ଆଇଏଏସ୍ ଅଧିକାରୀ ଅଶୋକ ଖେମ୍‌କାଙ୍କ ବାର୍ଷିକ ଗୋପନୀୟ ରିପୋର୍ଟ (ଏସିଆର୍) ଉପରେ ରାୟ ଦେଇଛନ୍ତି। ତେବେ ଅମଲାତନ୍ତ୍ରୀଙ୍କ ମୂଲ୍ୟାୟନ କିଭଳି ହେବ ଓ ଏହା କରିବାକୁ କାହାର ଅଧିକାର ରହିଛି ତାହାକୁ ନେଇ ବିତର୍କ ସୃଷ୍ଟି ହୋଇଛି। ଖେମ୍‌କାଙ୍କ ହାୟର ଗ୍ରେଡ୍ ବା ଉଚ୍ଚ ର୍‍ୟାଙ୍କ୍ ବଜାୟ ରଖିବା ଲାଗି ପଞ୍ଜାବ ଓ ହରିୟାଣା ହାଇକୋର୍ଟଙ୍କ ନିଷ୍ପତ୍ତିକୁ ଅଗ୍ରାହ୍ୟକରି ଆଇଏଏସ୍ ଅଧିକାରୀଙ୍କ କାର୍ଯ୍ୟଦକ୍ଷତାକୁ ଆକଳନ କରିବାକୁ ବିଶେଷ ବୁଝାମଣା ବା ସହଯୋଗର ଆବଶ୍ୟକତା ଉପରେ ଶୀର୍ଷ ଅଦାଲତ ଯୁକ୍ତି ଉପସ୍ଥାପନ କରିଥିଲେ। ୨୦୧୭ରେ ରିପୋର୍ଟିଂ ଅଥରିଟି ଭାବେ ରାଜ୍ୟ ମୁଖ୍ୟ ସଚିବଙ୍କଠାରୁ ହ୍ୱିସିଲବ୍ଲୋୟର ଖେମ୍‌କା ମୋଟ ୮.୨୨ ଗ୍ରେଡ୍ ପାଇଥିଲେ। ପରେ ସମୀକ୍ଷା ଅଧିକାରୀ ଭାବେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଖେମ୍‌କାଙ୍କ ଗ୍ରେଡ୍ ୯.୨୨କୁ ବୃଦ୍ଧି କରିଥିଲେ। କିନ୍ତୁ ଡିସେମ୍ବର ୨୦୧୭ରେ ସ୍ୱୀକୃତି ପ୍ରଦାନକାରୀ ଅଧିକାରୀ ଭାବେ ସେତେବେଳର ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟର ଖେମ୍‌କାଙ୍କ ଗ୍ରେଡ୍ ୯କୁ ହ୍ରାସ କରିବାରୁ ଘଟଣା ଭିନ୍ନ ମୋଡ଼ ନେଇଥିଲା। ଏହି ନିଷ୍ପତ୍ତି ବିରୋଧରେ ଖେମ୍‌କା ପ୍ରଥମେ କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲ (କ୍ୟାଟ୍)ରେ ଆବେଦନକରି ପ୍ରତିକୂଳ ମନ୍ତବ୍ୟକୁ ହଟାଇବା ଏବଂ ସମୀକ୍ଷା ଅଧିକାରୀଙ୍କ ଦ୍ୱାରା ଗ୍ରେଡ୍ ଏବଂ ଟିପ୍ପଣୀଗୁଡ଼ିକର ପୁନରୁଦ୍ଧାର ପାଇଁ ନିବେଦନ କରିଥିଲେ। କିନ୍ତୁ ସିଏଟି ତାଙ୍କ ଆବେଦନକୁ ଖାରଜ କରିବା ପରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଓ କୋର୍ଟ ସିଏଟିର ନିଷ୍ପତ୍ତିକୁ ରଦ୍ଦକରି ତାଙ୍କ ସପକ୍ଷରେ ରାୟ ଦେଇଥିଲେ ମଧ୍ୟ ଘଟଣା ଏଇଠି ଶେଷ ହେଲା ନାହିଁ। ସୁପ୍ରିମକୋର୍ଟଙ୍କୁ ଶେଷରେ ହସ୍ତକ୍ଷେପ କରିବାକୁ ପଡ଼ିଲା। ଧାର୍ଯ୍ୟ ୬୦ ଦିନ ମଧ୍ୟରେ ଖେମ୍‌କାଙ୍କ ଆବେଦନର ବିଚାର କରିବା ପାଇଁ ସ୍ୱୀକୃତି ପ୍ରଦାନକାରୀ ଅଧିକାରୀଙ୍କୁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି।

Email: dilipcherian@gmail.com

# ଧନୀଙ୍କ ପୁଷମାସ: ଦୀର୍ଘ ଆୟୁଷ



ସହଦେବ ସାହୁ

ଗରିବ ପାଇଁ ସବୁ ମହଙ୍ଗା, ଚିକିତ୍ସା ବି। ଦୀର୍ଘ ଜୀବନ ତ ସାତ ସପନ। ଅମରତ୍ୱ ଚିନ୍ତା ସାଧାରଣ ଲୋକ ପାଇଁ ନୁହେଁ, ଖର୍ଚ୍ଚ ବହନ କରିପାରୁଥିବା ଅର୍ବୁଦପତିମାନେ ଯୁବସୁଲଭ ସ୍ୱାସ୍ଥ୍ୟ ଶହେବର୍ଷ ବା ଅଧିକ କାଳ ଉପଭୋଗ କରିପାରିବେ: ବିଜ୍ଞାନ ଓ ବୈଷୟିକ ବିଦ୍ୟାର ପ୍ରଗତି ଏହା ସୂଚାଉଛି । ଆମ ପୁରାଣର ଯଯାତିଙ୍କ ପରି ପୁତ୍ର ପୁରୁଠାରୁ ଯୌବନ ମାଗିବାକୁ ପଡ଼ିବ ନାହିଁ। ପୃଥିବୀରେ ଥିବା ୮୫୦ କୋଟି ଲୋକଙ୍କ ଭିତରେ ଏଭଳି କୁବେରଙ୍କ ସଂଖ୍ୟା ୮,୦୦୦ରୁ ବେଶି ନୁହେଁ; ସେମାନଙ୍କ ଭିତରୁ କେତେଜଣ ଯଯାତିଙ୍କ ଭଳି ଦୀର୍ଘ ଯୌବନ ଉପଭୋଗ କରିବାକୁ ଚାହିଁବେ ତାହା ଅନୁମାନସାପେକ୍ଷ! ଔଷଧପତ୍ର ବା ଖାଦ୍ୟଗୁଣ ଉପରେ ନିର୍ଭର ନ କରି ଟେକ୍ନୋଲୋଜି ସାହାଯ୍ୟରେ ଦୀର୍ଘକାଳ ପାଇଁ ସୁସ୍ଥ ଯୌବନ-ସୁଲଭ ଜୀବନ ହାସଲ କରିହେବ।

ଇତିହାସ କହେ, ୧୭୯୬ରେ ପ୍ରଥମେ ଟିକା ତିଆରି (ଇଂଲିଶରେ କଲ୍ଚର ବା ଚାଷ) କରିଥିବା ବିଲାତ ଡାକ୍ତର ଡ. ଏଡ୍ୱାର୍ଡ଼ଜେନର ଗୋଟିଏ ୮ ବର୍ଷର ପୁଅ ଉପରେ ଟିକା ଦେଇ ତା'ର ବସନ୍ତ ରୋଗ ନିରୋଧୀ ଶକ୍ତି ବଢ଼ାଇଥିଲେ। ଏବେ ତ ଟିକା ଚିକିତ୍ସାର ଦିଗ୍‌ବଳୟ ବଢ଼ିଗଲାଣି, ଟିକେ ଚିମୁଟିବା ଭଳି ଫୋଡ଼ିଆ ତ କାଟିବ, ଟୋପାଏ ପାଣି ଭିତରେ ଟିକା ପିଇବାର ବ୍ୟବସ୍ଥା ହେଲାଣି – ଯେମିତି ପୋଲିଓ ବୁନ୍ଦା । ମଲା ଜୀବାଣୁ ବଦଳରେ ଗୋଟିଏ କୃତ୍ରିମ ଜୀବ-ରୂପ ଗିଳିବାକୁ କୁହାଯାଇପାରେ, ତାହା ଯଦି ତୁମ ଦେହ ଭିତରେ ପ୍ରବାହିତ ହୋଇ ଯେଉଁ ଯେଉଁ ଜାଗାରେ ରୋଗ ମାଡ଼ୁଛି ତାକୁ ନିକାଲିଦେବ କିମ୍ବା ଯେଉଁ କାରଣରୁ ରୋଗ ହେଉଛି ତାକୁ ସୂଚାଇଦେବ ତେବେ ବେଳହୁଁ ସାବଧାନ ହୋଇ ଆମେ ଦେହକୁ ସୁସ୍ଥ ରଖିପାରିବା ! ୟୁନିଭର୍ସିଟି ଅଫ୍ ସର୍ଦ୍ଦର୍ନ ଡେନ୍‌ମାର୍କ ଓ କେଣ୍ଟ ଷ୍ଟେଟ୍ ୟୁନିଭର୍ସିଟି (ଆମେରିକା) ଏହି ପ୍ରକାର ଚିକିତ୍ସା ଉପରେ ଗବେଷଣା କରୁଛନ୍ତି । ଡିଏନ୍ଏ ଅଣୁ ବା ପ୍ରୋଟିନ୍ ଅଣୁର ସଙ୍କର ତିଆରିକରି ସେମାନେ ଔଷଧ ଭଳି ବ୍ୟବହାର କରୁଛନ୍ତି। ତାକୁ ଜୀବବିନ୍ଦୁ ବା ବାୟୋବଟ୍ କୁହାଯାଉଛି। ଷ୍ଟାନ୍‌ଫୋର୍ଡର ଜଣେ ମେକାନିକାଲ ଇଞ୍ଜିନିୟର କ୍ଷୁଦ୍ର ବା ଅଣୁ ରୋବୋ (ମିନି ରୋବୋ) ତିଆରି କରିଛନ୍ତି, ଯାହା ଉଭୟଚର ପ୍ରାଣୀ ଭଳି ଦେହ ଭିତରେ ଘୂରି ଘୂରି ରୋଗ ଜନ୍ମୁଥିବା ଜାଗାରେ ପହଞ୍ଚିଯିବ। ଏହାକୁ ନିୟୁତାଂଶ ରୋବୋ–ମିଲି ରୋବୋ ନାମ ଦିଆଯାଇଛି। ଏହି ଆକାରର ଭାଇରସ୍, ବ୍ୟାକ୍ଟେରିଆ ବା ଅନ୍ୟ କିଛି କୋଷ ଆମ ଦେହକୁ ଆକ୍ରମଣ କରିଥାନ୍ତି। ଏହି କୃତ୍ରିମ କ୍ଷୁଦ୍ର ଜୈବରୂପକୁ ବ୍ୟବହାର କରି ଡାକ୍ତରମାନେ ବରାଦିଆ ଟିକା ତିଆରି କରିପାରିବେ। ଏବେ ପେପ୍‌ଟାଇଡ୍ ସାଙ୍ଗରେ ବାୟୋବଟ୍‌କୁ ମିଶାଇ ଡାକ୍ତରମାନେ ପ୍ରୋଟିନ୍ ତିଆରି କରୁଥିବା ଆମିନୋ ଏସିଡ୍‌ର ହାର ତିଆରି କଲେଣି। ଏ ଉଦାହରଣ ଜଣାଉଛି ସମ୍ଭାବନାର ଦିଗ୍‌ବଳୟ କେତେ ବ୍ୟାପିଗଲାଣି! କେବଳ ରୋଗ ଚିହ୍ନିବ ନାହିଁ, ରୋଗ କେଉଁଠୁ ବାହାରୁଛି ଓ କେଉଁ କ୍ଷୁଦ୍ରାଣୁ ତାକୁ ତିଆରି କରୁଛି ସେଭଳି କ୍ଷୁଦ୍ରାଣୁକୁ ନଷ୍ଟ କରିବାର କ୍ଷମତା ନୂଆ ଟେକ୍ନୋଲୋଜି ଆଣିଲାଣି। ସବୁଠାରୁ ବଡ଼କଥା ହେବ ବ୍ରେନ୍ ଟ୍ୟୁମର ଭିତରେ ଏଭଳି ଔଷଧଭରା କ୍ଷୁଦ୍ର ଟିକା ପହଞ୍ଚା ଯାଇପାରିବ।



ଆଜିକାଲି ଯେଉଁଭଳି କମ୍ପ୍ୟୁଟର ମେମୋରି କ୍ଲାଉଡ୍‌ରେ ରଖାଯାଉଛି ଏହି ବାୟୋବଟ୍ ବା ମିଲି ରୋବୋକୁ ମଣିଷର ବ୍ରେନ୍ ଭିତରେ ରଖିହେବ, ତାହା ମହାକାଶରେ ସମ୍ପର୍କ (କ୍ଲାଉଡ୍ ସୋର୍ସିଂ)ରଖିପାରିବ, ଯେଉଁଠି ଉକ୍ତ ମଣିଷଟି ତାହାର ଇଣ୍ଟେଲିଜେନ୍ସକୁ କୋଟି କୋଟି ଗୁଣ ବଢ଼େଇପାରିବ। ଆମେ ଦିନେ ବ୍ରହ୍ମଜ୍ଞାନୀ (ସାଇବର୍ଗ) ପାଲଟିଯିବା ; ତାହା ସମ୍ଭବ ହେଲେ ଆମେ ଆୟୁଷକୁ ବହୁଗୁଣ ବଢ଼ାଇପାରିବା। କିନ୍ତୁ ରୋବୋ ବି ସ୍ୱଳ୍ପାୟୁ, ବଜାରରେ ମିଳୁଥିବା ରୋବୋ ପ୍ରାୟ ୧୦ ବର୍ଷରୁ ବେଶି ଚାଲେ ନାହିଁ । ଅବଶ୍ୟ ଯନ୍ତ୍ରପାତିର କାର୍ଯ୍ୟକାରିତା ଦିନ ବା ବର୍ଷ ଆକାରରେ ଗଣାଯାଏ ନାହିଁ, କେତେ ସମୟ ବ୍ୟବହାର ହେଉଛି ତା' ଉପରେ ଗଣାଯାଏ, ଯଥା କେତେଥର ସୁଇଚ୍ ଅନ୍ କରୁଛ ତା' ଉପରେ ନିର୍ଭର କରେ ବିଜୁଳି ବଲ୍‌ବର ଆୟୁଷ । ତିଆରି ସମୟରେ କିଛି ଦୋଷ ନ ଥିଲେ ଏଲ୍‌ଇଡି ବଲ୍‌ବ ୧୦,୦୦୦ ଥର ସୁଇଚ୍ ଅନ୍ ଯାଏ କାମ କରିବ: ଦିନକୁ ୧୦ଥର କରୁଥିଲେ ୧୦୦୦ ଦିନ ବା ପ୍ରାୟ ୩ ବର୍ଷ ଯିବ । ସେହିପରି ରୋବୋଟିଏ ୮୦,୦୦୦ରୁ ଲକ୍ଷେ ଘଣ୍ଟାଯାଏ କାମ କରିବ। ରୋଗ ଲକ୍ଷଣ ସୁରାକ୍ ପାଇଲେ ସନ୍ଧାନୀ ଯନ୍ତ୍ର (ସେନ୍ସର୍) ମିଳି ରୋବୋକୁ ଜଗାଇଦେବ ତ ଆମ ହିସାବରେ ୧୦୦ କି ୨୦୦ ବର୍ଷ କାମ କରିପାରେ ।

ଆଉ ଗୋଟିଏ କଥା ବି ଘଟିଲାଣି। ଜନ୍ ହପ୍‌କିନ୍ସ ୟୁନିଭର୍ସିଟିର ଗବେଷକ ଡ୍ରାଭିଡ୍ ଗ୍ରାସିପ୍ ଏକ ନାନୋ ଇମ୍ପ୍ରିଣ୍ଟ ଲିଥୋଗ୍ରାଫି ଟେକ୍ନୋଲୋଜି କାଢ଼ିଛନ୍ତି, ଯାହା ଜୀବନ୍ତ କୋଷ ବା ତନ୍ତୁ ଉପରେ ସୁନାରେ ଟାଟୁ (ଚିତା କୁଟିବା) କରିପାରିବ। ଏହି ନାନୋ ସ୍କେଲର ଢାଞ୍ଚାକୁ ସ୍ୱାସ୍ଥ୍ୟକ୍ଷେତ୍ରରେ ଲଗାଇହେବ। ଏମିତି ଏକ ଚିପ୍ ଦେହର କୋଷରେ ମୁଦ୍ରିତ (ଇମ୍ପ୍ରିଣ୍ଟ) କରିପାରିଲେ ମଣିଷ ଦେହର ପ୍ରତ୍ୟେକ କୋଷ କେମିତି କାମ କରୁଛି ତାହା ଡାକ୍ତରମାନେ ଜାଣିପାରିବେ। ଏ ପ୍ରକାରର କୋଷଭିତ୍ତିକ ଚିକିତ୍ସା ରୋଗର ଲକ୍ଷଣ ବାହାରକୁ ଦିଶିବା ପୂର୍ବରୁ ଅର୍ଥାତ୍ କୋଷସ୍ତରରେ ଯାହା ଘଟୁଛି ଜଣାଇଦେବ। କୋଷଟି ଅସ୍ୱାଭାବିକ ହେବା ପୂର୍ବରୁ ତା'ର ମରାମତି ବା ଚିକିତ୍ସା କରିହେବ। ତେଣୁ ଖରାପ କୋଷଟିଏ ବହୁଗୁଣିତ ହେବା ପୂର୍ବରୁ ଓ ଦେହକୁ ତଦନୁଯାୟୀ ରୋଗାକ୍ରାନ୍ତ କରିବା ପୂର୍ବରୁ ତାକୁ ବିନାଶ କରିହେବ ବା ବଦଳାଇହେବ। ଆମେ ନର୍ଦ୍ଦମା ସଫାକଲା ଭଳି: ଶରୀରରୁ ଫ୍ରି ରାଡିକାଲ୍ ଭଳି ମଇଳା ସଫା କରିଦେବ । ଆଉ ଗୋଟିଏ ଉଦ୍ଭାବନ ଆସିଲାଣି: ଡ୍ୟୁକ୍ ୟୁନିଭର୍ସିଟି ଓ ହାର୍ଭାର୍ଡ ମେଡିକାଲ ସ୍କୁଲର ଗବେଷକମାନେ ନୂଆ ରକମର ଥ୍ରି ଡି ପ୍ରିଣ୍ଟ ବାହାର କରିଛନ୍ତି, ତା' ଅଲ୍‌ଟ୍ରାସାଉଣ୍ଡ ତରଙ୍ଗ ବ୍ୟବହାର କରି ଜୀବକୋଷ ସହିପାରୁଥିବା କାଳି ବ୍ୟବହାର କରୁଛି ଓ ଯାହା ଶରୀରର ଖୁବ୍ ଗଭୀର ପ୍ରଦେଶରେ ପ୍ରବେଶକରି ଆୟତନ ଅନୁଯାୟୀ ଥ୍ରି ଡି ପ୍ରିଣ୍ଟ କରୁଛି। ଏହାକୁ ଡିପ୍ ପିନିଟ୍ରେଟିଙ୍ଗ୍ ଆକ୍ୟୁଷ୍ଟିକ୍ ଭଲ୍ୟୁମେଟ୍ରିକ୍ ପ୍ରିଣ୍ଟିଂ (ଡିଭିଏପି) ନାମ ଦିଆଯାଇଛି। ଡିଭିଏପି ଦ୍ୱାରା ଦେହର ତନ୍ତୁ ଭିତରେ, ହାଡ଼ ଭିତରେ ତଥା ଅନ୍ୟ ସୂକ୍ଷ୍ମ ଅଙ୍ଗ ଭିତରେ ନିଖୁଣ ଭାବେ ପହଞ୍ଚିପାରିବ। ଏହି ଗବେଷକ ଦଳ ଗୋଟିଏ ଛେଳିର ହୃଦୟ ଉପରେ ଏପରି ଗବେଷଣା କରି ତା'ର ରକ୍ତକୁ ଅଙ୍ଗଭିତରେ ଏକାଠି କରିପାରିଛନ୍ତି ଓ ଗୋଟିଏ କୁକୁଡ଼ାର ଗୋଡ଼ ହାଡ଼ରେ ଥିବା ତ୍ରୁଟିକୁ ମରାମତି କରିଛନ୍ତି। ଏଥିରେ ଯେଉଁ କାଳି ବ୍ୟବହାର ହେଉଛି ତାକୁ ସୋନୋ ଇଙ୍କ୍ – ହାଇଡ୍ରୋଜେନ୍ କୁହାଯାଉଛି । ଏହା ଧୀରେ ଧୀରେ ଯକୃତ ଭିତରେ ପଶି ଔଷଧ ଭଳି କାମ କରୁଛି। ସର୍ଜରି ଦରକାର ନାହିଁ। ଲକ୍ଷ୍ୟଭେଦୀ ଔଷଧ ଓ ଜିନ୍ ସିକ୍ୱେନ୍ସିଂ ଆଗାମୀ ଦିନରେ ଚିକିତ୍ସାର କେନ୍ଦ୍ର ହୋଇପଡ଼ିବ। ୧୭୩୫ରେ ବେଞ୍ଜାମିନ୍ ଫ୍ରାଙ୍କ୍‌ଲିନ୍ କହିଥିଲେ, ଆନ୍ ଆଉନ୍ସ ଅଫ୍ ପ୍ରିଭେନ୍ସନ ଇଜ୍ ୱର୍ଥ ଏ ପାଉଣ୍ଡ ଅଫ୍ କିଓର (ଭରିଏ ପ୍ରତିଷେଧକ କିଲେ ଚିକିତ୍ସା ସହ ସମାନ)। ଆମେ ସେହି ଯୁଗକୁ ମୁହାଁଇଛେ – ଯେତେବେଳେ ବିଜ୍ଞାନ ବୟସ ବୃଦ୍ଧିକୁ ଓଲଟାଇଦେବ। ସତେଯେପରି ଅମର ହେବାର ଇଚ୍ଛା ଫଳବତୀ ହୋଇଆସୁଛି।

ଟାର୍ଡିଗ୍ରେଡ୍ ବା 'ପାଣିଭାଲୁ' ନାମକ ଏକ କ୍ଷୁଦ୍ର ଅମେରୁଦଣ୍ଡୀ ଜୀବ ଯେଉଁଠି ସେଠି ଯେକୌଣସି ପରିବେଶରେ ବଞ୍ଚିରହିବାର କାରଣ ଖୋଜି ବୈଜ୍ଞାନିକମାନେ ଜାଣିଲେଣି ଯେ ତା' ଶରୀରରେ ଏକ ପାରମାଣବିକ ସନ୍ଧାନୀ (ସେନ୍ସର) ଅଛି, ଯାହା ତାକୁ କହିଦିଏ କେତେବେଳେ ପରିବେଶ ପ୍ରତିକୂଳ ହେଲାଣି, ସେ ସୁପ୍ତ ହୋଇଯାଏ: ୧୧୨ ଡିଗ୍ରୀ ଫାରେନ୍‌ହିଟ୍‌ରୁ ବେଶି ତାପ ଦେଲେ କି ହାଇଡ୍ରୋଜେନ୍ ପେରକ୍ସାଇଡ୍ ତା' ଉପରେ ଢାଳିଦେଲେ ସେ ସୁପ୍ତ ହୋଇଯାଏ, ତା' ଦେହ ଅମ୍ଳଜାନମୁକ୍ତ ଫ୍ରି ରାଡିକାଲ୍ ତିଆରିକରେ, ଯାହା ଖରାପ ପରିସ୍ଥିତିର ସାମ୍ନା କରେ । ଏସବୁ କାମ – ସୁପ୍ତ ହେବା ଓ ଚେଇଁ ଉଠିବା – ସିଷ୍ଟିନ୍ ନାମକ ଆମିନୋଏସିଡ୍ କରିଥାଏ ବୋଲି ବୈଜ୍ଞାନିକମାନେ କହୁଛନ୍ତି । ଟାର୍ଡିଗ୍ରେଡ୍ ଉପରେ ଗବେଷଣା ଚାଲିଛି କିପରି ଭବିଷ୍ୟତର ଦୀର୍ଘକାଳୀନ ମହାକାଶ ଯାତ୍ରାରେ ମଣିଷ ଦରକାର ନ ଥିବା ବେଳେ ସୁପ୍ତ ରହିପାରିବ ଓ ଦରକାର ବେଳେ ଜାଗ୍ରତ ରହିପାରିବ!

sahadevas@yahoo.com

# ସର୍ବତ୍ର ବିଶୃଙ୍ଖଳା



ରାଧାଶ୍ୟାମ ରାଉଳ

ଶୃଙ୍ଖଳା ଅଭାବରୁ ଆଜି ପାରିବାରିକ ଜୀବନରୁ ରାଷ୍ଟ୍ରୀୟ, ଅନ୍ତଃରାଷ୍ଟ୍ରୀୟ ଜୀବନ ଯାଏ ପ୍ରାୟ ସବୁଠାରେ ବିଶୃଙ୍ଖଳ ଅବସ୍ଥା। କେହି କାହାକୁ ଶୁଣିବାକୁ କି ନିର୍ଦ୍ଦିଷ୍ଟ, ନିର୍ଦ୍ଧାରିତ ନୀତି ନିୟମକୁ ମାନିବାକୁ ପ୍ରସ୍ତୁତ ନୁହନ୍ତି। ସ୍ୱେଚ୍ଛାଚାରିତା, ଅବ୍ୟବସ୍ଥା, ଅହଙ୍କାର, ଅସହିଷ୍ଣୁତା, ନିୟମଶୂନ୍ୟତା, ଉଚ୍ଛୃଙ୍ଖଳତା, ଅବିମୃଶ୍ୟକାରିତା ସର୍ବତ୍ର କାୟାବିସ୍ତାର କରିଚାଲିଛି।

ଶୃଙ୍ଖଳାଜ୍ଞାନ ପରିବାର ବା ଘରୁ ଆରମ୍ଭ ହୁଏ। ହେଲେ ଆଜିର ସମୟରେ ଘର ଆଉ ଘର ହୋଇ ରହିନାହିଁ। ପାରସ୍ପରିକ ମତ ଓ ମନକୁ ନେଇ ବିରୋଧାଭାସର ଚିତ୍ର ସ୍ପଷ୍ଟ ପ୍ରାୟ ପ୍ରତ୍ୟେକ ପରିବାରରେ। ସ୍ନେହ, ପ୍ରେମ, ଶ୍ରଦ୍ଧା, ସମ୍ମାନ, ଭଲପାଇବା ଏବେ ମିଳିବା ମୁସ୍କିଲ ପରିବାରରୁ। ଉତ୍ତମ ବୁଝାମଣା ରହୁନାହିଁ, ସ୍ୱାମୀ ସ୍ତ୍ରୀ, ବାପା ପୁଅ, ଭାଇ ଭାଇ ମଧ୍ୟରେ। ଅପରପକ୍ଷେ ବିବାଦ, ବିତର୍କ, ଯୁକ୍ତିତର୍କ, ଆରୋପ, ପ୍ରତ୍ୟାରୋପ, ଅଶାନ୍ତି ଦେଖାଦେଉଛି। ନିଜ ଜନ୍ମିତ ପିଲାମାନଙ୍କୁ ଆଦର୍ଶ ଛାଞ୍ଚରେ ପକେଇବାର ପ୍ରଚେଷ୍ଟା ରହୁନାହିଁ ଆଜିର ମାଆ ବାପାଙ୍କ ପାଖରେ ; ଯାହାଫଳରେ ସଫଳ ଅଭିଭାବକତ୍ୱର ଅଭାବରୁ ପରବର୍ତ୍ତୀ ସମୟରେ ପିଲାମାନେ ହେଉଛନ୍ତି, ସ୍ୱେଚ୍ଛାଚାରୀ, ବିଶୃଙ୍ଖଳ, ଉଦ୍‌ଭ୍ରାନ୍ତ, ଅବାଗିଆ, ଜିଦଖୋର୍! ନେଡ଼ି ଗୁଡ଼ କହୁଣିକୁ ବୋହିଯିବା ପରିସ୍ଥିତି ଉପୁଜିବାବେଳକୁ, ସ୍ୱାମୀ ସ୍ତ୍ରୀ ପରସ୍ପରକୁ ଦୋଷ ଦିଅନ୍ତି ; 'ପିଲାମାନେ ଠିକ୍ ରାସ୍ତାରେ ନ ଯାଇ ଭୁଲ୍ ରାସ୍ତା ଧରିବା ପାଇଁ ତୁମେ ହିଁ ଦାୟୀ ! ହଁ ହଁ ତୁମେ !'

ମାତ୍ରାଧିକ ବିଶୃଙ୍ଖଳାରୁ ପାଠଶାଠ ପଢ଼ି ଉଚ୍ଚଶିକ୍ଷିତ ହୋଇ ଚାକିରିବାକିରି ନ ପାଇ ପୁଅ ଦୋଷ ଦେଉଛି, ନିଜ ମାଆ ବାପାଙ୍କୁ। ସ୍ତ୍ରୀ ବୁଝିପାରୁନାହାନ୍ତି, ସ୍ୱାମୀର ଧୈର୍ଯ୍ୟ, ତ୍ୟାଗ, ସହନଶୀଳତାକୁ। ଅନୁରୂପଭାବରେ ସ୍ୱାମୀ ମଧ୍ୟ ବୁଝିପାରୁନାହାନ୍ତି, ସ୍ତ୍ରୀର ଏସବୁ ଗୁଣକୁ। ପିଲାମାନେ ପଥଭ୍ରଷ୍ଟ ହେବା ଦେଖି ମାଆ ବାପା ପ୍ରବଳ ମାନସିକ ଚାପ ଓ ଅପ୍ରମିତ ଦୁଃଖରେ ମ୍ରିୟମାଣ ହୋଇ ଉଚ୍ଚାରିବାକୁ ବାଧ୍ୟ ହେଉଛନ୍ତି ; "ସଂସ୍କାର, ସୁଧାର ଦେବାରେ କେଉଁଠି ଭୁଲ୍ ତ୍ରୁଟି ରହିଲା ଯେ, ଦିଅଁ ଗଢୁଗଢୁ ମାଙ୍କଡ଼ ଗଢ଼ି ହୋଇଗଲା ! ଆମ ସୁଖମୟ ଦାମ୍ପତ୍ୟରେ ଝଡ଼ ସୃଷ୍ଟି ହେଲା ?" ଏମିତି ଏମିତି ବିବିଧ ତଥ୍ୟରୁ ଯାହା ଜଣାପଡୁଛି, ଏବେ ଅଧିକାଂଶ ପରିବାରରେ ବିଶୃଙ୍ଖଳା ଏମିତି କାୟାବିସ୍ତାର କରିଛି ଯେ, ଯାହାର ପ୍ରଭାବରେ ପରସ୍ପର ମଧ୍ୟରେ ସନ୍ଦେହ, ଶତ୍ରୁତା, ଘୃଣା, ଭୁଲ୍ ବୁଝାମଣା ବଢ଼ିଚାଲିଛି।

ପରିବାରରୁ ଏବେ ସମାଜକୁ ଯିବା। ସମାଜରେ ମଧ୍ୟ ଅନୁରୂପ ଅବସ୍ଥା। ପଡ଼ୋଶୀ ସମ୍ପର୍କରେ ତିକ୍ତତା। ବିଶୃଙ୍ଖଳାରେ ଭରା ସମଗ୍ର ସାମାଜିକ ବ୍ୟବସ୍ଥା। ବିଶୃଙ୍ଖଳିତ ସାମାଜିକ ବ୍ୟବସ୍ଥାରୁ ସୃଷ୍ଟି ହେଉଛି ଦୁର୍ନୀତି, ଭ୍ରଷ୍ଟାଚାର, ଅପସଂସ୍କୃତି, ଅପରାଧ। ନାହିଁ ସ୍ୱଚ୍ଛ, ଅବାଧ, ନିରପେକ୍ଷ ଶାସନ ବ୍ୟବସ୍ଥା। କର୍ମକର୍ତ୍ତା ଓ କାର୍ଯ୍ୟନିର୍ବାହୀ ସମିତି ସଭ୍ୟଙ୍କ ମତ ଓ ବିଚାରକୁ ଅଗ୍ରାହ୍ୟ କରିଦେଇ ପ୍ରିୟାପ୍ରୀତିତୋଷଣ ଓ ଚତୁରେ ଚତୁରେ କୋଳାକୋଳି ନୀତିରେ ନିଷ୍ପତ୍ତି ନିଆଯାଉଛି। ଭାଷାସାହିତ୍ୟ ନାଁରେ ମାତୃଭାଷାର ବିଲୟ,



ବିଲୋପ ଘଟୁଛି। ସଂସ୍କୃତି ନାଁରେ ଅପସଂସ୍କୃତି, ସଂସ୍କାର ନାଁରେ ଅପସଂସ୍କାର, ରାଜନୀତି ଓ ଗଣତନ୍ତ୍ର ନାଁରେ ଦୁର୍ନୀତି, ଅନ୍ୟାୟ ଅପରାଧ, ଧର୍ମ ନାଁରେ ହୀନ ରାଜନୀତି ଧସେଇ ପଶୁଛି।

ସେବାୟତମାନଙ୍କର ଅହଙ୍କାର ଓ ଜିଦ୍ ପାଇଁ ଶ୍ରୀମନ୍ଦିରରେ ବାରମ୍ବାର ଜଗନ୍ନାଥଙ୍କ ନୀତିକାନ୍ତିରେ ଚରମ ବିଶୃଙ୍ଖଳା, ବିଭ୍ରାଟ ଘଟୁଛି। ଫଳସ୍ୱରୂପ ଦିଅଁମାନେ ରହୁଛନ୍ତି ଅନିଦ୍ରା, ଉପବାସ। ଭକ୍ତମାନେ ଦିଅଁମାନଙ୍କର ଦର୍ଶନ ଓ ଆଶୀର୍ବାଦରୁ ବଞ୍ଚିତ ହେଉଛନ୍ତି। ଇଏ ବଡ଼ ଦାରୁଣ ସ୍ଥିତି, ଅଭାବନୀୟ ପରିସ୍ଥିତି।

ସମାଜରେ ବଢ଼ିଚାଲିଛି ଅପହରଣ, ହତ୍ୟା, ଲୁଟତରାଜ ଓ ଗୁଣ୍ଡାରାଜ। ତଦନ୍ତ ପରେ ତଦନ୍ତ ବସୁଛି ହେଲେ ପ୍ରାୟ ସବୁ ତଦନ୍ତ ବାଟବଣା। 'ବହ୍ୱାଡମ୍ବରେ ଲଘୁକ୍ରିୟା' ପ୍ରାୟେ ସବୁ ଚାଲିଛି ସୁପରିକଳ୍ପିତ ପ୍ରାୟୋଜିତ କାର୍ଯ୍ୟକ୍ରମ। ଘଟଣା ଘଟୁଛି ପ୍ରକାରେ, ରିପୋର୍ଟ ଦିଆଯାଉଛି ଅନ୍ୟପ୍ରକାର। ମୋଟାମୋଟି ଭାବରେ, ସତ୍ୟକୁ ଚାପି ଦିଆଯାଉଛି। ତଦନ୍ତର ରିପୋର୍ଟ ପାଇଁ ସୁନ୍ଦର ମନଗଢ଼ା କାହାଣୀ ରଚାଯାଉଛି ; ଯଦ୍ୱାରା ଦୋଷୀ ଅପରାଧୀ ଅଭିଯୁକ୍ତମାନେ ଅନାୟାସରେ ଖସି ଯାଉଥିବା ସ୍ଥଳେ ନିରୀହ, ନିର୍ଦ୍ଦୋଷ ନିରପରାଧମାନେ ଦଣ୍ଡିତ ନିର୍ଯ୍ୟାତିତ, ଅପଦସ୍ଥ ହେଉଛନ୍ତି।

ଏସବୁ ଘଟଣା, ଦୁର୍ଘଟଣା ନିତିପ୍ରତିଦିନ ଘଟୁଛି। ତେଣୁ ଆମେ ଏସବୁ ଜାଣୁଛନ୍ତି, ଦେଖୁଛନ୍ତି, ବୁଝୁଛନ୍ତି ; ଏସବୁର ଉତ୍ସ, ଉତ୍ପତ୍ତି କେଉଁଠି, ଏହା କେମିତି ହେଉଛି ଗତିଶୀଳ, ପୁଣି ଏସବୁର ଶେଷ ପରିଣତି ବା ଫଳାଫଳ କ'ଣ ହେଉଛି! ଏ ସଙ୍କଟ ଓ ସମସ୍ୟାର ସମାଧାନ ପାଇଁ ବ୍ୟକ୍ତିଗତ ଭାବରେ କିଛି ମତ କି ପ୍ରସ୍ତାବ ଦେଲେ କିମ୍ବା କିଛି ଉଦ୍ୟମ କଲେ ସେ ମତ, ପ୍ରସ୍ତାବ ଓ ଉଦ୍ୟମକୁ ସମର୍ଥନ କି ସହଯୋଗ ମିଳେନାହିଁ। ଅଧିକନ୍ତୁ ଅବାଞ୍ଛିତ ଆହ୍ୱାନ ଓ ଅପ୍ରତ୍ୟାଶିତ ବିପଦକୁ ବରଣ କରିବା ସାର ହୁଏ। କାରଣ ଏବେ ସମୟର ସ୍ୱର ; ବିରୋଧ କି ପ୍ରତିବାଦ ନୁହେଁ ବରଂ ସାଲିସ, ମାଲିସ କରି ବଞ୍ଚିବା ଭଲ।

ତେବେ ଏହା ସତ୍ୟ ଯେ, କ୍ରମବର୍ଦ୍ଧିଷ୍ଣୁ ବିଶୃଙ୍ଖଳାକୁ କେହି ଜଣେ ଏକାଏକା ଦମନ କରିପାରିବେ ନାହିଁ। ଏଥିପାଇଁ ପରିବାର, ସମାଜ, ରାଜ୍ୟ, ଦେଶ ; ସବୁ ସ୍ତରରୁ ଐକ୍ୟବଦ୍ଧ ଉଦ୍ୟମ, ସଂଗ୍ରାମର ଆବଶ୍ୟକତା ରହିଛି। ନିର୍ଦ୍ଦିଷ୍ଟ ଆଇନ ପ୍ରଣୟନ କରି ବିଶୃଙ୍ଖଳାକାରୀମାନଙ୍କ ବିରୁଦ୍ଧରେ କଠୋର ଦଣ୍ଡ ବିଧାନ ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ। ହେଲେ ଆଜ୍ଞା, ବଡ଼ ଦୁଃଖ ଓ ଅବସୋସର ବିଷୟ, ଏ ସମସ୍ୟା ସମାଧାନର କଥା ଓ ପନ୍ଥା ସମ୍ପର୍କରେ କହିବା କାହାକୁ, ଶୁଣିବେ ଅବା କିଏ ? କାରଣ 'ଖଜୁରି ଗଛର କି ଗୁଣ ଗାଇବା, ମୂଳରୁ ପାହାଚ ପାହାଚ' ନ୍ୟାୟରେ ଏବେ ସର୍ବତ୍ର ବିଶୃଙ୍ଖଳା, ବିପର୍ଯ୍ୟସ୍ତ ବିଧିବ୍ୟବସ୍ଥା।

**ମର୍କତ ନଗର, କଟକ**
**ମୋ: ୯୪୩୭୦୯୦୯୮୫**

## ଏଇ ଭାରତରେ

ବନାଗ୍ନି ବିପର୍ଯ୍ୟୟକୁ ରୋକିବା ଲାଗି ଉତ୍ତରାଖଣ୍ଡରେ ଦିଲ୍ଲୀ ଏନ୍‌ସିଆରସ୍ଥିତ ଦି ହନ୍ସ ଫାଉଣ୍ଡେଶନ (ଟିଏଚ୍ଏଫ୍)ର ପ୍ରୟାସ ପ୍ରଶଂସନୀୟ। ଏହାର ମୁଖ୍ୟ ଭୂମିକା ତୁଲାଉଛନ୍ତି ପାଉରି ଗଡ଼ୱାଲ ଜିଲାର ଚୌରା ଗାଁର ୨୧ ବର୍ଷିଆ ପ୍ରୀତମ୍ ସିଂ। ୨୦୨୨ରେ ତାଙ୍କ ଗାଁ ନିକଟସ୍ଥ ଜଙ୍ଗଲରେ ନିଆଁର କ୍ଷୟକ୍ଷତି ଦେଖିବା ପରେ ସେ ଏହାର ପ୍ରତିକାର ପାଇଁ ଗାଁ ଛାଡ଼ି ଆଉ ବାହାରକୁ ଯାଇନାହାନ୍ତି। ସେବେଠାରୁ ଦି ହନ୍ସ ଫାଉଣ୍ଡେଶନ ସହଯୋଗରେ ନିଆଁଲିଭା ପାଇଁ ପ୍ରଥମେ ପ୍ରଶିକ୍ଷଣ ନେବା ପରେ ତାଙ୍କ ନେତୃତ୍ୱରେ ରାଜ୍ୟରେ ଏବେ ତାଙ୍କ ଭଳି ୫,୦୬୬ ଯୁବକ ସାମିଲ ହୋଇସାରିଲେଣି। ପାଉରି ଗଡ଼ୱାଲ, ତେହରି ଗଡ଼ୱାଲ, ଆଲମୋରା ଏବଂ ବାଗେଶ୍ୱର ଜିଲାର ୧୦ଟି ବ୍ଲକର ୧,୦୦୦ ଗାଁରୁ ଏହି ନିଆଁ ଲିଭାଳି ଯୋଦ୍ଧାମାନେ କାର୍ଯ୍ୟ କରୁଛନ୍ତି। ଏମାନଙ୍କ ଉଦ୍ୟମରେ ପାଖାପାଖି ୫୭ ପ୍ରତିଶତ ଜଙ୍ଗଲ ନିଆଁ ହ୍ରାସ ପାଇପାରିଛି। କେବଳ ଏତିକି ନୁହେଁ ଟିଏଚ୍ଏଫ୍ ଦ୍ୱାରା ବନ ପଞ୍ଚାୟତ କମ୍ୟୁନିଟି ଗ୍ରୁପ୍ ଗଠନ କରାଯାଇ ଅଗ୍ନି ପ୍ରତିରୋଧକ ବୃକ୍ଷରୋପଣ କରାଯିବା ସହ ପଥପ୍ରାନ୍ତ ନାଟକ ମାଧ୍ୟମରେ ବନାଗ୍ନି ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

୨୩ ମାର୍ଚ୍ଚ ୧୯୭୫

- ଭାରତ ମହାସାଗରସ୍ଥିତ ଡିଏଗୋ ଗାର୍ସିଆ ଦ୍ୱୀପରେ ଏକ ବିମାନ ଓ ନୌଘାଟି ନିର୍ମାଣ କରିବାକୁ ଫୋର୍ଡ ସରକାରଙ୍କ ଉଦ୍ୟମ ବିରୋଧରେ ଆମେରିକା ସିନେଟ୍‌ରେ ଏକ ନୂତନ ଅଭିଯାନ ଆରମ୍ଭ।
- ବିହାରର ହଜାରିବାଗ ଅଞ୍ଚଳରେ ଏକ ନୂତନ କୋଇଲା ଖଣିର ସନ୍ଧାନ।

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 5 | | 8 | | | |
| | | 3 | | | 1 | | 4 | |
| | | 7 | | 2 | | | | |
| | 3 | | 7 | 4 | 5 | 6 | 8 | |
| | 7 | | 1 | | | 9 | | |
| 5 | | | | | 2 | 3 | | |
| | | | | | 6 | | | |
| 9 | | 6 | | | 7 | 8 | 3 | |
| | | 5 | | | | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 8 | 7 | 9 | 1 | 3 | 5 | 2 |
| 7 | 1 | 3 | 8 | 5 | 2 | 9 | 6 | 4 |
| 5 | 9 | 2 | 6 | 4 | 3 | 1 | 8 | 7 |
| 8 | 7 | 6 | 3 | 1 | 4 | 5 | 2 | 9 |
| 4 | 5 | 1 | 9 | 2 | 6 | 7 | 3 | 8 |
| 3 | 2 | 9 | 5 | 7 | 8 | 4 | 1 | 6 |
| 1 | 8 | 7 | 2 | 3 | 9 | 6 | 4 | 5 |
| 2 | 3 | 5 | 4 | 6 | 7 | 8 | 9 | 1 |
| 9 | 6 | 4 | 1 | 8 | 5 | 2 | 7 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ନେତା, ଆପରାଧିକ ମାମଲା ଓ ନିର୍ବାଚନ

ମହାଶୟ,

ଦେଶ ତଥା ରାଜ୍ୟଗୁଡ଼ିକର ବହୁ ସାଂସଦ ଏବଂ ବିଧାୟକଙ୍କ ବିରୋଧରେ ଭ୍ରଷ୍ଟାଚାର, ଦୁର୍ନୀତି ଓ ବିଦେଶରେ କଳାଟଙ୍କା ଗଚ୍ଛିତ କରିବା ଭଳି ବହୁ ସଙ୍ଗିନ ଆପରାଧିକ ମାମଲା ରହିଥିବା ସତ୍ତ୍ୱେ ସେମାନଙ୍କୁ ସକ୍ରିୟ ରାଜନୀତିରେ ସ୍ଥାନ ଦିଆଯାଉଛି। ତେବେ ନିର୍ବାଚନ ରଣାଙ୍ଗନରେ ପ୍ରାର୍ଥୀ ଭାବେ ଅବତୀର୍ଣ୍ଣ କରାଇବା ପାଇଁ ଦଳୀୟ ଟିକେଟ ପ୍ରଦାନ କରି ପ୍ରତିଦ୍ୱନ୍ଦ୍ୱିତା କରିବାର ନିଷ୍ପତ୍ତି ସବୁ କେଉଁ ଆଧାରରେ ହିସାବକୁ ନିଆଯିବ ତାହା ପ୍ରଶ୍ନବାଚୀ। ତେଣୁ ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କ ବିରୋଧରେ ଯଦି କୌଣସି ଆପରାଧିକ ମାମଲା ରୁଜୁ କରାଯାଇଥାଏ, ତେବେ ସେମାନଙ୍କୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଦଳର ମୁଖ୍ୟ ଅନୁମତି ଦେବା ଉଚିତ ନୁହେଁ। ଏହାକୁ ଜଘନ୍ୟ ଅପରାଧ ଭାବେ ବିବେଚନା କରାଯିବା ଦରକାର ଏବଂ ପ୍ରଣୟନ ହୋଇଥିବା ଆଇନର ଏକ ଅନୁଚ୍ଛେଦ ରହିବା ଉଚିତ୍ । ଏପରି ହେଲେ ନିର୍ବାଚନରେ ହାଇକମାଣ୍ଡମାନେ ଆପରାଧିକ ମାମଲାରେ ସମ୍ପୃକ୍ତ ଥିବା ନେତାମାନଙ୍କୁ ଟିକେଟ ପ୍ରଦାନରୁ ବିରତ ରହିବେ। ନେତାମାନଙ୍କ ବିରୋଧରେ ବହୁସଂଖ୍ୟକ ଆପରାଧିକ ମାମଲା ବିଚାରାଧୀନ ରହି ବର୍ଷ ବର୍ଷ ଧରି ପଡ଼ିରହିଥିବାରୁ ସୁପ୍ରିମକୋର୍ଟ ବି ଉଦ୍‌ବେଗ ପ୍ରକାଶ କରିଛନ୍ତି।

**–ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ**

## ଚିରନ୍ତନୀ

ନ ପଡ଼େ ମନେ ଆଜି ଦେହର ଶୋଭା
ନାସାର ନିଃଶ୍ୱାସ ଅଧର-ଜବା
କଟିର ଚାରୁ ଗତି ଭୁରୁର ଛାୟା
କପଟହୀନ କଥା ବେଣୀର ମାୟା
କରର ସୁକୋମଳ ପରଶ
ଜୀବନ କଲା ଯେବେ ସରସ
ସେ ଦିନ କଥା ଆଜି ପାସୋର କାହିଁ ହେଲା
ସକଳ କାଳ ଯେବେ କାଟିଲି କରି ହେଳା ?
ନିଭିଚି ସବୁ ମନ୍ଦୁଁ, ରହିଚି ଯାହା ଲାଖି
ଦୁଇଟି ଆଖି ଖାଲି ଦୁଇଟି କଳା ଆଖି!
–(ଦୁଇଟି କଳା ଆଖି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମୁଁ ନଥିବାବେଳେ

## ଗଳ୍ପ

**ବିପ୍ଳବ**

ହେଲ୍‌ପରଟି ଦୁଲ୍‌ଦୁଲ୍ କରି ବସ୍ ଡୋର୍‌ଟିକୁ ବାମ ହାତରେ ପିଟି ଚାଲୁଥିଲା ଆଉ ଜୋର୍‌ରେ ଚିଲୋଉଥିଲା ବରୀ, ବରୀ...।

ବସ୍‌ଟି ଆସ୍ତେ ଆସ୍ତେ ଗଡୁଥିଲା। ଲାଗୁଥିଲା ଯେମିତି ଷ୍ଟାର୍ଟ ହୋଇନାହିଁ, କେବଳ ଦୁଇ ତିନି ଜଣ ଲୋକ ଶରୀରର ସମସ୍ତ ବଳ ଖଟେଇ ବସ୍‌ଟିକୁ ଠେଲିବାକୁ ଚେଷ୍ଟାକରି ବ୍ୟର୍ଥ ହେଉଛନ୍ତି! ଅଚାନକ କ'ଣ ହେଲା କେଜାଣି, କାଳିଶି ଲାଗିଲା ପରି ଗାଡ଼ିଟି ଝାଙ୍କିହେଇ ଅନିୟନ୍ତ୍ରିତ ବେଗରେ ଆଗକୁ ମାଡ଼ିଚାଲିଲା ଆଉ ସାମ୍ନାରେ ରାସ୍ତା ଅତିକ୍ରମ କରୁଥିବା ସ୍ତ୍ରୀ ଲୋକଟିକୁ ଧକ୍କା ଦେଲା। ତା' ମୁଣ୍ଡର ବାଉଁଶ ଝୁଡ଼ିଟି ଖସିପଡ଼ି ଷ୍ଟିଲ ବାସନଗୁଡ଼ିକ ରାସ୍ତାସାରା ବିଞ୍ଚି ହୋଇଗଲା। ଭାଗ୍ୟ ଭଲ, ତା' କୋଳରୁ ଛୋଟ ଛୁଆଟି ଦୂରକୁ ଛିଟିକି ପଡ଼ିଲା। କେହି ଜଣେ ସାହସ ସଞ୍ଚୟକରି ତା' ପାଖକୁ ଯାଉ ନଥିଲେ ଅନ୍ତତଃପକ୍ଷେ ପରଖିବାକୁ

ସେ ଜୀବିତ ନା ମୃତ। ହେଲ୍‌ପରର ଡୋର୍‌ବାଡ଼ିଆ ଆଉ ଶୁଭୁ ନ ଥିଲା। କଣ୍ଡକ୍ଟରର 'ଟିକେଟ ନିଅ ଟିକେଟ ନିଅ' ଆଉ ଶୁଭୁ ନଥିଲା। ଡ୍ରାଇଭର, କଣ୍ଡକ୍ଟର ଆଉ ହେଲ୍‌ପର ତିନିହେଁ ଚତୁରତାର ସହ ଭିଡ଼ ଭିତରେ ମିଳେଇ ଯାଇଥିଲେ। ଭୟାତୁର ଯାତ୍ରୀମାନେ ନିଜ ନିଜ ସୁରକ୍ଷା କଥା ଚିନ୍ତା କରି ଦୁଲ୍‌ଦାଲ୍ ବସ୍ ଭିତରୁ ଡେଇଁ ଚାଲି ଯାଉଥିଲେ।

ବସ୍‌ଟି ରାସ୍ତା ମଝିରେ ସେମିତି ଠିଆ ହୋଇଥିଲା। ତା'ର ଡାହାଣ ପାଖ ଆଗ ଚକ ରକ୍ତସ୍ନାନ କରିସାରିଥିଲା। ଅବୋଧ ଶିଶୁଟି ରୋଡ଼ ଡିଭାଇଡର ପାଖରେ ରାହାଧରି କାନ୍ଦୁଥିଲା। ତାକୁ ଭୂଇଁରୁ ଟେକି ବୋଧ ଦେବାକୁ କେହି ଜଣେ ବି ଆଗ୍ରହୀ ନ ଥିଲେ। ମୋ' ଆଖି ଆଗରେ ଏଇ ଭୟାନକ ଦୁର୍ଘଟଣା ଘଟିଗଲା ଆଉ ଗୋଟିଏ ହରର୍ ସିନେମାର ଦୃଶ୍ୟ ଦେଖିବା ପରି ମୁଁ ଶିହରି ଉଠିଲି।

ଆଚ୍ଛା ମରିବାର ଠିକ୍ ଗୋଟିଏ ସେକେଣ୍ଡ ଆଗରୁ ସ୍ତ୍ରୀଲୋକଟି କ'ଣ ଭାବୁଥିବ? କେତେ ସ୍ୱପ୍ନ ମନରେ ଥାକ ଥାକ କରି ଖଞ୍ଜି ନ ଥିବ! ହେଲେ କ'ଣ ହେଇଗଲା ଆଖି ପିଛୁଳାକେ! ତା'ର ସମସ୍ତ ସ୍ୱପ୍ନ ଗୋଟିଏ ମୁହୂର୍ତ୍ତରେ କେଇ ବୁନ୍ଦା ରକ୍ତ ହୋଇ ରାସ୍ତାରେ ବହିଗଲା ଯେମିତି! ସମସ୍ତଙ୍କ ଜୀବନରେ ମୃତ୍ୟୁ କ'ଣ ଏମିତି ଆକସ୍ମିକ ଆଉ ଅସ୍ୱାଭାବିକ ଭାବରେ ଆସି ପହଞ୍ଚିଯାଏ!

ଆଜିଯାଏଁ ଅର୍ଜିଥିବା ଟଙ୍କାକୁ ଏକାଠି କରି ସ୍ତ୍ରୀ ଲୋକଟିର ନିଶ୍ଚୟ କେଉଁଠି ନା କେଉଁଠି ବାସୋପଯୋଗୀ ପ୍ଲଟ୍‌ଟିଏ ରାସ୍ତା କଡ଼ରେ କିଣିଥିବ। ଘରବାରି କିସମ ନ ହୋଇଥିଲେ ବି କୋଉ ଆର୍.ଆଇ.କୁ ହାତଗୁଞ୍ଜା ଦେଇ କିସମ ବଦଳେଇଥିବ। ସେଇଠି ମାଙ୍କଡ଼ା ପଥରର ବାଉଣ୍ଡାରି ବୁଲେଇ ତା' ଭିତରେ ଭଲ ଘର ଦି' ବଖରା କରିବାର ସ୍ୱପ୍ନ ନିଶ୍ଚୟ ଦେଖିଥିବ। ଘର କହିଲେ ଗୋଟିଏ



ଶୋଇବା ଘର, ଗୋଟିଏ ବୈଠକ ଘର, ଗୋଟିଏ ରୋଷେଇ ଘର, ଗୋଟିଏ ଠାକୁର ଘର ଆଉ ଗୋଟିଏ ଗାଧୁଆ ଘର ସଂଲଗ୍ନ ପାଇଖାନା। ଯଦି ତା'ର ଦୁଇଟି ପୁଅ ଥିବେ, ତେବେ ଗୋଟିଏ ବଦଳରେ ଦୁଇଟା ଶୋଇବା ଘର ନିହାତି ଲୋଡ଼ା। ଘର ସାମ୍ନାରେ ଦୁଇଟି ରୁମ୍ ବାହାରକରି ଦୋକାନ ଘର ପାଇଁ ହୁଏତ ଚିନ୍ତା କରିଥିବ। କାରଣ ବୃତ୍ତିଗତ ଜୀବନରୁ ଅବ୍ୟାହତି ନେଇ ନିଜ ପାଇଁ କିଛି ରୋଜଗାର କରିହେବ। ଜୀବନର ଅନ୍ତିମ କାଳରେ ନିଜେ ବୋର୍ ବି ହେବନି କି ପରିବାର ଉପରେ ବୋଝ ବି ହେବନି।

ଆରେ ମୁଁ କ'ଣ ସବୁ ଭାବିଯାଉଛି। ସ୍ତ୍ରୀ ଲୋକ କଥା ଭାବୁଚି ନା ନିଜ କଥା ସବୁ ଭାବୁଚି? ଆମ୍ବୁଲାନ୍ସ ଆସି କେତେବେଳେ ସେଇ ସ୍ତ୍ରୀ ଲୋକଟିକୁ ନେଇଗଲାଣି। କାନ୍ଦୁଥିବା ପିଲାଟା ମଧ୍ୟ ସେଠି ଆଉ ଦିଶୁନି। ପୋଲିସ ଗାଡ଼ି ରାସ୍ତାର ଗୋଟେ କଡ଼କୁ ଠିଆ ହୋଇଛି। ଗାଡ଼ି ଚଳାଚଳ ସ୍ୱାଭାବିକ ହେଲାଣି ବୋଧେ!

ଧୋବେଇପୁର ଡାକରେ ମୁଁ ନିଜ ପୂର୍ବ ସ୍ଥିତିକୁ ଫେରିଲି ଆଉ ସୁନା ପିଲାଟିଏ ପରି ବସ୍ ଭିତରେ ଯାଇ ବସିଲି। ସେଇ ସ୍ତ୍ରୀ ଲୋକ ଆଉ ତା' ଛୋଟ ଛୁଆର କାନ୍ଦୁରା ମୁହଁ ମୋ' ଆଖି ଆଗରେ ବାରମ୍ବାର ଭାସି ଉଠିଲା। ସେଇ ଦୃଶ୍ୟଠୁଁ ମୁଁ ନିଜକୁ ଅଲଗାକରି ପାରୁ ନ ଥିଲି। ସ୍ତ୍ରୀ ଲୋକଟି ନିଶ୍ଚୟ କେଉଁ ଅଜଣା ଅଞ୍ଚଳର। ତା'ର ଏଇ ସହରରେ କେହି ଚିହ୍ନା ଜଣାନାହାନ୍ତି। ଚିହ୍ନା ଥିଲେ ହୁଏତ ବସ୍‌ଟିରେ କେହି କ୍ରୋଧବଶତଃ ନିଆଁ ଲଗେଇଥା'ନ୍ତା ନହେଲେ ଟାୟାର୍ ଜାଳି ରାସ୍ତା ଅବରୋଧ କରି ପ୍ରତିବାଦ କରିଥା'ନ୍ତା। ମାତ୍ର ସେମିତି କିଛି ଘଟିଲା ନାହିଁ। କେତେ ଭାଗ୍ୟହୀନା ସତରେ ସେ!

ପର ମୁହୂର୍ତ୍ତରେ ଆଉ ଗୋଟେ କଥା ଚିନ୍ତା କରି ମୁଁ ଚମକି ପଡ଼ିଲି। ସ୍ତ୍ରୀ ଲୋକ ବଦଳରେ ଯଦି ଗାଡ଼ିଟି ମୋ' ଦେହରେ ପିଟି ହୋଇଥାଆନ୍ତା!

ମୋ' ଦେହ ଥରି ଉଠିଲା।

ଏତେବେଳକୁ ମୁଁ ଆଉ ନଥା'ନ୍ତି। ରାତ୍ରି ପାଖରେ ମୋ' ମୃତ୍ୟୁର ଖବର ପହଞ୍ଚି ସାରନ୍ତାଣି। ଭୋ ଭୋ କାନ୍ଦରେ ଗାଁ କମ୍ପୁଥାଆନ୍ତା। ଲୋକେ ସବୁ ଆହା ଆହା କରିଥାନ୍ତେ। ପୁଅଟା ନିହାତି ସାନ। ପଞ୍ଚମରେ ପଢ଼େ। ସେ କ'ଣ ଜାଣେ ଜନ୍ମ ମୃତ୍ୟୁ ବିଷୟରେ। ଯଦି ବା ଜାଣିପାରିଲା, ତେବେ ତା'ର ବା ସ୍ମୃତିଶକ୍ତି କେତେ! ସେ ବଡ଼ ହୋଇ ନିଶ୍ଚୟ ଦିନେ ମୋତେ ଭୁଲି ଯାଇଥା'ନ୍ତା। ତାକୁ ଭଲ ସ୍କୁଲରେ ପଢ଼େଇ ଡାକ୍ତରଟିଏ କରିବାର ସମସ୍ତ ସ୍ୱପ୍ନ ମୋର ବ୍ୟର୍ଥ ହୋଇଥାଆନ୍ତା ନିଶ୍ଚୟ। ମୋ' ମୃତ୍ୟୁରେ ଯିଏ ସବୁଠୁଁ ବେଶି ଖୁସି ହୋଇଥାଆନ୍ତା ସେ ହେଉଚି ଗୋବର୍ଦ୍ଧନ। ମୋ' ସାନ ଭାଇ, ଯାହାକୁ ବାପାଙ୍କ ଶୁଦ୍ଧିଘର ବାସି ଭିନ୍ନେ କରିଦେଇଛି। କେତେ ଆଉ ବସେଇକି ଖୁଆଇ ଥାଆନ୍ତି? ଚବିଶ ବର୍ଷର ଭେଣ୍ଡା। କାମ ଧନ୍ଦା କିଛି ନାହିଁ। ଭବିଷ୍ୟତ ଚିନ୍ତା ଅର୍ଥ ବି ନାହିଁ। ତାକୁ ଭିନ୍ନେ କରି ମୁଁ କ'ଣ ଭୁଲ୍ ନିଷ୍ପତ୍ତି ନେଇଚି? କେବେ ନୁହେଁ। ଅତଏବ ମୋର ଅକାଳ ମୃତ୍ୟୁ ତା' ପାଇଁ ସୁଖକର ଖବର ହେବା ଅସମ୍ଭବ ନୁହେଁ। ସେ ଯେମିତି ହେଲେ ରାତ୍ରିକୁ ଫସେଇ ଦ୍ୱିତୀୟ ହେବାକୁ ଲାଳସା ରଖିଥା'ନ୍ତା। କାରଣ ରାତ୍ରି ଦେଖିବାକୁ ଖୁବ୍ ସୁନ୍ଦରୀ। ରାସ୍ତା କଡ଼ରେ କିଣା ହୋଇଥିବା ତିନୋଟି ପ୍ଲଟ୍ ହିଁ ତା' ନାମରେ ଅଛି। ଅବଶ୍ୟ ଗୋବର୍ଦ୍ଧନ ସେମିତି ପିଲା ନୁହେଁ, ସେ ତା' ଭାଉଜକୁ ମା' ଦୃଷ୍ଟିରେ ଦେଖେ। ହେଲେ ବର୍ତ୍ତମାନ ସମୟରେ ଭାଉଜକୁ ମା' ଦୃଷ୍ଟିରେ କେତେ ଜ'ଣ ଦେଖୁଛନ୍ତି!

ମୁଁ ନଥିବା ବେଳେ ରାତ୍ରିକୁ ଚାକିରି ମିଳିବାରେ ଅସୁବିଧା ହେବନି। ରାତ୍ରି ଅପରୂପ ସୌନ୍ଦର୍ଯ୍ୟର ଅଧିକାରିଣୀ। ବେଶ୍ ଗୁଣର ବି। ଆଜିକାଲି ଗୁଣ କିଏ ଖୋଜୁଛି ଯେ! ତିରିଶ ବର୍ଷରେ ବୈଧବ୍ୟ ଯନ୍ତ୍ରଣା ସହି ସେ କ'ଣ ସାରା ଜୀବନ ତାକୁ ଝୁରି ହେଇ ବଞ୍ଚିବ!

ହେଡ୍ କ୍ଲର୍କ ଜେନାବାବୁ ଭାରି ରସିକ। ସେ ବି ଜାଣେ ରାତ୍ରି ନାମରେ ଥିବା ପ୍ଲଟ ବିଷୟରେ। ତାକୁ ସେ କ'ଣ ଛାଡ଼ିଥାନ୍ତେ?

ପ୍ରମୋଶନ ଲୋଭ ଦେଖେଇ ତାକୁ କୋଉଠୁ କୁଆଡ଼େ ଟାଣି ନେଇଥାନ୍ତେ ହିସାବ ନାହିଁ। ନୂଆ ଚାକିରି, ନୂଆ ପ୍ଲଟ୍, ସୁନ୍ଦର ଚେହେରା ଏ ସବୁ ରାତ୍ରି ଜୀବନକୁ ରଙ୍ଗିନ କରି ଗଢ଼ି ତୋଳିବା ଅସମ୍ଭବ ନୁହେଁ। ଗରିବ ଲୋକଙ୍କ ତଣ୍ଟି ଚିପି, ଅନାବାଦୀ, ଗୋଚର, ଜଙ୍ଗଲ ଜମିର କିସମ ବଦଳେଇ ମୁଁ ଯେଉଁ କଳା ଟଙ୍କା ଅର୍ଜି ପ୍ଲଟ୍ ସବୁ କିଣି ଘର ତୋଳିବାର ସ୍ୱପ୍ନ ଦେଖିଚି କ'ଣ ହେବ ସେ ସବୁର ଭାଗ୍ୟ। ତାକୁ ଭୂତ ଖାଇଯିବେ। ଜୀବନରେ ଏତେ ଚାପ ନେଇ, ଶତ୍ରୁ କିଣି, ପାପ ଅର୍ଜି କି ଲାଭ ପାଇଲି ମୁଁ? ସବୁ ଦିନେ ଏଇଠି ରହିଯିବ କେବଳ ମୋତେ ଛାଡ଼ି। କେତେ ଭଲହୁଅନ୍ତା ମୁଁ ଥାଇ ନଥିବା ପରି ଅବଶିଷ୍ଟ ଜୀବନ ବଞ୍ଚିଲେ, ଅନ୍ତତଃପକ୍ଷେ କିଛି ଲୋକଙ୍କ ହୃଦୟରେ ତ କିଛି ଦିନ ବଞ୍ଚି ରହନ୍ତି!

କଣ୍ଡକ୍ଟର ଡାକ ଛାଡ଼ିଲା

ଧୋବେଇପୁର କିଏ ଅଛ ସିଟ୍ ଛାଡ଼।

ବସ୍ ରହିଲା।

ମୁଁ ଚୁପ୍‌ଚାପ୍ ଓହ୍ଲେଇ ପଡ଼ିଲି।

ବଟିଆ ପାନ ଦୋକାନରୁ ପାନ ଦି' ଖଣ୍ଡ ପାଇଁ ବରାଦ ଦେଇ ସିଗାରେଟ୍ ଖଣ୍ଡେ ଆଣି ନିଆଁ ଲଗେଇଲି। ପାଖରେ ଥିବା ବିଶ୍ରାମାଗାର ଭିତରୁ କାହାର ପାଟି ଶୁଭୁଥିଲା।

ଗୋବର୍ଦ୍ଧନ ତ!

ତାକୁ ଭିନ୍ନେ କରିଦେବା ପରଠୁଁ ସେ ନିଶା ପାଣି ଅଭ୍ୟାସ କରୁଛି। ଲୋକେ କହୁଥିଲେ, ମୁଁ ଶୁଣିଥିଲି ମାତ୍ର ପ୍ରତ୍ୟକ୍ଷରେ ଦେଖି ନଥିଲି। ମୋର କ'ଣ ହେଲା କେଜାଣି!

ଅଧାଜଳା ସିଗାରେଟ୍‌କୁ ତଳେ ପକାଇ ଦଳିଦେଲି। ବିଶ୍ରାମାଗାର ଭିତରକୁ ଦୌଡ଼ି ଗଲି। ଗୋବର୍ଦ୍ଧନ ମୋତେ ଦେଖି ଗୋଟିଏ କୋଣକୁ ଯାକି ହୋଇଗଲା ଆଉ ଭୟରେ କରପତ୍ର ଯୋଡ଼ି କହିଲା– ଭାଇ ଭୋକ ହେଲା, ସହି ପାରିଲିନି। ତମେ ଗାଁରେ ନାହଁ ଭାବି ପି' ଦେଇଚି। ଆଉ ଭୁଲ୍ କରିବିନି।

ଗୋବର୍ଦ୍ଧନକୁ ନିଜ କୋଳରେ ଭିଡ଼ି ଧରିଲି। ପକେଟ୍‌ରୁ ନିଜ ରୁମାଲ କାଢ଼ି ତା' ମୁହଁ ପୋଛିଲି– ତୋ'ର ଏଇ ଦଶା ପାଇଁ ମୁଁ ଦାୟୀ।

ମୁଁ ତମ ସାନ ଭାଇ ନୁହଁ ବଡ଼ ପୁଅ, ମୋ' ଦୋଷ ଧରିବନି। ସବୁ ଜମି ତମ ନାଁରେ କରିଦିଅ, ଯୋଉଠି କହିବ ସେଇଠି ମୁଁ ସାଇନ୍ କରିଦେବି। ମୁଁ ତ କେତେବେଳେ ବାଟରେ ଘାଟରେ ପଡ଼ିମରିଯିବି। ମଦୁଆଟେ ମୁଁ।

ମୋ' ଆଖି ଭର୍ତ୍ତି ହେଇଗଲା ଲୁଣି ପାଣିରେ। ମୁଁ ତାକୁ ଆହୁରି ଜୋର୍‌ରେ ଜାବୁଡ଼ି ଧରିଲି– ହଁ ତୁ ମୋ' ପୋରୁହାଁ ପୁଅ, ମୋ' ପାଖରେ ସାରା ଜୀବନ ରହିବୁ, କଥା ଦେ' ମୁଁ ମଲେ ତୁ ହିଁ ମୁଖାଗ୍ନି ଦେବୁ।'

ମୋ: ୯୪୩୭୪୬୮୦୧୬

## ପୁସ୍ତକ ପରିଚୟ

### ଓହଳ



**କବି:** ରମେଶ ପତି
**ପ୍ରକାଶକ:** ପ୍ରବାହ, ଗୋବିନ୍ଦପୁର, ଯାଜପୁର-୭
**ପ୍ରଥମ ପ୍ରକାଶ:** ୨୦୨୨,
**ମୂଲ୍ୟ:** ଟ. ୨୦୦/-

ମୋଟ ୪୬ଟି କବିତା ଆଲୋଚ୍ୟ କବିତାଗ୍ରନ୍ଥରେ ସ୍ଥାନିତ। ଅଧିକାଂଶ କବିତାରେ କବି ବଞ୍ଚିତ ମଣିଷର କଷଣ ଓ ପେଷଣର ଚିତ୍ର ଆଙ୍କି ବସନ୍ତି। ଏସବୁ ଚିତ୍ର ଓଡ଼ିଆ ଭାଷାର ସାଂସ୍କୃତିକ ମୌଳିକତାକୁ ବିସ୍ମୃତ ନ ହୋଇ ରୂପ ପାଏ ପ୍ରାୟ କବିତାରେ। ରାଜନୀତିର ପ୍ରବଞ୍ଚନା, ନିମ୍ନବର୍ଗର ମଣିଷଙ୍କ ହତାଶା, ବ୍ୟକ୍ତିର ବେଦନାମଥିତ ନିଭୃତି, ଅଙ୍ଗେ ନିଭେଇଥିବା ଚଉପାଶର ଚିତ୍ର ବହୁ କବିତାରେ ଜୀବନ୍ତ ହୋଇଉଠେ। ଯଥା: ୧. "ଶେଷରେ/ ବିଦେଶୀ ମୁଦ୍ରାକୁ ଆଶ୍ରାକରି/ ଖୋଦ୍ ରାଜା ଝୁଲୁଥିବେ।/ ଯେଉଁଦିନ ଶେଷ ଓହଳଟି/ ଆପଣାଛାଏଁ ଛିଣ୍ଡିଯିବ ଏଠି.../ ସେଦିନ ଆମ ଦେଶ/ ଆଉ ଆମର ହେଇ ନ ଥିବ।" (ଓହଳ, ପୃ:୧୦), ୨. "ମୁଂଡ ଟିକେ ଗୁଂଜିବାକୁ ସେମାନେ/ ଖୋଜୁଛଂତି ଛାତ,/ ଆଉ ଗୋଡ଼ ଟିକେ ଭିଡ଼ିବାକୁ/ ଦୁଇ ପାଦ ଭୂଇଁ।/ ହେଲେ ସେସବୁ/ ସେମାନଙ୍କ ଭାଗ୍ୟେ ଲେଖା ନାଇଁ।" (କଂକାଳ ମଣିଷ, ପୃ: ୩୩)। ସାନ ଭଉଣୀର ବାହାଘର ଖର୍ଚ୍ଚ ତୁଲାଇବାକୁ ଘରଡିହ ବଦଳରେ ଟଙ୍କା ଦେଉଥିବା ମଧୁ ସାହୁକାରଠୁଁ ପଡ଼ୋଶୀ ଦେଶର ବର୍ବର ତାଲିବାନ୍‌ଙ୍କଯାଏଁ କବିଙ୍କ ଦୃଷ୍ଟି ଲମ୍ବିଥାଏ। ସ୍ଥାନୀୟତାରେ ଥାଏ ଚେର, ଅଥଚ ଡାଳପତ୍ର ମେଲିଥାଏ ଦେଶ ଦେଶାନ୍ତର। ପ୍ରଚ୍ଛଦ ଲେଖରେ କୁହାଯାଇଛି: ସତ୍ୟ, ଶୃଙ୍ଖଳା ଓ ସୌନ୍ଦର୍ଯ୍ୟର କବି ରମେଶ। ତାଙ୍କ କବିତାର ପ୍ରସଙ୍ଗ ଯଦିଓ ସମସମୟର ସମାଜ, ତେବେ ପୀଡ଼ିତ ମାନବ ପ୍ରତି ସଂବେଦନାରେ ନିବଦ୍ଧ ଥାଏ କବିଙ୍କର ସୃଜନ-ପ୍ରତିବଦ୍ଧତା। 'ଓହଳ' ଓଡ଼ିଆ କବିତାର ସାରଣୀରେ ଯେ ଏକ ସଫଳ ସଂଯୋଗ-ଏହା ବିଶ୍ୱାସର ସହ କହିହୁଏ।

### ଗଗନେନ୍ଦ୍ର ଗାଥା



**ସମ୍ପାଦନା:** ଗୌରାଙ୍ଗ ଚରଣ ଦାସ, ଅସିତ୍ ମହାନ୍ତି, କୃଷ୍ଣଚନ୍ଦ୍ର ପ୍ରଧାନ
**ପ୍ରକାଶକ:** ବିଦ୍ୟାପୁରୀ, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୩,
**ମୂଲ୍ୟ:** ଟ. ୧୫୦/-

୧୯୪୦ରେ ଜନ୍ମିତ ଗଗନେନ୍ଦ୍ର ନାଥ ଦାଶଙ୍କର ତିରୋଧାନ ହୁଏ ୨୦୨୨ରେ। ତାଙ୍କ ତିରୋଧାନର ବର୍ଷପୂର୍ତ୍ତି ଅବକାଶରେ ପ୍ରକାଶ ପାଇଛି ଆଲୋଚ୍ୟ ପୁସ୍ତକ 'ଗଗନେନ୍ଦ୍ର ଗାଥା' ୨୦୨୩ରେ। ଏଥିରେ ଗବେଷକ ପ୍ରଫେସର ଦାଶଙ୍କ ଜୀବନୀ ଓ କୃତିର ସବିଶେଷ ବିଶ୍ଳେଷଣ କରାଯାଇଛି। ଗଗନେନ୍ଦ୍ର ଗାଥା, ଜୀବନ ଓ ସୃଜନ, ଓଡ଼ିଶା ଇତିହାସକୁ ତାଙ୍କର ଅବଦାନ, ଗବେଷଣାରେ ତାଙ୍କ ସତ୍ୟସନ୍ଧତା, ନିର୍ବାଚିତ ପ୍ରବନ୍ଧ ସଂକଳନର ମୂଲ୍ୟାୟନ, ସମାଲୋଚକ ଭାବେ ଲେଖକଙ୍କର ପୁନଃଆକଳନ, ବ୍ୟକ୍ତିତ୍ୱ ବିଶ୍ଳେଷଣ, ଭାଷାବିଜ୍ଞାନୀ ଭାବେ ଗଗନେନ୍ଦ୍ରଙ୍କ ବିରଳ କୃତିତ୍ୱ, ଜଗନ୍ନାଥ ସଂସ୍କୃତି ଓ ଓଡ଼ିଆ ଜାତୀୟତା ଅଧ୍ୟୟନରେ ଗବେଷକ ଦାଶଙ୍କ ବିଶେଷତ୍ୱ ଆଦି ପ୍ରସଙ୍ଗରେ କୃଷ୍ଣଚନ୍ଦ୍ର ପ୍ରଧାନ, ଲଲାଟେନ୍ଦୁ ଦାସ ମହାପାତ୍ର, ବୀରେନ୍ଦ୍ର ନାୟକ, ହରପ୍ରସାଦ ମିଶ୍ର, ପ୍ରମୋଦ କୁମାର ପରିଡ଼ା, ଦୀପ୍ତିରଞ୍ଜନ ପଟ୍ଟନାୟକ, ଇନ୍ଦ୍ରମଣି ସାହୁ, ସଦାନନ୍ଦ ନାୟକ, ରଞ୍ଜନ କୁମାର ଦାସ, କୈଳାସ ଚନ୍ଦ୍ର ଦାଶ, ପୁଣ୍ୟଶ୍ଳୋକ ଦାଶ ଓ ସୁମନ୍ୟୁ ଶତପଥୀ ପ୍ରମୁଖ ତଥ୍ୟନିଷ୍ଠ ଆଲୋଚନା କରିଛନ୍ତି। ଆମ ସମୟରେ ଯଦି ଜଣେ ଉପ୍ରୋଧହୀନ ସାହିତ୍ୟସେବକଙ୍କୁ ଆମେ ଖୋଜିବସିବା, ତେବେ ଅବଧାରିତ ଭାବେ ସେ ହିଁ ହେବେ ଗବେଷକ ଗଗନେନ୍ଦ୍ର ନାଥ ଦାଶ। 'ଜନଶ୍ରୁତି କାଞ୍ଚିକାବେରୀ'ଠୁ ଆରମ୍ଭକରି ଶ୍ରୀଜଗନ୍ନାଥଙ୍କ ସମ୍ପର୍କରେ ଗବେଷଣା ଓ ଓଡ଼ିଆ ଜାତୀୟତାର ସ୍ୱରୂପ ନିର୍ଣ୍ଣୟ କ୍ଷେତ୍ରରେ ଗଗନେନ୍ଦ୍ରଙ୍କ କାଳଜୟୀ ଅବଦାନକୁ ସଂକ୍ଷେପରେ ସର୍ବସମ୍ମୁଖକୁ ଆଣିବାରେ ସଂକଳିତ ଗ୍ରନ୍ଥଟି ନାନା ଭାବେ ସହାୟକ ମନେହୁଏ। ପୁସ୍ତକର ବହୁଳ ଆଦୃତି ଅବଧାରିତ। ଗଗନେନ୍ଦ୍ରଙ୍କୁ ଚିହ୍ନେଇବା ଓ ଚିହ୍ନିବାରେ ଏହି ସମୟୋଚିତ ଉଦ୍ୟମଟି ପ୍ରଶଂସନୀୟ।

## କବିତା

### ନୀଳ ଯମୁନା

**ସେନାପତି ପ୍ରଦ୍ୟୁମ୍ନ କେଶରୀ**

ଯମୁନାରୁ
ନା ଜୀବନରୁ ଅତଡ଼ା ଖସୁଛି?

ଯାହା ନିରବରେ
ଛାତି ଭିତରୁ ଖସିପଡ଼ିଲା
ତାହା କ'ଣ ଥିଲା?

କଳିଜାର ଟୁକୁଡ଼ା
ନା କିଛି କାନ୍ଦର ମଉଳା ପାଖୁଡ଼ା?

ଛେଉଣ୍ଡ ମନର ଛିଣ୍ଡା ହସର ଚେହେରା
କେବେ କାହା ଆଖିରେ ପଡ଼େନି।

ସମସ୍ତେ ଭାବନ୍ତି,
କାନ୍ଦ ଗୋଟେ ଜାରଜ ଛୁଆ
ଅକାରଣେ ସବୁରି ଠେଇଁ ଲଗାଏ ଦାଗ
ଟିକେ ଟିକେ ଅଭାବ କଷ୍ଟରେ
ଲୁହର ବନ୍ୟାରେ କେତେ କ'ଣ
ଭସେଇନିଏ!

ବାରମ୍ବାର ଭାଙ୍ଗିପଡ଼ିଲେ ବି
ପୁଣି କେମିତି ସୁନ୍ଦର ବାଗରେ
ଗଢ଼ି ହେଇଯାଏ ଜୀବନ, କିଏ ଜାଣେ?
ପୁଣି କେମିତି ନୂଆ ଭାବରେ
ପତ୍ରେଇଯାଏ।

ସତ କଥା ହେଲା
ପ୍ରେମକୁ କେବେ ଠିକ୍‌ରେ ବୁଝି
ହେଲାନି।

ଯାବତୀୟ ଆକ୍ରମଣର କବଳରୁ
ଉଦ୍ଧାର କରି ହେଲାନି
କୁନି କୁନି ତାରାମାନଙ୍କୁ।

ତଥାପି ଆକାଶ କେବେ
ତାରାହୀନ ହେଇଛି?
ନା ଆବେଗ
ଉଜୁଡ଼ିଯାଇଛି ଯମୁନାରୁ?

ମୋ: ୬୩୭୧୫୨୩୫୯୮

### ଫେରିବାକୁ ହେବ

**ଡ. ଭାରତୀ ମହାନ୍ତି**

ଏ ସହର ଧାଉଁଛି ଧାଉଁଛି
ଶୋଭାଯାତ୍ରା ସ୍ଲୋଗାନ୍ ଗାଡ଼ିଘୋଡ଼ା
କୋଳାହଳ କରି ବେଳେବେଳେ
ଲାଲବତି ଅବା ଅଧାରାତି
ଟିକିଏ ଅଟକିଯାଏ, ପୁଣି ଧାଏଁ
ବାଟ ଚିରିଚିରି ଏଠି
ସମ୍ପର୍କର ନାଁ ବ୍ୟବସାୟ
ପ୍ରେମର ନାଁ ପ୍ରତାରଣା
ହସର ନାଁ ଛଳନା
ଲୁହର ନାଁ ଦୁର୍ଘଟଣା
ସବୁ ରୂପ ସିନେମା ପୋଷ୍ଟର
ସବୁ କଥା ନିଜର ପ୍ରଚାର
ମାଟି କଣ୍ଢେଇର ଦେହେ
ପ୍ଲାଷ୍ଟିକ୍‌ର ଫୁଲ ଶ୍ୱାସ ନାହିଁ
ବାସ ନାହିଁ ଫେରିଚାଲ
ବନ୍ଧୁ ଫେରିଚାଲ ସେପାଖେ
ଚାହିଁଛି ବାଟ ଆମ୍ବ ବଉଳର ବାସ୍ନା
ରଙ୍ଗଣୀର ଓଠ
ସବୁଜ ଘାସର ଦେହେ
ସାଧବବୋହୂର ସ୍ୱପ୍ନସବୁ...
ଘରମୁକୁଳା କବାଟ
ଅପେକ୍ଷା କରିଛି ସେଠି
ହଳଦୀବସନ୍ତ ପକ୍ଷୀ ପ୍ରଜାପତି
ଉନ୍ମତ୍ତ ଭଅଁର ନୁଆଁଣିଆ ଚାଳ ତଳେ
ଆକାଶକୁ ଚୁମା ଦିଏ
ହୃଦୟ ନଅର ଫେରିବାକୁ ହେବ
ଶୁଣିବାକୁ ହେବ କଂକ୍ରିଟ୍
ଲୁହାର ଏଇ ଜଙ୍ଗଲ ଭିତରୁ
ସବୁଜ ସୁନ୍ଦର ସେଇ ବଗିଚାକୁ
ଯେଉଁଠି ଏବେବି
ଶୁଭେ କୋଇଲିର କୁହୁ ଜୀବନରେ
ଲୋଡ଼ା ନୁହେଁ ମିଛ ମିଛ ରଙ୍ଗଦିଆ
ନିଆଁର ସହର ଫେରିବାକୁ ହେବ
ପୁଣି ମାଟି ଓ ଆକାଶ ଫାଙ୍କେ
ଯେଉଁଠି ଏବେ ବି ଅଛି
ନୁଆଁଣିଆ ପ୍ରୀତି ଚାଳଘର।

ମୋ: ୯୯୩୭୬୫୯୭୦୩

### ଋତୁ

**ପୀୟୂଷ ପଟ୍ଟନାୟକ**

ତୁମେ ଯେବେ ଆସ
ଭାରି ବର୍ଷା ହୁଏ
ଘାସ ଫୁଲ ପାଖୁଡ଼ାରେ
କାକରର ବିନ୍ଦୁ ପରି
ମୋ' ଦେହରେ,
ମୋ' ମନରେ ବର୍ଷା ପଡ଼େ
ଓଦାହୁଏ ପୁଣି ବି ହୁଏନି
ଶିରିଶିରି ପବନରେ ରୋମାଞ୍ଚିତ ଓଠରୁ
ଖସିଯାଏ କିଛି ଶବ୍ଦ
ଦୂର ଆକାଶକୁ ଉଡ଼ିଯାଏ ପକ୍ଷୀଟିଏ ପରି
ତୁମକୁ ତ ଛୁଏଁ
ଆଉ ପୁଣି ବର୍ଷା ହୁଏ।

ଏବେ ଏଠି ବହୁତ ଶୀତ
ପତ୍ରଝଡ଼ା ଗଛସବୁ
ତୁମ ସହ ଅଧୀର କଥା ହେବା ପାଇଁ
ତୁମେ ଆସିବ, ଛୁଇଁଦେବ ଆଉ
ପତ୍ର ସବୁ ପଛକୁ ଫେରି ଚାହିଁବେ
ଆକାଶରୁ ତାରା ସବୁ ସନ୍ଧ୍ୟା ହେଲେ
ମଲ୍ଲୀଫୁଲ ହୋଇ ଝଡ଼ିପଡ଼ିବେ
ତୁମକୁ ରହିବାକୁ କହିବେ
ମାତ୍ର ତୁମେ ଫେରିଯିବ
ଫେରିବ କି ମୋ' ପାଖକୁ
ଅସରାଏ ବର୍ଷା ସହ!

କୃଷ୍ଣଚୂଡ଼ା ମୁହଁ ଦେଖିଲେଣି
ତୁମ ଆଖିର ନୀଳ ନୀଳ ଡୋଳାରେ
ଭଉଁରି ଖାଇଲାଣି ଖରାବେଳେ
ମୋ' ଛାଇ
ବୋଧେ ଅପରାହ୍ନ
ତୁମେ କ'ଣ ରହିଯିବ?
କିଛି ସମୟ
ଆକାଶରେ କିଛି କଳା ମେଘ
ବୋଧେ ବର୍ଷା ହେବ।

ମୋ: ୭୫୦୬୧୮୯୦୩୦

## ଲଘୁ ଗଳ୍ପ

# ବିରହର ଆନନ୍ଦ

**ଜଟିଦାନନ୍ଦ ଦାଶ**

ଆଜିକୁ ଉଷାଦେବୀ ଓ ମହେଶ ବାବୁଙ୍କର ବିଭାଘର ଦୁଇମାସ ବିତିଗଲାଣି। ନବଦମ୍ପତି ସେଦିନ ଡ୍ରଇଂରୁମ୍‌ରେ ବସି ବର୍ଷାଦିନର ମାଧୁର୍ଯ୍ୟ ଉପଭୋଗ କରୁଥା'ନ୍ତି। ମୁଢ଼ି ମିକ୍ସର ଖାଇବା ସାଙ୍ଗକୁ କ୍ୟାରମ୍ ଖେଳରେ ନିଜକୁ ମଜାଇ ଦେଇଥା'ନ୍ତି। ଠିକ୍ ଏଇ ସମୟରେ ଉଷାଦେବୀ ଏବଂ ମହେଶ ବାବୁ କେହି ଜଣେ ବ୍ୟକ୍ତି କିଛି ମନକୁମନ ଗପି ଗପି ଏବଂ ହସିହସି ବାଟରେ ଆସୁଥିବାର ଝରକାରେ ଦେଖିବାକୁ ପାଇଲେ। ଲୋକଟିର ଅସଜଡ଼ା ମୁଣ୍ଡବାଳ ସାଙ୍ଗକୁ ମଇଳା ପୋଷାକରୁ ଜଣାପଡୁଥାଏ ବ୍ୟକ୍ତିଟି ଜଣେ ପାଗଳ। ଲୋକଟିକୁ ଦେଖି ମହେଶ ବାବୁ ଅନ୍ୟମନସ୍କ ହୋଇ କିଛି ସମୟ ନୀରବ ରହିଗଲେ। କିଛି ସମୟ ନୀରବ ରହିବାପରେ ମହେଶ ବାବୁଙ୍କର ଆଖି ଲୁହରେ ଛଳଛଳ ହେବାର ଦେଖାଗଲା। ଉଷାଦେବୀ ସଙ୍ଗେ ସଙ୍ଗେ ମହେଶ ବାବୁଙ୍କ ମୁଣ୍ଡକୁ ହଲେଇ ଦେଇ ପଚାରି ଦେଲେ– 'କ'ଣ ହେଲା ତୁମର। କାନ୍ଦୁଛ କାହିଁକି?' ମହେଶ ବାବୁ ପ୍ରକୃତିସ୍ଥ ହୋଇ କହି ପକାଇଲେ, ନା କିଛି ହେଇନି, ମାତ୍ର ଉଷାଦେବୀଙ୍କ ମନ ବୁଝିଲା ନାହିଁ। ସେ ମହେଶ ବାବୁ କାନ୍ଦିବାର କାରଣ କହିବାକୁ ବାଧ୍ୟ କରିବାରୁ ନିବୃତ୍ତ ହେଲେ ନାହିଁ। ଯା'ହେଉ ମହେଶ ବାବୁ କାନ୍ଦିବାର କାରଣ ବଖାଣିବାକୁ ଲାଗିଲେ। ବାଟରେ ଯାଉଥିବା ପାଗଳ ଲୋକଟି ଆଉ କେହି ନୁହେଁ, ତାଙ୍କର ବନ୍ଧୁ ରୂପେଶ ବାବୁ।

ରୂପେଶ ଓ ମହେଶ ଦୁହେଁ ପିଲାବେଳର ଅନ୍ତରଙ୍ଗ ସାଙ୍ଗ। ଏକା ସାଙ୍ଗରେ ପଢ଼ିବା, ଖେଳିବା ଏବଂ ଖାଇବା ନିତିଦିନିଆ ରୁଟିନ ଥିଲା କହିଲେ ଚଳେ। ଜଣେ ଜଣଙ୍କର ମୁହଁ ନ ଦେଖିଲେ ରହିପାରେନା। ସମୟର ଆହ୍ୱାନକ୍ରମେ ଦୁଇଜଣଯାକ ମାଟ୍ରିକ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୁଅନ୍ତି। ଦୁହେଁ କଟକ ରେଭେନ୍ସା କଲେଜରେ ସାଇନ୍ସ ପଢ଼ନ୍ତି। ମହେଶ ବାବୁ ଏମ୍.ଏସ୍‌ସି. ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ପରେ ଓସିଏସ୍ ପରୀକ୍ଷା ଦିଅନ୍ତି ଏବଂ ଉତ୍ତୀର୍ଣ୍ଣ ହୋଇ ତହସିଲଦାରରେ ନିଯୁକ୍ତି ପାଆନ୍ତି। ଅନ୍ୟ ପକ୍ଷରେ ରୂପେଶ ବାବୁ ପୋଲିସ ନିରୀକ୍ଷକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ କଟକରେ ପୋଲିସ ଇନ୍ସପେକ୍ଟରରେ ନିଯୁକ୍ତି ପାଆନ୍ତି। ରୂପେଶ ବାବୁ ଜଣେ ଆଦର୍ଶ ଓ ସଚ୍ଚୋଟ ପୋଲିସ ଅଫିସର ଥିଲେ। ସହରର ଗୁଣ୍ଡାମାନଙ୍କୁ ଦମନ କରିବାରେ ଖୁବ୍ ସଫଳ ହୋଇଥିଲେ। କଟକରେ ଡୋରା ନାମ୍ନୀ ଗୁଣ୍ଡା ଦାଦାବଟି ମାଗିବାରେ ଓ ଅନ୍ୟଦ୍ୱାରା ପ୍ରଲୋଭିତ ହୋଇ ଭଲ ଲୋକଙ୍କୁ ମର୍ଡର କରିବାରେ ଧୁରନ୍ଧର। ତା' ନାମରେ ଥାନାରେ ଅନେକ କେଶ୍ ପଡ଼ିରହିଥିଲା। ମାତ୍ର ଆଗରୁ କୌଣସି ପୋଲିସ ଅଫିସର ତାକୁ ଦମନ କରି ପାରି ନ ଥିଲେ। ରୂପେଶ ବାବୁ କଟକ ଟାଉନ ଥାନା ଅଫିସର ହେବା ପରେ ଡୋରାକୁ ଆରେଷ୍ଟ କରି ଜେଲ ପଠେଇଥିଲେ। ଖଳନାୟକ ଡୋରା ଜେଲରୁ ବାହାରିଲା ପରେ ରୂପେଶ ବାବୁଙ୍କ ବିରୋଧରେ ପ୍ରତିଶୋଧ ନେବା ପାଇଁ ମନସ୍ଥ କରିଥିଲା। ରୂପେଶ ବାବୁଙ୍କର ଘରେ ଘରଣୀ ମନୋରମା ଓ ଗୋଟିଏ ଚାରିବର୍ଷର ପୁଅ ଥାଆନ୍ତି। ଦିନେ ରୂପେଶ ବାବୁ ଡ୍ୟୁଟିରେ ଯାଉଥିବାବେଳେ ଡୋରା ସାଜେ କାଳରୂପ ସର୍ପ। ସେ ଯାଇ ରୂପେଶ ବାବୁଙ୍କ ଘରେ ପଶି ତାଙ୍କ ପତ୍ନୀ ଓ ପୁତ୍ରକୁ ନୃଶଂସ ଭାବରେ ହତ୍ୟାକରେ। ପରିଶେଷରେ ରୂପେଶ ବାବୁ ଏସବୁ ଆଚମ୍ବିତ ପରିସ୍ଥିତି ଦେଖି ଅତ୍ୟନ୍ତ ବିବ୍ରତ ହୋଇ ମାନସିକ ଭାବେ ଅସୁସ୍ଥ ହୋଇପଡ଼ନ୍ତି। ଏପରି ଖରାପ ମାନସିକ ଅବସ୍ଥାରେ ରହି ଆଜି ସେ ନିଜର ପରିବାରକୁ ହରାଇ ପାଗଳ ହୋଇ ରାସ୍ତାରେ ବୁଲୁଛନ୍ତି। ପରିବାର ବିରହର ବେଦନାକୁ ଭୁଲି ସେ ବୁଲିବୁଲି ହସି ଚାଲିଛନ୍ତି। ସତେ ଯେମିତି ବିରହର ଦୁଃଖ ତାଙ୍କ ପାଇଁ ବିରହର ଆନନ୍ଦ ପାଲଟିଯାଇଛି। ସେ ସେଇ ବିରହର ଆନନ୍ଦରେ ହିଁ ଚାଲିଛନ୍ତି। ରାତି ହୋଇ ଆସିଥିଲା। ବର୍ଷାର ପ୍ରଭାବ ମଧ୍ୟ କମିଯାଇଥିଲା। ଉଷାଦେବୀ ମହେଶ ବାବୁଠାରୁ ରୂପେଶ ବାବୁଙ୍କ କଥା ଶୁଣି ତାଙ୍କ ଆଖିରୁ ମଧ୍ୟ ଝରିଆସିଥିଲା ଦୁଇଧାର ଲୁହ। ଯେଉଁ ଲୁହ ଆରପଟେ ରୂପେଶ ବାବୁଙ୍କ ବିରହର ଆନନ୍ଦ ସମାନ ଭାବେ ତାଳ ଦେଇ ଗତି କରୁଥିଲା।



ମୋ: ୯୯୩୮୧୮୧୩୨୦

## କାଳକାଳକୁ



"**ଛୋଟ ଛୋଟ ଜିନିଷରେ ସୁନ୍ଦରତାର ଅନ୍ୱେଷଣ ଘରକୁ ଓ ଜୀବନକୁ ସୁଖୀ ତଥା ପ୍ରେମମୟ କରେ।**"
**– ଲୁଇସା ମେ ଆଲକଟ୍**

**ଲୁଇସା ମେ ଆଲକଟ୍‌ଙ୍କ** ଜନ୍ମ ୨୯ ନଭେମ୍ବର ୧୮୩୨ରେ, ଆମେରିକାର ଫିଲାଡେଲଫିଆରେ ଓ ପରଲୋକ ୬ ମାର୍ଚ୍ଚ ୧୮୮୮ରେ ଆମେରିକାର ବୋଷ୍ଟନ୍‌ରେ। ଆଲକଟ୍ ଊନବିଂଶ ଶତାବ୍ଦୀର ଜଣେ ଅଗ୍ରଣୀ ଲେଖିକା ଭାବେ ସାରା ବିଶ୍ୱରେ ପ୍ରତିଷ୍ଠିତା। 'ଲିଟିଲ୍ ୱିମେନ୍' ହେଉଛି ତାଙ୍କର ଅତି ପ୍ରସିଦ୍ଧ ଏକ ଉପନ୍ୟାସ। ଅନ୍ୟ ଚର୍ଚ୍ଚିତ ପୁସ୍ତକ ମଧ୍ୟରେ 'ମୁଡ୍‌ସ', 'ଦ ଇନ୍‌ହେରିଟାନ୍ସ' ଓ 'ଅଣ୍ଡର ଦ ଲାଇଲାକ୍ସ' ଅନ୍ତର୍ଭୁକ୍ତ। ଜୀବନ ଓ ଜଗତକୁ ଦେଖିବାର ଏକ ବିରଳ ମନୋଭଙ୍ଗୀ ହିଁ ଲୁଇସାଙ୍କ ଲେଖକୀୟ ଜୀବନର ବିଶେଷତ୍ୱ।

## ସଂକ୍ଷେପରେ

### ଖାଦ୍ୟ ବ୍ୟବସାୟୀଙ୍କ ପଞ୍ଜୀକରଣ ମେଳା



**ଖଡ଼ିଆଲ,୨୨।୩(ସୁଜିତ୍ କୁମାର ପ୍ରଧାନ)**

ନୂଆପଡା ଜିଲା ଖଡ଼ିଆଲ ୱାର୍ଡ ନଂ. ୮ଠାରେ ଥିବା ବଦ୍ରି ନାରାୟଣ ମ୍ୟାରେଜ ପେଲେସଠାରେ ଖଡ଼ିଆଲ ବେପାରୀ ସଂଘ ସହଯୋଗରେ ଦୁଇ ଦିନିଆ ଖାଦ୍ୟ ବ୍ୟବସାୟୀଙ୍କ ପଞ୍ଜୀକରଣ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖଡ଼ିଆଲ ବ୍ଲକ ତଥା ଖଡ଼ିଆଲ ସହରର ମୋଟ ୮୫ଜଣ ବ୍ୟବସାୟୀ ପଞ୍ଜୀକୃତ ହୋଇଥିଲେ। ଏଥିରେ ପଞ୍ଜୀକୃତ ହୋଇଥିବା ବ୍ୟବସାୟୀମାନଙ୍କୁ ୭ ଦିନ ମଧ୍ୟରେ ରେଜିଷ୍ଟ୍ରେସନ ଓ ଲାଇସେନ୍ସରେ ପ୍ରଦାନ କରାଯିବା ସୁବିଧା ଯୋଗାଇ ଦିଆଯାଇଛି। ଖାଦ୍ୟ ସୁରକ୍ଷା ମେଳାରେ ଜିଲା ପବ୍ଲିକ ହେଲଥ ଅଧିକାରୀ ଗୋପାଳ ଚନ୍ଦ୍ର ମଲ୍ଲିକ, ଜିଲା ଖାଦ୍ୟ ନିରାପତ୍ତା ଅଧିକାରୀ କୃଷ୍ଣ ପ୍ରିୟା ସାହୁ, ସୋଭନ ରଥ, ଧରଣୀଧର ମୁଣ୍ଡା ଥିବାବେଳେ ବିଭାଗୀୟ କର୍ମଚାରୀ ସହଯୋଗ କରିଥିଲେ।

### ଜିଲା ପେସାଦାର ସାମ୍ବାଦିକ ସଂଘର ନୂତନ କର୍ମକର୍ତ୍ତା ମନୋନୟନ

**ବଲାଙ୍ଗୀର,୨୨।୩ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲା ଚୁଡାପାଲି ଠାରେ ଶୁକ୍ରବାର ଜିଲା ପେସାଦାର ସାମ୍ବାଦିକ ସଂଘ ସାଧାରଣ ପରିଷଦ ବୈଠକ ସଂଘ ନବନିର୍ବାଚିତ ସଭାପତି ଅଶ୍ୱିନୀ କୁମାର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସଭାପତି ଆସନ୍ତା ୩ବର୍ଷ ପାଇଁ ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଥିଲେ। କାର୍ଯ୍ୟକାରୀ ସଭାପତି ଭାବେ ସନ୍ଦୀପ କୁମାର କୁଅଁର, ଉପ ସଭାପତି ଭାବେ ଅଶୋକ ନାରାୟଣ ଭୋଇ, ସୁଧାକର ଦାସ, ସୁଶାନ୍ତ ବାରିକ, ସାଧାରଣ ସମ୍ପାଦକ ଭାବେ ଶ୍ୟାମ ସୁନ୍ଦର ମେହେର, ସଙ୍ଗଠନ ସମ୍ପାଦକ ଭାବେ ହୁଲେଶ୍ୱର ହଂସ, ସହସମ୍ପାଦକ ଭାବେ ବିରଞ୍ଚି ନାଏକ, ଦେବରାଜ ନାହାକ, ଗୁରୁଦୟାଲ ହଂସ, ସୁଦାମ ଚରଣ ବଘାର, କୋଷାଧ୍ୟକ୍ଷ ଭାବେ ବିମଳେନ୍ଦୁ ସାହୁ ମନୋନୀତ ହୋଇଛନ୍ତି। ଉପଦେଷ୍ଟା କମିଟିରେ ଆନନ୍ଦ ଚନ୍ଦ୍ର ସାହୁ, ବାଳକୃଷ୍ଣ ମିଶ୍ର, ସୁଶୀଲ କୁମାର ମିଶ୍ର, କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଅନ୍ତିମ ପାଣିଗ୍ରାହୀ, ଅଜିତ କୁମାର ପୁରୋହିତ, ଅଶୋକ କୁମାର ସାହୁ, ଅନ୍ତର୍ଯ୍ୟାମୀ ସାହୁ, ବିରାଜନନ୍ଦ ପାଢ଼ୀ, ବ୍ୟାସଦେବ ଥନାପତି, ଦୀପକ ଖମାରୀ, ଜୀବନାନନ୍ଦ ମହାନ୍ତି, ଶାନ୍ତିଶୃଙ୍ଖଳା କମିଟିରେ ଚିନ୍ତାମଣି ରାଉତ, ଶ୍ୟାମପ୍ରସାଦ ଗୁରୁ, ସୁବାସ ଚନ୍ଦ୍ର ମିଶ୍ରଙ୍କ ନାମ ଘୋଷଣା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ବିମଲ ଦାସ, କୈଳାସ ସଗରିଆ, ଲଳିତ ମଲ୍ଲିକ, ତ୍ରିନାଥ ସାହୁ, ରାଧେଶ୍ୟାମ ମେହେର, ଅଜିତ ମିଶ୍ର, ମହେଶ କର ଏହି ସାଧାରଣ ପରିଷଦ ବୈଠକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଂଘର ସଦସ୍ୟମାନଙ୍କ ସାମୁହିକ ସ୍ୱାର୍ଥକୁ ନେଇ ପ୍ରଶାସନସ୍ତରରେ ଚାପ ସୃଷ୍ଟି ପାଇଁ ପଦକ୍ଷେପ ନେବାକୁ ଆଲୋଚନାରେ ମତପ୍ରକାଶ ପାଇଥିଲା।

# ଆଧ୍ୟାତ୍ମିକ ଚେତନାର ପୀଠ ମହିମା ଆଶ୍ରମ

## ସିଦ୍ଧବାବା ରତ୍ନମଣି ଆଶ୍ରମ

**ଭବାନୀପାଟଣା,୨୨।୩(ଉତ୍ତମ କୁମାର ଦାଶ)**

ଧର୍ମୀୟ ଭାବନା ଓ ଆଧ୍ୟାତ୍ମିକ ଚେତନା ହେଉଛି ଅଲେଖ ମହିମା ଧର୍ମ। ଓଡ଼ିଶା ତଥା ଦେଶର ବିଭିନ୍ନ ସ୍ଥାନରେ ଏହା ଗ୍ରହଣୀୟ ହୋଇଥିଲେ ହେଁ ପଶ୍ଚିମ ଓଡ଼ିଶାରେ ଅନେକ ଲୋକ ଦୀକ୍ଷିତ ହୋଇଛନ୍ତି। ବର୍ତ୍ତମାନ ପ୍ରାୟ ସ୍ଥାନରେ ଅଲେଖ ଧର୍ମାବଲମ୍ବୀ ରହୁଥିବା ବେଳେ କଳାହାଣ୍ଡି ଜିଲା ଭବାନୀପାଟଣା ସହର ଗୋଦାମପଡ଼ାରେ ରହିଥିବା ସିଦ୍ଧବାବା ରତ୍ନମଣି ଅଲେଖ ମହିମା ଆଶ୍ରମ ଏକ ପୁରାତନ ଅଲେଖ ମହିମା ପୀଠ। ପ୍ରାୟ ୧୫୦ବର୍ଷ ତଳେ ରାଜକୀୟ ଶାସନ ସମୟରେ ଏହା ସ୍ଥାପିତ ହୋଇଥିଲା। ମହାରାଜ ପ୍ରତାପକେଶରୀ ଦେଓଙ୍କ ଜେଜେମା ତଥା ମହାରାଣୀ ରାମଚନ୍ଦ୍ର ପ୍ରିୟା ଦେବୀଙ୍କ ସୌଜନ୍ୟରୁ ଏହି ଜାଗା ପ୍ରଦତ୍ତ ହୋଇଥିଲା। ମହାରାଣୀ ପୁତ୍ରର ସୁସ୍ଥତା କାମନା କରି ଅଲେଖ ବାବାଙ୍କ ଦ୍ୱାରା ଆରୋଗ୍ୟ ଲାଭ କରିଥିବା ହେତୁ ସେ ମହିମା ଧର୍ମଧାରୀଙ୍କୁ ଏଠାରେ ରହିବା ପାଇଁ ସୁବିଧା ଯୋଗାଇ ଦେଇଥିଲେ। ସେବେଠୁ କିଛି ମହିମା ଧର୍ମାବଲମ୍ବୀ ଏଠାରେ ରହିଆସୁଥିଲେ। ଅନେକ ସମୟରେ ବାବାମାନେ ଭ୍ରମଣରେ ଯାଉଥିବାରୁ ଭଗ୍ନ ଅବସ୍ଥାରେ ଆଶ୍ରମ ରହିଥିଲା। ସେତେବେଳେ ଏହା ଝାଟିମାଟିରେ ତିଆରି ହୋଇଥିଲା। ସମୟକ୍ରମେ ସିଦ୍ଧବାବା ରତ୍ନମଣି ଓଡ଼ିଶାର ବିଭିନ୍ନ ସ୍ଥାନ ପରିଭ୍ରମଣ କରିସାରିଲା ପରେ ଏଠାରେ ସ୍ଥାୟୀ ଭାବେ



ଭବାନୀପାଟଣା ସିଦ୍ଧବାବା ରତ୍ନମଣି ଅଲେଖ ମହିମା ଆଶ୍ରମ।

ରହିବା ଯୋଜନା କରିଥିଲେ। ବାବାଙ୍କ ସହ ତାଙ୍କର ଅନୁଗାମୀ ଓ ଶିଷ୍ୟମାନେ ମଧ୍ୟ କ୍ରମେ ତାଙ୍କ ସହ ରହିବାକୁ ଲାଗିଲେ। ଏଠାରେ ଅଲେଖ ଦର୍ଶନ ସହ ଜ୍ଞାନର ଅଲୋଚନା ଚାଲିଲା। ପ୍ରାରମ୍ଭିକ ଭାବେ ଏହା ୨୦ଏକର ପରିମିତ ଜାଗା ଥିଲା। କାଳକ୍ରମେ ଏହା ବର୍ତ୍ତମାନ ବିଭିନ୍ନ କାରଣରୁ ଗୋଟିଏ ଏକରରୁ କମ ଜାଗା ବିଶିଷ୍ଟ ହୋଇଯାଇଛି। ଏହି ସ୍ଥାନଟି ୧୯୮୫ ବେଳକୁ ଅମରିବଣ ପରିପୂର୍ଣ୍ଣ ଥିଲା। ସେହି ସମୟରେ ସିଦ୍ଧବାବା ରତ୍ନମଣିଙ୍କ ସୁଯୋଗ୍ୟ ଉତ୍ତରାଧିକାରୀ ତଥା ବାବା ଭଗବାନ ଦାସ ଯୋରନ୍ଦାରେ ଦୀର୍ଘଦିନ ରହିବା ପରେ ଏହି ଆଶ୍ରମକୁ ଆସିଥିଲେ। ଗୁରୁଙ୍କ ଆଜ୍ଞାରେ ଗୁରୁଙ୍କ ପାଖେ ପାଖେ ରହିବାକୁ ମନସ୍ଥ କରିଥିଲେ। ସ୍ଥାନୀୟ ବାସିନ୍ଦା ନକୁଳ ମାଝି ଆଶ୍ରମର ଦୁରାବସ୍ଥା ଦେଖି ଦୁଇଟି କୁଡ଼ିଆ ନିର୍ମାଣ କରିଦେଇଥିଲେ, ଯିଏ କି ଜଣେ ଅଲେଖ ଧର୍ମର ସାଧକ ଥିଲେ। ୧୯୮୭ରେ ଅସୁସ୍ଥତା କାରଣରୁ ରତ୍ନମଣି ବାବାଙ୍କ ଦେହାନ୍ତ ପରେ ବାବା ଭଗବାନ ଦାସ ଆଶ୍ରମର ଦାୟିତ୍ୱ ନେଇଥିଲେ। ବାଲ୍ୟକାଳରୁ ବୈରାଗୀ ସାଜିଥିବା ବାବା ଭଗବାନ ବଲାଙ୍ଗୀର ଯୋଗୀମୁଣ୍ଡାରେ ଜନ୍ମଗ୍ରହଣ କରିଥିଲେ। ଅଲେଖ ପ୍ରଭୁଙ୍କ କୃପାରୁ ସେ ଜନ୍ମ ହୋଇଥିବା ବେଳେ ୧୨ବର୍ଷ ବୟସରୁ ଅଲେଖ ମହିମା ଧର୍ମରେ ଦୀକ୍ଷିତ ହୋଇଥିଲେ। ପ୍ରାରମ୍ଭିକ ଭାବେ ବୈରାଗୀ ହୋଇ ଗୁରୁ ରତ୍ନମଣି ବାବାଙ୍କ ମାର୍ଗଦର୍ଶନରେ ସେ ଅନ୍ୟମାନଙ୍କୁ ମଧ୍ୟ ଦୀକ୍ଷିତ କରିଆସୁଛନ୍ତି। ଗୁରୁ ରତ୍ନମଣି ବାବାଙ୍କ ଦେହତ୍ୟାଗ ପରେ ଆଶ୍ରମର ଉନ୍ନତି ପାଇଁ ସେ ବିଶେଷ ଉଦ୍ୟମ କରିଥିଲେ। ଭବାନୀପାଟଣା ପୁରୁଣାପଡ଼ାର ଘାସିରାମ ପ୍ରଧାନଙ୍କ ସହାୟତାରେ ମଣ୍ଡପ ନିର୍ମାଣ ସହ ଅନ୍ୟ ଗୃହ ମଧ୍ୟ ନିର୍ମିତ ହୋଇଥିଲା। ସେହିପରି ତତ୍କାଳୀନ ଭବାନୀପାଟଣା ବିଧାୟକ ଭକ୍ତଚରଣ ଦାସଙ୍କ ସହଯୋଗରେ ଦୁଇଟି ମନ୍ଦିର ଓ ବର୍ତ୍ତମାନ ଦୃଷ୍ଟିଗୋଚର ହେଉଥିବା ପୁରୁଣା ଘର ନିର୍ମିତ ହୋଇଥିଲା। ବାବା ଭଗବାନ ଦାସ ଅହୋରାତ୍ର ଆଶ୍ରମର ଉନ୍ନତି ଦିଗରେ ମନୋନିବେଶ କରିଥିଲେ। ବର୍ତ୍ତମାନ ସେ ୭୬ବର୍ଷ ବୟସରେ ଉପନୀତ। ଅନେକ ବ୍ୟକ୍ତି, ଦାତା ତଥା ଶୁଭେଚ୍ଛୁଙ୍କ ସହଯୋଗରେ ଆଶ୍ରମର ଅନେକ ଉନ୍ନତି ସମ୍ଭବପର ହୋଇପାରିଛି। ସେହିପରି ଭବାନୀପାଟଣା ବିଧାୟକ ପ୍ରଦୀପ ନାଏକ ମଧ୍ୟ ସହାୟତାର ହାତ ବଢ଼ାଇଛନ୍ତି। ତେବେ ବର୍ତ୍ତମାନ ପରିପ୍ରେକ୍ଷୀରେ ଅନେକ ସାଧକ, ବୈରାଗୀ ଓ ଦୀକ୍ଷିତ ବ୍ୟକ୍ତି ଏଠାରେ ରହୁଥିବା ବେଳେ ବିକାଶର ଆବଶ୍ୟକତା ରହିଛି।

## ବାଲୁକା କଳାରେ ଶହୀଦ ଭଗତ ସିଂଙ୍କୁ ଶ୍ରଦ୍ଧାଞ୍ଜଳି



**କର୍ଲାମୁଣ୍ଡା,୨୨।୩(ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଡଙ୍ଗରମୁଣ୍ଡା ଗ୍ରାମର ବାଲୁକା ଶିଳ୍ପୀ ଓମ ପ୍ରକାଶ ସାହୁ ସ୍ୱାଧୀନତା ସଂଗ୍ରାମୀ ଶହୀଦ ଭଗତ ସିଂ, ଶୁକଦେବ, ରାଜଗୁରୁଙ୍କ ୯୪ତମ ଫାସୀ ଦିବସ ଉପଲକ୍ଷେ ଭଗତ ସିଂଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ସେ ଏକ ଟ୍ରିପ ବାଲିରେ ଉକ୍ତ ମଡେଲଟି ତିଆରି କରି ଭଗତ ସିଂଙ୍କ ସ୍ଲୋଗାନ 'ଇଂକଲାବ, ଜିନ୍ଦାବାଦ' ଲେଖିଛନ୍ତି।

# ନେହେନା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ




ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।

**ଖଡ଼ିଆଲ,୨୨।୩(ସୁଜିତ୍ କୁମାର ପ୍ରଧାନ)**

ନୂଆପଡା ଜିଲା ଖଡ଼ିଆଲ ବ୍ଲକ ଅନ୍ତର୍ଗତ ନେହେନା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପରିଡାଙ୍କ ସଭାପତ୍ୱରେ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ ଜିଲା ମଙ୍ଗଳ ଅଧିକାରୀ ଦୀପ୍ତିମନ୍ତ ଭୋଇ, ମୁଖ୍ୟବକ୍ତା ଭାବେ ରାଜା ଅର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ସହକାରୀ ଶିକ୍ଷକ ଗୌରାଙ୍ଗ ସାହୁ, ବିଶିଷ୍ଟ ଅତିଥି ଜିଲା ଶିକ୍ଷା ନିରୀକ୍ଷକ କଳାହାଣ୍ଡି ଓ ନୂଆପଡା ଜିଲା ଉଦୟ ସିଂ ମାଝି, ସାମ୍ମାନିତ ଅତିଥି ଖଡ଼ିଆଲ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରଜତ ସାହୁ, ସହକାରୀ ଜିଲା ମଙ୍ଗଳ ଅଧିକାରୀ ସଞ୍ଜୟ ଭୋଇ, ଶିକ୍ଷକ ସଂଘ ସଭାପତି ସୁଶୀଲ ପତି, ଶିକ୍ଷକ ସଂଘ ସଭାପତି ଗଣ ଶିକ୍ଷକ ସଂଘ ଯଶୋବନ୍ତ ନାରାୟଣ ପଣ୍ଡା, ନେହେନା ସରପଞ୍ଚ ଅଶୋକା ଦଣ୍ଡସେନା, ସମିତି ସଭ୍ୟା ଲୀଳା ରାଉତରାୟ, ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ଚାନ୍ଦା ବିଶି, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ଝରାମଣି ପାନ ପ୍ରମୁଖ ମଞ୍ଚାସୀନ ଥିଲେ। ସ୍ୱାଗତ ସଙ୍ଗୀତ ଗାନ କରିଥିଲେ ମମତାଞ୍ଜଳି ବାଗ, ଅପର୍ଣ୍ଣା ଜଗତ, ଅତିଥି ସ୍ୱାଗତ ଯଶୋଶ୍ୱିନୀ ପାଢ଼ୀ, ବାର୍ଷିକ ବିବରଣୀ ପାଠ କରିଥିଲେ ମିତାଞ୍ଜଳି ପାତ୍ର। ମଞ୍ଚ ପରିଚାଳନା କରିଥିଲେ ଗଙ୍ଗାଧର ମହାନ୍ତି। ପ୍ରଥମ ପର୍ଯ୍ୟାୟ ସଭାରେ ବିଦ୍ୟାଳୟରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମଗୁଡିକରେ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦେଇ ଅତିଥିମାନେ ସମ୍ମାନିତ କରିଥିଲେ। ଅତିଥିମାନେ କିପରି ଛାତ୍ରୀଛାତ୍ରମାନଙ୍କ ଶିକ୍ଷା କ୍ଷେତ୍ରରେ ଉନ୍ନତି ହୋଇ ପାରିବ ସେ ନେଇ ମତ ପ୍ରକାଶ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଶ୍ରମ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ସହଯୋଗ କରିଥିଲେ ସଂଗୀତା ସାଗର, କ୍ଷିତିମଣୀ ଚିନ୍ଦା, ହରିପ୍ରିୟା ମଲ୍ଲିକ, ଗୋବିନ୍ଦ ହଂସ, ବିଶେଷ ସହଯୋଗ ଶିକ୍ଷକ ମନୋଜ ହୋତା, ସୁରେଶ ଦଣ୍ଡସେନା, ସୁରେଶ ବହିଦାର, ନରସିଂ ନାୟକ, ଲୋଚନ ଶବର। ବାର୍ଷିକ ଉତ୍ସବରେ ଖଡ଼ିଆଲ, ବୋଡ଼େନ, ସିନାପାଲି ଆଶ୍ରମ ବିଦ୍ୟାଳୟରେ ବହୁ ଶିକ୍ଷକ ଯୋଗଦେବା ସହିତ ଅଭିଭାବକ ଅଭିଭାବିକା ଯୋଗଦେଇଥିଲେ। ମୋତିଲାଲ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

### ଘରକୁ ଫେରିଲା ଦାଦନ ଶ୍ରମିକଙ୍କ ମୃତଦେହ

**ଖପ୍ରାଖୋଲ,୨୨।୩(ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ନାନ୍ଦୁପଲା ଗାଁର ଦାଦନ ଶ୍ରମିକ ବୈଶାଖୁ ବରିହା (୪୫)ଙ୍କ ମୃତଦେହ ଶୁକ୍ରବାର ସକାଳେ ଘରେ ପହଞ୍ଚିଛି। ଗାଁକୁ ମୃତଦେହ ପହଞ୍ଚିଲା ପରେ ଶୋକର ଛାୟା ଖେଳି ଯାଇଥିବା ବେଳେ ପରିବାରରେ କାନ୍ଦବୋବାଳି ପଡ଼ିଯାଇଥିଲା। ମୃତ ଦାଦନ ଶ୍ରମିକ ଜଣକ ନିଜ ସମ୍ପର୍କୀୟଙ୍କ ସହ ତେଲେଙ୍ଗାନା ରାଜ୍ୟର ପାଇଦାପଲ୍ଲୀର ଏକ ଇଟାଭାଟିରେ କାମ କରିବାକୁ ପରିବାର ଲୋକଙ୍କୁ ଘରେ ଛାଡ଼ି ଏକା ଯାଇଥିଲେ। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଥିବାବେଳେ ଭାଟି ମାଲିକଙ୍କ ସହାୟତାରେ ମୃତଦେହ ଗାଁରେ ପହଞ୍ଚି ଥିଲା। ପରିବାର ସ୍ତ୍ରୀ ଓ ଦୁଇ ପିଲା ଅଛନ୍ତି। ଏନେଇ ପରିବାର ଲୋକ କିଛି କହିବାକୁ ମନା କରିଦେଇଛନ୍ତି। ବଲାଙ୍ଗୀର ଜିଲାରେ ଦାଦନ ଶ୍ରମିକ ସମସ୍ୟା ସମାଧାନ ହେଉନାହିଁ। ବିଭିନ୍ନ ସମୟରେ ଏହିଭଳି ଦାଦନ ଶ୍ରମିକ ମୃତଦେହ ଗାଁକୁ ଫେରୁଥିବା ଦେଖିବାକୁ ମିଳୁଛି।

# ଦୋଳ ଉତ୍ସବ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା




କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

**ଭବାନୀପାଟଣା,୨୨।୩(ଉତ୍ତମ କୁମାର ଦାଶ)**

## କୃତୀ ପ୍ରତିଯୋଗୀ ପୁରସ୍କୃତ

କଳାହାଣ୍ଡି ଜିଲା ଭବାନୀପାଟଣା ସହର ପୁରୁଣାପଡା ରାଧାକୃଷ୍ଣ ମନ୍ଦିରରେ ଦୋଳ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୁରୁଣାପଡା ସ୍କୁଲ ଛକ କମିଟ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଗୁରୁବାର ସନ୍ଧ୍ୟାରେ କମିଟି ସଭାପତି ସନ୍ତୋଷ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମନ୍ଦିର ଟ୍ରଷ୍ଟିର ସଭାପତି କୈଳାଶ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଇଞ୍ଜିନିୟର ନିରଞ୍ଜନ ପ୍ରଧାନ ଓ ମନ୍ଦିର ସମୂହ କମିଟି ସଭାପତି ଇନ୍ଦ୍ରଜିତ୍ ମହାଖୁଡ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରି ଉତ୍ସାହିତ କରିଥିଲେ। ସାମାଜିକ କର୍ମୀ ଲକ୍ଷ୍ମୀନାରାୟଣ ପଣ୍ଡା ଓ ଭଗବାନ ବିଶୋଇ ମଞ୍ଚ ପରିଚାଳନା କରିଥିଲେ। ସୀତାକାନ୍ତ ପ୍ରଧାନ, କୌଶିକ ନାୟକ ପ୍ରମୁଖ ସହଯୋଗ କରିଥିଲେ। କମିଟି ସାଧାରଣ ସମ୍ପାଦକ କମ୍ପୁ ପାଣି ପରିଛା ଧନ୍ୟବାଦ ଦେଇଥିଲେ।

# ଉକ୍କେଲା ଲାଲବାହାଦୁର ସରକାରୀ ବିଦ୍ୟାଳୟର ଶତବାର୍ଷିକ ସମାରୋହ

**କେସିଙ୍ଗା,୨୨।୩(ତୁମେଶ୍ୱର ସାହୁ)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଉକ୍କେଲା ଲାଲବାହାଦୁର ସରକାରୀ ବିଦ୍ୟାଳୟର ଶତବାର୍ଷିକ ସମାରୋହ ଶୁକ୍ରବାର ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଶତ ବାର୍ଷିକ ଉତ୍ସବ କମିଟି ସଭାପତି ଜୟହରି ପଟେଲଙ୍କ ସଭାପିତ୍ୱରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ କେଶବ ଚନ୍ଦ୍ର ବାରିକ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ ଡ଼ ଉମେଶ ଚନ୍ଦ୍ର ଶତପଥୀ, ଉକ୍କେଲା ସରପଞ୍ଚ ନରେନ୍ଦ୍ର ମାଝି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନରେଶ ଶବର ଓ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଶୁଭଶ୍ରୀ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ସେହିପରି ଉକ୍କେଲା ବିକାଶ ମଞ୍ଚ ସଭାପତି ଅନିରୁଦ୍ଧ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସଦର ବିଧାୟକ ପ୍ରଦୀପ ନାଏକ ଯୋଗଦେଇ ଥିବାବେଳେ ବ୍ଲକ ଅଧକ୍ଷ ଚନ୍ଦନ ସେନାପତି, ଗୋଷ୍ଠି ଶିକ୍ଷା ଅଧିକାରୀ ଆନନ୍ଦ କୁମାର ବେହେରା, ଉକ୍କେଲା ସମିତି ସଭ୍ୟ ତ୍ରିନାଥ ମାଝି, ଅଧ୍ୟାପକ ତ୍ରିନାଥ ପଟେଲ ପ୍ରମୁଖ ମଞ୍ଚାସୀନ ଥିଲେ। ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥିତ ଅତିଥି ଓ ଦର୍ଶକମାନଙ୍କୁ ମନମୁଗ୍ଧ କରିଥିଲା। କାର୍ଯ୍ୟକ୍ରମରେ ବସନ୍ତ ପୁରୋହିତ, ଅଶୋକ କୁମାର ସାହୁ, କୋଷାଧ୍ୟକ୍ଷ ପଞ୍ଚୁନାଥ ପୁଟେଲ, ଲିଙ୍ଗରାଜ ମିଶ୍ର, ନବକିଶୋର ନାଏକ, ଅଗସ୍ତି ସା ପ୍ରମୁଖ ଉପସ୍ଥିତ ରହିଥିଲେ।



ବିଦ୍ୟାଳୟର ବାର୍ଷିକ ଉତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# ନୂଆପଡ଼ାରେ ବିଜେଡିର କର୍ମୀ ମହାସମାବେଶ

**ନୂଆପଡ଼ା,୨୨।୩(ମକାରୁ ବେମାଲ)**

ସ୍ଥାନୀୟ ପୋଲିସ ପଡିଆଠାରେ ଶୁକ୍ରବାର ବିଜେଡି ପକ୍ଷରୁ କର୍ମୀ ମହାସମାବେଶ ଅନୁଷ୍ଠିତ ହୋଇଯାଇଛି। ଖରିଆର ରୋଡ ଶିବ ମନ୍ଦିରଠାରୁ ଏକ ବାଇକ ଶୋଭାଯାତ୍ରାରେ ବାହାରି ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କୁ ଦଳୀୟ ଟିକଟ ଦିଆଯାଉ ବୋଲି ସ୍ଲୋଗାନ ଦେଇ ନୂଆପଡା ପୋଲିସ ପଡିଆ ପର୍ଯ୍ୟନ୍ତ ଆସିଥିଲା। ସେଠାରେ ଜିଲା ମହିଳା, ପୁରୁଷ ଓ ଦଳୀୟ କର୍ମକର୍ତ୍ତାଙ୍କୁ ନେଇ ଏକ ବିଶାଳ ଜନ ସମାଗମ ହୋଇଥିଲେ। ବିଜେଡି ରାଜ୍ୟ ସମ୍ପାଦକ ରାଜେଶ ନିଗମଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ନୂଆପଡା ଭଗତରାମ ମାଝି, ସଦର ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, କୋମନା ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମ୍ଭାର, ଉପାଧ୍ୟକ୍ଷ ଜୟଦେବ ପ୍ରଧାନ, ଜିଲା ପରିଷଦ ଅବନୀ ରଞ୍ଜନ ଯୋଶୀ, ଉମା ଠାକୁର, ମୁରଲିଧର ଭୋଇ, ଚନ୍ଦ୍ରକାନ୍ତ ଠାକୁର, ଧନିରାମ ସାହୁ, ବୀରେନ୍ଦ୍ର ପ୍ରଧାନ, ରବି ବାଗ, ରାଧେ ବାଗ, କାଳିଆ ପ୍ରଧାନ, ନାରୀନେତ୍ରୀ ସରସ୍ୱତି ବାଗ, ସେଫାଳି ସଲମା, ନିଶାନ୍ତ ଡାଗା, ମନମିତ ସିଂ,ପ୍ରମୋଦ ସାହୁ ପ୍ରମୁଖ ଯୋଗଦେଇଥିଲେ। ରାଜେନ୍ଦ୍ର ଜଣେ ସମାଜସେବକ ସେବା କରିବା ତାଙ୍କର ଧର୍ମ। ସେ ବର୍ତ୍ତମାନ ସୁଦ୍ଧା ୭୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ଆଖି ଅପରେସନ କରାଇ ମାଗଣାରେ ଚଷମା ଦେଇ ଦେଶ ଦୁନିଆକୁ ଦେଖାଇଛନ୍ତି। ଅସହାୟ, ଗରିବମାନଙ୍କୁ ଆଦର୍ଶ ବିହାହ କରି ବିଭିନ୍ନ ପ୍ରକାର ଜାନି ଯୌତୁକ ଦେଇ ନୂତନ ଘର ସଂସାର ଗଠନ କରିବାରେ ସହାୟକ ହେଉଛନ୍ତି। ସେ ସମାଜ ସେବା କରି ବିଧାୟକ ହୋଇଛନ୍ତି। ସେ ଜଣେ ମହାନ ପୁରୁଷ, ତାଙ୍କ ପାଖକୁ ଯିଏ ଗଲେ ଖାଲି ହାତରେ ଫେରେ ନାହିଁ। ସେ ଚାରିଟି ନିର୍ବାଚନ ଲଢି ସାରିଲେଣି। ଗୋଟିଏରେ ପରାଜୟ ହୋଇ ୩ଥର ବିଧାୟକ ହୋଇଛନ୍ତି। ବିଧାୟକରୁ କ୍ୟାବିନେଟ ମନ୍ତ୍ରୀ ହୋଇଛନ୍ତି। ମନ୍ତ୍ରୀ ହେଲା ଦିନ ଠାରୁ ନୂଆପଡାର ବିକାଶ ଉପରେ ବିକାଶ କରି ଚାଲିଛନ୍ତି। ପୁଣି ସେ ନିର୍ବାଚିତ ହେଲେ ନୂଆପଡା ଜିଲାର ରୂପରେଖ ବଦଳିବ। ଢୋଲକିଆଙ୍କୁ ଦଳୀକୟ ଟିକଟ ଦିଆଯାଉ ବୋଲି ମଞ୍ଚାସୀନ କର୍ମକର୍ତ୍ତା ମତବ୍ୟକ୍ତ କରିଛନ୍ତି। ଢୋଲକିଆଙ୍କ କାର୍ଯ୍ୟକୁ ବିରୋଧିମାନେ ସହ୍ୟ କରି ନ ପାରି ବିଭିନ୍ନ ମିଥ୍ୟା ଆରୋପ ଆଣୁଛନ୍ତି। ଏ ସବୁ ଭିତ୍ତିହୀନ ଓ ମନଗଢା ଅଟେ। ଢୋଲକିଆଙ୍କ ଭାବଧାରା ସରଳ ଓ ନିଶ୍କପଟ ସବୁବେଳେ ଜନତାଙ୍କ ମଙ୍ଗଳ ଚିନ୍ତା କରିଥାନ୍ତି। ଜିଲାରେ ତାଙ୍କର ଅନେକ ଅବଦାନ ରହିଛି। ଦଳୀୟ ଟିକଟ ଦିଆଯାଉ ବୋଲି ଦାବି କରିଛନ୍ତି। କ୍ଷିତିଶ ଅଶୋକ ବୋଧନକର ମଞ୍ଚ ପରିଚାଳନା କରିଥିବା ବେଳେ ସଦର ବ୍ଲକ ଉପାଧ୍ୟକ୍ଷ ଦିଲୀପ ନିର୍ମଲକରଦ ଧନ୍ୟବାଦ ଅର୍ପଣ କରିଥିଲେ। କର୍ମୀ ମହାସମାବେଶରେ ସରପଞ୍ଚ, ସମିତି ସଭ୍ୟ, ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ, ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।



କର୍ମୀ ସମାବେଶ ମଞ୍ଚରେ ଉପସ୍ଥିତ କର୍ମକର୍ତ୍ତା ବୃନ୍ଦ।

## ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ



ବରପାଲି,୨୨।୩ (ଚିତ୍ତରଞ୍ଜନ ସାହୁ): ବରଗଡ ଜିଲା ବରପାଲି ବ୍ଲକ ଖେମେଶରା ଗ୍ରାମରେ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ ଶୁକ୍ରବାରଠାରୁ ଆରମ୍ଭ ହୋଇଯାଇଛି। ପ୍ରଥମ ଦିନରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏକ ବିରାଟ ଶୋଭାଯାତ୍ରାରେ ଘଣ୍ଟ ବାଦ୍ୟ ଦୁଲୁଦୁଲି ବାଜା ସହ ଗ୍ରାମ ପରିକ୍ରମା କରିଥିଲେ। ଏଥିରେ ବହୁ ସଂଖ୍ୟାରେ ମହିଳା ପୁରୁଷ ଭକ୍ତମାନେ ସାମିଲ ହୋଇଥିଲେ। ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଗ୍ରାମର ଫିରୋଜ କୁମାର ପ୍ରଧାନ ଓ ତାଙ୍କ ସ୍ତ୍ରୀ ବୀଣାପାଣି ପ୍ରଧାନ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ତାଙ୍କ ସହ ଉଜାଗର ସାହୁ , ପ୍ରମୋଦ ବିଶି, ଆଲୋକ ବିଶି, ରାତ୍ର ପ୍ରଧାନ ମଧ ସପତ୍ନିକ ସହ କର୍ତ୍ତା ଭାବେ ରହିଛନ୍ତି। ପ୍ରତିଷ୍ଠା ଉତ୍ସବରେ ମୁଖ୍ୟ ପୁରୋହିତ ଭାବେ ରମେଶ କୁମାର ପୁରୋହିତ ରହିଥିବା ବେଳେ ବିଜ୍ଞାନ କୁମାର ପୁଝାରୀ, ବାଳ ଗୋପାଳ ପୁରୋହିତ ଓ ଲକ୍ଷ୍ମଣ ମହାପାତ୍ର ସହଯୋଗୀ ଭାବରେ ରହିଛନ୍ତି। ମନ୍ଦିର ପ୍ରତିଷ୍ଠା ମହୋତ୍ସବର କଳସ ଶୋଭାଯାତ୍ରାକୁ ମେଗଦୂମ ଟିକ୍ରା ଠାରେ ସ୍ଥାନୀୟ ସରପଞ୍ଚ ରାଜୀବ ସାହୁଙ୍କ ତତ୍ତ୍ୱାବଧାନରେ ପୂଜାର୍ଚ୍ଚନା କରାଯିବା ସହ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ଓ ଜଳ ଛତ୍ରର ଆୟୋଜନ କରାଯାଇଥିଲା।

# ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ ଶେଷ, ଜିଲାପାଳଙ୍କ ସମୀକ୍ଷା

### ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତି ଜୋରଦାର

ବରଗଡ଼,୨୨।୩(ପ୍ରେମାନନ୍ଦ ଖମାରୀ)



ସମୀକ୍ଷା ବୈଠକରେ ଜିଲାପାଳ ଏବଂ ଅନ୍ୟ ଅଧିକାରୀ।

ସାଧାରଣ ନିର୍ବାଚନ ପାଇଁ ବରଗଡ଼ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଆଦିତ୍ୟ ଗୋୟଲଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର ସମସ୍ତ ଜିଲାସ୍ତରୀୟ ଅଧିକାରୀ, ପୋଲିସ, ବିଡ଼ିଓ ଏବଂ ତହସିଲଦାରଙ୍କ ପାଇଁ ସୁବିଧା ଆପ୍ ଏବଂ ଏହାର କାର୍ଯ୍ୟକାରିତା ବିଷୟରେ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଆୟୋଗ ଦ୍ୱାରା ବିକଶିତ ହୋଇଥିବା ଏହି ଆପ୍ଲିକେଶନ କିଭଳି ବ୍ୟବହାର କରିବା, ନାମାଙ୍କନ ପରେ ଅନୁମତି କିଭଳି ଦେବା, ମତଦାନ ଦିବସର କାର୍ଯ୍ୟକଳାପ ଏବଂ ଭୋଟ ଗଣନା, ଇଣ୍ଡେକ୍ସ କାର୍ଡ, ଖର୍ଚ୍ଚ ମନିଟରିଂ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତାଲିମର ମୁଖ୍ୟ ବିଷୟବସ୍ତୁ ଥିଲା। ସେହିପରି ସାଧାରଣ ନିର୍ବାଚନକୁ ସରଳ ଏବଂ ତ୍ରୁଟିଶୂନ୍ୟ ଭାବେ ସମାପନ ପାଇଁ ପୁଲିଂ ଏବଂ ପ୍ରିଜାଇଡ଼ିଂ ଅଧିକାରୀଙ୍କ ନିମନ୍ତେ ଆୟୋଜିତ ହୋଇଥିବା ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଗତ ୧୬ତାରିଖରୁ ଆରମ୍ଭ ହୋଇ ୨୧ତାରିଖରେ ସମାପ୍ତ ହୋଇଛି। ଏହି ତାଲିମ ଶିବିରରେ ୫ପ୍ରଶିକ୍ଷଣ କେନ୍ଦ୍ର ତଥା ବରଗଡ଼ ସରକାରୀ ପଲିଟେକନିକ୍, ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟ, ପଦ୍ମପୁର ଅଞ୍ଚଳ କଲେଜ, ବିଜେପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବିଜେପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ୬ଦିନ ଧରି ହୋଇଥିଲା।

ବରଗଡ଼ ଜିଲାର ୧୩୯୭ ବୁଥ୍‌ରେ ସଫଳ ମତଦାନ ପାଇଁ ୧୦ହଜାର ୧୧୦ଜଣ ପ୍ରିଜାଇଡ଼ିଂ ଅଧିକାରୀଙ୍କୁ ତାଲିମ ଦିଆଯାଇଥିବା ବେଳେ ୧୬୭୭ଜଣ ଲେଖାଏଁ ପ୍ରିଜାଇଡ଼ିଂ ଅଧିକାରୀ, ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ ଏବଂ ପଞ୍ଚମ ପୋଲିଂ ଅଧିକାରୀ ଅଂଶଗ୍ରହଣ କରିଥିଲେ। ନିର୍ବାଚନ ପରିଚାଳନା, ବ୍ୟବସ୍ଥିତ ଭାବେ ପ୍ରଦର୍ଶନ କେନ୍ଦ୍ରରୁ ବୁଥ୍ ପର୍ଯ୍ୟନ୍ତ ଯିବା, ଇଭିଏମ୍, ଭିଭିପିଏଟିର ସଂଯୋଗ, ଭୋଟ୍ ଗ୍ରହଣ ସମୟରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ଏବଂ ସେକ୍ଟର ଅଧିକାରୀଙ୍କ ସହିତ ଯୋଗାଯୋଗ ରଖି ଠିକ୍ ତଥ୍ୟ ଦେବା ବିଷୟରେ ସେମାନେ ପ୍ରଶିକ୍ଷଣ ନେଇଥିଲେ।

ସେହିପରି ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଆଦିତ୍ୟ ଗୋୟଲଙ୍କ ଦ୍ୱାରା ଶାନ୍ତିପୂର୍ଣ୍ଣ ଏବଂ ନିରପେକ୍ଷ ମତଦାନ ଲାଗି ସମସ୍ତ ଜିଲାସ୍ତରୀୟ ଅଧିକାରୀ, ବିଡ଼ିଓ ଏବଂ ତହସିଲଦାରଙ୍କୁ ନେଇ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲାପାଳ ଗୋୟଲ ଇକୋ ଫ୍ରେଣ୍ଡଲି ଏବଂ ଅନୁସୂଚିତ ଜାତି, ଜନଜାତି, ମତଦାନ କେନ୍ଦ୍ରଗୁଡ଼ିକର ଚିହ୍ନଟ, ମଡ଼େଲ ମତଦାନ କେନ୍ଦ୍ରଗୁଡ଼ିକରେ ଆନୁଷଙ୍ଗିକ ବ୍ୟବସ୍ଥା ପାଇଁ ପ୍ରସ୍ତୁତି, ମତଦାନ କେନ୍ଦ୍ରରେ ସ୍ୱେଚ୍ଛାସେବୀ ନିୟୋଜନ, ଆନ୍ତଃରାଜ୍ୟ ସୀମାରେ ରହିଥିବା ମତଦାନ କେନ୍ଦ୍ରଗୁଡିକର ସମନ୍ୱୟ ଉପରେ ଆଲୋଚନା ହୋଇଥିଲା। ନାମାଙ୍କନ ପ୍ରକ୍ରିୟା ପ୍ରସ୍ତୁତି, ପୁଲିଂ, ରିଟର୍ନିଂ ଅଧିକାରୀଙ୍କୁ ନିଯୁକ୍ତିପତ୍ର ବଣ୍ଟନ, ଗଣନା କେନ୍ଦ୍ର ଚିହ୍ନଟ, ନିର୍ବାଚନ ଡ୍ୟୁଟିରେ ଥିବା ଭୋଟରଙ୍କ ଲାଗି ପୋଷ୍ଟାଲ ଭୋଟ୍ ବ୍ୟବସ୍ଥା, ବ୍ଲକସ୍ତରରେ ଅସ୍ଥାୟୀ ଇଭିଏମ୍ ଷ୍ଟ୍ରଙ୍ଗ ରୁମ୍ ଚିହ୍ନଟ, ହ୍ୱିଲ ଚେୟାର, ମହିଳା ପୋଲିଂ ପାର୍ଟି ରହିବା, ବ୍ରେଲି ବାଲାଟ୍ ପେପର ବ୍ୟବସ୍ଥା, ସାମଗ୍ରୀ କ୍ରୟ, ନିର୍ବାଚନ ଖର୍ଚ୍ଚ, ସୁବିଧା ପୋର୍ଟାଲ ଏବଂ ରିଟର୍ନିଂ ନୋଡ଼ାଲ ଅଫିସରଙ୍କ ତାଲିମ, ରୁଟ୍ ଚାର୍ଟ ଚୂଡ଼ାନ୍ତକରଣ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ସମୀକ୍ଷା କରାଯାଇଥିଲା।

ଏହାସହିତ ମତଦାନ ସମୟରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ପୂର୍ବ ସମସ୍ୟା ଗୁଡ଼ିକ ଚିହ୍ନଟ କରିବା ତଥା ଆନ୍ତଃଜିଲା ସୀମାବର୍ତ୍ତୀ ବୁଥ୍‌ଗୁଡ଼ିକର ଯୋଗାଯୋଗ ଯୋଜନା ପ୍ରସ୍ତୁତ କରିବା ପାଇଁ ଜିଲାପାଳ କହିଥିଲେ। ବୈଠକରେ ଏସ୍‌ପି ପି.ଏସ୍ ମୀନା, ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର, ମଧୁଛନ୍ଦା ସାହୁ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁଶାନ୍ତ ସିଂ, ବରଗଡ଼ ଉପଜିଲାପାଳ କୁମାର ନାଗଭୂଷଣ, ପଦ୍ମପୁର ଉପଜିଲାପାଳ ଆଲୋକ କୁମାର ପଟେଲ, ଡେପୁଟି କଲେକ୍ଟର(ନିର୍ବାଚନ) ମୁକ୍ତେଶ୍ୱର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ହତ୍ୟା ଅଭିଯୁକ୍ତଙ୍କ ଘର ଭାଙ୍ଗିଲେ ଉତ୍ତ୍ୟକ୍ତ ଲୋକେ

ବରପାଲି,୨୨।୩ (ଚିତ୍ତରଞ୍ଜନ ସାହୁ)

ବରଗଡ଼ ଜିଲା ବରପାଲି ଥାନା ବାରଗୁଡ଼ା ପଞ୍ଚାୟତର ବାବୁପାଲି ଗ୍ରାମରେ ଜଣେ ହତ୍ୟା ଅଭିଯୁକ୍ତଙ୍କ ଘରକୁ କିଛି ଉତ୍ତ୍ୟକ୍ତ ଲୋକ ଭାଙ୍ଗିବା ସହ ଗୋଟିଏ ବାଇକ୍‌ରେ ନିଆଁ ଲଗାଇ ଜାଳି ଦେଇଛନ୍ତି। ଏ ନେଇ ହତ୍ୟା ଅଭିଯୁକ୍ତଙ୍କ ଉଉଣୀ ବରପାଲି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ.୧୧୦/୨୪) ରୁଜୁ କରି ଘଟଣାର ତଦନ୍ତ କରୁଛି। ଅନ୍ୟପକ୍ଷେ ଅଭିଯୁକ୍ତ ଢେକଲ ଓରଫ୍ ଗଙ୍ଗାଧର ଧରେଇଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି।

ପୋଲିସ ସୂଚନା ଅନୁସାରେ, ଗତ ୧୯ତାରିଖ ସନ୍ଧ୍ୟାରେ ବାବୁପାଲି ଗ୍ରାମର ଅଭିଯୁକ୍ତ ଗଙ୍ଗାଧର ଧରେଇ ସେହି ଗ୍ରାମର ଗମ୍ଭୀର ଭୋରାସାଗରଙ୍କୁ ଘରୁ ଡାକିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ଗଙ୍ଗାଧରଙ୍କୁ ପଚାରିବାରୁ ଗମ୍ଭୀର କେନାଲରେ ଅଛନ୍ତି ବୋଲି ସେ କହିଥିଲେ। ଏହାପରେ ପରିବାର ଲୋକେ ଟିଙ୍ଗୀପାଲି ଗାଧୋଇବା ଘାଟକୁ ଯାଇ ଗମ୍ଭୀରଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଗମ୍ଭୀରଙ୍କ ସ୍ତ୍ରୀ ବରପାଲି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି ଘଟଣା ପରେ ଢେକଲଙ୍କ ପରିବାର ଲୋକେ ଘର ଛାଡ଼ି ଅନ୍ୟତ୍ର ପଳାଇଥିଲେ। ତେବେ ଉତ୍ତ୍ୟକ୍ତ ଲୋକେ ଗୁରୁବାର ରାତିରେ ତାଙ୍କ ଘରକୁ ଭାଙ୍ଗି ଦେବା ସହ ବାଇକରେ ନିଆଁ ଲଗାଇ ଦେଇଥିଲେ।



ଉତ୍ତ୍ୟକ୍ତ ଲୋକେ ଅଭିଯୁକ୍ତଙ୍କ ଘର ଭାଙ୍ଗି ଦେଇଛନ୍ତି।

## ଜଳ ସଂରକ୍ଷଣ ଉପରେ ସଚେତନତା

ବରଗଡ଼,୨୨।୩(ପ୍ରେମାନନ୍ଦ ଖମାରୀ)

ଜଳ ସଂରକ୍ଷଣ କରିବା ସହିତ ଜଳର ପବିତ୍ରତା ବଜାୟ ରଖିବା ପାଇଁ ଛାତ୍ରୀଛାତ୍ରଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଭୁଲ୍ତାସ୍ଥିତ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ବିଶ୍ୱ ଜଳ ଦିବସ ପାଳିତ ହୋଇଛି। ଏହି ଅବସରରେ ପ୍ରଧାନ ଶିକ୍ଷକ ଦୁର୍ଗାପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ମୋହନ ଚରଣ ମହାନ୍ତ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ବୀର ସୁରେନ୍ଦ୍ର ସାଏ ଇକୋ କ୍ଲବର ମାର୍ଗଦର୍ଶକ ସଞ୍ଜୟ ଖମାରୀ, ରାମାନୁଜନ ଗଣିତ କ୍ଲବର ମାର୍ଗଦର୍ଶକ ଶିକ୍ଷକ ତେଜରାମ ସା, ଶିକ୍ଷକ ଆଶୁତୋଷ ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ଇକୋ କ୍ଲବର ମାର୍ଗଦର୍ଶକ ଖମାରୀ ବିଶ୍ୱ ଜଳ ଦିବସ ପାଳନର ଉଦ୍ଦେଶ୍ୟ, ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ମହାନ୍ତ ଜଳ ସଂରକ୍ଷଣ ବିଷୟରେ ଛାତ୍ରୀଛାତ୍ରଙ୍କୁ ବାର୍ତ୍ତା ଦେଇଥିଲେ। ପ୍ରଧାନ ଶିକ୍ଷକ ନାୟକ ଜଳର ସୁପରିଚାଳନା, ସଦୁପଯୋଗ ପାଇଁ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଜଳ ସଂରକ୍ଷଣ ଉପରେ ଆଧାରିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ଆଦ୍ୟାଶା ଭୋଇ ପ୍ରଥମ, ମାନସୀ ପଟେଲ ଓ ଗୋକୁଳ ଗଡ଼ତିଆ ଯୁଗ୍ମ ଦ୍ୱିତୀୟ ଏବଂ ବବିତା ବାରିକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଜଳ ସମ୍ପର୍କିତ କୁଇଜ ପ୍ରତିଯୋଗିତାରେ ତୃପ୍ତିମୟୀ ପ୍ରଧାନ ପ୍ରଥମ, ଡଲି ପଟେଲ ଓ ଯଶୋବନ୍ତ ସିଂ ଯୁଗ୍ମ ଦ୍ୱିତୀୟ ଏବଂ ମାନସୀ ପଟେଲ ତୃତୀୟ ହୋଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ବୀର ସୁରେନ୍ଦ୍ର ସାଏ ଇକୋ କ୍ଲବ, ହୋମି ଭାବା ବିଜ୍ଞାନ କ୍ଲବ, ରାମାନୁଜନ ଗଣିତ କ୍ଲବର ସଦସ୍ୟ ଅଂଶଗ୍ରହଣ କରିଥିଲେ। ଶିକ୍ଷୟିତ୍ରୀ ଅନିତା ପ୍ରଧାନ, ଶିକ୍ଷକ ଆଶୁତୋଷ ଭୋଇ, ବୋଧରାମ ବିଶ୍ୱାଳ, ଅଙ୍କିତ ମହନ୍ତ, ସୁବାସ ଚନ୍ଦ୍ର ଖମାରୀ, ପଦ୍ମଲୋଚନ ବିଶି, ପ୍ରଶାନ୍ତ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ତେଜରାମ ସା ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି ।

## କେଜ୍ରିୱାଲଙ୍କ ଗିରଫଦାରିକୁ ବିରୋଧ

ବରଗଡ଼,୨୨।୩(ପ୍ରେମାନନ୍ଦ ଖମାରୀ)

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଗିରଫଦାରୀକୁ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ବିରୋଧ କରିଛି। ଏହି କ୍ରମରେ ଶୁକ୍ରବାର ବରଗଡ଼ ଗାନ୍ଧୀ ଛକରେ ଆପ୍ କାର୍ଯ୍ୟକର୍ତ୍ତାମାନେ ବିରୋଧ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ମଧ୍ୟ ସାମିଲ ହୋଇଥିଲେ। ସାଧାରଣ ନିର୍ବାଚନ ପାଇଁ ଆଚରଣ ବିଧି ଲାଗୁ ହୋଇସାରିଥିବା ବେଳେ କ୍ଷମତାସୀନ ମୁଖ୍ୟମନ୍ତ୍ରୀଙ୍କୁ ଗିରଫ କରାଯିବା ବେଆଇନ ବୋଲି ଆପ୍‌ର ଜିଲା ଆବାହକ ଭବାନୀ ପ୍ରସାଦ ସାହୁ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଇଙ୍ଗିତରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ କେଜ୍ରିୱାଲଙ୍କୁ ବେଆଇନ ଭାବେ ଗିରଫ କରିଛି ବୋଲି ସାହୁ ଅଭିଯୋଗ କରିଛନ୍ତି। କାର୍ଯ୍ୟକ୍ରମରେ ଆପ୍‌ର ବରିଷ୍ଠ ସଦସ୍ୟ ଅମିତାଭ ପାତ୍ରଙ୍କ ସମେତ ଜୟକୃଷ୍ଣ ଛୁରିଆ, ଯଦୁମଣି ପ୍ରଧାନ, ସୁବଳ କହରା, ଶାହରୁଖ ଲୋଧିଆ, ରାମଚନ୍ଦ୍ର ବିଶ୍ୱାଳ, ଶ୍ରୀରାମ ସାହୁ, ରାଜକିଶୋର ନାଗ, ବରଗଡ଼ ନିର୍ବାଚନ ମଣ୍ଡଳୀରୁ ମେରିୟମ ବାର୍ଲା, ଅବିନାଶ ବାଗ, ରମେଶ ପତି, ମମତା ବେହେରା ପ୍ରମୁଖ ଆପ୍ ସଦସ୍ୟ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସେହିପରି ଜିଲା କଂଗ୍ରେସ ସଭାପତି ହରଦୀପ ସିଂ, ନିପନ ଦାଶ, କିଶୋର ସାହୁ ପ୍ରମୁଖ ଉପସ୍ଥିତ ରହି ଗିରଫଦାରୀକୁ ବିରୋଧର ସମର୍ଥନ କରିଥିଲେ।



ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଗିରଫଦାରିକୁ ବିରୋଧ କରାଯାଉଛି ।

## ନାମଯଜ୍ଞ ମହୋତ୍ସବ ଶୁଭାରମ୍ଭ

ବରଗଡ଼,୨୨।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ଖଲିଆପାଲି ଗ୍ରାମର ଶ୍ରୀରାମଜୀ ମନ୍ଦିରର ପୁନରୁଦ୍ଧାର ଏବଂ ୮୦ବର୍ଷ ପୂର୍ତ୍ତି ଉପଲକ୍ଷେ ନାମଯଜ୍ଞ ମହୋତ୍ସବର ଶୁଭାରମ୍ଭ ହୋଇଛି। ଏହି ଅବସରରେ ଶୁକ୍ରବାର ଧ୍ୱଜା ଆରୋହଣ ଏବଂ କଳସ ସ୍ଥାପନ ହୋଇଥିବାବେଳେ ନାମଯଜ୍ଞ ପାଳନର ଶୁଭାରମ୍ଭ ହୋଇଥିଲା। ପ୍ରଶାନ୍ତ ଦୋରା ସସ୍ତ୍ରୀକ କର୍ତ୍ତାକାର୍ଯ୍ୟ ନିର୍ବାହ କରିଥିଲେ। ପଣ୍ଡିତ ବ୍ୟାସଦେବ ମିଶ୍ର, ଟିକେଶ୍ୱର ମହାପାତ୍ର, ଶୁଭେନ୍ଦୁ ଷଡ଼ଙ୍ଗୀ, ଗୋପୀନାଥ ଦାଶ, ପଣ୍ଡିତ ରୁଦ୍ର ନାରାୟଣ ପ୍ରମୁଖ ଯଜ୍ଞର ପୁରୋହିତ ଭାବେ ଯୋଗଦେଇ ବିଧି ଅନୁସାରେ କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ। ଏହି ଅବସରରେ ଅଷ୍ଟପ୍ରହର ନାମଯଜ୍ଞ ହୋଇଥିଲା। ଶନିବାର ଅପରାହ୍ନରେ ପୂର୍ଣ୍ଣାହୂତି ପରେ ଖଲିଆପାଲି ସଂକୀର୍ତ୍ତନ ମଣ୍ଡଳୀ ଆନୁକୂଲ୍ୟରେ ଏକ ସଂସ୍କୃତି ଜାଗରଣ ଉତ୍ସବ ଆୟୋଜନ ହେବ। ଏଥିରେ ୫୦ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ଗାୟକ, ବାୟକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି। ନରେନ୍ଦ୍ର ନାଏକ, କାର୍ତ୍ତିକ ମଟାରୀ, ବାବଲୁ ଦୋରା, ଜଗନ ମହାପାତ୍ର, ନାରାୟଣ ଷାଣ୍ଡ, ଜେନାମଣି ଷାଣ୍ଡ, ହେମସାଗର ବାଗଙ୍କ ସମେତ ଗଣେଶ ପୂଜା କମିଟି ଏବଂ ଗ୍ରାମବାସୀ ସହଯୋଗ କରିଥିଲେ। ଆଖପାଖ ଅଞ୍ଚଳର ସଂକୀର୍ତ୍ତନ ମଣ୍ଡଳୀ ସଂକୀର୍ତ୍ତନ ପରିବେଷଣ କରିଥିଲେ।

## ଏସ୍‌ଡିଏମଓଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ପଦ୍ମପୁର,୨୨।୩ (ପ୍ରଦୀପ୍ତ ଦାଶ)

ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟ ସଭାଗୃହରେ ବିଦାୟକାଳିନ ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟର ସୁପରିଟେଣ୍ଡେଟ ତଥା ଏସ୍‌ଡିଏମଓ ଡା. ସରୋଜ କୁମାର ସେଠଙ୍କ ସୋନପୁର ଜିଲାର ଡୁଙ୍ଗୁରିପାଲିକୁ ବଦଳି ହୋଇଛି। ଡା.ପ୍ରଭାତ ନାରାୟଣ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଡା. ସେଠଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ତାଙ୍କ ସ୍ଥାନରେ ନୂତନ ଭାବେ ଯୋଗଦେଇଥିବା ଡା.ଆଶୁତୋଷ ହୋତାଙ୍କୁ ସ୍ୱାଗତ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡା. ଯଦୁମଣି ସାହୁ,ସଞ୍ଜୟ ନାୟକ, ଜିପିଏସ ମିଶ୍ର ତଥା ଅନ୍ୟାନ୍ୟ ଜୁନିୟର ଡାକ୍ତର ଏବଂ ସମସ୍ତ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ। ସଭା ଶେଷରେ ଡାକ୍ତରଖାନା ମ୍ୟାନେଜର ଦିବ୍ୟ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ମାତ୍ର ସମ୍ବଲପୁର ଜିଲାରୁ ଆସିଥିବା ନୂତନ ଏସ୍‌ଡିଏମଓ ହୋତା ସେଠାରୁ ରିଲିଫ ହେବା ସତ୍ତ୍ୱେ ନିର୍ବାଚନ ଆଚରଣ ବିଧି ପାଇଁ ସେ ପଦ୍ମପୁର ଦାୟିତ୍ୱ ନେଇ ନ ଥିଲେ ଏବଂ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସେଠଙ୍କୁ ରିଲିଫ କରି ନ ଥିଲେ।



ପଦ୍ମପୁର ଡାକ୍ତରଖାନା ପରିସରରେ ବିଦାୟ ସମ୍ବର୍ଦ୍ଧନା।

## ଟ୍ରାକ୍ଟର ସହ କାଠ ଜବତ କଲା ବନବିଭାଗ

ଦେଓଗାଁ,୨୨।୩(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗିର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ପଦମପୁର ଗ୍ରାମ ନିକଟରେ ଏକ ନମ୍ବର ବିହୀନ ଟ୍ରାକ୍ଟରରେ ଶାଳ ପିଆଶାଳ, ଖଇର ଆଦି ୩୧୮ଟି ବଲି ବୋଝେଇ ହୋଇ ଚାଲାଣ ହେଉଥିବା ବେଳେ ବନବିଭାଗ ଚଢ଼ାଉକରି ଜବତ କରିଛି। ବିଶ୍ୱସ୍ତ ସୂତ୍ରରୁ ଖବରପାଇ ରେଞ୍ଜର ଯୁଧିଷ୍ଠିର ଜାଲଙ୍କ ନିର୍ଦ୍ଦେଶ କ୍ରମେ ଫରେଷ୍ଟର ବ୍ୟାସଦେବ ସାହୁ, ଜନ୍ମେଜୟ ପାଣିଗ୍ରାହୀଙ୍କ ସମେତ ପାରାଷ୍ଟାଫ ଚଢ଼ାଉ କରିଥିଲେ।

## ନୋବେଲ କ୍ଲବ୍‌ରେ ହୋଲି ପ୍ରସ୍ତୁତି

ରାଉରକେଲା,୨୨।୩( ଦିନେଶ ମିଶ୍ର)

ବାସନ୍ତୀ କଲୋନି ସ୍ଥିତ ନୋବେଲ ଆସୋସିଏଶନ ପକ୍ଷରୁ ଚଳିତବର୍ଷ ହୋଲିପର୍ବ ପାଳନକୁ ନେଇ ଶୁକ୍ରବାର ଏକ ବୈଠକ ସଭାପତି ଅରୁଣ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କ୍ଲବର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି କିଭଳି ଶାନ୍ତିଶୃଙ୍ଖଳା ସହ ରଙ୍ଗର ପର୍ବ ହୋଲି ପାଳନ କରିବେ ସେ ନେଇ ଆଲୋଚନା କରିଥିଲେ। କ୍ଲବ ପକ୍ଷରୁ ଚଳିତ ବର୍ଷ ହୋଲିରେ ସହରରେ ଥିବା ବିଭିନ୍ନ ବୃଦ୍ଧାଶ୍ରମ ଓ ଅନାଥ ଆଶ୍ରମର ଅନ୍ତେବାସୀମାନଙ୍କୁ ମାଗଣାରେରଙ୍ଗ ଓ ଖାଦ୍ୟପେୟ ଯୋଗାଇ ଦିଆଯିବ ବୋଲି ସଭାପତି ବାରିକ କହିଥିଲେ। ଏଥିସହ ହୋଲିରେ କେବଳ ସୁଗନ୍ଧିତ ଅବିରରେ ରଙ୍ଗଖେଳା ଯିବ ବୋଲି କର୍ମକର୍ତ୍ତାମାନେ କହିଥିଲେ। ବୈଠକରେ ଶାନ୍ତନୁ ନାୟକ, ବିଶ୍ୱଜିତ ବରାଳ, ସୁବାସ ପଣ୍ଡା, ଗୋବର୍ଦ୍ଧନ ଦାସ, କିଶୋର ଓରାମ, ଲିଲୁ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବିଶ୍ୱ ମୁଖ ସ୍ୱାସ୍ଥ୍ୟ ଦିବସ ପାଳନ

ବରଗଡ଼,୨୨।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ର ବିକାଶ ନର୍ସିଂ କଲେଜ ପକ୍ଷରୁ ବିଶ୍ୱ ମୁଖ ସ୍ୱାସ୍ଥ୍ୟ ଦିବସ ଅବସରରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିକାଶ ନର୍ସିଂ କଲେଜ ଏବଂ ଆମ୍ବସଡ଼ା ଗ୍ରାମର ଅଙ୍ଗନୱାଡ଼ି କେନ୍ଦ୍ର ସହଯୋଗରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖର ସ୍ୱଚ୍ଛତା, ଏହାର ମହତ୍ତ୍ୱ, ମୁଖରୋଗରେ ସହାୟକ ହେଉଥିବା କାରଣ ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ର ପଥପ୍ରାନ୍ତ ନାଟକ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଦାନ୍ତର ଯତ୍ନ, ପାଟିର ସୁରକ୍ଷା ଉପରେ ବିଭିନ୍ନ ପରାମର୍ଶ ଦିଆଯାଇଥିଲା। ବିକାଶ ନର୍ସିଂ କଲେଜର ଅଧ୍ୟାପିକା ଆରାଧନା ଦିଗାଲ, ନିର୍ମଳା ବିରୋଙ୍କ ସମେତ ଆମ୍ବସଡ଼ା ଗ୍ରାମର ସ୍ୱାସ୍ଥ୍ୟ ଅଧିକାରୀ ସନ୍ତୋଷିନୀ ମଲ୍ଲିକ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ନର୍ସିଂ ଛାତ୍ରୀଛାତ୍ର ଆମ୍ବସଡ଼ା ଛକରୁ ସ୍ଥାନୀୟ ଅଙ୍ଗନୱାଡ଼ି କେନ୍ଦ୍ର ପର୍ଯ୍ୟନ୍ତ ପ୍ଲାକାର୍ଡ ଧରି ସ୍ଲୋଗାନ ମାଧ୍ୟମରେ ଲୋକଙ୍କୁ ବିଶ୍ୱ ମୁଖ ସ୍ୱାସ୍ଥ୍ୟ ଦିବସ ଅବସରରେ ସଚେତନ କରିଥିଲେ।



ବିକାଶ ନର୍ସିଂ କଲେଜ ପକ୍ଷରୁ ବିଶ୍ୱ ମୁଖ ସ୍ୱାସ୍ଥ୍ୟ ଦିବସ ପାଳନ ।

## ତହସିଲ ଅଫିସରେ ତାଲା ପକାଇଲେ ଚାଷୀ

ଭେଡ଼େନ,୨୨।୩ (ସୁଦନ ମହାକୁର)



ଭେଡ଼େନ ବ୍ଲକର ଚାଷୀମାନେ ତହସିଲ ଅଫିସରେ ତାଲା ପକାଇ ଧାରଣାରେ ବସିଛନ୍ତି।

ଫସଲ କ୍ଷତି ବାବଦ ବୀମା କ୍ଷତିପୂରଣ ଓ ଇନପୁଟ ସବ୍‌ସିଡି ପ୍ରଦାନ ଦାବିରେ ବରଗଡ ଜିଲା ଭେଡନ ବ୍ଲକର ଚାଷୀ ଶୁକ୍ରବାର ତହସିଲ କାର୍ଯ୍ୟାଳୟରେ ତାଲା ପକାଇ ଧାରଣା ଦେଇଥିଲେ। କ୍ଷତିପୂରଣ ନ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ପ୍ରତ୍ୟେକ କାର୍ଯ୍ୟ ଦିବସରେ ଚାଲୁ ରହିବ ବୋଲି ଚାଷୀ ସଙ୍ଗଠନ ପକ୍ଷରୁ କୁହାଯାଇଛି। ପ୍ରକାଶ ଯେ, ଜିଲାରେ ରବି ଧାନ ଫସଲ ଅମଳ ପାଇଁ ପ୍ରଶାସନିକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ହେଲେ ଗତ ଖରିଫ ଧାନ ଫସଲ କ୍ଷତିପୂରଣ କିମ୍ବା ଇନପୁଟ୍ ସବ୍‌ସିଡି ଚାଷୀଙ୍କୁ ମିଳିନାହିଁ। କ୍ଷୟକ୍ଷତି ଆକଳନରେ ତାହା ସୀମିତ ଥିବା ବେଳେ ପୁଣି ସେଥିରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଥିବା ସଂଗଠନ ପକ୍ଷରୁ ଅଭିଯୋଗ ହୋଇଛି। ଏହି ଦାବି ନେଇ କୃଷକ ସଂଗଠନ ପକ୍ଷରୁ ବିକ୍ଷୋଭ ଶୋଭାଯାତ୍ରା,ଧାରଣା, ସ୍ମାରକପତ୍ର ପ୍ରଦାନ କରି ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି। ଏପରିକି ସଂପୃକ୍ତ ବୀମା କମ୍ପାନୀ, ପ୍ରଶାସନ ଏବଂ ଚାଷୀ ପ୍ରତିନିଧିଙ୍କ ମଧ୍ୟରେ ତ୍ରିପାକ୍ଷିକ ବୈଠକ ବସିଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରିନାହିଁ। ଅପରପକ୍ଷେ ଉପରୋକ୍ତ ଦାବି ନେଇ ଜିଲା ମୁଖ୍ୟ କୃଷି କାର୍ଯ୍ୟାଳୟରେ ଗତ ୧୪ ତାରିଖ ଠାରୁ କୃଷକ ସଂଗଠନ ପକ୍ଷରୁ ତାଲା ପକାଇ ଧାରଣାରେ ବସିଛନ୍ତି। ଏପରିକି ରାଜ୍ୟ କୃଷକ ସଂଗଠନ ଅତାବିରା ଗୁରୁବାର ଧାରଣାର ନେତୃତ୍ୱ ନେବା ସହିତ ଜିଲାପାଳଙ୍କୁ ଭେଟିଥିଲେ। ଜିଲାପାଳ ଆଦିତ୍ୟ ଗୋୟଲ ଆସନ୍ତା ୩ ଦିନ ଭିତରେ କ୍ଷତି ପୂରଣ ଦିଆଯିବ ବୋଲି କହଥିଲେ। ମାତ୍ର କ୍ଷତିପୂରଣ ନ ମିଳିବା ପର୍ଯ୍ୟନ୍ତ ସେମାନେ ଧାରଣାରୁ ଉଠିବେ ନାହିଁ ବୋଲି ଚାଷୀ ପ୍ରତିନିଧିମାନେ କହିଥିଲେ। ଏହି ଆନ୍ଦୋଳନରେ ଉତ୍ପନ୍ନ କୁମାର ଭୋଇ, ସୁଦାମ ପାତ୍ର, ନରେନ୍ଦ୍ର ଭୋଇ, ରାଜେଶ ପାଢୀ, ନନ୍ଦିଘୋଷ ମିଶ୍ର, ଆନନ୍ଦ ସୁନା, ଭରତ ପଧାନ, ପ୍ରକାଶ ପଧାନ, ନିର୍ମଳ ପଧାନ, ବିଶ୍ୱଜିତ ହୋତା, ସୁଶିଲ ଧରୁଆ, ରବିନାରାୟଣ ଦାଶ, ସତ୍ୟନାରାୟଣ ବେହେରାଙ୍କ ନେତୃତ୍ୱରେ ରମେଶ ମହାପାତ୍ର, ବିରେନ କର, ବୁଦ୍ଧଦେବ ନନ୍ଦ, ଭୁବନ ପଧାନ, ଅମୂଲ୍ୟ ସ୍ୱାଇଁ, ଉତର ପଧାନ, କାଳିଆ ପ୍ରଧାନ, ନାରାୟଣ ସାହୁ, କେଶବ ସାହୁ, ସୁରେନ ସ୍ୱାଇଁ, ଭୋଜରାଜ ସାହୁ, ଟିକେଲାଲ ମିଶ୍ର, ଅଶ୍ୱିନୀ ତ୍ରିପାଠି, ରମଣୀ ହୋତା, ଦଶରଥ ଭୋଇ, ପ୍ରଦୀପ ସାହୁ, ଭରତ ମଲ୍ଲିକ, ଦେବେନ ପ୍ରଧାନଙ୍କ ସମେତ ଶତାଧିକ ଚାଷୀ ସାମିଲ ହୋଇଥିଲେ।

### କ୍ଷତିପୂରଣ, ଇନପୁଟ ସବ୍‌ସିଡି ପ୍ରଦାନ ଦାବି

## ସଂକ୍ଷେପରେ

### ସାଇକେଲ ଦୋକାନରେ ଅଗ୍ନିକାଣ୍ଡ

**ରାଉରକେଲା,୨୨।୩(ସଙ୍ଗୀତା ଜେନା):** ଏସ୍‌ଟିଆଇ ଫ୍ଲାଇଓଭର ନିକଟ ଭେଣ୍ଡିଜୋନ୍‌ରେ ଥିବା ଏକ ସାଇକେଲ ଦୋକାନରେ ଶୁକ୍ରବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟିଥିଲା। ସିଲିଣ୍ଡରରୁ ଗ୍ୟାସ ଲିକ୍ ହୋଇ ନିଆଁ ଲାଗି ଥିବା ଅନୁମାନ କରାଯାଉଛି।ମରାମତିପାଇଁଆସିଥିବା କିଛି ସାଇକେଲ ଜଳିଯାଇଛି। ଅଗ୍ନିଶମବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

### ଦ ମିରର୍ ପକ୍ଷରୁ ପ୍ରି ହୋଲି

**ରାଉରକେଲା,୨୨।୩(ସଙ୍ଗୀତା ଜେନା):** ଦି ମିରର୍ ସୋଶିଆଲ୍ ଫାଉଣ୍ଡେଶନ୍ ଅନୁଷ୍ଠାନ ପକ୍ଷରୁ ଶୁକ୍ରବାର ସେକ୍ଟର-୧୬ ଦିବ୍ୟାଙ୍ଗ ଅନୁଷ୍ଠାନ ଶ୍ରଦ୍ଧାଠାରେ ରଙ୍ଗର ପର୍ବ ହୋଲି ପୂର୍ବରୁ ପ୍ରିହୋଲି ପାଳନ କରାଯାଇଛି।ଏହି ଅବସରରେ ୩୦ରୁ ଊର୍ଦ୍ଧ୍ୱ ଅନ୍ତେବାସୀ ରଙ୍ଗଖେଳି ସ୍ୱେଚ୍ଛାସେବୀମାନେ ଖୁସି ମନାଇଥିଲେ। ଜୋୟା ତ୍ରିପାଠୀ, ବିଶ୍ୱଜିତ୍ ରାଉତ, କାର୍ତ୍ତିକ ରାଉତ, ରାଜ ନନ୍ଦିନୀ, ବିନୋଦ ପଣ୍ଡା, ପ୍ରତିମା ସାହୁ, ସୁବ୍ରତ ଭୂୟାଁ, ସିପୁନ ବେହେରା, ଆଲୋକ ସାହୁ, ପିଣ୍ଟୁ ମିଶ୍ର, ସଙ୍ଗୀତା ମିଶ୍ର, ନିରୂପମା ପିଙ୍ଗୁଆ ପ୍ରମୁଖ ଉପସ୍ଥିତ ଥିଲେ।

### ନୋବେଲ କ୍ଲବ୍‌ରେ ହୋଲି ପ୍ରସ୍ତୁତି

**ରାଉରକେଲା,୨୨।୩(ଦିନେଶ ମିଶ୍ର):** ବାସନ୍ତୀ କଲୋନି ସ୍ଥିତ ନୋବେଲ ଆସୋସିଏଶନ ପକ୍ଷରୁ ଚଳିତବର୍ଷ ହୋଲିପର୍ବ ପାଳନକୁ ନେଇ ଶୁକ୍ରବାର ଏକ ବୈଠକ ସଭାପତି ଅରୁଣ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କ୍ଲବର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି କିଭଳି ଶାନ୍ତିଶୃଙ୍ଖଳା ସହ ରଙ୍ଗର ପର୍ବ ହୋଲି ପାଳନ କରିବେ ସେ ନେଇ ଆଲୋଚନା କରିଥିଲେ। କ୍ଲବ ପକ୍ଷରୁ ଚଳିତ ବର୍ଷ ହୋଲିରେ ସହରରେ ଥିବା ବିଭିନ୍ନ ବୃଦ୍ଧାଶ୍ରମ ଓ ଅନାଥ ଆଶ୍ରମର ଅନ୍ତେବାସୀମାନଙ୍କୁ ମାଗଣାରେରଙ୍ଗ ଓ ଖାଦ୍ୟପେୟ ଯୋଗାଇ ଦିଆଯିବ ବୋଲି ସଭାପତି ବାରିକ କହିଥିଲେ। ଏଥିସହ ହୋଲିରେ କେବଳ ସୁଗନ୍ଧିତ ଅବିରରେ ରଙ୍ଗଖେଳା ଯିବ ବୋଲି କର୍ମକର୍ତ୍ତାମାନେ କହିଥିଲେ। ବୈଠକରେ ଶାନ୍ତନୁ ନାୟକ, ବିଶ୍ୱଜିତ ବରାଳ, ସୁବାସ ପଣ୍ଡା, ଗୋବର୍ଦ୍ଧନ ଦାସ, କିଶୋର ଓରାମ, ଲିଲୁ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ପିଇଓଙ୍କ ନାଁରେ ମାମଲା ରୁଜୁ

**ବନ୍ଧମୁଣ୍ଡା,୨୨।୩(ସୁବ୍ରତ ଦେ):** ବିଶ୍ରା ବ୍ଲକ ଅଧୀନ କପାଟମୁଣ୍ଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ଦେବା କେର୍‌କେଟା ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ(ପିଇଓ)ଙ୍କ ବିରୋଧରେ ବନ୍ଧମୁଣ୍ଡା ଥାନାରେ ଅଭିଯୋଗ କରିଛନ୍ତି। ସରପଞ୍ଚ କେର୍‌କେଟା ତାଙ୍କ ଅଭିଯୋଗରେ କହିଛନ୍ତି, ପିଇଓ ଜଣଙ୍କ ତାଙ୍କ ସହ ଫୋନ୍‌ରେ କଥା ହେଉଥିବା ବେଳେ ଗଳା କାଟି ମାରିଦେବାକୁ ଧମକ ଦେଇଥିଲେ। ଏ ନେଇ କେର୍‌କେଟା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଆଇପିସି ୨୯୪, ୫୦୬ ଏବଂ ୫୦୭ ଅଧୀନରେ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ହେମଗିର,୨୨।୩(ଚୈତନ୍ୟ ପଟେଲ):** ସୁନ୍ଦରଗଡ ଜିଲା ହେମଗିର ଥାନା ଅନ୍ତର୍ଗତ ବଶିଦରହ ଗ୍ରାମ ଜଙ୍ଗଲରୁ ଶୁକ୍ରବାର ଏକ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ବଶିଦରହ ଗ୍ରାମର ଲୋକନାଥ ପେରୁଆ (୪୧)। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଦୃଢ଼ ଇଚ୍ଛାଶକ୍ତି, କଠିନ ପରିଶ୍ରମ ସଫଳତାର ସାଧନ

**ସୁନ୍ଦରଗଡ,୨୨।୩(ଜୟ ନାରାୟଣ ମେଣ୍ଡୁଲି )**

ନିଜର ଶ୍ରମ ତଥା ଦୃଢ ଇଚ୍ଛାଶକ୍ତି ବଳରେ ଜଣେ ପରିଶ୍ରମୀ ବ୍ୟକ୍ତି ସଫଳତାର ଶୀର୍ଷରେ ପହଞ୍ଚିଥାଏ। ବିଭିନ୍ନ ଘାତ, ପ୍ରତିଘାତ, ପ୍ରତିବନ୍ଧକକୁ ଅଣଦେଖା କରି ନିଜର ପରିଶ୍ରମ ତଥା ଦକ୍ଷତାରେ ବିଶ୍ୱାସ ରଖୁଥିବା ବ୍ୟକ୍ତି ସୁନିଶ୍ଚିତ ସଫଳତା ହାସଲ କରିଥାଏ। ଏହିପରି ଏକ ପରିଶ୍ରମୀ, ଆଗ୍ରହୀ, ଉଦ୍ୟମୀ ସଫଳ ମହିଳା କୁକୁଡା ଚାଷୀ ହେଉଛନ୍ତି ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ ଝୁରିମାଲ ଗ୍ରାମର କଳ୍ପନା ପଟେଲ। କଳ୍ପନାଙ୍କ ବୟସ (୫୦)। ସ୍ୱାମୀ ଉଦିତ ପଟେଲ ଓ ଏକମାତ୍ର ଝିଅ ରୋଜିଙ୍କୁ ନେଇ କଳ୍ପନାଙ୍କ ପରିବାର। ମହାମାରୀ କରୋନା ସମୟରେ କଳ୍ପନାଙ୍କ ପରିବାର ଜୀବିକା ଶୂନ୍ୟ ହୋଇଯାଇଥିଲା। ୨୦ ବର୍ଷ ପୂର୍ବରୁ ଆରମ୍ଭ କରିଥିବା ତେଜରାତି ଦୋକାନକୁ କରୋନା ସମୟରେ ବନ୍ଦ କରିଥିଲେ। ଏହା ପରେ ଭୁଷୁଡି ପଡିଲା କଳ୍ପନାଙ୍କ ପରିବାରର ଅର୍ଥନୈତିକ ସ୍ଥିତି। ନିଜ ଭାଗରେ ଥିବା ଅଳ୍ପ କିଛି ଚାଷ ଜମିରୁ ଏକଫସଲୀ ଧାନ ଚାଷରେ ଯାହା ଆଦାୟ ହୁଏ କଷ୍ଟେ ମଷ୍ଟେ ପରିବାରର ଗୁଜୁରାଣ ମେଣ୍ଟେ। ମହାମାରୀ ପରେ ନିଜ ବ୍ୟବସାୟକୁ ନୂଆ ରୂପରେ ଆରମ୍ଭ କରିବାକୁ ଯୋଜନା କରୁଥିବା ବେଳେ ନିଜ ମା' ଙ୍କ ଅକାଳ ବିୟୋଗରେ ଭାଙ୍ଗି



ମହିଳା ଚାଷୀ କଳ୍ପନା ପଟେଲ।

- ସ୍ୱାବଲମ୍ବୀ ମହିଳା କୁକୁଡା ଚାଷୀ କଳ୍ପନା
- ମାସିକ ୫୦ ହଜାରରୁ ଊର୍ଦ୍ଧ୍ୱ ରୋଜଗାର କରିବାର ଲକ୍ଷ୍ୟ

ପଡିଥିଲେ କଳ୍ପନା। ଅନେକ ଦୁଃଖ, ଯନ୍ତ୍ରଣା, ବାଧା, ବିଘ୍ନ ମଧ୍ୟରେ କୌଣସି ଏକ ବ୍ୟବସାୟ ଆରମ୍ଭ କରି ପରିବାର ପ୍ରତିପୋଷଣ କରିବାର ଆଶା ରଖୁଥିବା ବେଳେ ଏଥିରେ ଦାଉ ସାଜେ ଅର୍ଥ। ସବୁଆଡେ ପ୍ରୟାସ କରି ବିଫଳ ହେବା ପରେ କଳ୍ପନାଙ୍କ ପାଇଁ ଉନ୍ନତିର ସାରଥି ସାଜିଥିଲା ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ ଓ ଝୁରିମାଲ ବନ ସୁରକ୍ଷା ସମିତି। ଏହାର ଜଣେ ସକ୍ରିୟ ସଦସ୍ୟ ଭାବେ ଯୋଗଦେଇ ବିଭିନ୍ନ ସଭା, ତାଲିମ କାର୍ଯ୍ୟକ୍ରମରେ ସାମିଲ ହୁଅନ୍ତି କଳ୍ପନା। ସହଯୋଗୀ ଅନୁଷ୍ଠାନ ସେବକର କର୍ମକର୍ତ୍ତାଙ୍କ ଦ୍ୱାରା ଜାନୁୟାରୀ ୨୦୨୨ ରେ "ସଂକଳ୍ପ ସ୍ୱୟଂ ସହାୟକ ଗୋଷ୍ଠୀ ନାମରେ ଏକ ନୂତନ ଏସ୍‌ଏଚଜି ଗଠନ କରାଯାଇ କଳ୍ପନାଙ୍କୁ ସାମିଲ କରାଯାଇଥିଲା। ବ୍ୟବସାୟିକ ଯୋଜନା ପ୍ରସ୍ତୁତି, ସ୍ଥାନୀୟ ବଜାର ଉପରେ ବ୍ୟାପକ ଅଧ୍ୟୟନ ପରେ ୨୦୨୨ ଡିସେମ୍ବର ୨୬ରେ ଝୁରିମାଲ ବନ ସୁରକ୍ଷା ସମିତିର ଆବର୍ତ୍ତନ ପାଣ୍ଠିରୁ କଳ୍ପନା ୫୦ ହଜାର ଟଙ୍କା ଋଣ ନେଇ ଆରମ୍ଭ କରିଥିଲେ ଦେଶୀ କୁକୁଡା ପାଳନ ବ୍ୟବସାୟ। ପ୍ରାରମ୍ଭିକ ପର୍ଯ୍ୟାୟରେ ୩୦ ଟି ମାଈ କୁକୁଡା ଓ ୩ଟି ଗଞ୍ଜା କିଣି ଆରମ୍ଭ କରି ଗୋଟିଏ ବର୍ଷ ମଧ୍ୟରେ ୧ ଲକ୍ଷ ୪୨ ହଜାର ଟଙ୍କା ଦେଶୀ କୁକୁଡା ବିକ୍ରି କରି ହାସଲ କରିଛନ୍ତି ଅନନ୍ୟ ସଫଳତା। କେବଳ ସେତିକି ନୁହେଁ ନିଜ ସ୍ୱାମୀ ଉଦିତଙ୍କ ଦ୍ୱାରା ନିଜସ୍ୱ ଜ୍ଞାନ କୌଶଳରେ ନିର୍ମିତ ଇନକ୍ୟୁବେଟର ମେଶିନ ସହାୟତାରେ ଦେଶୀ ଅଣ୍ଡାରୁ ସଫଳତାର ସହିତ କୁକୁଡା ଚିଆଁ ବାହାର କରୁଛନ୍ତି। ସ୍ଥାନୀୟ ଅଞ୍ଚଳରେ କଳ୍ପନାଙ୍କ ଦେଶୀ କୁକୁଡାର ଚାହିଦା ଦିନକୁ ଦିନ ବଢି ଚାଲିଥିବା ବେଳେ ଆଗାମୀ ଦିନରେ ଏକ ବୃହତ ଦେଶୀ କୁକୁଡା ଫାର୍ମ କରିବାର ଯୋଜନା କରୁଛନ୍ତି କଳ୍ପନା। କଳ୍ପନା କହିଛନ୍ତି, କରୋନା ମହାମାରୀ ପରଠାରୁ ପରିବାର ସବୁଆଡୁ ହତାଶ ହୋଇ ପଡିଥିବା ବେଳେ ଆମ ପାଇଁ ଜୀବିକାର ପ୍ରତ୍ୟକ୍ଷ ସୁଯୋଗ ଯୋଗାଇଛି ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨। ଏଥିପାଇଁ ସୁନ୍ଦରଗଡ ବନଖଣ୍ଡ ଅଧିକାରୀ, ଉଜ୍ଜଳପୁର କ୍ଷେତ୍ର ପରିଚାଳନା ଏକକ, ଝୁରିମାଲ ବନ ସୁରକ୍ଷା ସମିତି ତଥା ସହଯୋଗୀ ଅନୁଷ୍ଠାନ ସେବକ ପାଖରେ ଆମେ ଚିରଋଣୀ। ଆଗାମୀ ଦିନରେ ଏକ ବଡ ଦେଶୀ କୁକୁଡା ଫାର୍ମ କରି ଗ୍ରାମର କିଛି ମହିଳାଙ୍କୁ ରୋଜଗାର ଦେବା ସହ ମାସିକ ୫୦ ହଜାରରୁ ଊର୍ଦ୍ଧ୍ୱ ରୋଜଗାର କରିବାର ଲକ୍ଷ୍ୟ ରଖିଛି ବୋଲି କଳ୍ପନା କହିଛନ୍ତି।

# ପଡ଼ାବାସୀଙ୍କୁ ଲାଲପାଣି ଭରସା

**ହେମଗିର,୨୨।୩(ଚୈତନ୍ୟ ପଟେଲ)**

ଧୀରେ ଧୀରେ ତାତି ବୃଦ୍ଧି ପାଇବା ସହ ଦେଖା ଦେଲାଣି ପିଇବା ପାଣି ସମସ୍ୟା। ପାଣି ମୁନ୍ଦାଏ ପାଇଁ ଲୋକେ ବହୁ କଷ୍ଟରେ ଜୀବନ ଅତିବାହିତ କରୁଛନ୍ତି। ଫଳରେ ବାଧହୋଇ ଲାଲ ରଙ୍ଗର ପାଣି ଉପରେ ନିର୍ଭର କରିବାକୁ ପଡୁଛି। ଏଭଳି ଘଟଣା ଦେଖିବାକୁ ମିଳିଛି ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଗର୍ଜନଜୋର ପଞ୍ଚାୟତ ନୂଆଡିହି ଗ୍ରାମର ଟିକରାପାଡ଼ାଠାରେ। ଏହି ପଡ଼ାରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ସେମାନଙ୍କ ପାଇଁ ମାତ୍ର ୩ଟି ନଳକୂପ ରହିଛି। ସେଥିରୁ ୨ଟି ଅଚଳ ହୋଇପଡ଼ିଥିବା ବେଳେ ଅନ୍ୟଟିରେ ଲାଲ ରଙ୍ଗର ପାଣି ବାହାରୁଛି। ଏହା ଲୋକଙ୍କ ବ୍ୟବହାର ଉପଯୋଗୀ ହୋଇପାରୁନାହିଁ। ବାଧହୋଇ ଲୋକେ ଏହି ଲାଲ ରଙ୍ଗର ପାଣି ବ୍ୟବହାର କରୁଛନ୍ତି। ଏନେଇ ପଡ଼ାବାସୀ ପଞ୍ଚାୟତ କାର୍ଯ୍ୟାଳୟ ଓ ବ୍ଲକ୍ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏନେଇ ପ୍ରଶାସନ ଦୃଷ୍ଟିଦେବା ସହ ଅଞ୍ଚଳରେ ଲାଗି ରହିଥିବା ପାଣି ସମସ୍ୟା ତୁରନ୍ତ ଦୂରକରିବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି।

**ପ୍ରଶାସନ ଦୃଷ୍ଟିଦେବାକୁ ଦାବି**

# କବି ବିନୋଦ ନାୟକ ଆଧୁନିକ କାବ୍ୟଧାରାର ବିଧାଣୀ



କାର୍ଯ୍ୟକ୍ରମରେ ଉପସ୍ଥିତ କବୟିତ୍ରୀ ଓ କବିଗଣ।

**ରାଉରକେଲା,୨୨।୩(ଦିନେଶ ମିଶ୍ର)**

ରାଉରକେଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଇସ୍ପାତ ସାହିତ୍ୟ ସଂସଦ ଆନୁକୂଲ୍ୟରେ ସେକ୍ଟର-୭ ସ୍ଥିତ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ବିଶ୍ୱ କବିତା ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କବି ବିନୋଦ ଚନ୍ଦ୍ର ନାୟକଙ୍କ କବିତାର ଭାବ ବିଭବ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସଂସଦ ସଭାପତି ବ୍ରଜେନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ କବି ଡା. କୃପାସିନ୍ଧୁ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କବିତାରେ ଭାବ ଓ ବିଭବ ରହିଲେ ତାହା ଜନମାନସରେ ଆଦୃତ ହୋଇଥାଏ ବୋଲି ମତପ୍ରକାଶ କରିଥିଲେ। କବି ମୀନକେତନ ପଶାୟତ ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ। କବି ମମତା ଜେନା ଓ ସମିତ୍ର ମିଶ୍ରଙ୍କ ବେଦମନ୍ତ୍ର ଉଚ୍ଚାରଣରେ ଅତିଥି ବିନୋଦ ଚନ୍ଦ୍ର ନାୟକଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବର ଶୁଭାରମ୍ଭ କରିଥିଲେ। ସାଧାରଣ ସମ୍ପାଦକ ନୃସିଂହ ଚରଣ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ଦେଇଥିଲେ। କବି ବିନୋଦ ନାୟକଙ୍କ କବିତା ଗ୍ରାମପଥ ଠାରୁ ବ୍ୟୋମପଥ ପର୍ଯ୍ୟନ୍ତ ବ୍ୟାପ୍ତ ଥିଲା। ସେ ଏକଧାରାରେ ଜଣେ ବାସ୍ତବବାଦୀ, ମାନବବାଦୀ ଓ ପ୍ରକୃତିପ୍ରେମୀ ବ୍ୟକ୍ତି ଥିଲେ ବୋଲି ଅତିଥିଗଣ ମତପୋଷଣ କରିଥିଲେ। ଉତ୍ସବର ଦ୍ୱିତୀୟ ପର୍ଯ୍ୟାୟରେ କବିତା ପାଠ ଉତ୍ସବରେ କବି ଚିତ୍ତରଞ୍ଜନ ବ୍ରହ୍ମା ସଭାପତିତ୍ୱ କରିଥିବାବେଳେ କବି ଗୌତମ ଦାସ ଓ ମମତା ଜେନା ସଂଯୋଜନା କରିଥିଲେ। କବିତା ଉତ୍ସବରେ ରାଉରକେଲା ବହୁ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ହେମନ୍ତ କୁମାର ପଟେଲ, ସତ୍ୟବ୍ରତ ଦାସ, ବଳରାମ ଦାସ, ଅକ୍ଷୟ ସାମଲ, ଡ. ସୁମନ ଦତ୍ତ, ବଳରାମ ଦାସ, କାଶୀନାଥ ନନ୍ଦୀ, ସଞ୍ଜୀବ କୁମାର ଭୋଇ, ଗୀତାରାଣୀ ବେହେରା, ଇନ୍ଦ୍ରମଣି ମହାପାତ୍ର, ରାଧାମୋହନ ନାୟକ, ଅକ୍ଷୟ କୁମାର ଜେନା ପ୍ରମୁଖ ସହଯୋଗ କରିଥିଲେ। ଉପେନ୍ଦ୍ର ବସ୍ତିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ଅବକାରୀ ବିଭାଗକୁ ବିରୋଧ କଲେ ଗ୍ରାମବାସୀ



ଗ୍ରାମବାସୀଙ୍କ ତରଫରୁ ଅବକାରୀ ବିଭାଗ ଟିମ୍ କୁ ବିରୋଧ କରାଯାଉଛି।

**କୁତ୍ରା,୨୨।୩( ଦେବାଶିଷ ସାହୁ)**

ସୁନ୍ଦରଗଡ ଜିଲା କୁତ୍ରା ବସ୍ତି( କିଷାନ ପଡା)କୁ ଶୁକ୍ରବାର ଚଢ଼ାଉ କରିବାକୁ ଆସିଥିବା ଅବକାରୀ ବିଭାଗ ଓ ମୋବାଇଲ ଟିମ୍‌କୁ ଗ୍ରାମବାସୀ ପକ୍ଷରୁ ପ୍ରବଳ ବିରୋଧ କରାଯାଇଥିଲା। ଗ୍ରାମବାସୀଙ୍କ କହିବା କଥା, ଆଗକୁ ହୋଲି ଆସୁଛି। ଆଦିବାସୀ ସଂସ୍କୃତି ପରମ୍ପରା ଅନୁସାରେ ହୋଲି ପର୍ବ ଦିନ ଘରେ ଘରେ ଇଷ୍ଟ ଦେବାଦବୀଙ୍କୁ ତରପାଏନ(ହାଣ୍ଡିଆ)ଦେଇ ପୂଜାର୍ଚ୍ଚନା କରାଯାଏ। ଏହାକୁ ଗ୍ରାମର ସମସ୍ତେ ତିଆରି କରୁଥିବା ବେଳେ ଅବକାରୀ ବିଭାଗ,ମୋବାଇଲ ଟିମ୍ ଓ ରାଜଗାଙ୍ଗପୁର ମଦ ଭାଟି କର୍ମଚାରୀ ବସ୍ତି(କିଷାନ ପଡା)ରେ ଘରେ ଘରେ ପଶି ଏହାକୁ ନଷ୍ଟ କରିଥିଲେ। ତେବେ ଏହାକୁ ନେଇ ବସ୍ତି ବାସିନ୍ଦା ପ୍ରବଳ ମାତ୍ରାରେ ବିରୋଧ କରିଥିଲେ। ବିରୋଧ କରି କହିଥିଲେ, ଆମେ ଏହାକୁ ବିକ୍ରି କରୁନାହୁଁ, ପୂଜାର୍ଚ୍ଚନା ପାଇଁ ହାଣ୍ଡିଆ ପ୍ରସ୍ତୁତ କରୁଛୁ। ଅବକାରୀ ବିଭାଗ ଏହାକୁ ନଷ୍ଟ କରିଥିବାରୁ ସେମାନଙ୍କର ମାନସମ୍ମାନ ହାନି ହୋଇଥିବା କହିଛନ୍ତି। ପରେ ପୋଲିସ ପ୍ରଶାସନ, ବୁଦ୍ଧିଜୀବୀ ଘଟଣା ସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ। ଅବକାରୀ ବିଭାଗ ଓ ଦେଶୀ ମଦ ଭାଟି କର୍ମଚାରୀ ପୂଜାର୍ଚ୍ଚନା ସମୟରେ ବିନା କୌଣସି ଠୋସ ପ୍ରମାଣରେ ଆସିଥିବା ସହିତ କ୍ଷୟକ୍ଷତି କରିଥିବା ନେଇ ଲିଖିତ ଭାବେ ଭୁଲ ମାଗିବା ଏବଂ ଆଗାମୀ ଦିନରେ ବିନା ପ୍ରମାଣ ଓ ସ୍ଥାନୀୟ ସରପଞ୍ଚଙ୍କ ବିନା ଅନୁମତିରେ ଗ୍ରାମକୁ ଆସିବେ ନାହିଁ ବୋଲି ଲିଖିତ ଆକାରରେ ଦେବା ପରେ ଗ୍ରାମବାସୀ ଶାନ୍ତ ପଡିଥିଲେ।

# ହତ୍ୟା ଅଭିଯୁକ୍ତଙ୍କ ଘର ଭାଙ୍ଗିଲେ ଉତ୍ତ୍ୟକ୍ତ ଲୋକେ

**ବରପାଲି,୨୨।୩ (ଚିତ୍ତରଞ୍ଜନ ସାହୁ)**

ବରଗଡ଼ ଜିଲା ବରପାଲି ଥାନା ବାରଗୁଡ଼ା ପଞ୍ଚାୟତର ବାବୁପାଲି ଗ୍ରାମରେ ଜଣେ ହତ୍ୟା ଅଭିଯୁକ୍ତଙ୍କ ଘରକୁ କିଛି ଉତ୍ତ୍ୟକ୍ତ ଲୋକ ଭାଙ୍ଗିବା ସହ ଗୋଟିଏ ବାଇକ୍‌ରେ ନିଆଁ ଲଗାଇ ଜାଳି ଦେଇଛନ୍ତି। ଏ ନେଇ ହତ୍ୟା ଅଭିଯୁକ୍ତଙ୍କ ଉଭଣୀ ବରପାଲି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ.୧୧୦/୨୪) ରୁଜୁ କରି ଘଟଣାର ତଦନ୍ତ କରୁଛି। ଅନ୍ୟପକ୍ଷେ ଅଭିଯୁକ୍ତ ଢେକଲ ଓରଫ୍ ଗଙ୍ଗାଧର ଧରେଇଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି।

ପୋଲିସ ସୂଚନା ଅନୁସାରେ, ଗତ ୧୯ତାରିଖ ସନ୍ଧ୍ୟାରେ ବାବୁପାଲି ଗ୍ରାମର ଅଭିଯୁକ୍ତ ଗଙ୍ଗାଧର ଧରେଇ ସେହି ଗ୍ରାମର ଗମ୍ଭୀର ଭୋଇସାଗରଙ୍କୁ ଘରୁ ଡାକିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ଗଙ୍ଗାଧରଙ୍କୁ ପଚାରିବାରୁ ଗମ୍ଭୀର କେନାଲରେ ଅଛନ୍ତି ବୋଲି ସେ କହିଥିଲେ। ଏହାପରେ ପରିବାର ଲୋକେ ଟିଙ୍ଗୀପାଲି ଗାଧୋଇବା ଘାଟକୁ ଯାଇ ଗମ୍ଭୀରଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାକୁ ନେଇଥିଲେ।

# ଉପଖଣ୍ଡ ପୋଲିସ ପକ୍ଷରୁ ନିର୍ବାଚନୀ ପ୍ରସ୍ତୁତି ବୈଠକ

**ଲହୁଣୀପଡା,୨୨।୩(ଦାଶରଥି ପଣ୍ଡା)**

ଲହୁଣୀପଡା ଥାନା ପରିସରରେ ଶୁକ୍ରବାର ସନ୍ଧ୍ୟାରେ ବଣେଇଁ ଉପଖଣ୍ଡ ପୋଲିସ ଅଧିକାରୀ ସ୍ୱରାଜ ଦେବତାଙ୍କ ଅଧକ୍ଷତାରେ ଏକ ନିର୍ବାଚନ ପରିଚାଳନା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଲହୁଣୀପଡା ଥାନା ଅଧିକାରୀ ସୁରଜ କୁମାର ଝଙ୍କାର,ବଣେଇଁ ଥାନା ଅଧିକାରୀ ଜ୍ଞାନ ରଞ୍ଜନ ସାହୁ, ଚାନ୍ଦିପୋଷ ଥାନା ଅଧିକାରୀ ମାନସ କୁମାର ମହାକୁଡ଼, କୋଇଡା ଥାନା ଅଧିକାରୀ ମନୋରଞ୍ଜନ କୁମ୍ଭାର,କେ. ବଲାଙ୍ଗ ଥାନା ଅଧିକାରୀ ଲକ୍ଷ୍ମୀଧର ହାସଦା, ମହୁଲ ପଦା ଥାନା ଅଧିକାରୀ ଶୁରେଶ କୁମାର ପ୍ରଧାନ, ଗୁରୁଣ୍ଡିଆ ଥାନା ଅଧିକାରୀ ସୁକାନ୍ତ କୁମାର ପ୍ରଧାନ, ଟିକାୟତ ପାଲି ଥାନା ଅଧିକାରୀ ଅନାମ ଚରଣ ନାୟକ ଏବଂ ଟେନ୍‌ସା ଫାଣ୍ଡି ଅଧିକାରୀ ସୁଦର୍ଶନ ଦେହୁରୀଙ୍କ ସମେତ ପ୍ରତ୍ୟେକ ଥାନାର ସବ୍ ଇନ୍ସପେକ୍ଟର, ଏଏସଆଇ, ହାବିଲଦାର, କନେଷ୍ଟବଳ ଓ ହୋମଗାର୍ଡ ଯୋଗ ଦେଇଥିଲେ। ନିର୍ବାଚନ ପରିଚାଳନାରେ ପୋଲିସର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଥିବାବେଳେ ସମସ୍ତ ପୋଲିସ କର୍ମଚାରୀ ନିଜର ଦାୟିତ୍ୱ ସଠିକ ଭାବେ ସମ୍ପାଦନା କରିବାକୁ ବୈଠକରେ ଆହ୍ୱାନ ଦିଆଯାଇଥିଲା। ନିର୍ବାଚନ ସଂକ୍ରାନ୍ତୀୟ କୌଣସି ଅସୁବିଧା କିମ୍ବା ସୂଚନା ପାଇଲେ ସମ୍ପୃକ୍ତ ଅଧିକାରୀଙ୍କୁ ବାର୍ତ୍ତା ଦେବେ। ବୁଥ କେନ୍ଦ୍ର ଗୁଡିକରେ ମତଦାତାମାନେ କିପରି ଶାନ୍ତି ଶୃଙ୍ଖଳାର ସହ ମତଦାନ କରିପାରିବେ ତାହା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଲହୁଣୀପଡା ଥାନା ଅଧିକାରୀ ସୁରଜ କୁମାର ଝଙ୍କାର ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜେଡିର ଯୁବ ପଞ୍ଚାୟତ ସଭାପତିଙ୍କ ନାମ ଘୋଷଣା

**ସବ୍‌ଡେଗା,୨୨।୩ (ଅନନ୍ତ ପଟେଲ )**

ସୁନ୍ଦରଗଡ ଜିଲା ତଳସରା ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳକୁ ଅଧିକ ସୁସଙ୍ଗଠିତ ଓ କ୍ରିୟାଶୀଳ କରିବା ପାଇଁ ଜିଲା ବିଜୁ ଯୁବ ଜନତା ଦଳ ସଭାପତି ଦେବେନ୍ଦ୍ର ପ୍ରସାଦ ମାଝି ସବ୍‌ଡେଗା ବ୍ଲକ ବିଜୁ ଯୁବ ଜନତା ଦଳର ସମସ୍ତ ୧୪ ପଞ୍ଚାୟତର ସଭାପତିଙ୍କ ନାମକୁ ଅନୁମୋଦନ କରିଛନ୍ତି। ବ୍ଲକ ସଭାପତି ଅନନ୍ତ ପଟେଲ ଉକ୍ତ ପଞ୍ଚାୟତ ସଭାପତିଙ୍କ ନାମକୁ ଆନୁଷ୍ଠାନିକ ଭାବେ ଘୋଷଣା କରିଛନ୍ତି। ବିଭିନ୍ନ ପଞ୍ଚାୟତ ପାଇଁ ଘୋଷିତ ସଭାପତି ହେଲେ ସବ୍‌ଡେଗାର ଦେବେନ୍ଦ୍ର ଶତପଥୀ, ଡମକୁଡ଼ା ଚନ୍ଦନ ତନ୍ତୀ, ଦେଓଗାଁ ଓସ୍କାର କୁଜୁର, କିରାଲଗା ପ୍ରୀୟମ କୁମାର ନାଏକ, କୁରୁମକେଲ ଅଞ୍ଜିର ଟେଟେ, ଟାଙ୍ଗରଗାଁ ଯୁଗଲ ସାହୁ, ହମିରପୁର ତନୁଜ ରୋହିଦାଶ, କରମଡିହି ଦୀପକ ଭୋଇ, ସୁବଲୟା ରାଜକିଶୋର ବେକ, ରାଜପୁର ମାନସରଞ୍ଜନ କିଷାନ, କୁଲବା ସୁନିଲ ନାଏକ, କୁକୁରିଡିହି ଲୋଚନ ରୋହିଦାସ, ଯମୁନା ଏମ ଡି ଆବରାର ଖାନ, ଜାଇଶରର ବିଶ ଷଣ୍ଡେ। ଏହି ଅନୁମୋଦନ ତାଲିକାର ନକଲ କପି ଜିଲା ବିଜେଡି ପର୍ଯ୍ୟବେକ୍ଷକ ଇଂ ପ୍ରୀତିରଞ୍ଜନ ଘଡ଼େଇ,ରାଜ୍ୟ ବିଜୁ ଯୁବ ଜନତା ଦଳ ସଭାପତି ଡ.ବ୍ୟୋମକେଶ ରାୟ, ଯୁବ ବିଜେଡି ରାଜ୍ୟ କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାଏକ ଏବଂ ଜିଲା ବିଜେଡି ସଭାପତି ବିନୟ ଟପ୍ପୋଙ୍କ ପାଖକୁ ପଠାଇ ଦିଆଯାଇଛି।

# ବିଶ୍ୱ ଜଳ ଦିବସରେ ଜଳ ସଂରକ୍ଷଣ ଶପଥ

**କୁତ୍ରା,୨୨।୩(ଦେବାଶିଷ ସାହୁ)**

କୁତ୍ରା ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଶୁକ୍ରବାର ସବୁଜ ବାହିନୀ ତରଫରୁ ବିଶ୍ୱ ଜଳ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ ସଭାପତିତ୍ୱ କରିଥିବା ବେଳେ ସମ୍ମାନିତ ଅତିଥିଭାବେ ଧୃତିସୁନ୍ଦର ସାହୁ, ଜସ୍ମିନ ମିଞ୍ଜ, ରୋହିତ ଜୟପୁରିଆ, ସୁଦାମ ମହାନନ୍ଦ, କାହ୍ନା ସେଠ, ନମିତା କୁଲୁ, ସ୍ମୃତିସ୍ୱରୂପ ଦାସ ପ୍ରମୁଖ ଜଳ ସଂରକ୍ଷଣର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସବୁଜ ବାହିନୀ ପ୍ରଶିକ୍ଷକ ବିଭୀଷଣ ବାରିକ ଜଳ ଓ ଆମ ପରିବେଶ ବିଷୟରେ ଏକ ସୁନ୍ଦର ବକ୍ତବ୍ୟ ପ୍ରଦାନ କରି ସବୁଜ ବାହିନୀର ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମକୁ ଶକ୍ତି ସଂରକ୍ଷଣ ସଂଯୋଜିକା ଦୀପିକା କେର୍କେଟା ପରିଚାଳନା କରିଥିବା ବେଳେ ଲିପିକା କାଲୋ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଗୁରୁବାର ମଧ୍ୟ ଅନୁରୂପ ଭାବେ ସବୁଜ ବାହିନୀ ତରଫରୁ ଜଙ୍ଗଲ ଦିବସ ପାଳନ ସହ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ଗୋଟିଏ ଲେଖାଏ ଚାରାରୋପଣ କରିବାକୁ ସବୁଜ ଶପଥ ପାଠ କରାଯାଇଥିଲା ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

# ହୋଲି ପାଇଁ ଚଳଚଞ୍ଚଳ ଷ୍ଟିଲସିଟି

**ଅପମିଶ୍ରଣ ରଙ୍ଗ ଉପରେ ନଜର**

**ରାଉରକେଲା,୨୨।୩(ଦିନେଶ ମିଶ୍ର)**

ଆଉ ମାତ୍ର ୨ଦିନ ପରେ ରଙ୍ଗର ଖେଳ ହୋଲି ପର୍ବ ଆରମ୍ଭ ହେବ। ଏହାକୁ ନେଇ ଷ୍ଟିଲସିଟି ରାଉରକେଲା ସହର ଚଳଚଞ୍ଚଳ ହୋଇପଡିଛି। ସହରରେ ହୋଲି ପର୍ବକୁ ଧୁମ୍‌ଧାମ୍‌ରେ ପାଳନ କରିବା ପାଇଁ ପିଲାଠୁ ବୁଢା ପର୍ଯ୍ୟନ୍ତ ସମସ୍ତେ ବଜାରରେ ଭିଡ ଜମାଇଲେଣି। ହୋଲି ପର୍ବ ପାଳନକୁ ନେଇ ବିଭିନ୍ନ ସ୍ଥାନରେ ରଙ୍ଗ ଦୋକାନମାନ ଖୋଲିଥିବାବେଳେ ଉକ୍ତ ଦୋକାନରେ ଗ୍ରାହକଙ୍କ ଭିଡ ଦେଖିବାକୁ ମିଳୁଛି। ସହରର ଡେଲିମାର୍କେଟ, ବାସନ୍ତୀ କଲୋନୀ, ପାନପୋଷ ବଜାର, ଛେଣ୍ଡ, ଆମ୍ବଗାନ, ଉଦିତନଗର, ସିଭିଲଟାଉନସିପ, କଳିଙ୍ଗ ବିହାର, ଟ୍ରାଫିଗେଟ୍ ଭଳି ବିଭିନ୍ନ ସ୍ଥାନରେ ହୋଲି ପାଇଁ ରଙ୍ଗ ବିକ୍ରୀ ଆରମ୍ଭ ହୋଇଛି। ସୂଚନା ଅନୁଯାୟୀ, ଚଳିତ ବର୍ଷ ରାଉରକେଲା ସହରରେ ଶହେରୁ ଊର୍ଦ୍ଧ୍ୱ ରଙ୍ଗ ଦୋକାନ ଖୋଲିଛି। ଏହି ରଙ୍ଗ ବ୍ୟବସାୟୀମାନେ ବିଭିନ୍ନ ରଙ୍ଗକୁ ବିଶେଷ କରି ପଡୋଶୀ ରାଜ୍ୟ ଝାଡଖଣ୍ଡ ଓ କୋଲକତାରୁ ଆଣି ବିକ୍ରି କରୁଥିବା ଜଣାପଡିଛି। ଖାଲି ସେତିକି ନୁହଁ ସହରରେ ରଙ୍ଗର ପର୍ବ ହୋଲିକୁ ପାଳନ କରିବା ପାଇଁ ବିଭିନ୍ନ କ୍ଲବ ଓ ମଠ ମନ୍ଦିରରେ ପାଳନ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ସହରରେ ଦୁର୍ଗାପୁର ସ୍ଥିତ ଯୁବଜ୍ୟୋତି କ୍ଲବ ପକ୍ଷରୁ ଅଭିରରେ ରଙ୍ଗ ଖେଳାଯାଉଥିବାବେଳେ ବାସନ୍ତୀ କଲୋନୀ ରାଧାକୃଷ୍ଣ ମନ୍ଦିର କମିଟି ପକ୍ଷରୁ ରାଧାକୃଷ୍ଣଙ୍କୁ ଏକ ଝୁଲଣରେ ବସାଇ ପ୍ରସାଦ ଅର୍ପଣ ସହ ମୂର୍ତ୍ତିରେ ପଞ୍ଚମୁରୁଜ ଓ ଅଭିର ଲୋପନ କରି ତା'ପରେ ହୋଇ ଖେଳାଯିବ। ରାଉରକେଲା ବଜାରରେ ଗ୍ରାହକଙ୍କ ପସନ୍ଦକୁ ନଜର ରଖି ବିଭିନ୍ନ ବ୍ୟବସାୟୀ ମଧ୍ୟ ରଙ୍ଗର ଦାମ ସେହିଭଳି ଭାବରେ ରଖିଛନ୍ତି। ରଙ୍ଗର ପର୍ବ ହୋଲିରେ ଚଳିତ ବର୍ଷ ଅଭିର କିଲୋ ପିଛା ଶହେରୁ ଦୁଇଶହ ଟଙ୍କା ରହିଥିବାବେଳେ ବାନିସ୍ ରଙ୍ଗ ବୋତଲ ୧୦ ଟଙ୍କାରରୁ ୨୫ ଟଙ୍କା ଓ ମୁଣ୍ଡଫଟା ରଙ୍ଗ ୩୦ ଟଙ୍କାରୁ ୫୦ ଟଙ୍କ ପର୍ଯ୍ୟନ୍ତ ରହିଛି। ସହରରେ ହୋଲିର ପର୍ବ ପାଳନକୁ ନେଇ କେମିକାଲ ରଙ୍ଗ ମିଶା ପ୍ରତି ସାବଧାନ ରହିବା ପାଇଁ ଆରଏମ୍‌ସି ପକ୍ଷରୁ ଏନଫୋର୍ସମେଣ୍ଟର ୫ ଜଣିଆଟିମ ଶୁକ୍ରବାର ବିଭିନ୍ନ ସ୍ଥାନରେ ବୁଲି ବିଭିନ୍ନ ବ୍ୟବସାୟୀମାନଙ୍କୁ ସାବଧାନ କରିଛି। ସହରରେ କିଭଳି କୌଣସି ରଙ୍ଗରେ ଅପମିଶ୍ରଣ ନ ହେବ ଓ ଅଭିରରେ କରତଗୁଣ୍ଡ କି ମୁଣ୍ଡଫଟା ରଙ୍ଗରେ ଟାୟାରଗୁଣ୍ଡ ନମିଶାଇବାକୁ ବିଭିନ୍ନ ବ୍ୟବସାୟୀଙ୍କୁ ମାଇକ ପ୍ରଚାରଯୋଗେ ସଚେତନ କରାଇଛି। ଯଦି କୌଣସି ବ୍ୟବସାୟୀ କେମିକାଲ ଓ ଅପମିଶ୍ରଣ ରଙ୍ଗ ବିକ୍ରୀ କରୁଥାନ୍ତି ତେବେ ଆରଏମ୍‌ସି ଜରିମାନା ଆଦାୟ କରିବ ବୋଲି ଚେତାବନୀ ଦେଇଛି।




ରାଉରକେଲା ସହରରେ ରଙ୍ଗ ପସରା।

# ସ୍ୱର୍ଗତ ପିତାଙ୍କ ଋଣ ଶୁଝିବାକୁ ନାବାଳକ ପୁତ୍ରଙ୍କୁ ସମନ

## ହସ୍ତକ୍ଷେପ କରିବାକୁ ରାଷ୍ଟ୍ରପତି ଓ ଜାତୀୟ ମାନବାଧିକାର କମିଶନଙ୍କୁ ନିବେଦନ

ସମ୍ବଲପୁର,୨୨।୩(ପ୍ରମୋଦ ବହିଦାର): ମା'ବାପା ଛେଉଣ୍ଡ ଦୁଇ ନାବାଳଙ୍କ ନାମରେ ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ ବରଗଡ଼ ଶାଖା ପକ୍ଷରୁ ପିତାଙ୍କ ନାମରେ ଥିବା ଋଣ ଶୁଝିବାକୁ ସମନ ଜାରି କରାଯାଇଛି। ଏ ନେଇ ନାବାଳକ ଦ୍ୱୟ ପତ୍ର ମାଧ୍ୟମରେ ରାଷ୍ଟ୍ରପତି ଓ ଜାତୀୟ ମାନବାଧିକାର କମିଶନଙ୍କ ଦୃଷ୍ଟି ଆକର୍ଷଣ କରି ହସ୍ତକ୍ଷେପ ପାଇଁ ନିବେଦନ କରିଛନ୍ତି।

ମିଳିଥିବା ସୂଚନା ଅନୁସାରେ ବର୍ତ୍ତମାନ ମାମୁଁ ଘରେ ବୃଦ୍ଧ ଅଜାଙ୍କ ସହିତ ରହି ଗାଁ ସ୍କୁଲରେ ପାଠ ପଢୁଛନ୍ତି ପ୍ରତୀକ ପ୍ରିୟଦର୍ଶୀ ପୁଟା (୧୧) ଓ ପ୍ରାଜିତ ପ୍ରିୟଦର୍ଶୀ ପୁଟା (୭)। ସେମାନଙ୍କ ପିତା ବଲାଙ୍ଗୀର ଜିଲା ପଲସାପଦର ଗ୍ରାମର ବିଧୁ ଭୂଷଣ ପୁଟା ବରଗଡ଼ରେ ଜଣେ ସରକାରୀ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ୨୦୨୦ କୋଭିଡ୍ କାଳରେ ତାଙ୍କର ମୃତ୍ୟୁ ଘଟିଥିବା ବେଳେ ଏକବର୍ଷର ବ୍ୟବଧାନରେ ସେମାନଙ୍କ ମାତାଙ୍କ ମଧ୍ୟ ମୃତ୍ୟୁ ଘଟିଥିଲା। ଏପରି କି କିଛିଦିନ ପରେ ସେମାନଙ୍କ ଜେଜେବାପା ମଧ୍ୟ ସେମାନଙ୍କୁ ଛାଡ଼ି ଆରପାରିକୁ ଚାଲିଗଲେ। ନାବାଳକ ଦ୍ୱୟଙ୍କୁ ସେମାନଙ୍କ ମାତାଙ୍କ ପିତା (୭୨) ଆସି ନିଜ ଘର ସମ୍ବଲପୁର ଜିଲା କେନାଡ଼ିପାକୁ ନେଇ ଭରଣପୋଷଣ କରୁଛନ୍ତି। ଏଭଳି ପରିସ୍ଥିତିରେ ୨୦୨୪ ଜାନୁଆରୀ ୩୦ରେ ପ୍ରତିକ ଓ ପ୍ରାଜିତଙ୍କ ନାମରେ ଭାରତୀୟ ଷ୍ଟେଟବ୍ୟାଙ୍କ ବରଗଡ଼ ଶାଖାରୁ ଏକ କୋର୍ଟ ନୋଟିସ ଆସିଥିଲା। ଏହି ନୋଟିସ ଦେଖି ସେମାନଙ୍କ ଅଜା ଜାଣିବାକୁ ପାଇଲେ ଯେ, ୨୦୧୮ରେ ବିଧୁଭୂଷଣ ବରଗଡ଼ରେ କାର୍ଯ୍ୟରତ ଥିବା ସମୟରେ ଭାରତୀୟ ଷ୍ଟେଟବ୍ୟାଙ୍କରୁ ଋଣ ନେଇଥିଲେ, ଯାହା ବର୍ତ୍ତମାନ ସୁଧମୂଳ ମିଶି ୪ ଲକ୍ଷ ୯୯ ହଜାର ପାଖାପାଖି ହୋଇଛି। ଏହାକୁ ପରିଶୋଧ କରିବା ପାଇଁ ତାଙ୍କ ନାବାଳକ ନାତିଦ୍ୱୟଙ୍କ ନାମରେ ଏହି ନୋଟିସ ଜାରି କରାଯାଇ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି।

କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଉଭୟେ ବୃଦ୍ଧ ଅଜାଙ୍କ ସହିତ କୋର୍ଟରେ ହାଜର ହୋଇଥିଲେ। ସେମାନଙ୍କୁ ଦେଖି କୋର୍ଟରେ ସମସ୍ତ କର୍ମଚାରୀ ଆଶ୍ଚର୍ଯ୍ୟ ଚକିତ ହୋଇଯାଇଥିଲେ। ଋଣ ଶୁଝିବାକୁ ଅକ୍ଷମ ଓ ନାବାଳକ ଦ୍ୱୟଙ୍କ ନିକଟକୁ କୋର୍ଟ ସମନ ନେଇ ଦୁଇ ଭାଇ ସେମାନଙ୍କ ପିତାଙ୍କ ଋଣକୁ ଛାଡ଼ କରି ନ୍ୟାୟ ପ୍ରଦାନ କରିବାକୁ ରାଷ୍ଟ୍ରପତି ଓ ଜାତୀୟ ମାନବାଧିକାର କମିଶନଙ୍କ ନିକଟକୁ ପତ୍ର ଲେଖିଛନ୍ତି।

## ସଂକ୍ଷେପରେ

### ଦଳ ଛାଡ଼ିଲେ ବିଜେଡି ନେତା

ଦେବଗଡ଼, ୨୨।୩ (ଶଶାଙ୍କଶେଖର ଝାଙ୍କର): ଜିଲା ବିଜୁ ଜନତା ଦଳ ତିଲେଇବଣି ବ୍ଲକ ଜିଲା ପରିଷଦ ଜୋନ-୨ର ସଂଯୋଜକ ଅଲେଖ ଚନ୍ଦ୍ର ନାଏକ ଶୁକ୍ରବାର ପଦ ଛାଡିବାସହ ବିଜୁ ଜନତା ଦଳରୁ ଇସ୍ତଫା ଦେଇଥିବା ଜଣାପଡିଛି। ନାୟକ ଜିଲା ବିଜେଡି ସଭାପତିଙ୍କୁ ତାଙ୍କର ଇସ୍ତଫାପତ୍ର ପ୍ରଦାନ କରିବା ସହ ବ୍ୟକ୍ତିଗତ କାରଣରୁ ସେ ପଦପଦବୀରୁ ଓ ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଉଥିବା ତାଙ୍କର ଇସ୍ତଫା ପତ୍ରରେ ଉଲ୍ଲେଖ କରିଛନ୍ତି।

### ଜିଲା କୃଷକ ସଂଘର୍ଷ ସଂଘର ବୈଠକ

ଦେବଗଡ଼, ୨୨।୩(ଶଶାଙ୍କ ଶେଖର ଝାଙ୍କର): ତିଲେଇବଣି ବ୍ଲକ ଅନ୍ତର୍ଗତ ଝାରମୁଣ୍ଡା ଗ୍ରାମ ପଞ୍ଚାୟତ ସଦର ମହକୁମାରେ ଶୁକ୍ରବାର ଦେବଗଡ଼ ଜିଲା କୃଷକ ସଂଘର୍ଷ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ସଂଘର୍ଷ ସଂଘର ସଭାପତି ସେମ ହେମ୍ରମ ଓ ସମ୍ମାନିତ ଅତିଥି ଭାବେ ସାଧାରଣ ସମ୍ପାଦକ ଗୁଣନିଧି ବେହେରା ଉପସ୍ଥିତ ରହି ଜମିପଟ୍ଟା ସମେତ ୫ ଦଫା ଦାବିରେ ପୂର୍ବରୁ ରାଜ୍ୟ ସରକାରଙ୍କୁ ଦିଆଯାଇଥିବା ସ୍ମାରକପତ୍ର ପରିପ୍ରେକ୍ଷୀରେ ସବିଶେଷ ଆଲୋଚନା କରିଥିଲେ। ଏଥିସହ ଦାବି ପୂରଣ ନେଇ ସରକାରଙ୍କ ଟାଳଟୁଳ ନୀତିର କଠୋର ସମାଲୋଚନା କରିଥିଲେ। ସେହିପରି ସରକାର ଅବିଳମ୍ବେ ଜିଲା କୃଷକ ସଂଘର୍ଷ ସଂଘର ୫ ଦଫା ଦାବି ପୂରଣ ନ କଲେ ଆନ୍ଦୋଳନ ପାଇଁ ରାଜରାସ୍ତାକୁ ଓହ୍ଲାଇବାକୁ ସର୍ବସମ୍ମତି କ୍ରମେ ନିଷ୍ପତି ନେଇଥିଲେ। ଏହି ବୈଠକରେ ଝାରମୁଣ୍ଡା ସମେତ ପାରପୋଶି, ଲଇମୁରା ଓ ଝରାଗୋଗୁ ଆଦି ଗ୍ରାମର ବହୁ କୃଷକ ଓ କୃଷକ ନେତା ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ନୂତନ ଟ୍ରାନ୍ସଫର୍ମର ସଂଯୋଗ ଦାବି

ଦେବଗଡ଼, ୨୨।୩(ଶଶାଙ୍କ ଶେଖର ଝାଙ୍କର): ତିଲେଇବଣି ବ୍ଲକ ଦୁଧିଆନାଳୀ ଗ୍ରାମ ପଞ୍ଚାୟତର ମୁଣ୍ଡଗୋହୀରା ଓ ଡିମିରିକୁଦା ଗ୍ରାମ ପଞ୍ଚାୟତର ପୋହଳାମରା ଗ୍ରାମରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡ଼ିଯାଇଥିବାରୁ କିଛିଦିନ ହେଲା ସମ୍ପୃକ୍ତ ଗ୍ରାମ ଦ୍ୱୟ ଅନ୍ଧକାରରେ ରହିଛି। ଏଣୁ ଉଭୟ ଗ୍ରାମରେ ତୁରନ୍ତ ନୂତନ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଖଞ୍ଜାଯାଇ ଏହି ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ଅଞ୍ଚଳବାସୀଙ୍କ ସମେତ ଜିଲା କଂଗ୍ରେସ କମିଟି ପକ୍ଷରୁ ଦେବଗଡ ସ୍ଥିତ ଟିପିଡବ୍ଲ୍ୟୁଓଡିଏଲ କାର୍ଯ୍ୟାଳୟ ଘେରାଉ କରାଯିବା ସହ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ଏମର୍ମରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା କଂଗ୍ରେସ ସଭାପତି ସେମ ହେମ୍ରମଙ୍କ ନେତୃତ୍ୱରେ ମୁଣ୍ଡଗୋହୀରା ଓ ପୋହଳାମରା ଗ୍ରାମର ବହୁ ଗ୍ରାମବାସୀ ଦେବଗଡ଼ ଟିପିଡବ୍ଲ୍ୟୁଓଡିଏଲ କାର୍ଯ୍ୟାଳୟ ଘେରାଉ କରିବାସହ ଉପରୋକ୍ତ ଦାବିପତ୍ର ପ୍ରଦାନ କରିଥିଲେ।

# ଶ୍ୱଶୁର-ବୋହୂଙ୍କ ଅନଶନ ଆରମ୍ଭ

## ଚିହ୍ନଟ ହେବାର ଦେଢବର୍ଷ ପରେ ମଧ ମିଳିନାହିଁ ଘରଡିହ



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶ୍ୱଶୁର, ବୋହୂ ଅନଶନରେ ବସିଛନ୍ତି।

ଦେବଗଡ଼, ୨୨।୩(ଶଶାଙ୍କ ଶେଖର ଝାଙ୍କର): ପଡୋଶୀଙ୍କ ବେଆଇନ ଦଖଲରେ ଥିବା ଘରଡିହର ଚିହ୍ନଟ ପାଇଁ ଆବେଦନ କରିଥିଲେ ବାରକୋଟ ବ୍ଲକ ତଥା ବାରକୋଟ ତହସିଲ ବଳମ ରାଜସ୍ୱ ସର୍କଲ ଅନ୍ତର୍ଗତ ଶିମିଳିନାଳି ଗ୍ରାମର ବିବାହିତା ମହିଳା ରଶ୍ମିରେଖା ବେହେରା। ଆବେଦନ ଆଧାରରେ ରାଜସ୍ୱ ବିଭାଗ ପକ୍ଷରୁ ସମ୍ପୃକ୍ତ ଘରଡିହକୁ ଚିହ୍ନଟ କରାଯାଇ ଏହା ରଶ୍ମିରେଖାଙ୍କ ପରିବାରର ହୋଇଥିବା ବିଭାଗୀୟ କର୍ତ୍ତୃପକ୍ଷ ରିପୋର୍ଟ ଦେଇଥିଲେ। ଏହା ସତ୍ତ୍ୱେ ସମ୍ପୃକ୍ତ ପଡୋଶୀ ଘରଡିହକୁ ଛାଡୁ ନ ଥିବାରୁ ନ୍ୟାୟ ପାଇଁ ରଶ୍ମିରେଖା ବଳମ ରାଜସ୍ୱ ନିରୀକ୍ଷକ ଓ ବାରକୋଟ ତହସିଲଦାରଙ୍କ ସମେତ ବାରକୋଟ ଥାନା ପୋଲିସ ଓ ଦେବଗଡ଼ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ମାତ୍ର ଇତିମଧ୍ୟରେ ଏହାର ପ୍ରାୟ ଦେଢ ବର୍ଷ ବିତିଯାଇଥିଲେ ମଧ୍ୟ ରଶ୍ମୀରେଖା ନ୍ୟାୟ ପାଇପାରିନାହାନ୍ତି। ଫଳରେ ଅନନ୍ୟୋପାୟ ହୋଇ ଶୁକ୍ରବାର ସେ ତାଙ୍କ ଶ୍ୱଶୁର ଡମ୍ବରୁଧି ବେହେରା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ଆମ୍ବଗଛ ମୂଳେ ଅନଶନ ଆରମ୍ଭ କରିଛନ୍ତି। ସେହିପରି ନ୍ୟାୟ ନ ପାଇବା ପର୍ଯ୍ୟନ୍ତ ଅନଶନ ଜାରି ରହିବ ବୋଲି ସେମାନେ ଦୃଢୋକ୍ତି ପ୍ରକାଶ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ,ରଶ୍ମିରେଖା ଶେଷଥର ପାଇଁ ଗତ ୧୫ ତାରିଖ ଦେବଗଡ଼ ଜିଲାପଳଙ୍କୁ ଏମର୍ମରେ ଏକ ଦାବିପତ୍ର ପ୍ରଦାନ କରିବା ସହ ୨୨ ତାରିଖ ମଧ୍ୟରେ ଦାବିପୂରଣ ନ ହେଲେ ଶ୍ୱଶୁର ଡମ୍ବରୁଧରଙ୍କ ସହିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିବେ ବୋଲି ଲିଖିତ ଚେତାବନୀ ଦେଇଥିଲେ। ଏହାସତ୍ତ୍ୱେ ଦାବି ପୂରଣ ନ ହେବାରୁ ଉଭୟ ଶ୍ୱଶୁର-ବୋହୂ ମା' ଦୁର୍ଗାଙ୍କ ଫଟୋଚିତ୍ର ରଖି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ ଆରମ୍ଭ କରିଛନ୍ତି।

# ଚାଷୀମାନଙ୍କୁ କ୍ଷତିପୂରଣ ଦିଅ



ମୁଖ୍ୟ କୃଷି ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିବାକୁ ଆସିଥିବା କଂଗ୍ରେସ କର୍ମକର୍ତ୍ତା।

## ଅଦିନିଆ ବର୍ଷାରେ ଚାଷ କ୍ଷତି

ଦେବଗଡ,୨୨।୩(ଶଶାଙ୍କ ଶେଖର ଝାଙ୍କର) ଅଦିନିଆ ତଥା ଲଗାଣ ବର୍ଷାରେ ଦେବଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଅର୍ଥକାରୀ ତରଭୁଜ, ସୂର୍ଯ୍ୟମୁଖି, ପିଆଜ ଓ ଡାଲି ଜାତୀୟ ଫସଲ ନଷ୍ଟ ହୋଇଛି। ଏଣୁ ଗରିବ ଚାଷୀଙ୍କୁ ଏହାର କ୍ଷତିପୂରଣ ପ୍ରଦାନ ଦାବିରେ ଦେବଗଡ଼ ଜିଲା କଂଗ୍ରେସ କମିଟି ପକ୍ଷରୁ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପୂର୍ବାହ୍ନରେ ଜିଲା କଂଗ୍ରେସ କମିଟି ସଭାପତି ସେମ ହେମ୍ରମଙ୍କ ନେତୃତ୍ୱରେ ଜିଲା କଂଗ୍ରେସ ଗଣମାଧ୍ୟମ ଓ ଯୋଗାଯୋଗ ସେଲ ଅଧ୍ୟକ୍ଷ ସିଦ୍ଧେଶ୍ୱର ଗୁରୁ, ସାଧାରଣ ସମ୍ପାଦକ ଲୁଲୁ ପ୍ରଦାନ ଓ ଶ୍ରୀତମ ସାହୁ ପ୍ରମୁଖ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କୁ ଏମର୍ମରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

# ହତ୍ୟା ଅଭିଯୁକ୍ତଙ୍କ ଘର ଭାଙ୍ଗିଲେ ଉତ୍ତ୍ୟକ୍ତ ଲୋକେ

ବରପାଲି,୨୨।୩ (ଚିତ୍ତରଞ୍ଜନ ସାହୁ)

ବରଗଡ଼ ଜିଲା ବରପାଲି ଥାନା ବାରଗୁଡ଼ା ପଞ୍ଚାୟତର ବାବୁପାଲି ଗ୍ରାମରେ ଜଣେ ହତ୍ୟା ଅଭିଯୁକ୍ତଙ୍କ ଘରକୁ କିଛି ଉତ୍ତ୍ୟକ୍ତ ଲୋକ ଭାଙ୍ଗିବା ସହ ଗୋଟିଏ ବାଇକ୍‌ରେ ନିଆଁ ଲଗାଇ ଜାଳି ଦେଇଛନ୍ତି। ଏ ନେଇ ହତ୍ୟା ଅଭିଯୁକ୍ତଙ୍କ ଉଭଣୀ ବରପାଲି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ.୧୧୦/୨୪) ରୁଜୁ କରି ଘଟଣାର ତଦନ୍ତ କରୁଛି। ଅନ୍ୟପକ୍ଷେ ଅଭିଯୁକ୍ତ ଢେକଲ ଓରଫ୍ ଗଙ୍ଗାଧର ଧରେଇଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି।

ପୋଲିସ ସୂଚନା ଅନୁସାରେ, ଗତ ୧୯ତାରିଖ ସନ୍ଧ୍ୟାରେ ବାବୁପାଲି ଗ୍ରାମର ଅଭିଯୁକ୍ତ ଗଙ୍ଗାଧର ଧରେଇ ସେହି ଗ୍ରାମର ଗମ୍ଭୀର ଭୋରାସାଗରଙ୍କୁ ଘରୁ ଡାକିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ଗଙ୍ଗାଧରଙ୍କୁ ପଚାରିବାରୁ ଗମ୍ଭୀର କେନାଲରେ ଅଛନ୍ତି ବୋଲି ସେ କହିଥିଲେ। ଏହାପରେ ପରିବାର ଲୋକେ ଟିଙ୍ଗୀପାଲି ଗାଧୋଇବା ଘାଟକୁ ଯାଇ ଗମ୍ଭୀରଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଗମ୍ଭୀରଙ୍କ ସ୍ତ୍ରୀ ବରପାଲି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି ଘଟଣା ପରେ ଢେକଲଙ୍କ ପରିବାର ଲୋକେ ଘର ଛାଡ଼ି ଅନ୍ୟତ୍ର ପଳାଇଥିଲେ। ତେବେ ଉତ୍ତ୍ୟକ୍ତ ଲୋକେ ଗୁରୁବାର ରାତିରେ ତାଙ୍କ ଘରକୁ ଭାଙ୍ଗି ଦେବା ସହ ବାଇକରେ ନିଆଁ ଲଗାଇ ଦେଇଥିଲେ।

# ଗାଁ ମୁଣ୍ଡରେ ବାଇବାସ୍ ରାସ୍ତା ନିର୍ମାଣ ପାଇଁ ନିବେଦନ

ସମ୍ବଲପୁର,୨୨।୩(ପ୍ରମୋଦ ବହିଦାର): ସମ୍ବଲପୁର ଜିଲା ରେଙ୍ଗାଲିର ଜଙ୍ଗଲା ଏକ ଆଦିବାସୀ ବହୁଳ ଗ୍ରାମ। ଏହି ଗ୍ରାମର ମଝି ଦାଣ୍ଡ ଦେଇ ପୂର୍ତ୍ତ ବିଭାଗ ପକ୍ଷରୁ ଦୁଇଥାକିଆ ବାଇପାସ୍ ରାସ୍ତା ନିର୍ମାଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ହେଲେ ଗାଁ ମୁଣ୍ଡରୁ ରାସ୍ତା ନିର୍ମାଣ କରିବାକୁ ଗ୍ରାମବସୀଙ୍କ ପକ୍ଷରୁ ଜିଲାପାଳଙ୍କୁ ନିବେଦନ କରାଯାଇଛି। ସେମାନେ ଦର୍ଶାଇଛନ୍ତି, ଗ୍ରାମ ମଧ୍ୟରେ ଥିବା ରାସ୍ତା ପ୍ରଶସ୍ତ ହେଲେ ସେମାନଙ୍କ ଘର ଭାଙ୍ଗିବା ଆଶାଙ୍କା ରହିଛି। ଯଦ୍ୱାରା ଗ୍ରାମର ଗରିବ ଆଦିବାସୀ ପରିବାର କ୍ଷତିଗ୍ରସ୍ତ ହେବେ। ଏହାକୁ ବିଚାରକୁ ନେଇ ଗାଁ ମଝିଦାଣ୍ଡ ବଦଳରେ ଗାଁ ମୁଣ୍ଡରୁ ପ୍ରସ୍ତାବିତ ଦୁଇଥାକିଆ ରାସ୍ତା ନିର୍ମାଣ ପାଇଁ ସମ୍ବଲପୁର ଜିଲାପାଳଙ୍କୁ ଲିଖିତ ଭାବେ ନିବେଦନ କରିଛନ୍ତି। ଜଙ୍ଗଲା ସରପଞ୍ଚ ରୀତା ବିଶ୍ୱାଳଙ୍କ ନେତୃତ୍ୱରେ ୱାର୍ଡସଭ୍ୟ ବିଜୟା ସରାଫ, କୈଳାସ କୁଅଁର, ଦିବ୍ୟକିଶୋର ସରାଫ, ସୁଧାମୟୀ କୁଅଁର, ପ୍ରଫୁଲ୍ଲ ମାଝି, ସବିତା ସରାଫ ପ୍ରମୁଖ ଜିଲାପାଳଙ୍କୁ ନିବେଦନ ପତ୍ର ପ୍ରଦାନ କରିଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟରେ ଦାବିପତ୍ର ସହିତ ଜଙ୍ଗଲା ଗ୍ରାମବାସୀ।

# ଜେଏସଡବ୍ଲ୍ୟୁ ଫାଉଣ୍ଡେଶନ ପକ୍ଷରୁ ମହିଳା ସମବାୟ ସମିତି ଗଠିତ



ଅତିଥିଙ୍କ ସହ ମହିଳା ସମବାୟ ସମିତି ବୋର୍ଡ ସମସ୍ୟାମାନେ।

ସମ୍ବଲପୁର,୨୨।୩(ବି.ଶଙ୍କର)

ମହିଳାମାନଙ୍କର ବିକାଶ ପାଇଁ ଜେଏସଡବ୍ଲ୍ୟୁ ଫାଉଣ୍ଡେଶନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହିକ୍ରମରେ ଜେଏସଡବ୍ଲୁ ଶକ୍ତି କାର୍ଯ୍ୟକ୍ରମ ଜରିଆରେ ଶ୍ରୀଶକ୍ତି ବହୁମୁଖି ମହିଳା ସମବାୟ ସମିତି ଲିମିଟେଡ ଗଠନ କରାଯାଇଛି। ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଅଞ୍ଚଳର ୨ହଜାର ମହିଳାଙ୍କୁ ତାଲିମ ପ୍ରଦାନ କରାଯାଇ ଆତ୍ମନିର୍ଭର କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଗୁରୁବାର ଶ୍ରୀଶକ୍ତି ବହୁମୁଖି ମହିଳା ସମବାୟ ସମିତିର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଫାଉଣ୍ଡେଶନର ସିଏସ୍ଆର୍ ମୁଖ୍ୟ ବିଶାଲ ରାଜ ସମାଜ ଗଠନରେ ମହିଳାଙ୍କ ଦାୟିତ୍ୱ ବିଷୟରେ ଆଲୋକପାତ କରିଥିଲେ। ବ୍ୟାଙ୍କ ମ୍ୟାନେଜର ସୁମିତ କୁମାର ବ୍ୟାଙ୍କର ସେବା ଓ ସହଜ କ୍ରେଡିଟ ଲିଙ୍କେଜ ସୁବିଧା ଉପରେ ଗୁରୁତ୍ୱରୋପ କରିଥିଲେ। ଏଥିରେ ମହିଳା ସମବାୟ ସମିତିର ବୋର୍ଡ ସଦସ୍ୟାମାନେ ଉପସ୍ଥିତ ଥିଲେ।

# ରେଞ୍ଜ ଅଫିସର, ଫରେଷ୍ଟର ସମ୍ମାନିତ




ସମ୍ମାନିତ ହୋଇଥିବା ବନ କର୍ମଚାରୀ ଓ ଅଧିକାରୀ।

ଦେବଗଡ,୨୨।୩(ଶଶାଙ୍କଶେଖର ଝାଙ୍କର)

ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ବନ ଦିବସ ପାଳନ ଅବସରରେ ଦେବଗଡ ବନଖଣ୍ଡ ଜଣେ ରେଞ୍ଜ ଅଫିସର, ଦୁଇ ଜଣ ଫରେଷ୍ଟର ଓ ୨ ଜଣ ଫରେଷ୍ଟଗାର୍ଡ ସମ୍ମାନିତ ହୋଇଛନ୍ତି। କାର୍ଯ୍ୟ କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ପାଇଁ ରାଜ୍ୟସ୍ତରରେ ୩ ଜଣ ରେଞ୍ଜ ଅଫିସର, ୧୨ ଜଣ ଫରେଷ୍ଟର ଓ ୨୫ ଜଣ ଫରେଷ୍ଟଗାର୍ଡଙ୍କୁ ସମ୍ମାନିତ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଦେବଗଡ ବନଖଣ୍ଡ ୫ ଜଣଙ୍କୁ ମାନପତ୍ର ଏବଂ ଆର୍ଥିକ ପୁରସ୍କାର ସହ ସମ୍ମାନିତ କରାଯାଇଥିବା ସୂଚନା ମିଳିଛି। ଦେବଗଡ ବନଖଣ୍ଡ ଅନ୍ତର୍ଗତ ବାରକୋଟ ବନାଞ୍ଚଳର ପୂର୍ବତନ ରେଞ୍ଜ ଅଫିସର ଦିବ୍ୟଶଙ୍କର ବେହେରା, କଲା ସେକ୍ସନର ପୂର୍ବତନ ଫରେଷ୍ଟର ପ୍ରିତମ ସାହୁ, ଜମରଡିହି ଫରେଷ୍ଟର ସୁଧାଂଶୁ ବେହେରା, ଦେବଗଡ ଫରେଷ୍ଟଗାର୍ଡ ଅଶୋକ ପାନ୍ନା ଓ ବଳମ ଫରେଷ୍ଟଗାର୍ଡ ଭୁବନେଶ୍ୱରୀ ସାହୁଙ୍କୁ ଏହି ଅବସରରେ ରାଜ୍ୟସ୍ତରରେ ସମ୍ମାନିତ କରାଯାଇଥିଲା। ଭୁବନେଶ୍ୱରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜଙ୍ଗଲ ଓ ପରିବେଶ ବିଭାଗ ପ୍ରମୁଖ ସଚିବ ସତ୍ୟବ୍ରତ ସାହୁ, ପିସିସିଏଫ ଦେବଦତ୍ତ ବିଶ୍ୱାଳ, ସୁଶାନ୍ତ ନନ୍ଦ ଏବଂ ସିସିଏଫ ପ୍ରଫୁଲ୍ଲ ମଲ୍ଲିକ ପ୍ରମୁଖ ମଞ୍ଚାସୀନ ରହି ଏହି ପୁରସ୍କାର ପ୍ରଦାନ କରିଥିବା ବିଭାଗୀୟ ସୂତ୍ରରୁ ସୂଚନା ମିଳିଛି।

# ଭାଜପା ପକ୍ଷରୁ ନାରୀଶକ୍ତି ବନ୍ଦନ କାର୍ଯ୍ୟକ୍ରମ

ଦେବଗଡ଼, ୨୨।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଅନ୍ତର୍ଗତ ସୁଗୁଡା ଗ୍ରାମ ପଞ୍ଚାୟତ ସଦର ମହକୁମା ଆମ୍ବତୋଟାରେ ତିଲେଇବଣି ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମର ମହିଳାମାନଙ୍କୁ ନେଇ ଭାଜପା ପକ୍ଷରୁ ଶୁକ୍ରବାର ଏକ ମଣ୍ଡଳସ୍ତରୀୟ ନାରୀ ଶକ୍ତି ବନ୍ଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାଜପା ମଣ୍ଡଳ ସଭାପତି ଯୋଗେଶ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱ ଓ ଧରଣୀଧର ସାହୁଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁ, ତିଲେଇବଣି ବ୍ଲକ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ଉପାଧ୍ୟକ୍ଷା ଆରତୀ ପ୍ରଧାନ, ଜିଲା ଭାଜପା ସାଧାରଣ ସମ୍ପାଦକ ସଚ୍ଚିକାନ୍ତ ଦାଶ, ରଞ୍ଜିତ କୁମାର ପଟେଲ, ଦେବଗଡ ପୌର ପରିଷଦ ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ଆର୍ସିଏମଏସ ସଭାପତି ଈଶ୍ୱର ଚନ୍ଦ୍ର ସାହୁ, ଭାଜପା ପୂର୍ବତନ ଜିଲା ସଭାପତି ମୀନକେତନ ପ୍ରଧାନ, ସୁଗୁଡା ଗ୍ରାମ ପଞ୍ଚାୟତ ସମିତି ସଦସ୍ୟ ଡମ୍ବରୁଧର ସାହୁ, ଦୁଧିଆନାଳୀ ଗ୍ରାମ ପଞ୍ଚାୟତର ସମିତି ସଦସ୍ୟା ଚିନୁପ୍ରିୟା ନାୟକ, ତାଳକୁଣ୍ଡି ଗ୍ରାମ ପଞ୍ଚାୟତର ସମିତି ସଦସ୍ୟା ଏଲଏନ କାକ୍ରା, ସସ୍ମିନୀ ପଣ୍ଡା, ବଡଛାପଲ ଗ୍ରାମ ପଞ୍ଚାୟତର ସମିତି ସଦସ୍ୟା ପୁଷ୍ପାଞ୍ଜଳୀ ବାଗ, ଭାଜପା ତିଲେଇବଣି ମଣ୍ଡଳ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ନନ୍ଦ ପ୍ରମୁଖ ଯୋଗଦେଇ ମହିଳାମାନଙ୍କୁ ଦୀପ ବନ୍ଦନ କରିବାସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମହିଳାମାନଙ୍କୁ ପ୍ରାଥମିକତା ଦେଇ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଥିବା ପ୍ରକାଶ କରିଥିଲେ। ଏଥିସହ ଜନଧନ ବ୍ୟାଙ୍କ ଖାତା, ଉଜ୍ୱଳା ଯୋଜନା, ହରଘର ଜଳ ଯୋଜନା, ପାଇଖାନା ନିର୍ମାଣ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଲକ୍ଷପତି ଦିଦି ଆଦି ଯୋଜନା ଉପରେ ଉପସ୍ଥିତ ମହିଳାମାନଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଓ ସମିତି ସଦସ୍ୟଙ୍କ ସମେତ ଉଭୟ ଲଇମୁରା ଓ କଂସର ମଣ୍ଡଳ ଅଞ୍ଚଳର ହଜାର ହଜାର ମହିଳା କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ବନ୍ଧିତ ସ୍ଲୋଗାନ ସହିତ ଗ୍ରାମ ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବେ ଭାଜପାର ଦେବଗଡ଼ ଜିଲା ପ୍ରଭାରୀ ଲିଙ୍ଗରାଜ ଦାଶ, ବିଧାନସଭା ମଣ୍ଡଳୀ ପ୍ରଭାରୀ ଅଜିତ ବାଘ ଓ ଜିଲା ଭାଜପା ଉପ ସଭାପତି ଭାରତ ଭୂଷଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।




ନାରୀ ଶକ୍ତି ବନ୍ଦନ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ମହିଳା।

## ସଂକ୍ଷେପରେ

### ଓଡ଼ିଶା ଦଳରେ ବଲାଙ୍ଗୀରର ସୁହାନୀ ଗୁରହାଣ୍ଡି



**୨୩ ତମ ଜାତୀୟ ସବ୍‌ଜୁନିୟର ଉଷୁ ପ୍ରତିଯୋଗିତା**

ବଲାଙ୍ଗୀର,୨୨।୩(ବୀରେନ୍ଦ୍ର କୁମାର ଝାଙ୍କର)

ଚଳିତ ମାସ ୨୬ ରୁ ୩୧ ପର୍ଯ୍ୟନ୍ତ ଜାମ୍ମୁଠାରେ ୨୩ ତମ ଜାତୀୟ ଉଷୁ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ବିଭିନ୍ନ ଜିଲାରୁ ସର୍ବମୋଟ ୪୬ ଜଣ ବାଳକ ଓ ବାଳିକା ଖେଳାଳି ଆସନ୍ତା ୨୪ରୁ ଟାଟାନଗରଠାରୁ ଯାତ୍ରା ଆରମ୍ଭ କରିବେ। ଏହି ଜାତୀୟ ସବ୍‌ଜୁନିୟର ପ୍ରତିଯୋଗିତାରେ ଭାଗ ନେବାକୁ ଥିବା ୪୬ ଜଣଙ୍କ ଭିତରେ ବଲାଙ୍ଗୀର ଜିଲାର ସୁହାନୀ ଗୁରହାଣ୍ଡି ମନୋନୀତ ହୋଇଛନ୍ତି। ସେ ୩୩ କିଲୋଗ୍ରାମ୍ ଫାଇଟ ଇଭେଣ୍ଟରେ ଅଂଶଗ୍ରହଣ କରିବେ ବୋଲି ବଲାଙ୍ଗୀର ଜିଲା ଉଷୁ କୋଚ୍ ଯୁଧିଷ୍ଠିର ଗୁରହାଣ୍ଡି ସୂଚନା ଦେଇଛନ୍ତି। ଏହି ପ୍ରତିଯୋଗିତା ପାଇଁ ସୁହାନୀ ମନୋନୀତ ହୋଇଥିବାରୁ ଜିଲା ସଂଘ ସଭାପତି ତପନ ପାଣିଗ୍ରାହୀ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ସଫଳତା କାମନା କରିଛନ୍ତି।

### ଧର୍ମପ୍ରାଣା ମହିଳାଙ୍କ ପରଲୋକ



କୋକସରା,୨୨।୩(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ କାଶିବାହାଲ ଗ୍ରାମର ଜଣେ ଧର୍ମପ୍ରାଣା ମହିଳା କୁମୁଦିନି ନାଏକଙ୍କ ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱରର ଏକ ଡାକ୍ତରଖାନାରେ ଗୁରୁବାର ସକାଳେ ପରଲୋକ ହୋଇଯାଇଛି। ଦୀର୍ଘଦିନ ହେବ ସେ ଜଟିଳ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ। ସେ ଜଣେ ଧର୍ମପ୍ରାଣା, ମେଳାପୀ, ପରୋପକାରୀ ମହିଳା ଥିଲେ। ଶୁକ୍ରବାର ତାଙ୍କ ମର ଶରୀର କାଶିବାହାଲ ପହଞ୍ଚିବା ପରେ ଶୋକାକୁଳ ପରିବେଶ ମଧ୍ୟରେ ଅନ୍ତିମ ସଂସ୍କାର କରାଯାଇଛି। ତାଙ୍କ ବଡ଼ପୁଅ ସୁଧାଂଶୁ ନାଏକ, କିଶୋର ଚନ୍ଦ୍ର ନାଏକ ସମେତ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ଶବଧାରରେ ଅଳ ଓଡିଶା ସିଡ୍ୟୁଲ କାଷ୍ଟ ଫେଡରେଶନ କର୍ମକର୍ତ୍ତା ଓ ସ୍ଥାନୀୟ ଗ୍ରାମବାସୀ ସାମିଲ ହୋଇଥିଲେ।

# ଅନିୟମିତତା ଅଭିଯୋଗର ତଦନ୍ତ

ଖପ୍ରାଖୋଲ, ୨୨।୩(ଅଭୟ ତ୍ରିପାଠୀ)



ବୈଠକରେ ଉପସ୍ଥିତ ଅଧିକାରୀମାନେ ।

- **ଖପ୍ରାଖୋଲରେ ଆମ୍ବୁଡ୍‌ସ ମେନ**
- **ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା**

ବଲାଙ୍ଗିର ଜିଲା ଖପ୍ରାଖୋଲ ବ୍ଲକରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଅନିୟମିତତା ହୋଇଛି। ଆମ୍ବୁଡସ ମେନ ସଚ୍ଚିଦାନନ୍ଦ ହନୁମାନ ଶୁକ୍ରବାର ପହଞ୍ଚି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଅନିୟମିତା ଅଭିଯୋଗର ତଦନ୍ତ କରିଥିଲେ। ଅଭିଯୋଗ ଦୁଇଟି ହେଲା ତେଲେନପାଲି ପଞ୍ଚାୟତ ଡୁଡୁକିପଦର ଗାଁ ଗୋଚର ଏରିଆରେ ୨୦୨୩ରେ ଟିସି ବିକାମ ହୋଇଛି। ୯ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିବା ପ୍ରକଳ୍ପରେ ୮ ଲକ୍ଷ ୮୩ ହଜାର ୮୪୦ ଟଙ୍କା ଖର୍ଚ୍ଚ ହୋଇଥିବା ଦେଖାଯାଇଛି। ଏହି ପ୍ରକଳ୍ପରେ କାମ କରି ନ ଥିବା ବ୍ୟକ୍ତିଙ୍କ ନାମରେ ମଜୁରି ପଡ଼ିଥିବା ଅଭିଯୋଗ ହୋଇଛି। ଏନେଇ ଗତ ୧୭।୧।୨୪ ରେ ୱାର୍ଡ ମେମ୍ବର ଅନୁସୟା ଧରୁଆ ଓ ଅନ୍ୟମାନେ ଗ୍ରାମ ପଞ୍ଚାୟତରେ ଗାଁ ସାଥି ବିରୋଧରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ସରପଞ୍ଚ ଶକୁନ୍ତଳା ବେହେରା ବ୍ଲକ ମାଧମରେ ଗତ ୨୦।୨।୨୪ ଆମ୍ବୁଡସ ମେନଙ୍କୁ ଜଣାଇଥିଲେ। ଏହାକୁ ଭିତ୍ତିକରି ଆମ୍ବୁଡ଼ସ ମେନ ଉଭୟ ପକ୍ଷଙ୍କୁ ଡାକି ତଦନ୍ତ କରିଥିଲେ। ସେହିପରି ମାଟିଆଭଟା ପଞ୍ଚାୟତ ପୁଡୁଲାମହୁଲ ଗାଁରେ ୧୦ ଜଣକୁ ଜମି ମରାମତି ବାବଦରେ ମିଛ କାର୍ଯ୍ୟାଦେଶ ବଣ୍ଟନ କରିବା ସହ ଟଙ୍କା ଆଦାୟ କରିଥିବା ଅଭିଯୋଗ ହୋଇଥିଲା। ଏହି ସମ୍ପର୍କରେ ମଧ ଉଭୟ ପକ୍ଷଙ୍କୁ ଡାକି ବ୍ଲକ ସଭାଗୃହରେ ତଦନ୍ତ କରିଥିଲେ। ଏହି ଅବସରରେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ସହକାରୀ ନିର୍ବାହୀ ଯନ୍ତ୍ରୀ କୁଳମଣି ଭୋଇ, ତେଲେନପାଲି ସରପଞ୍ଚ ଶକୁନ୍ତଳା ବେହେରା, ମାଟିଆଭଟା ସରପଞ୍ଚ ସନ୍ତୋଷିନୀ ବରିହା, ଜିଆର୍‌ଏସ ସଦାନନ୍ଦ ମାଝି, ସୁଦର୍ମା ବେହେରା, କନିଷ୍ଠ ଯନ୍ତ୍ରୀ ଦିଲୀପ ରାଉତ, ଦୀପକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏନେଇ ଅମ୍ବୁଡସ ମେନଙ୍କୁ ପଚାରିବାରୁ ତଦନ୍ତ ଚାଲିଛି, ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ପ୍ରକାଶ କରିଛନ୍ତି।

# ରୋଜଗାର ଦେଉଛି ମିଶ୍ରିତ ଚାଷ

କର୍ଲାମୁଣ୍ଡା,୨୨।୩(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଞ୍ଚାୟତ କଂସିଲ ଗ୍ରାମର ଅଗ୍ରଣୀ ଚାଷୀ ବୈଦ୍ୟନାଥ ମାଝି। ନିଜର ୩ ଏକର ଚାଷ ଜମିରେ ମିଶ୍ରିତ ଚାଷ କରି ବେଶ ଦୁଇ ପଇସା ରୋଜଗାର କରିବାରେ ସଫଳ ହେଇଛନ୍ତି। ତାଙ୍କ ଜମିରେ ମାଣ୍ଡିଆ, ଖେଡ଼ ଜନହା, ଲାଉ, ମଖନ, ପିଆଜ, ମକା, କଲରା, ବିନ୍ସ, ମୁଗ, ମୁଷୁରୀ, ଲେମ୍ବୁ ଗଛ, ଆମ୍ବ ଗଛ, କଦଳୀ ଗଛ ଓ ଅଧା ଏକର ଜମିରେ ସୂର୍ଯ୍ୟ ମୁଖୀ ଚାଷ କରିଛନ୍ତି। ଏବେ ମୁଗ ଅମଳ କରିସାରିଥିବା ବେଳେ ଲେମ୍ବୁ, ଲାଉ, ବିନ୍ସ, କଲରା ଚାଷରୁ ନିୟମିତ ରୋଜଗାର କରୁଛନ୍ତି। ଜମିରେ ଲାଗିଥିବା ୧୧୯ଟି କଦଳୀ ଗଛ, ସୂର୍ଯ୍ୟମୁଖୀ, ମାଣ୍ଡିଆ, ପିଆଜ ପ୍ରଭୃତି ଚାଷରୁ ଅମଳ ଅପେକ୍ଷାରେ ରହିଛନ୍ତି। ଗୋଟିଏ ଜମିରେ ଅନେକ ପ୍ରକାର ଚାଷ କରିବା ଦ୍ୱାରା ଗୋଟିଏ ଫସଲ ନଷ୍ଟ ହେଲେ ଅନ୍ୟ ଫସଲ ଠୁଁ ଆୟ ହୋଇଥାଏ ବୋଲି ଚାଷୀ ବୈଦ୍ୟନାଥ କହିବା ସହ ସୂର୍ଯ୍ୟମୁଖୀ ଚାଷ ଏକ ଲାଭ ଜନକ ଚାଷ ହୋଇଥିଲେ ମଧ ଶୁଆ ସୂର୍ଯ୍ୟ ମୁଖୀକୁ ଖାଇ ଦେଉଥିବାରୁ କ୍ଷତି ସହିବାକୁ ପଡୁଛି ବୋଲି କହିଛନ୍ତି। ତାଙ୍କ ଏଭଳି ମିଶ୍ରିତ ଚାଷ ଅନ୍ୟମାନଙ୍କ ପାଇଁ ଅଞ୍ଚଳରେ ଉଦାହରଣ ସୃଷ୍ଟି କରିଛି।



ବୈଦ୍ୟନାଥ ମାଝିଙ୍କ ମିଶ୍ରିତ ଚାଷ ପରିଦର୍ଶନ କରୁଛନ୍ତି କର୍ଲାମୁଣ୍ଡା ଏଏଓ ଏବଂ ଅନ୍ୟମାନେ।

# ଦୋଳ ବିମାନ ମିଳନ, ଫଗୁ ଖେଳି ମିଳନ କଲେ ଭକ୍ତ



ଦୋଳବିମାନ ମିଳନ।

କୋକସରା,୨୨।୩(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

କଳାହାଣ୍ଡି ଜିଲା କୋକସରା ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରୁ ରାଇ ଦାମୋଦରଙ୍କ ଦୋଳ ବିମାନ ଦୋଳ ପୂର୍ଣ୍ଣମା ପାଳନ ପୂର୍ବରୁ ବାହାରିଛି। ଫଗୁ ଉତ୍ସରେ ପ୍ରତିଦିନ ସନ୍ଧ୍ୟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଭକ୍ତଙ୍କୁ ଦର୍ଶନ ପୂର୍ବକ ନଗର ପରିକ୍ରମାରେ ବାହାରି ଘର ଘର ବୁଲି ଦର୍ଶନ ଦେଉଥିବା ବେଳେ ନିଜ ଘର ଅଗଣାରେ ରାଇ ଦାମୋଦରଙ୍କ ଯୁଗଳ ପ୍ରତିମା ଦର୍ଶନ କରି ଫଗୁ ମହୋତ୍ସବ ପାଳନ କରୁଛନ୍ତି ଭକ୍ତ। ତେବେ ପୂର୍ବ ପରମ୍ପରା ଅନୁଯାୟୀ ପ୍ରତିବର୍ଷ କୋକସରା ଓ ଲଡୁଗାଁ ଦୋଳ ବିମାନର ମିଳନ ହୋଇ ଆସୁଛି। ଚଳିତବର୍ଷ ଲଡୁଗାଁ ରାଧାକୃଷ୍ଣ ଓ ମା' ବାଉରୀ ମାତାଙ୍କ ଦୋଳ ବିମାନ ଗୁରୁବାର ରାତିରେ କୋକସରା ଆସିବା ପରେ ଶ୍ରଦ୍ଧାଳୁମାନେ ଫଗୁ ଖେଳିବା ସହ ଦୋଳ ବିମାନକୁ ହନୁମାନ ମନ୍ଦିର ନିକଟରେ ବନ୍ଦାପନା କରି ମନ୍ଦିର ଅଭିମୁଖେ ପାଛୋଟି ଆଣିଥିଲେ। ପରେ ମନ୍ଦିରରେ ଲଡୁଗାଁ ଓ କୋକସରା ଦୋଳ ବିମାନର ମହା ମିଳନ ଉତ୍ସ ଅନୁଷ୍ଠିତ ହୋଇଥିଲା। ଦୋଳ ବିମାନ ମିଳନ କାର୍ଯ୍ୟକ୍ରମ କୋକସରା ଜଗନ୍ନାଥ ମନ୍ଦିର ପୂଜକ ପ୍ରଦୀପ କୁମାର ପାଙ୍ଗଯୋଷୀ, ଲଡୁଗାଁ ପୂଜକ ବିଶି ଠାକୁର, ଗୌନ୍ତିଆ ତ୍ରିଲୋକ୍ୟ ମାଝି, ଶ୍ରୀକାନ୍ତ ଶର୍ମା, ମନୋଜ ଅଗ୍ରୱାଲ, କୋକସରା ମନ୍ଦିର ଟ୍ରଷ୍ଟ ସଦସ୍ୟ ପ୍ରମୋଦ କୁମାର ବେହେରା, ବନମାଳୀ ପ୍ରଧାନୀ, ଅଶୋକ ପଟ୍ଟନାୟକ, ରମେଶ ଶବର, ଗୋକୁଳ ଶବର, ଦେବାନନ୍ଦ ପଟ୍ଟନାୟକ, ମାନସ ବେହେରା ଓ ଉଭୟ ଗ୍ରାମବାସୀ ଉପସ୍ଥିତ ରହି ଦୋଳ ବିମାନ ମିଳନ ଉତ୍ସବ ପାଳନ କରିଥିଲେ।

# ଗିରଫ ୧୦ଜଣ ଜେଲ୍ ଗଲେ

**ବସ୍ତା ଗାନ୍ଧୀ ଛକ ମଦ ଜବତ ଘଟଣା**

ବସ୍ତା, ୨୨।୩(ହରିଶଙ୍କର ପାଢୀ)

ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ଗାନ୍ଧି ଛକ ନିକଟ କୁଡ଼ିଆଠାରେ ବସୁନ୍ଧରା ହୋଟେଲ ଉପରେ ଗତ ବୁଧବାର ଓ ଗୁରୁବାର ଦୁଇଦିନ ଧରି ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ଚୋରା ୧୫ଶହ ଲିଟର ଦେଶୀ ମଦ, ୮ଟି ବାଇକ, ୭ଟି ମୋବାଇଲ ସହ ହୋଟେଲ ପରିଚାଳକଙ୍କ ସମେତ ୧୦ଜଣଙ୍କୁ ଗିରଫ କରାଯାଇଛି। ଏଥିସହିତ ନଗଦ ୮ଲକ୍ଷ ଟଙ୍କା ମଧ ଜବତ ହୋଇଥିଲା। ଏହି ଦେଶୀ ମଦ କାରବାରର ମୁଖ୍ୟ ବାପି ଓ ଚୁନା ଘଟଣାସ୍ଥଳରୁ ଖସି ଫେରାର ହୋଇଯାଇଥିଲେ। ସେମାନେ ଏ ପର୍ଯ୍ୟନ୍ତ ଗିରଫ ହୋଇନାହାନ୍ତି। ତେବେ ଗିରଫ ୧୦ଅଭିଯୁକ୍ତଙ୍କୁ ଶୁକ୍ରବାର ବସ୍ତା ବିଚାର ବିଭାଗୀୟ କୋର୍ଟରେ ଜାମିନ ପାଇଁ ଆବେଦନ କରାଯାଇଥିଲା। କିନ୍ତୁ ଏହି ଆବେଦନକୁ ଜଜ୍ ମିସ ସିଲଭାସା ବଡ଼ ଜେନା ଖାରଜ କରିଦେଇଛନ୍ତି। ଫଳରେ ଅଭିଯୁକ୍ତମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ଟ୍ରାକ୍ଟର ସହ କାଠ ଜବତ କଲା ବନ ବିଭାଗ

ଦେଓଗାଁ,୨୨।୩(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗିର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ପଦମପୁର ଗ୍ରାମ ନିକଟରେ ଏକ ନମ୍ବର ବିହୀନ ଟ୍ରାକ୍ଟରରେ ଶାଳ ପିଆଶାଳ, ଖଇର ଆଦି ୩୧୮ଟି ବଲି ବୋଝେଇ ହୋଇ ଚାଲାଣ ହେଉଥିବା ବେଳେ ବନବିଭାଗ ଚଢ଼ାଉକରି ଜବତ କରିଛି। ବିଶ୍ୱସ୍ତ ସୂତ୍ରରୁ ଖବରପାଇ ରେଞ୍ଜର ଯୁଧିଷ୍ଠିର ଜାଲଙ୍କ ନିର୍ଦ୍ଦେଶ କ୍ରମେ ଫରେଷ୍ଟର ବ୍ୟାସଦେବ ସାହୁ, ଜନ୍ମେଜୟ ପାଣିଗ୍ରାହୀଙ୍କ ସମେତ ପାରାଷ୍ଟାଫ ଚଢ଼ାଉ କରିଥିବା ବେଳେ କାଠଚାଲାଣ କରୁଥିବା ଅଭିଯୁକ୍ତମାନେ ଟ୍ରାକ୍ଟର ଛାଡି ଫେରାର ମାରିଥିବା ଫରେଷ୍ଟର ସାହୁ ସୂଚନା ଦେଇଛନ୍ତି।



ଟ୍ରାକ୍ଟର ସହ ବଲିକାଠ ଜବତ।

# ବିଶ୍ୱ ବନ ଦିବସରେ ଦେଓଗାଁ ହାଇସ୍କୁଲ ପୁରସ୍କୃତ

ଦେଓଗାଁ,୨୨।୩(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗିର ଜିଲା ଦେଓଗାଁ ହାଇସ୍କୁଲକୁ ବୃକ୍ଷରୋପଣ କ୍ଷେତ୍ରରେ ଅଗ୍ରଣୀ ଭୂମିକା ନେଇଥିବାରୁ ବିଶ୍ୱ ବିନ ଦିବସ ପାଳନ ଅବସରରେ ବଲାଙ୍ଗିର ଜିଲା ବନାଞ୍ଚଳାଧିକାରୀଙ୍କ କାର୍ଯ୍ୟାଳୟଠାରେ ପୁରସ୍କୃତ କରାଯାଇଥିବାରୁ ଦେଓଗାଁରେ ଖୁସିର ଲହରୀ ଖେଳିଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲାପାଳ ଗୌରଭ ଶିବାଜୀ ଇସଲୱାର ଯୋଗଦେଇ ହାଇସ୍କୁଲର ପ୍ରଧାନଶିକ୍ଷକ ଅମ୍ବରିଶ ଭୋଇଙ୍କୁ ସମ୍ମାନିତ କରିଥିଲେ। ଏହି ସଫଳତା ପରେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି।



ବିଶ୍ୱ ବନ ଦିବସରେ ଦେଓଗାଁ ହାଇସ୍କୁଲ ପୁରସ୍କୃତ।

# ଟ୍ରଲରକୁ ପଛରୁ ପିଟିଲା ଟ୍ରଲର: ଚାଳକ ଜୀବନ୍ତ ଦଗ୍ଧ

ନୂଆପଡ଼ା/ସିନାପାଲି,୨୨।୩
(ମକାରୁ ବେମାଲ/ମନଫୁଲ ମେହେର)



ନୂଆପଡା ଜିଲା ସିନାପାଲି ଥାନା ଯୁଗେନପଦର ଛକ ବିଜୁ ଫୋର ୱେ ରାସ୍ତା ବ୍ରିଜଠାରେ ଗୁରୁବାର ବିଳମ୍ବିତ ରାତିରେ ଟ୍ରଲରକୁ ଅନ୍ୟ ଏକ ଟ୍ରଲର ପଛପଟୁ ଧକ୍କା ଦେବାରୁ ଚାଳକ ଜୀବନ୍ତ ଦଗ୍ଧ ହୋଇଥିବା ବେଳେ ଅନ୍ୟ ଜଣେ ଚାଳକ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡିଛି। ମୃତକ ହେଲେ ରାଜସ୍ଥାନର ନୁହୁ ଜିଲା ଫିରୋଜପୁର ଝିକି ଥାନା ରିଗାଡ ଗାଁର ମୁସଲିମ ଖାନ (୨୩) ଓ ବର୍ତ୍ତି ଯାଇଥିବା ଅନ୍ୟ ଜଣେ ହେଲେ ଇକବାଲ ଖାନ (୩୦)। ପ୍ରାପ୍ତସୂଚନା ମୁତାବକ ଗୁରୁବାର ବିଳମ୍ବିତ ରାତ୍ରିରେ ଝାରସୁଗୁଡାରୁ ତେଲଙ୍ଗାନା ବିଲାର ଜିଲାକୁ ୪ଟି ଟ୍ରଲରରେ ଏଲୁମିନିୟମ ଷ୍ଟିଲ ଲୋଡ ହୋଇ ଯାଉଥିଲା। ରାତ୍ରି ପ୍ରାୟ ୨ଟାରେ ସିନାପାଲି ଥାନା ଯୁଗେନପଦର ଛକ ଫୋର ୱେ ରାସ୍ତାରେ ନୂତନ ଭାବେ ନିର୍ମାଣ ହୋଇଥିବା ବ୍ରିଜର ତ୍ରୁଟି ପାଇଁ ଜିଲା ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଛି। ପୁରୁଣା ବ୍ରିଜରେ ଯାନବାହନ ଓ ଲୋକେ ଯାତାୟାତ କରୁଛନ୍ତି। ସେହି ରାସ୍ତାରେ ଗାଡି ଯାଉଥିବା ସମୟରେ ଆଗରେ ଯାଉଥିବା ଟ୍ରଲର (ନଂ.ଆରଜେ୦୨ଜିସି୩୭୮୯) ହଠାତ ବ୍ରେକ ଦେବାରୁ ପଛପଟେ ଯାଉଥିବା ଅନ୍ୟ ଏକ ଟ୍ରଲର (ନଂ. ଆରଜେ୦୨ ଜିସି ୪୭୩୧) ଆଗ ଗାଡିର ପଛ ପଟେ ପିଟି ହୋଇ ହଠାତ ଜଳି ଯାଇଥିଲା। ଇଲେକ୍ଟ୍ରୋନିକ ସଟ ହୋଇ ହଠାତ ନିଆଁ ଲାଗି ଗାଡି ଜଳି ଯାଇ ଡିଜେଲ ଟାଙ୍କି ଫାଟି ହୁଁହୁଁ ହୋଇ ଜଳି ଉଠିଥିଲା। ଗାଡି ଭିତରେ ଜଣେ ଚାଳକ ଶୋଇଥିବା ବେଳେ ଜଣେ ଚଳାଉଥିଲେ। ଶୋଇଥିବା ଚାଳକ ଜୀବନ୍ତ ଦଗ୍ଧ ହୋଇ ଯାଇଥିବା ବେଳେ ଚଲାଉଥିବା ଚାଳକ ଗାଡିରୁ ଡେଇଁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଖବର ପାଇ ସିନାପାଲି ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ସବୁ ପୋଡି ଚୁରମାର ହୋଇଯାଇଥିଲା। ସିନାପାଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ସିନାପାଲି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଥାନାରେ ଏକ ମାମଲା (ନଂ.୧୦୯/୨୦୨୪) ରୁଜୁ କରି ଅଧିକ ତଦନ୍ତ ଚାଲିଛି ବୋଲି ଏସଆଇ ହରେକୃଷ୍ଣ ଜାନି ସୂଚନା ଦେଇଛନ୍ତି।

# ଅରବିନ୍ଦ କେଜରିୱାଲଙ୍କ ଗିରଫ ପ୍ରତିବାଦରେ ବିକ୍ଷୋଭ

ବଲାଙ୍ଗୀର,୨୨।୩ (ବୀରେନ୍ଦ୍ର କୁମାର ଝାଙ୍କର)

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ଗିରଫଦାରି ପ୍ରତିବାଦରେ ବଲାଙ୍ଗୀର ଆମ୍ ଆଦମୀ ପାର୍ଟି ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଜିଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ନିର୍ବାଚନ ହାରିବା ଭୟରେ କେନ୍ଦ୍ର ସରକାର ମିଥ୍ୟା କେଶରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ କେଜ୍ରିୱାଲଙ୍କୁ ଗିରଫ କରିଛି ବୋଲି କଡା ସମାଲୋଚନା କରାଯାଇଛି। ଆମ୍ ଆଦ୍‌ମୀ ପାର୍ଟି ବଲାଙ୍ଗୀର ଜିଲା ସଭାପତି ତଥା ରାଷ୍ଟ୍ରୀୟ ପରିଷଦ ସଦସ୍ୟ ଆଶିଷ ପାଣ୍ଡେଙ୍କ ନେତୃତ୍ୱରେ ଆମ୍ ଆଦମୀ ପାର୍ଟି ପକ୍ଷରୁ ତୀବ୍ର ପ୍ରତିବାଦ କରାଯାଇଥିଲା। ପାଣ୍ଡେ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିର୍ବାଚନ ହାରିବା ଭୟରେ ବିରୋଧୀ ଦଳର ନେତାଙ୍କୁ ଏଭଳି ଗିରଫ କରାଉଛନ୍ତି। ଯାହାକି ସିଧାସଳଖ ଗଣତନ୍ତ୍ରର ହତ୍ୟା ବୋଲି ପାଣ୍ଡେ କହିଥିଲେ। ଯଦି କେଜ୍ରିୱାଲଙ୍କ କିଛି ହୁଏ ତେବେ ସାରା ରାଜ୍ୟରେ ଦଳ ପକ୍ଷରୁ ତୀବ୍ର ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଥିଲେ। ଆଜିର ବିକ୍ଷୋଭ ଏବଂ ପ୍ରତିବାଦ କାର୍ଯ୍ୟକ୍ରମରେ ବଲାଙ୍ଗୀର ବିଧାନସଭା ସଭାପତି ସଦାଶିବ ମେହେର, ଲୋଇସିଂହା ବିଧାନସଭା ସଭାପତି ରୋହିତ ପାଣ୍ଡେ, ସମ୍ରାଟ କିଶୋର ଭୋଇ, ନିଲିପ ପଢ଼ାନ, ଅଜୟ ତ୍ରିପାଠୀ, ସାମଲ ବାବୁ, ବାଳକୃଷ୍ଣ ନାୟକ, ଜିତେନ୍ ତରିଆ, ଶୁଭମ୍ ଏବଂ ଅନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଆମ୍ ଆଦ୍‌ମୀ ପାର୍ଟି କାର୍ଯ୍ୟକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବାର୍ଷିକ ସାଧାରଣ ସଭା

ବଲାଙ୍ଗୀର,୨୨।୩(ବୀରେନ୍ଦ୍ର କୁମାର ଝାଙ୍କର)




ଓଡ଼ିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବଲାଙ୍ଗୀର ଶାଖାର ବାର୍ଷିକ ସାଧାରଣ ବୈଠକରେ ମଞ୍ଚାସୀନ ଅତିଥି।

ସ୍ଥାନୀୟ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଓଡ଼ିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବଲାଙ୍ଗୀର ଶାଖାର ବାର୍ଷିକ ସାଧାରଣ ବୈଠକ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି। ସଭାପତି ଗୋବିନ୍ଦ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ସୁଧାଂଶୁ ଶେଖର ବାବୁ, ସମ୍ମାନିତ ଅତିଥି ବିନୋଦ ବିହାରୀ ମିଶ୍ର ଏବଂ ସତ୍ୟବନ୍ତ ବେଦବାକ ମଞ୍ଚାସୀନ ହୋଇଥିଲେ। ପ୍ରାରମ୍ଭରେ ସାଧାରଣ ସମ୍ପାଦକ ମଲିଆ ଗଡୁଆ ବାର୍ଷିକ ବିବରଣୀ ପାଠ କରିବା ସହ ଆୟବ୍ୟୟର ଉପସ୍ଥାପନ କରିଥିଲେ । ନୂତନ ଭାବେ ବିଭୂତି ଭୂଷଣ ତ୍ରିପାଠୀ, ପଦ୍ମଲୋଚନ ସେଠ୍, ନବକିଶୋର ପଧାନ, ଗୌରଚରଣ ପୁରୋହିତ, ହରେକୃଷ୍ଣ ତ୍ରିପାଠୀ, ବାସୁଦେବ ମେହେର, ସୂର୍ଯ୍ୟମଣି ପୁରୋହିତ, ଛାୟାକାନ୍ତ ସାହୁ, ଦେବେନ୍ଦ୍ର କୁମାର ଦାଶ ଏବଂ ଦୟାନିଧି ନାଏକ ଆଜୀବନ ସଦସ୍ୟତା ଗ୍ରହଣ କରିଥିଲେ। ସଂଘ ପକ୍ଷରୁ ନୂତନ ସଭ୍ୟଙ୍କୁ ସ୍ୱାଗତ କରାଯାଇଥିଲା। ସଭାରେ ବିନୋଦ ବିହାରୀ ମିଶ୍ର, ସତ୍ୟବନ୍ତ ବେଦବାକ ଏବଂ ସୁଧାଂଶୁ ଶେଖର ବାବୁ ନିଜ ବକ୍ତବ୍ୟରେ ସଂଘକୁ ଅନେକଗୁଡିଏ ମାର୍ଗଦର୍ଶନ ଦେଇଥିଲେ। ଉପସଭାପତି ପ୍ରସନ୍ନ କୁମାର ମିଶ୍ର, ବରିଷ୍ଠ ସଭ୍ୟ ଦିଗାମ୍ବର ନାଏକ, ମନୋରଞ୍ଜନ ମିଶ୍ର, ବିରଞ୍ଚି ବହିଦାର, ଡ. ରାଧାକାନ୍ତ ସେଠ୍ ସକ୍ରିୟ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ବାବୁ ୮୦ ବର୍ଷ ବୟସ ଅତିକ୍ରମ କରିସାରିଥିବା ବୟୋଜ୍ୟେଷ୍ଠ ସଦସ୍ୟ ମକରଧ୍ୱଜ ନାୟକଙ୍କୁ ଉପଢୌକନ ଏବଂ ପୁଷ୍ପମାଳ୍ୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ବରିଷ୍ଠ ସଭ୍ୟ ମନୋରଞ୍ଜନ ମିଶ୍ରଙ୍କ ପ୍ରସ୍ତାବ କ୍ରମେ ଏକ ମାଇକ୍ ସେଟ୍ କ୍ରୟ କରିବା ପାଇଁ ସଭାରେ ନିଷ୍ପତି ଗ୍ରହଣ କରାଯାଇଥିଲା। ବରିଷ୍ଠ ସଭ୍ୟ କୃଷ୍ଣଚନ୍ଦ୍ର ନାଥ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ନିମାଇଁ ଚରଣ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ୫ମ ଦେଶ୍‌ଫାଲ୍ ଲୋକକଳା ମହୋତ୍ସବ ଉଦ୍‌ଘାଟିତ


ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି ।

**ଅମରପାଲି,୨୨।୩(ପୀତାମ୍ବର ସାହୁ)**

ଦେଶ୍‌ଫାଲ୍ ଅଞ୍ଚଳର କଳା,ସାହିତ୍ୟ ଓ ସଂସ୍କୃତିର ଏକ ସ୍ୱତନ୍ତ୍ରତା ରହିଛି। ଏହି ଅଞ୍ଚଳର ପ୍ରସିଦ୍ଧ ପାତଳୀ ଶ୍ରୀକ୍ଷେତ୍ର, ମା' ମେଟାକାନି,ବାବା ଚମ୍ପେଶ୍ୱର, ବାଘପାଲିର ଚନ୍ଦ୍ରମଣି ମଠ ଏହାର ନିଦର୍ଶନ। ଲୋକ କଳା ଓ ସଂସ୍କୃତି ଅଞ୍ଚଳର ବିକାଶର ପ୍ରତୀକ। ଦେଶଫାଲ ଅଞ୍ଚଳର ଚାଲିଚଳଣୀ, ଭାଷା,ସଂସ୍କୃତି ଓ ପରମ୍ପରା ନିଆରା। ଏହା ହେଉଛି ଉକ୍ତ ଅଞ୍ଚଳର ପରିଚୟ। ବିଶ୍ୱ ସଂସ୍କୃତି ମାନଚିତ୍ରରେ ଏହି ଅଞ୍ଚଳର ଚିତ୍ର ଅଞ୍ଚଳକୁ ଗୌରବାନ୍ୱିତ କରୁଛି। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ଧର୍ମଶାଳାସ୍ଥିତ ଦୋଳମଣ୍ଡପ ପଡ଼ିଆରେ ଅନୁଷ୍ଠିତ ଲୋକ ଗୀତର ମହାପାର୍ବଣ ୫ମ ଦେଶ୍‌ଫାଲ୍ ଲୋକ କଳା ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥିମାନେ ଉପରୋକ୍ତ ମତବ୍ୟକ୍ତ କରିଥିଲେ। ଦେଶଫାଲ ଲୋକ


ଓଡିଶୀ ନୃତ୍ୟ ପରିବେଷଣ କରାଯାଉଛି ।

କଳା ମହୋତ୍ସବ କମିଟିର ସଭାପତି ପଦ୍ମଲୋଚନ ମିଶ୍ର ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଶା ମାନବାଧିକାର କମିଶନର ଅଧ୍ୟକ୍ଷ ନ୍ୟାୟମୂର୍ତ୍ତି ଶତ୍ରୁଘ୍ନ ପୂଜାରୀ ମୁଖ୍ୟଅତିଥି ଓ ସୁବର୍ଣ୍ଣପୁର ଜିଲାପାଳ ଅନ୍ୟା ଦାସ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଏହି ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଆୟୋଜକ ସମ୍ପାଦକ ଶ୍ରୀନିବାସ ଚାନ୍ଦ, ଉପ ସଭାପତି ହରିହର କର୍ଣ୍ଣ, ଉପଦେଷ୍ଟା ବଳଦେବ ବେଦବାକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କେଶବ

### ଲୋକକଳା, ସଂସ୍କୃତି ଅଞ୍ଚଳର ବିକାଶର ପ୍ରତୀକ

କୁମାର ଦାସ,ବୀରେନ ଜଗଦଲା ଓ ସାଥୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଯୁଗଳ କିଶୋର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ହୃଷୀକେଶ ଚାନ୍ଦ ମଞ୍ଚ ପରିଚାଳନା କରିଥିବା ବେଳେ ମହୋତ୍ସବ କମିଟିର ଉପସଭାପତି ହରିହର କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଡ.ଦଣ୍ଡେଶ୍ୱର ହୋତାଙ୍କୁ ଦେଶଫାଲ ଗୌରବ ସମ୍ମାନ ଓ ଖଣ୍ଡହତାର ସାମାଜିକ ସଙ୍ଗଠନ ସିୟାକୁ ଦେଶ୍‌ଫାଲ୍ ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସଭା ପରେ ସମଲେଶ୍ୱରୀ ଓ ସୁରେଶରୀ ଭଜନରୁ ଆରମ୍ଭ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ପରେ ବୌଦ୍ଧର ବଉଳି କଳାପରିଷଦର ଲୋକନୃତ୍ୟ, ସମ୍ବଲପୁରର ପଞ୍ଚବାଦ୍ୟ ନୃତ୍ୟ ପରିଷଦର ସମ୍ବଲପୁରୀ ଓ ଡାଲଖାଇ ନୃତ୍ୟ, ଅଁଳାଛାଟ (ଉଲୁଣ୍ଡା) ର କରମା ନୃତ୍ୟ, ଫୁଲବାଣୀ ନଟରାଜର ଓଡ଼ିଶୀ ନୃତ୍ୟ ସହିତ ଆଞ୍ଚଳିକ କଳାକାରଙ୍କ ଦ୍ୱାରା ଆଦିବାସୀ ନୃତ୍ୟ, ଡାଲଖାଇ ନୃତ୍ୟ, ଦୁଲାବିହା ଆଦି କ୍ରମାନ୍ୱୟରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ପରିବେଷଣ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଲକ୍ଷ୍ମୀନାରାୟଣ ସାହୁ ଓ ଅବିନାଶ ହୋତା ସଂଯୋଜନା କରିଥିଲେ। ଏହା ଦେଖିବାକୁ ପ୍ରବଳ ଭିଡ ହୋଇଥିଲା। ଶୁକ୍ରବାର ସକାଳୁ ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ଚମ୍ପାମାଳ(ବୀରମହାରାଜପୁର)ର ଚମ୍ପେଶ୍ୱର ମନ୍ଦିର,ପ୍ରସିଦ୍ଧ ପାତଳୀ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର, କୁତମେଣ୍ଡା(ଉଲୁଣ୍ଡା)ର ମେଟାକାନୀ ମନ୍ଦିରରୁ ଆଜ୍ଞାମାଳ ଅଣାଯାଇଥିଲା ଓ ଜ୍ୟୋତି ଶୋଭାଯାତ୍ରା କରି ମହୋତ୍ସବ ମଣ୍ଡପରେ ସ୍ଥାପନ କରାଯାଇଥିଲା। ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ଚାଲିବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।

# ବାଇକ୍ ଧକ୍କାରେ ବୃଦ୍ଧ ମୃତ

**ବିନିକା,୨୨।୩(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ଥାନା ଅନ୍ତର୍ଗତ ସିଂଘିଯୁବା କିଶାନ ଛକଠାରେ ଶୁକ୍ରବାର ଅପରାହ୍ନ ପ୍ରାୟ ୨ଟା ସମୟରେ ବାଇକ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସିଂଘିଯୁବାର ଜବଦୁ ସାହୁ (୬୦)। ସୂଚନା ଅନୁସାରେ, ଜବଦୁ ଭୋଜି ଖାଇ କିଶାନ ଛକ ଦେଇ ଆସୁଥିବା ସମୟରେ ଦ୍ରୁତଗତିରେ ଆସୁଥିବା ଏକ ବାଇକ୍ ଧକ୍କା ଦେବାରୁ ଏହାର ଚାଳକ ଓ ଜବଦୁ ରାସ୍ତା କଡକୁ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରୁ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ବିନିକା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଜବଦୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ବାଇକ୍ ଚାଳକ ଜଣକ ଚିକିତ୍ସାଧୀନ ଥିବା ଜଣାପଡିଛି। ଖବର ପାଇ ବିନିକା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଜାରି ରଖିଛି।

# ରୋଜଗାର ଦେଉଛି ମିଶ୍ରିତ ଚାଷ


ବୈଦ୍ୟନାଥ ମାଝିଙ୍କ ମିଶ୍ରିତ ଚାଷ ପରିଦର୍ଶନ କରୁଛନ୍ତି କର୍ଲାମୁଣ୍ଡା ଏଏଓ ଏବଂ ଅନ୍ୟମାନେ।

**କର୍ଲାମୁଣ୍ଡା,୨୨।୩(ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଞ୍ଚାୟତ କଂସିଲ ଗ୍ରାମର ଅଗ୍ରଣୀ ଚାଷୀ ବୈଦ୍ୟନାଥ ମାଝି। ନିଜର ୩ ଏକର ଚାଷ ଜମିରେ ମିଶ୍ରିତ ଚାଷ କରି ବେଶ ଦୁଇ ପଇସା ରୋଜଗାର କରିବାରେ ସଫଳ ହେଇଛନ୍ତି। ତାଙ୍କ ଜମିରେ ମାଣ୍ଡିଆ, ଖେଡ଼ ଜନହା, ଲାଉ, ମଖନ, ପିଆଜ, ମକା, କଲରା, ବିନ୍ସ, ମୁଗ, ମୁଷୁରୀ, ଲେମ୍ବୁ ଗଛ, ଆମ୍ବ ଗଛ, କଦଳୀ ଗଛ ଓ ଅଧା ଏକର ଜମିରେ ସୂର୍ଯ୍ୟ ମୁଖୀ ଚାଷ କରିଛନ୍ତି। ଏବେ ମୁଗ ଅମଳ କରିସାରିଥିବା ବେଳେ ଲେମ୍ବୁ, ଲାଉ, ବିନ୍ସ, କଲରା ଚାଷରୁ ନିୟମିତ ରୋଜଗାର କରୁଛନ୍ତି। ଜମିରେ ଲାଗିଥିବା ୧୧୯ଟି କଦଳୀ ଗଛ, ସୂର୍ଯ୍ୟମୁଖୀ, ମାଣ୍ଡିଆ, ପିଆଜ ପ୍ରଭୃତି ଚାଷରୁ ଅମଳ ଅପେକ୍ଷାରେ ରହିଛନ୍ତି। ଗୋଟିଏ ଜମିରେ ଅନେକ ପ୍ରକାର ଚାଷ କରିବା ଦ୍ୱାରା ଗୋଟିଏ ଫସଲ ନଷ୍ଟ ହେଲେ ଅନ୍ୟ ଫସଲ ଠୁଁ ଆୟ ହୋଇଥାଏ ବୋଲି ଚାଷୀ ବୈଦ୍ୟନାଥ କହିବା ସହ ସୂର୍ଯ୍ୟମୁଖୀ ଚାଷ ଏକ ଲାଭ ଜନକ ଚାଷ ହୋଇଥିଲେ ମଧ୍ୟ ଶୁଆ ସୂର୍ଯ୍ୟ ମୁଖୀକୁ ଖାଇ ଦେଉଥିବାରୁ କ୍ଷତି ସହିବାକୁ ପଡୁଛି ବୋଲି କହିଛନ୍ତି। ତାଙ୍କ ଏଭଳି ମିଶ୍ରିତ ଚାଷ ଅନ୍ୟମାନଙ୍କ ପାଇଁ ଅଞ୍ଚଳରେ ଉଦାହରଣ ସୃଷ୍ଟି କରିଛି।

## ସଂକ୍ଷେପରେ

### ଅଷ୍ଟପ୍ରହର ନାମଯଜ୍ଞ

**ବାଉଁଶୁଣୀ,୨୨।୩(ଦେବାଶିଷ ନେପାକ)**

ବୌଦ୍ଧ ଜିଲା ବାଉଁଶୁଣୀ ପଞ୍ଚାୟତ ମାଉଁଲିମୁଣ୍ଡା ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି। ସୂଚନା ଅନୁଯାୟୀ, ଶୁକ୍ରବାର ସକାଳୁ ଗ୍ରାମବାସୀ ଏକତ୍ରିତ ହୋଇ ବାଘନଦୀରୁ କଳସୀରେ ପାଣି ଆଣି ପୂଜା ମଣ୍ଡପରେ ରଖିଥିଲେ। ସକାଳ ୯ଟାରୁ ନାମଯଜ୍ଞ ଆରମ୍ଭ ହୋଇଥିଲା। କର୍ତ୍ତା ଭାବରେ ହେମନ୍ତ ମେହେର ଓ ଅମ୍ବରିତା ମେହେର ଥିବା ବେଳେ ପୂଜକ ଭାବରେ ତ୍ରିବିକ୍ରମ ପାଢୀ ପୂଜା କାର୍ଯ୍ୟ ତୁଲାଇଥିଲେ। ପ୍ରଥମେ ମାଉଁଲିମୁଣ୍ଡା ସଂକୀର୍ତ୍ତନ ମଣ୍ଡଳୀ ଅଧିବାସ କରିଥିଲେ।

### ୧୪ତମ ଅଁଳାପାଲି ଧନୁଯାତ୍ରାର ଚତୁର୍ଥ ସନ୍ଧ୍ୟା

**ବାଉଁଶୁଣୀ,୨୨।୩(ଦେବାଶିଷ ନେପାକ)**

ବୌଦ୍ଧ ଜିଲା ଅଁଳାପାଲି ପଞ୍ଚାୟତ ଅଁଳାପାଲି ଗ୍ରାମରେ ଆଜକୁ ୧୪ ବର୍ଷ ହେବ ଧନୁଯାତ୍ରା ମହୋତ୍ସବ ଅନୁଷ୍ଠିତ ହୋଇ ଆସୁଛି। ସବୁବର୍ଷ ପରି ଚଳିତବର୍ଷ ମଧ୍ୟ ଧୁମଧାମରେ ଧନୁଯାତ୍ରା ହେଉଛି। ଦୋଳତ୍ସବ ଉପଲକ୍ଷେ ମଙ୍ଗଳବାର ଦିନ ଅଁଳାପାଲି ଗ୍ରାମରେ ସପ୍ତାହ ପାରାୟଣ ଶୁଭାରମ୍ଭ ସହ ବିରାଟ ଧନୁଯାତ୍ରାର ଉଦ୍‌ଘାଟନ କରାଯାଇଥିଲା। ଶୁକ୍ରବାର ଚତୁର୍ଥ ସନ୍ଧ୍ୟାରେ ପତରସଉରା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କଂସ ମହାରାଜ ଅଁଳାପାଲି ଛକ ପରିକ୍ରମା କରି ମଞ୍ଚକୁ ଆସିଥିଲେ। କଂସଙ୍କ ମନ୍ତ୍ରୀ ଅକ୍ରୁର ଦ୍ୱାରା ପୁତନା ରାକ୍ଷସୀ ପ୍ରେରଣ ମଞ୍ଚସ୍ଥ ହୋଇଥିଲା। ସଭାପତି ରୋଶନ କୁମାର ମେହେର, ସଂପାଦକ ଅଜିତ କୁମାର ସାହୁ, କୋଷାଧ୍ୟକ୍ଷ ଦଶରଥ ମେହେରଙ୍କ ସମେତ ଅଁଳାପାଲି ଗ୍ରାମବାସୀ ଉପସ୍ଥିତ ଥିଲେ। ମହୋତ୍ସବ ଅବସରରେ ବିଶେଷ ଆକର୍ଷଣ ମିନାବଜାର ରହିଛି। ଏହି ଧନୁଯାତ୍ରା ଦୀର୍ଘ ୭ ଦିନ ଧରି ଚାଲୁ ରହିବ ବୋଲି କମିଟିର ସଭାପତି କହିଛନ୍ତି।

### ଓଡ଼ିଶା ଦଳରେ ବଲାଙ୍ଗୀରର ସୁହାନୀ ଗୁରହାଣ୍ଡି

**ବଲାଙ୍ଗୀର,୨୨।୩(ବୀରେନ୍ଦ୍ର କୁମାର ଝାଙ୍କର)**

ଚଳିତ ମାସ ୨୬ ରୁ ୩୧ ପର୍ଯ୍ୟନ୍ତ ଜାମ୍ମୁଠାରେ ୨୩ ତମ ଜାତୀୟ ଉଷୁ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ବିଭିନ୍ନ ଜିଲାରୁ ସର୍ବମୋଟ ୪୬ ଜଣ ବାଳକ ଓ ବାଳିକା ଖେଳାଳି ଆସନ୍ତା ୨୪ରୁ ଟାଟାନଗରଠାରୁ ଯାତ୍ରା ଆରମ୍ଭ କରିବେ। ଏହି ଜାତୀୟ ସବ୍‌ଜୁନିୟର ପ୍ରତିଯୋଗିତାରେ ଭାଗ ନେବାକୁ ଥିବା ୪୬ ଜଣଙ୍କ ଭିତରେ ବଲାଙ୍ଗୀର ଜିଲାର ସୁହାନୀ ଗୁରହାଣ୍ଡି ମନୋନୀତ ହୋଇଛନ୍ତି।

# ଅନିୟମିତତା ଅଭିଯୋଗର ତଦନ୍ତ



ବୈଠକରେ ଉପସ୍ଥିତ ଅଧିକାରୀମାନେ ।

**ଖପ୍ରାଖୋଲ, ୨୨।୩(ଅଭୟ ତ୍ରିପାଠୀ)**

- ଖପ୍ରାଖୋଲରେ ଆମ୍ବୁଡ୍‌ସ ମ୍ୟାନ
- ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା

ବଲାଙ୍ଗିର ଜିଲା ଖପ୍ରାଖୋଲ ବ୍ଲକରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଅନିୟମିତତା ହୋଇଛି। ଆମ୍ବୁଡସ ମେନ ସଚ୍ଚିଦାନନ୍ଦ ହନୁମାନ ଶୁକ୍ରବାର ପହଞ୍ଚି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଅନିୟମିତା ଅଭିଯୋଗର ତଦନ୍ତ କରିଥିଲେ। ଅଭିଯୋଗ ଦୁଇଟି ହେଲା ତେଲେନପାଲି ପଞ୍ଚାୟତ ଡୁଡୁକିପଦର ଗାଁ ଗୋଚର ଏରିଆରେ ୨୦୨୩ରେ ଟିସି ବି କାମ ହୋଇଛି। ୯ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିବା ପ୍ରକଳ୍ପରେ ୮ ଲକ୍ଷ ୮୩ ହଜାର ୮୪୦ ଟଙ୍କା ଖର୍ଚ୍ଚ ହୋଇଥିବା ଦେଖାଯାଇଛି। ଏହି ପ୍ରକଳ୍ପରେ କାମ କରି ନ ଥିବା ବ୍ୟକ୍ତିଙ୍କ ନାମରେ ମଜୁରି ପଡ଼ିଥିବା ଅଭିଯୋଗ ହୋଇଛି। ଏନେଇ ଗତ ୧୭।୧।୨୪ ରେ ୱାର୍ଡ ମେମ୍ବର ଅନୁସୟା ଧରୁଆ ଓ ଅନ୍ୟମାନେ ଗ୍ରାମ ପଞ୍ଚାୟତରେ ଗାଁ ସାଥି ବିରୋଧରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ସରପଞ୍ଚ ଶକୁନ୍ତଳା ବେହେରା ବ୍ଲକ ମାଧ୍ୟମରେ ଗତ ୨୦।୨।୨୪ ଆମ୍ବୁଡସ ମେନଙ୍କୁ ଜଣାଇଥିଲେ। ଏହାକୁ ଭିତ୍ତିକରି ଆମ୍ବୁଡ଼ସ ମେନ ଉଭୟ ପକ୍ଷଙ୍କୁ ଡାକି ତଦନ୍ତ କରିଥିଲେ। ସେହିପରି ମାଟିଆଭଟା ପଞ୍ଚାୟତ ପୁତୁଲାମହୁଲ ଗାଁରେ ୧୦ ଜଣକୁ ଜମି ମରାମତି ବାବଦରେ ମିଛ କାର୍ଯ୍ୟାଦେଶ ବଣ୍ଟନ କରିବା ସହ ଟଙ୍କା ଆଦାୟ କରିଥିବା ଅଭିଯୋଗ ହୋଇଥିଲା। ଏହି ସମ୍ପର୍କରେ ମଧ୍ୟ ଉଭୟ ପକ୍ଷଙ୍କୁ ଡାକି ବ୍ଲକ ସଭାଗୃହରେ ତଦନ୍ତ କରିଥିଲେ। ଏହି ଅବସରରେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ସହକାରୀ ନିର୍ବାହୀ ଯନ୍ତ୍ରୀ କୁଳମଣି ଭୋଇ, ତେଲେନପାଲି ସରପଞ୍ଚ ଶକୁନ୍ତଳା ବେହେରା, ମାଟିଆଭଟା ସରପଞ୍ଚ ସନ୍ତୋଷିନୀ ବରିହା, ଜିଆର୍‌ଏସ ସଦାନନ୍ଦ ମାଝି, ସୁଦର୍ମା ବେହେରା, କନିଷ୍ଠ ଯନ୍ତ୍ରୀ ଦିଲୀପ ରାଉତ, ଦୀପକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏନେଇ ଅମ୍ବୁଡସ ମେନଙ୍କୁ ପଚାରିବାରୁ ତଦନ୍ତ ଚାଲିଛି, ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ପ୍ରକାଶ କରିଛନ୍ତି।

# ଅରବିନ୍ଦ କେଜ୍‌ରିୱାଲଙ୍କ ଗିରଫ ପ୍ରତିବାଦରେ ଆପ୍ ପକ୍ଷରୁ ଧାରଣା

**ଅମରପାଲି,୨୨।୩(ପୀତାମ୍ବର ସାହୁ)**

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ଗିରଫ ପ୍ରତିବାଦରେ ବୀରମହାରାଜପୁରରେ ଆପ୍ ପକ୍ଷରୁ କ୍ୟାଣ୍ଡେଲ ଜାଳି ପ୍ରତିବାଦ କରାଯାଇଛି। ବୀରମହାରାଜପୁର ମୁଖ୍ୟ ଛକ ଠାରେ ଆମ ଆଦମୀ ପାର୍ଟି ସୁବର୍ଣ୍ଣପୁର ଜିଲା ସଭାପତି ସୁରେଶ କଲତାଙ୍କ ନେତୃତ୍ୱ ରେ ପ୍ରତିବାଦ କରାଯାଇଛି । ଗତ ଗୁରୁବାର ଇଡି ପକ୍ଷରୁ ତାଙ୍କ ଦିଲ୍ଲୀସ୍ଥିତ ବାସଭବନ ରୁ ଜେରା କରିବା ପରେ ଗିରଫ କରାଯାଇଥିଲା। ଅବକାରୀ ଆଇନରେ ସଂଶୋଧନ ଆଣି ବ୍ୟାପକ ଦୁର୍ନୀତି କରିବା ସହିତ ବ୍ୟବସାୟୀଙ୍କୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ ଓ ଅର୍ଥ ଯୋଗାଡ଼ କରିଥିବା ଅଭିଯୋଗରେ ଇଡି ତାଙ୍କୁ ବାରମ୍ବାର ସମନ ଜାରି କରିବା ସହିତ ସେ କୋର୍ଟରେ ହଜାର ନ ହେବାରୁ ତାଙ୍କୁ ଗିରଫ କରାଯାଇଥିଲା। ତାଙ୍କ ଗିରଫକୁ ଅଗଣତାନ୍ତ୍ରିକ ଦର୍ଶାଇ ଆମ ଆଦମୀ ପାର୍ଟି ପକ୍ଷରୁ ପ୍ରତୀକାତ୍ମକ ଧାରଣା ଦିଆଯାଇଥିଲା। ଉକ୍ତ ଧାରଣାରେ ଜିଲା ଉପସଭାପତି ପୃଥୀରାଜ ଜଗଦଲା, ରଞ୍ଜନ ମେହେର, ଘନଶ୍ୟାମ ଭୋଇ, ସୁରପତି ମହାନନ୍ଦ, ଜିଲା ସମ୍ପାଦକ ରଞ୍ଜନ ମେହେର ପ୍ରମୁଖ ସାମିଲ ଥିଲେ।

# ଟ୍ରାକ୍ଟର ସହ କାଠ ଜବତ କଲା ବନ ବିଭାଗ


ଟ୍ରାକ୍ଟର ସହ ବଲିକାଠ ଜବତ ।

**ଦେଓଗାଁ,୨୨।୩(କୃଷ୍ଣପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗିର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ପଦମପୁର ଗ୍ରାମ ନିକଟରେ ଏକ ନମ୍ବର ବିହୀନ ଟ୍ରାକ୍ଟରରେ ଶାଳ ପିଆଶାଳ, ଖଇର ଆଦି ୩୧୮ଟି ବଲି ବୋଝେଇ ହୋଇ ଚାଲାଣ ହେଉଥିବା ବେଳେ ବନବିଭାଗ ଚଢ଼ାଉକରି ଜବତ କରିଛି। ବିଶ୍ୱସ୍ତ ସୂତ୍ରରୁ ଖବରପାଇ ରେଞ୍ଜର ଯୁଧିଷ୍ଠିର ଜାଲଙ୍କ ନିର୍ଦ୍ଦେଶ କ୍ରମେ ଫରେଷ୍ଟର ବ୍ୟାସଦେବ ସାହୁ, ଜନ୍ମେଜୟ ପାଣିଗ୍ରାହୀଙ୍କ ସମେତ ପାରାଷ୍ଟାଫ ଚଢ଼ାଉ କରିଥିବା ବେଳେ କାଠଚାଲାଣ କରୁଥିବା ଅଭିଯୁକ୍ତମାନେ ଟ୍ରାକ୍ଟର ଛାଡି ଫେରାର ମାରିଥିବା ଫରେଷ୍ଟର ସାହୁ ସୂଚନା ଦେଇଛନ୍ତି।

# ଟ୍ରଲରକୁ ପଛରୁ ପିଟିଲା ଟ୍ରଲର: ଚାଳକ ଜୀବନ୍ତ ଦଗ୍ଧ

**ନୂଆପଡ଼ା/ସିନାପାଲି,୨୨।୩ (ମକାରୁ ବେମାଲ/ମନଫୁଲ ମେହେର)**

ନୂଆପଡା ଜିଲା ସିନାପାଲି ଥାନା ଯୁଗେନପଦର ଛକ ବିଜୁ ଫୋର ୱେ ରାସ୍ତା ବ୍ରିଜଠାରେ ଗୁରୁବାର ବିଳମ୍ବିତ ରାତିରେ ଟ୍ରଲରକୁ ଅନ୍ୟ ଏକ ଟ୍ରଲର ପଛପଟୁ ଧକ୍କା ଦେବାରୁ ଚାଳକ ଜୀବନ୍ତ ଦଗ୍ଧ ହୋଇଥିବା ବେଳେ ଅନ୍ୟ ଜଣେ ଚାଳକ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡିଛି। ମୃତକ ହେଲେ ରାଜସ୍ଥାନର ନୁହୁ ଜିଲା ଫିରୋଜପୁର ଝିକି ଥାନା ରିଗାଡ ଗାଁର ମୁସଲିମ ଖାନ (୨୩) ଓ ବର୍ତ୍ତି ଯାଇଥିବା ଅନ୍ୟ ଜଣେ ହେଲେ ଇକବାଲ ଖାନ (୩୦)। ପ୍ରାପ୍ତସୂଚନା ମୁତାବକ ଗୁରୁବାର ବିଳମ୍ବିତ ରାତ୍ରିରେ ଝାରସୁଗୁଡାରୁ ତେଲଙ୍ଗାନା ବିଲାର ଜିଲାକୁ ୪ଟି ଟ୍ରଲରରେ ଏଲୁମିନିୟମ ଷ୍ଟିଲ ଲୋଡ ହୋଇ ଯାଉଥିଲା। ରାତ୍ରି ପ୍ରାୟ ୨ଟାରେ ସିନାପାଲି ଥାନା ଯୁଗେନପଦର ଛକ ଫୋର ୱେ ରାସ୍ତାରେ ନୂତନ ଭାବେ ନିର୍ମାଣ ହୋଇଥିବା ବ୍ରିଜର ତ୍ରୁଟି ପାଇଁ ଜିଲା ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଛି। ପୁରୁଣା ବ୍ରିଜରେ ଯାନବାହନ ଓ ଲୋକେ ଯାତାୟାତ କରୁଛନ୍ତି। ସେହି ରାସ୍ତାରେ ଗାଡି ଯାଉଥିବା ସମୟରେ ଆଗରେ ଯାଉଥିବା ଟ୍ରଲର (ନଂ.ଆରଜେ୦୨ଜିସି୩୭୮୯) ହଠାତ ବ୍ରେକ ଦେବାରୁ ପଛପଟେ ଯାଉଥିବା ଅନ୍ୟ ଏକ ଟ୍ରଲର (ନଂ. ଆରଜେ୦୨ ଜିସି ୪୭୩୧) ଆଗ ଗାଡିର ପଛ ପଟେ ପିଟି ହୋଇ ହଠାତ ଜଳି ଯାଇଥିଲା। ଇଲେକ୍ଟ୍ରୋନିକ ସଟ ହୋଇ ହଠାତ ନିଆଁ ଲାଗି ଗାଡି ଜଳି ଯାଇ ଡିଜେଲ ଟାଙ୍କି ଫାଟି ହୁଁହୁଁ ହୋଇ ଜଳି ଉଠିଥିଲା। ଗାଡି ଭିତରେ ଜଣେ ଚାଳକ ଶୋଇଥିବା ବେଳେ ଜଣେ ଚଲାଉଥିଲେ। ଶୋଇଥିବା ଚାଳକ ଜୀବନ୍ତ ଦଗ୍ଧ ହୋଇ ଯାଇଥିବା ବେଳେ ଚଲାଉଥିବା ଚାଳକ ଗାଡିରୁ ଡେଇଁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଖବର ପାଇ ସିନାପାଲି ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ସବୁ ପୋଡି ଚୁରମାର ହୋଇଯାଇଥିଲା। ସିନାପାଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ସିନାପାଲି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଥାନାରେ ଏକ ମାମଲା (ନଂ.୧୦୯/୨୦୨୪) ରୁଜୁ କରି ଅଧିକ ତଦନ୍ତ ଚାଲିଛି ବୋଲି ଏସଆଇ ହରେକୃଷ୍ଣ ଜାନି ସୂଚନା ଦେଇଛନ୍ତି।

# ନାଏକପଡ଼ା ଗାଁରେ ପାନୀୟ ଜଳ ସଙ୍କଟ

**ସୋନପୁର,୨୨।୩(ମୃତ୍ୟୁଞ୍ଜୟ ଶତପଥୀ)**

ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ବିଶିପଡା ପଞ୍ଚାୟତ ନାଏକପଡାର ଗ୍ରାମବାସୀ। ଦିନକୁ ଦିନ ଖରାତାତି ବଢି ଚାଲିଥିବା ବେଳେ ଗ୍ରାମର ମହିଳାମାନେ ପାଣି ପାଇଁ ହୀନସ୍ତା ହେଉଛନ୍ତି। ରାସ୍ତା ପାରି ହୋଇ ଏକ ପରିତ୍ୟକ୍ତ କୂଅରୁ ବିପଦସଙ୍କୁଳ ଭାବେ ପାନୀୟ ଜଳ ସଂଗ୍ରହ କରୁଛନ୍ତି। ସକାଳ ଠାରୁ ଏହି କୂଅ ସମ୍ମୁଖରେ ମହିଳାଙ୍କ ଲମ୍ବା ଧାଡି ଦେଖିବାକୁ ମିଳୁଛି। ମହିଳାମାନେ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ଜିଲାପାଳଙ୍କ ଠାରୁ ଆରମ୍ଭ କରି ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମାତ୍ର କୌଣସି ସୁଫଳ ମିଳି ପାରିନାହିଁ ।

ରାଜ୍ୟ ସରକାରଙ୍କ ବସୁଧା ଯୋଜନାରେ ଗ୍ରାମବାସୀଙ୍କୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ୩ ବର୍ଷ ପୂର୍ବରୁ କାମ ଆରମ୍ଭ ହୋଇଥିଲା। ଠିକାସଂସ୍ଥା ବୋରୱେଲ ଖୋଳିବା ସହ ଓଭର ହେଡ ପାଣି ଟାଙ୍କି ନିର୍ମାଣ କରି ପଡାରେ ପାଇପ ବିଛାଇଥିଲେ। ତେବେ ଠିକାସଂସ୍ଥା କାମ ସମ୍ପୂର୍ଣ୍ଣ ନ କରି ଅଧାରେ କାମ ଛାଡି ଦେଇଛନ୍ତି। ଦୁଇ


ମହିଳାମାନେ ଏକ ପରିତ୍ୟକ୍ତ କୂଅରୁ ପାନୀୟ ଜଳ ସଂଗ୍ରହ କରୁଛନ୍ତି।

- ପରିତ୍ୟକ୍ତ କୂଅରୁ ପାଣି ଆଣୁଛନ୍ତି ମହିଳା
- ପାନୀୟ ଜଳ ପ୍ରକଳ୍ପ କାମ ଅସମ୍ପୂର୍ଣ୍ଣ

ବର୍ଷ ହେଲା କାମ ବନ୍ଦ ରହିଛି। କିନ୍ତୁ ଗାଁର କାନ୍ଥଗୁଡିକରେ ଲେଖାହୋଇଛି ବସୁଧା ଯୋଜନା, ସମସ୍ତଙ୍କ ଘରକୁ ପାଣି। ହେଲେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ଏ ଦିଗରେ କୌଣସି ତତ୍ପରତା ପ୍ରକାଶ ପାଇନାହିଁ। ଅନ୍ୟପକ୍ଷେ ଗ୍ରାମରେ ଥିବା ନଳକୂପର ପାଣି ବ୍ୟବହାର ଉପଯୋଗୀ ନୁହେଁ। ପଞ୍ଚାୟତର ୪ଟି ୱାର୍ଡର ୧୫୦୦ରୁ ଊର୍ଦ୍ଧ୍ୱ ଲୋକ ପାନୀୟ ଜଳ ପାଇଁ ଡହଳ ବିକଳ ହେଉଛନ୍ତି। ଏକ ପରିତ୍ୟକ୍ତ ଖୋଲା କୂଅ ଗ୍ରାମବାସୀଙ୍କ ଶୋଷ ମେଣ୍ଟାଉଛି। ମହିଳାମାନେ ସୋନପୁର-ସମ୍ବଲପୁର ରାଜ୍ୟ ରାଜପଥ ପାରି ହୋଇ ପାଣି ଆଣିବାକୁ ଯାଉଛନ୍ତି। ନାୟକପଡାର ସୁମିତ୍ରା ବେହେରା, ତରଙ୍ଗିନୀ ବେହେରା ଓ ଶାନ୍ତି ବେହେରା କୁହନ୍ତି, ସରକାର ଆମକୁ ପାନୀୟ ଜଳ ଯୋଗାଇବାରେ ବିଫଳ ହୋଇଛନ୍ତି। ଗ୍ରୀଷ୍ମ ଋତୁରେ ଆମେ ଜଳକଷ୍ଟ ଭୋଗୁଛୁ । ଶୀଘ୍ର ଗାଁକୁ ପାଇପ ଯୋଗେ ପାନୀୟ ଜଳଯୋଗାଣ ନ ହେଲେ ଆମେ ଆନ୍ଦୋଳନ କରିବାକୁ ବାଧ ହେବୁ । ଏ ସମ୍ପର୍କରେ ବୀରମହାରାଜପୁର ଉପଖଣ୍ଡ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ବଳରାମ ମାଝି କୁହନ୍ତି, ଠିକାସଂସ୍ଥା ଅଧାରୁ କାମ ଛାଡି ପଳାଇ ଯିବାରୁ ସମସ୍ୟା ସୃଷ୍ଟି ହୋଇଛି। ଏବେ ସମ୍ପୂର୍ଣ୍ଣ ବ୍ଲକରେ ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ଚାଲିଛି। ତେବେ ୨ ରୁ ୪ ଦିନ ଭିତରେ ଗ୍ରାମବାସୀଙ୍କୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ବ୍ୟବସ୍ଥା କରାଯିବ ବୋଲି ଇଂ ମାଝି କହିଛନ୍ତି।

## ସଂକ୍ଷେପରେ

### ଡମ୍ଫର ଧକ୍କାରେ ଚିକିତ୍ସିତ ଯୁବକ ମୃତ

ରାଉରକେଲା,୨୨।୩( ଦିନେଶ ମିଶ୍ର): ରାଉରକେଲା ଏନ୍ଏଚ୍-୧୪୩ରେ ଡମ୍ଫର ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଜଗଦୀଶ କିଣ୍ଡୋ(୪୨)। ସୂଚନା ଅନୁସାରେ, ଫର୍ଟିଲାଇଜର ଲାଲଟାଙ୍କି ଅଞ୍ଚଳର ଜଗଦୀଶ କୁଲୁଙ୍ଗା ସ୍ଥିତ ଏକ ଘରୋଇ କମ୍ପାନୀରେ ଠିକା ଶ୍ରମିକ ଭାବେ କାମ କରନ୍ତି। ବୁଧବାର ରାତିରେ ସେ ବି' ସିଫ୍ଟ ଡ୍ୟୁଟି ସାରି ଘରକୁ ଫେରୁଥିବା ସମୟରେ ତାଙ୍କୁ ପଛପଟୁ ଏକ ଡମ୍ଫର ଧକ୍କା ଦେଇ ଫେରାର ହୋଇଯାଇଥିଲା। ପୋଲିସ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପିସିଆର ଭ୍ୟାନ ଯୋଗେ ଚିକିତ୍ସା ଲାଗି ଆରଜିଏଚ୍‌ରେ ଭର୍ତ୍ତି କରିଥିଲା। ସେଠାରେ ଗୁରୁବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଛି।

### ଦାମୋଦର ରାଉତଙ୍କ ବିୟୋଗରେ ଶୋକ

ରାଉରକେଲା,୨୨।୩(ସଙ୍ଗୀତା ଜେନା): ରାଜ୍ୟ ରାଜନୀତିର ଜଣେ ବିଚକ୍ଷଣ ରାଜନେତା ତଥା ପୂର୍ବତନ ମନ୍ତ୍ରୀ ଡ. ଦାମୋଦର ରାଉତଙ୍କ ବିୟୋଗରେ ରଘୁନାଥପାଲୀ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ଏହି ଅବସରରେ ବିଧାୟକ ସୁବ୍ରତ ତରାଇଙ୍କ ସମେତ ବିଜେଡି ରାଜ୍ୟ ପରିଷଦ ସଦସ୍ୟ ସୁଧୀର ସୁନ୍ଦର ରାୟ, ନଗର ସଭାପତି ଆର୍ତ୍ତ ମହାରଣା, ମହିଳା ସଭାନେତ୍ରୀ ଇନ୍ଦିରା ନାୟକ, ଯୁବ ସଭାପତି ସଞ୍ଜୀବ ସ୍ୱାଇଁ, ଛାତ୍ର ସଭାପତି ରାକେଶ ସ୍ୱାଇଁ ପ୍ରମୁଖ ଡ. ରାଉତଙ୍କ ଅମରଆତ୍ମାର ସଦଗତି ପାଇଁ ପ୍ରାର୍ଥନା କରିଥିଲେ। ସେହିପରି ରାଉରକେଲା ପିଡବ୍ଲ୍ୟୁଡି କାର୍ଯ୍ୟାଳୟ ସମ୍ମୁଖ ଆଖଣ୍ଡଳମଣି ମନ୍ଦିର ପ୍ରାଙ୍ଗଣରେ ରାଉରକେଲା ବିଜେଡ଼ି ପକ୍ଷରୁ ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଶୁକ୍ରବାର ଅପରାହ୍ଣରେ ବିଜେଡ଼ି ନଗର ସଭାପତି ଗଗନ ପଣ୍ଡା, ବରିଷ୍ଠ ନେତା ଆନନ୍ଦ ମହାନ୍ତି, ସୁଶାନ୍ତ ରାଉତ, ମହିଳା ସଭାନେତ୍ରୀ ଜ୍ୟୋତ୍ସ୍ନା ନାୟକ, ଶ୍ରୀଚରଣ ମହାନ୍ତି, ମୁଖପାତ୍ର ଜୟନ୍ତ ମିଶ୍ର, ଆଇନଜୀବୀ ସନ୍ତୋଷ ନାୟକ, ସୁରେନ୍ଦ୍ର ରାଉତ, ନାରାୟଣ ପ୍ରଧାନ, ସୁଦାମ ପ୍ରଧାନଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ନାବାଳିକାଙ୍କଠାରୁ ମୋବାଇଲ ଲୁଟ୍

ରାଉରକେଲା,୨୨।୩(ସଙ୍ଗୀତା ଜେନା): ସେକ୍ଟର-୩ ଥାନା ଜଗଦା ଅଞ୍ଚଳରେ ଜଣେ ନାବାଳିକା(୧୫)ଙ୍କୁ ଇଟାରେ ଛେଚି ତାଙ୍କଠାରୁ ମୋବାଇଲ ଛିନ୍ତାଇ କରାଯାଇଥିବା ସୂଚନା ମିଳିଛି। ଏଥିରେ ଆକ୍ରମଣକାରୀ ଧରାପଡ଼ି ନ ଥିବା ବେଳେ ସମ୍ପୃକ୍ତ ଥାନାରେ ଏକ ମାମଲା (ନଂ.୫୩/୨୪)ରୁଜୁ ହୋଇଛି। ସୂଚନାଯୋଗ୍ୟ, ଜଗଦା ଅଞ୍ଚଳର ଉକ୍ତ ନାବାଳିକା ଶୌଚ ହେବାକୁ ସିଡବ୍ଲ୍ୟୁଏସ୍ ହସ୍ପିଟାଲ ନିକଟକୁ ଆସିଥିଲେ। ସେଠାରେ ଜଣେ ଦୁର୍ବୃତ୍ତ ତାଙ୍କୁ ଇଟାରେ ଛେଚି ତାଙ୍କ ମୋବାଇଲ ଛଡାଇ ନେଇ ଫେରାର ହୋଇଯାଇଥିଲେ।

# ପାର୍ଶଲରେ ନିଶା ସାମଗ୍ରୀ ଚାଲାଣ ଆଶଙ୍କା

ରାଉରକେଲା,୨୨।୩(ସଙ୍ଗୀତା ଜେନା)

ଓଡ଼ିଶା ଓ ଝାଡ଼ଖଣ୍ଡ ସୀମାରେ ଥିବା ରାଉରକେଲା ରେଲୱେ ଷ୍ଟେଶନ ଦେଇ ଏବେ ବ୍ୟାପକ ନିଶାଦ୍ରବ୍ୟ ଚାଲାଣ ହେଉଥିବା ଲକ୍ଷ୍ୟ କରାଯାଉଛି। ଏଠାରେ ଗଞ୍ଜେଇ, କଫ୍ ସିରପ୍ ଓ ଅନ୍ୟ ନିଶା ସାମଗ୍ରୀ ଚାଲାଣ ବେଳେ ଅନେକ ସମୟରେ ଧରପଗଡ଼ ହୋଇ ଧରାପଡୁଛି। ତେବେ କିଛିଦିନ ହେଲା ନିଶା ସାମଗ୍ରୀ ଚାଲାଣ ପାଇଁ ଟ୍ରେନ ପାର୍ଶଲକୁ ବ୍ୟବହାର କରାଯାଉଥିବା ଆଲୋଚନା ହେଉଛି। ବର୍ତ୍ତମାନ ସୁଦ୍ଧା ରାଉରକେଲା ଷ୍ଟେଶନରେ ପାର୍ଶଲରେ ନିଶା ସାମଗ୍ରୀ ଚାଲାଣ ଘଟଣା ପୋଲିସର ହସ୍ତଗତ ହୋଇ ନ ଥିଲେ ମଧ୍ୟ ନିର୍ବାଚନକୁ ଦେଖି ଏଭଳି ଆଶଙ୍କା ରହିଥିବା ଅସମର୍ଥିତ ସୂତ୍ରରୁ ଜଣାପଡିଛି।

ବଡ଼ ବଡ ରେଲୱେ ଷ୍ଟେଶନମାନଙ୍କରେ ଅତ୍ୟାଧୁନିକ ଜ୍ଞାନକୌଶଳ ସମ୍ପନ୍ନ ଡିଜିଟାଲ ସ୍କାନର ଦ୍ୱାରା ରେଲୱେ ସୁରକ୍ଷା ବଳ (ଆର୍‌ପିଏଫ୍) ପାର୍ଶଲ ଯାଞ୍ଚ କରିଥାଏ। ହେଲେ ଏହି ବ୍ୟବସ୍ଥା ରାଉରକେଲା ଷ୍ଟେଶନରେ ନାହିଁ। ଫଳରେ ନିଶା ଓ ଅନ୍ୟ ମାରାତ୍ମକ ସାମଗ୍ରୀ ଚାଲାଣ ପାଇଁ ପାର୍ଶଲକୁ ମାଧ୍ୟମ ଭାବେ ବ୍ୟବହାର କରାଯିବା ନେଇ ଆଶଙ୍କା ପ୍ରକାଶ ପାଇଛି। ଦକ୍ଷିଣ ପୂର୍ବ ରେଳପଥ ଚକ୍ରଧରପୁର ରେଳମଣ୍ଡଳ



ରାଉରକେଲା ଷ୍ଟେଶନରେ ଥିବା ପାର୍ଶଲ ରୁମ୍ ନିକଟରେ ବିଭିନ୍ନ ସାମଗ୍ରୀ ପଡ଼ିରହିଛି।

**ରାଉରକେଲା ରେଲୱେ ଷ୍ଟେଶନରେ ସ୍କାନର ନାହିଁ**

ଅଧୀନରେ ଥିବା ରାଉରକେଲା ଷ୍ଟେଶନ ଦେଇ ଟାଟାନଗର-ବିଳାସପୁର ସେକ୍ସନର ହାୱଡ଼ା-ନାଗପୁର-ମୁମ୍ବାଇ ଲାଇନ୍ ଓ ରାଉରକେଲା-ରାଞ୍ଚି ସେକ୍ସନ ଅଧୀନ ରାଉରକେଲା-ହାଟିଆ-ରାଞ୍ଚି ଲାଇନ୍ ରହିଛି। ଏହି ଲାଇନରେ ଦୈନିକ ମାଲବାହୀ ଓ ଯାତ୍ରୀବାହୀ ଏକ୍ସପ୍ରେସ, ମେମୁ, ଲୋକାଲ ଆଦି ୪୦ରୁ ଊର୍ଦ୍ଧ୍ୱ ଟ୍ରେନ ଚଳାଚଳ କରିଥାଏ। ଦୈନିକ ପ୍ରାୟ ସ୍ୱତନ୍ତ୍ର ୧୦/୧୫ଟିଟ୍ରେନରେ ୨୦/୨୫ କୁଇଣ୍ଟାଲ ପାର୍ଶଲ ପରିବହନ କରାଯାଇଥାଏ। ଉକ୍ତ ପାର୍ଶଲ ପରିବହନରେ ରେଳବାଇ ବିଭାଗ ମାସିକ ୯ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ରାଜସ୍ୱ ପାଇଥାଏ। ହେଲେ ଉକ୍ତ ପାର୍ଶଲକୁ ଯାଞ୍ଚ କରିବା ପାଇଁ କୌଣସି ସ୍କାନର ବ୍ୟବସ୍ଥା ନାହିଁ। ଜିଆର୍‌ପି ପୋଲିସ ଚଳିତବର୍ଷ ଆରମ୍ଭରୁ ରାଉରକେଲା ଷ୍ଟେଶନରେ ପ୍ରାୟ ୩ଟି ଗଞ୍ଜେଇ ମାମଲା ଧରପଗଡ଼ କରିଥିବା ବେଳେ ଆର୍‌ପିଏଫ୍ ୨୦୨୩ ବର୍ଷରେ ୪୦ରୁ ଊର୍ଦ୍ଧ୍ୱ ନିଶାଦ୍ରବ୍ୟ ଧରପଗଡ଼ ମାମଲା ରୁଜୁ କରିବା ସହ ୮୦ରୁ ଊର୍ଦ୍ଧ୍ୱ ଅଭିଯୁକ୍ତଙ୍କୁ ଗିରଫ କରିଛି।

ପାର୍ଶଲ ବିଭାଗରେ ସ୍କାନର ବ୍ୟବସ୍ଥା ସମ୍ପର୍କରେ ଷ୍ଟେଶନ ସୁରକ୍ଷା ଦାୟିତ୍ୱରେ ଥିବା ଆର୍‌ପିଏଫ୍ ଇନ୍‌ସପେକ୍ଟର ଗୌତମ ପ୍ରସାଦ ଗାନ୍ଧୀଙ୍କୁ ପଚରାଯିବାରୁ ସେ କହିଲେ, ନିହାତି ଭାବେ ଟ୍ରେନ ଓ ପାର୍ଶଲର ସମସ୍ତ ସୁରକ୍ଷା ଦାୟିତ୍ୱ ରେଳବାଇ ସୁରକ୍ଷା ବଳ ଉପରେ ରହିଛି। ଏଥିସହ ଷ୍ଟେଶନ, ଯାତ୍ରୀବାହୀ ଟ୍ରେନ, ପ୍ଲାଟଫର୍ମ, ରେଳଧାରଣା ଆଦି ବ୍ୟାପକ ଅଞ୍ଚଳର ଦାୟିତ୍ୱ ବହନ କରିବାକୁପଡ଼ିଥାଏ। ପ୍ରତ୍ୟେକ ଦିନ କୁଇଣ୍ଟାଲ କୁଇଣ୍ଟାଲ ପାର୍ଶଲକୁ ଯାଞ୍ଚ କରିବା କଷ୍ଟକର ହୋଇପଡ଼ିଥାଏ। ତେଣୁ ପାର୍ଶଲ ବିଭାଗରେ ସାମଗ୍ରୀ ଯାଞ୍ଚ କରିବାକୁ ସ୍କାନର ବ୍ୟବସ୍ଥା କରାଗଲେ ସୁବିଧା ହୁଅନ୍ତା ବୋଲି ଗାନ୍ଧୀ କହିଥିଲେ। ରାଉରକେଲା ଷ୍ଟେଶନ ମୁଖ୍ୟ ବାଣିଜ୍ୟକ ଅଧିକାରୀ ଅତୁଲ ଘୋଷଙ୍କୁ ପଚରାଯିବାରୁ ସେ କହିଲେ, ପୂର୍ବରୁ ଷ୍ଟେଶନମାନଙ୍କରେ ଏପରି ବ୍ୟବସ୍ଥା ଦିଆଯାଉ ନ ଥିଲା। ହେଲେ ଅତ୍ୟାଧୁନିକ ଷ୍ଟେଶନର ରୂପରେଖ ପାଇବାକୁ ଥିବା କିଛି ଷ୍ଟେଶନରେ ପାର୍ଶଲ ସ୍କାନର ଆଦି ବ୍ୟବସ୍ଥା କରାଯାଉଛି। ଉକ୍ତ ତାଲିକାରେ ଚକ୍ରଧରପୁର ରେଳମଣ୍ଡଳ ଅଧୀନରେ ଟାଟାନଗର ଓ ରାଉରକେଲା ଷ୍ଟେଶନ ରହିଛି। ଉଭୟ ଷ୍ଟେଶନରେ କିଛିମାସ ତଳେ ସର୍ଭେ ଶେଷ ହୋଇଛି। ଟାଟାନଗରର ପାର୍ଶଲ ଗୃହରେ ସ୍କାନର ଲଗାଯାଇଥିବା ବେଳେ ଖୁବ୍‌ଶୀଘ୍ର ରାଉରକେଲାରେ ଏହା ଲାଗିବାକୁ ଯାଉଛି। ଯାହା ଆର୍‌ପିଏଫ୍ ଦାୟିତ୍ୱରେ ରହିବ। ଏହାର ଟେଣ୍ଡର ପ୍ରକ୍ରିୟା ସମ୍ପନ୍ନ ହୋଇଛି। ସେହିପରି ମୁଖ୍ୟ ପାର୍ଶଲ ସୁପରଭାଇଜର ଜୟ ମୁଖାର୍ଜୀ କହିଛନ୍ତି, ପ୍ରତ୍ୟେକ ଦିନ ପାର୍ଶଲଗୁଡ଼ିକ ଯାଞ୍ଚ କରାଯାଉଛି। ସନ୍ଦେହ ହେଲେ ଆର୍‌ପିଏଫ୍ ଉପସ୍ଥିତିରେ ଏହାକୁ ଖୋଲାଯାଉଛି। ଆଗାମୀ ଦିନରେ ଏହି ସ୍କାନର ଲାଗିଗଲେ ସମସ୍ତ ସମସ୍ୟା ସମାଧାନ ହୋଇଯିବ ବୋଲି ମୁଖାର୍ଜୀ କହିଥିଲେ।

# ଉତ୍କର୍ଷ ପୁରସ୍କାର ଯୋଜନାରେ ଆରଏସ୍‌ପି କର୍ମଚାରୀ ପୁରସ୍କୃତ

ରାଉରକେଲା,୨୨।୩(ବିପ୍ଲବ ରଞ୍ଜନ ଦାଶ)

ଆରଏସ୍‌ପି ଅଧିକାରୀ ଏବଂ କର୍ମଚାରୀମାନଙ୍କୁ କାରଖାନାରେ ଆୟୋଜିତ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମରେ ଉତ୍କର୍ଷ ପୁରସ୍କାର ଯୋଜନା ଅଧୀନରେ ପୁରସ୍କୃତ କରାଯାଇଛି। ଆରଏସ୍‌ପିର ପ୍ଲେଟ ମିଲ୍ ବିଭାଗରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ଲେଟ୍ ମିଲ୍ ବିଭାଗର ସିଜିଏମ ଏତୱା ଓରାମ ୨୩ଜଣ କର୍ମଚାରୀଙ୍କୁ ୩ଟି ବିଭିନ୍ନ ପ୍ରକଳ୍ପରେ ସେମାନଙ୍କ ଦଳଗତ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପୁରସ୍କୃତ କରିଥିଲେ। ଏହି ଅବସରରେ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। କାର୍ମିକ ବିଭାଗ ଡେପୁଟି ମ୍ୟାନେଜର ସୁଶ୍ରୀ ଇତିଶ୍ରୀ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସହରସେବା ବିଭାଗରେ ମଧ ଏଭଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ସହର ପ୍ରଶାସନ ଏବଂ କର୍ପୋରେଟ ସାମାଜିକ ଦାୟିତ୍ୱ ବିଭାଗ ସିଜିଏମ୍ ପି. କେ. ସ୍ୱାଇଁ ଅଧକ୍ଷତା କରି ଅଧିକାରୀଙ୍କ ସମେତ ୮ଜଣ କର୍ମଚାରୀଙ୍କୁ ଉତ୍କର୍ଷ ପୁରସ୍କାର ପ୍ରଦାନ କରିଥିଲେ। ଆବଶ୍ୟକ ପରିବର୍ତ୍ତନ ଓ ସଂଶୋଧନ ସହିତ ହାଉସ ଆଲଟମେଣ୍ଟ ନିୟମର ଉନ୍ନତୀକରଣ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସହରସେବା ବିଭାଗର ଜିଏମ୍ ଇନଚାର୍ଜ ଟି. ଜି. କାନେରଙ୍କ ସମେତ ବିଭାଗର ଅନ୍ୟ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ସହର ସେବା ବିଭାଗର ମ୍ୟାନେଜର ସଞ୍ଜୀବ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।


ପ୍ଲେଟ୍ ମିଲ୍ ବିଭାଗର କର୍ମଚାରୀ ପୁରସ୍କାର ପ୍ରମାଣପତ୍ର ଗ୍ରହଣ କରୁଛନ୍ତି।



ଆଦର୍ଶ ସାହିତ୍ୟ ଘରଠାରେ ଅନୁଷ୍ଠିତ ସାହିତ୍ୟ ଆସରରେ ଉପସ୍ଥିତ ଅତିଥି ।

# ଦୋଳ ସାମାଜିକ ଏକତାର ପର୍ବ

ରାଉରକେଲା,୨୨।୩(ବିପ୍ଲବ ରଞ୍ଜନ ଦାଶ)

**ଆଦର୍ଶ ପାଠାଗାରର ମାସିକ ସାହିତ୍ୟ ଆସର**

ରାଉରକେଲାର ଅଗ୍ରଣୀ ସାହିତ୍ୟାନୁଷ୍ଠାନ ଆଦର୍ଶ ପାଠାଗାରର ମାସିକ ସାହିତ୍ୟ ଆସର ଆଦର୍ଶ ସାହିତ୍ୟ ଘରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାଠାଗାର ଉପସଭାପତି ଡା. ବସନ୍ତ କୁମାର ଦାସଙ୍କ ସଭାପତିତ୍ୱ କରିଥିବା ବେଳେ ସାହିତ୍ୟ ବିଭାଗର ଉପସଭାପତି ଡା. ସନାତନ ପ୍ରଧାନ ଆବାହକ ଥିଲେ। ବରିଷ୍ଠ ସଦସ୍ୟ ଅଶୋକ କୁମାର ବଳଙ୍କ ସଂଯୋଜନାରେ ଆୟୋଜିତ ଏହି ଆସରରେ ବେଦବ୍ୟାସ ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ଡ. ଉମାକାନ୍ତ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡିଆ ସଂସ୍କୃତିରେ ଦୋଳ ଉତ୍ସବର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରି କହିଥିଲେ, ପରମ୍ପରାର ମୂଳଲକ୍ଷ୍ୟ ହେଉଛି ଭାଇଚାରା ସୃଷ୍ଟି କରିବା। ଆମ ସଂସ୍କୃତି କହୁଛି ବସୁଧୈବ କୁଟୁମ୍ବକମ୍। ସେହିପରି ଅଗ୍ନି ହେଉଛନ୍ତି ସବୁ ଦେବତାଙ୍କ ପ୍ରତିନିଧି। ସବୁ ଧର୍ମରେ ଅଗ୍ନିର ଗୁରୁତ୍ୱ ରହିଛି। ଦୋଳର ମୂଳଲକ୍ଷ୍ୟ ସାମାଜିକ ଏକତା ଓ ମାନବିକତା ବୋଲି ପଣ୍ଡା କହିଥିଲେ। ଏହି ଅବସରରେ ଗାଳ୍ପିକ ବିଜୟିନୀ ଜେନା କାଠବାକ୍ସ ସମ୍ପର୍କରେ ଏକ ମାର୍ମିକ ଗଳ୍ପପାଠ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କବିତା ପାଠୋତ୍ସବ କାର୍ଯ୍ୟକ୍ରମକୁ କବି ପ୍ରତାପ କୁମାର ପଣ୍ଡା ଓ ସବିତା ବସ୍ତିଆ ସଂଯୋଜନା କରିଥିଲେ। ଏଥିରେ କବି କୁଞ୍ଜବିହାରୀ ରାଉତ, ରବିନ୍ଦ୍ର ନାଥ ମହାନ୍ତି, ଆଶୁତୋଷ ଜ୍ୟୋତିଷ, ବସନ୍ତ ବିଶ୍ୱକର୍ମା, ପ୍ରଳୟ ଶତପଥୀ, ଗୀତାରାଣୀ ବେହେରା, ସସ୍ମିତା ପ୍ରଧାନ, ଅଶୋକ ପଟ୍ଟନାୟକ ଓ ବିଜୟିନୀ ଜେନା ପ୍ରମୁଖ କବିତା ପାଠ କରିଥିଲେ। ସାଧାରଣ ସମ୍ପାଦକ ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଜୟ ପାତ୍ର, ପ୍ରମୋଦ ଜଗଦ୍ଦେବ, ପ୍ରସନ୍ନ କୁମାର ବିନ୍ଧାଣୀ, ଅନୁପମା ସ୍ୱାଇଁ, ଶାଶ୍ୱତ ଶେଖର ସାମଲ, ପ୍ରଫୁଲ୍ଲ ସେଠୀ, ଟୁକୁଲା ପାଢୀ, ବିନୋଦିନୀ ପ୍ରଧାନ, ଅଶୋକ ରାଉତ, ମନୋଜ କୁମାର ପଣ୍ଡା, ପ୍ରଭାକର ପାତ୍ର, ଡକ୍ଟର ସୁମନ ଦତ୍ତ, ପ୍ରଦୀପ କୁମାର ପଣ୍ଡା, ଅକ୍ଷୟ ସାମଲ, ସୁକାନ୍ତ ମହାପାତ୍ର, କାଶୀନାଥ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

### ଟେନ୍‌ସାରେ ଆର୍‌ଏସ୍‌ଏସ୍‌ର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

ରାଉରକେଲା,୨୨।୩(ସଙ୍ଗୀତା ଜେନା)

ରାଉରକେଲା ଶ୍ରମିକ ସଂଘ(ଆର୍‌ଏସ୍‌ଏସ୍)ର ନୂତନ କାର୍ଯ୍ୟାଳୟ ଟେନ୍‌ସା ଟାଉନସିପ୍‌ରେ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଆର୍‌ଏସ୍‌ଏସ୍ ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରା ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଟେନ୍‌ସା, ବରସୁଆଁ, ତାଲଡିହି ଖଣି ଅଞ୍ଚଳର କର୍ମଚାରୀ, ଠିକା ଶ୍ରମିକମାନେ ଏକ ବିଶାଳ ଶୋଭାଯାତ୍ରାରେ ବେହେରାଙ୍କୁ ପାଛୋଟି ନେଇଥିଲେ। ସମ୍ପାଦକ ପୀତବାସ ସେଠୀଙ୍କ ସଭାପତିତ୍ୱରେ ଶ୍ରମିକ ସଭା ଉକ୍ତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ବେହେରା ଉଦ୍‌ବୋଧନ ଦେଇ କହିଥିଲେ, ଇସ୍ପାତ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବା ପରେ ଏହି କାର୍ଯ୍ୟାଳୟ ପାଇଁ କ୍ୱାର୍ଟର ମିଳିଥିଲା। ଆଗାମୀ ଦିନରେ ଏହି କାର୍ଯ୍ୟାଳୟରେ ଶ୍ରମିକ ସମସ୍ୟା ସମାଧାନ ସହିତ ସ୍ଥାନୀୟ ଡାକ୍ତରଖାନାର ଉନ୍ନତୀକରଣ କରାଯିବ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଉପସଭାପତି ଜନାର୍ଦ୍ଦନ ଦେହୁରୀ କହିଥିଲେ, ସ୍ଥାନୀୟ କର୍ମଚାରୀଙ୍କ ବାସଗୃହ ସସମ୍ୟା ଓ ଅନ୍ୟ ପାଇଁ ଶ୍ରମିକ ଅନୁଷ୍ଠାନ କାର୍ଯ୍ୟ କରାଯିବ। ନିହାର ରଞ୍ଜନ ସାମଲ, ରାଜକିଶୋର ପାତ୍ର, ସନ୍ଧ୍ୟାରାଣୀ ନାୟକ, ବାବାଜୀ ସାମଲ, ପ୍ରଶାନ୍ତ ନାୟକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଲଲାଟେନ୍ଦୁ କେଶରୀ ସାସମଲ, ଅନୀଲ ନାୟକ, ସୁବ୍ରତ ସାମଲଙ୍କ ସମେତ ଶତାଧିକ କର୍ମଚାରୀ ଓ ଠିକା କର୍ମଚାରୀ ଉପସ୍ଥିତ ଥିଲେ।

### ଜାତୀୟ ସୁରକ୍ଷା ସପ୍ତାହ ପାଇଁ ପ୍ରତିଯୋଗିତା

ରାଉରକେଲା,୨୨।୩(ବିପ୍ଲବ ରଞ୍ଜନ ଦାଶ)

ଆରଏସପି ସୁରକ୍ଷା ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ୫୩ତମ ଜାତୀୟ ସୁରକ୍ଷା ସପ୍ତାହ ଏବଂ ବିଶ୍ୱ ଇସ୍ପାତ ସୁରକ୍ଷା ଦିବସ ପର୍ଯ୍ୟବେକ୍ଷଣ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସୁରକ୍ଷା ପତାକା ଉତ୍ତୋଳନ ହୋଇଥିଲା। ପରେ ଆମର ଲକ୍ଷ୍ୟ-ଶୂନ୍ୟ ଦୁର୍ଘଟଣା ଶୀର୍ଷକ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାରେ ୪୦ଜଣ ଅଂଶଗ୍ରହଣ ନେଇଥିଲେ। ଏହାସହିତ ସୁରକ୍ଷା ତାଲିମ କେନ୍ଦ୍ରରେ ଆୟୋଜିତ ସୁରକ୍ଷା ଗୀତ ପ୍ରତିଯୋଗିତାରେ ବହୁ ଠିକା ଶ୍ରମିକ ଏବଂ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ସେହିପରି କାରଖାନାର ବିଭିନ୍ନ ବିଭାଗରେ ମୋଟ ୬୨ଜଣ ନିୟମିତ କର୍ମଚାରୀ ଲିଖିତ କୁଇଜ ପ୍ରତିଯୋଗିତାରେ ଭାଗ ନେଇଥିବା ବେଳେ ୨୪କର୍ମଚାରୀ ଓ ୨୫ଠିକା କର୍ମଚାରୀ ଟୁଲ ବକ୍ସ ଟକ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏଥିରେ ଅଂଶଗ୍ରହଣକାରୀ ବିଭିନ୍ନ ସୁରକ୍ଷା ଦିଗ ଉପରେ ୩ମିନିଟ୍ ମଧ୍ୟରେ ବକ୍ତବ୍ୟ ରଖିଥିଲେ। ଆୟୋଜିତ ପ୍ରତିଯୋଗିତାରେ ବିଚାରକ ଭାବେ ଏଚ୍‌ଏସ୍‌ଏମ୍-୧ ବିଭାଗ ଜିଏମ୍ ଇନ୍‌ଚାର୍ଜ କଲ୍ୟାଣ ସମଜଦାର ଏବଂ ଆରଏସ୍‌ଏମ୍ ଓ ଏଚ୍‌ଏମ୍‌ଇ ବିଭାଗର ଜିଏମ୍ ଇନ୍‌ଚାର୍ଜ ଏସ୍. କେ. ପୋଲାକି ଯୋଗ ଦେଇଥିଲେ। ତେବେ ଅଂଶଗ୍ରହଣକାରୀଙ୍କୁ ଇସ୍ପାତ ସୁରକ୍ଷା ଦିବସ ପାଳନ ନେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଜେତାମାନଙ୍କୁ ପୁରସ୍କୃତ କରାଯିବାର କାର୍ଯ୍ୟକ୍ରମ ରହିଛି। ସୁରକ୍ଷା ବିଭାଗର ଜିଏମ୍ ଇନ୍‌ଚାର୍ଜ ସୁଶ୍ରୀ ଆଶା କାର୍ଥା ଏବଂ ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଜିଏମ୍ ଅବକାଶ ବେହେରାଙ୍କ ନେତୃତ୍ୱରେ ସୁରକ୍ଷା ଇଞ୍ଜିନିୟରିଂ ବିଭାଗ ସାମୂହିକଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

### କେଜ୍ରିୱାଲଙ୍କ ଗିରଫଦାରିକୁ ନିନ୍ଦା କରି ବିକ୍ଷୋଭ


ଆମ୍ବେଡ଼କର ଛକରେ ଆପ୍ ସଦସ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ରାଉରକେଲା,୨୨।୩(ସଙ୍ଗୀତା ଜେନା)

କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଇଡ଼ି ଦ୍ୱାରା ଆମ୍ ଆଦମୀ ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଗିରଫ କରାଇଛନ୍ତି। ତେବେ ଏହି ଗିରଫଦାରିକୁ ବିରୋଧ କରି ଶୁକ୍ରବାର ସୁନ୍ଦରଗଡ଼ ଆପ୍ ପକ୍ଷରୁ ଉଦିତନଗର ସ୍ଥିତ ଆମ୍ବେଡ଼କର ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଆପ୍‌ର ସୁନ୍ଦରଗଡ଼ ଜିଲା ଆବାହକ ବିନୟ ତିୱାରୀ, ଜିଲା ସମ୍ପାଦକ ସନ୍ତୋଷ ବେହେରା, ସୋଶିଆଲ ମିଡ଼ିଆ ସମ୍ପାଦକ ଚିନ୍ତାମଣି ମହାନନ୍ଦ, ବିଧାନସଭା ଇନ୍‌ଚାର୍ଜ ବିରମିତ୍ରପୁର ବିନୟ କୁଲୁ, କୁନି ମୁଣ୍ଡା, ଯୋଗେନ୍ଦ୍ର ପାଲ ତିର୍କୀ, ଦିଲବର୍ ସିଂହ, ଦୀପକ ଦାସ, ଭରତ ଚନ୍ଦ୍ର ବାଇ, ଭାଗିରଥୀ ଧଳ, ନିହାର ମହାନ୍ତି, ସନ୍ତୋଷ ଜେନା, ଲମ୍ବୋଦର ମହାନ୍ତ, କୃଷ୍ଣଚନ୍ଦ୍ର ସାହୁଙ୍କ ସମେତ ବହୁ କର୍ମୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।


ଶିବିରରେ ଯୋଗଶିକ୍ଷା ପ୍ରଦାନ କରାଯାଉଛି।

# ଯୋଗ ନୀରୋଗ ଜୀବନର ଉତ୍ତମ ମାର୍ଗ

ରାଉରକେଲା,୨୨।୩( ଦିନେଶ ମିଶ୍ର)

ରାଉରକେଲା ସେକ୍ଟର-୮ ସ୍ଥିତ କମ୍ୟୁନିଟି ସେଣ୍ଟର ପରିସରରେ ସୁନ୍ଦରଗଡ ଜିଲା ଯୋଗ ସମିତି ପକ୍ଷରୁ ସହ ରାଜ୍ୟ ପ୍ରଭାରୀ ଅକ୍ରୂର ମାର୍ଥାଙ୍କ ଅଧ୍ୟକ୍ଷତାରେ ଯୋଗ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ରାଜ୍ୟ ପ୍ରଭାରୀ ସୁଧାଂଶୁ ଶେଖର ଅଧିକାରୀ ଅତିଥି ଭାବେ ଯୋଗଦେଇ ଯୋଗ, ପଞ୍ଚଯଜ୍ଞ, ଧ୍ୟାନ ସ୍ୱଧ୍ୟାୟ ନିରୋଗ ଜୀବନର ଉତ୍ତମ ମାର୍ଗ ଦର୍ଶକ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଜିଲା ମହିଳା ପ୍ରଭାରୀ ନିତମ୍ବିନୀ ସାଇଁ, ଜିଲା ବିଏସ୍‌ଟି ପ୍ରଭାରୀ ନରେନ୍ଦ୍ର କୁମାର ବେହେରା, ପ୍ରଦୀପ୍ତ ସାହୁ, ଆରତୀ କର, ଡି.ଏନ୍. ପଣ୍ଡା, ପ୍ରମୁଖ ମଞ୍ଚାସୀନ ଥିଲେ। ଶିବିରରେ ଶହେରୁ ଊର୍ଦ୍ଧ୍ୱ ଶିବିରାର୍ଥୀ ଯୋଗ ପ୍ରଶିକ୍ଷଣରେ ଅଂଶଗ୍ରହଣ କରିଥିଲେ। ଶିବିରକୁ ସନ୍ଧ୍ୟାରାଣୀ ସାହୁ, କୌଶଲ୍ୟା ପୃଷ୍ଟି, ଅନସୂୟା ବାରିକ, ରଶ୍ମିରେଖା ବେହେରା, ଲିପିନା ବିଶ୍ୱାଳ, ସୁଭଦ୍ରା ସାହୁ, ମମତା ରାଉତ, କୌଶଲ୍ୟା ପୃଷ୍ଟି, କନକଲତା ଜେନା ସହଯୋଗ କରିଥିଲେ। ଜିଲା ମିଡିଆ ପ୍ରଭାରୀ ଗଙ୍ଗାଧର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ନିର୍ବାଚନ ପୂର୍ବରୁ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

ରାଉରକେଲା,୨୨।୩(ସଙ୍ଗୀତା ଜେନା)

ଚଳିତ ନିର୍ବାଚନକୁ ସୁଚାରୁ ରୂପେ ସମ୍ପାଦନା କରିବା ସହ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ରଘୁନାଥପାଲୀ ଥାନା ପକ୍ଷରୁ ଶୁକ୍ରବାର ଫ୍ଲାଗମାର୍ଚ୍ଚ କରାଯାଇଛି। ଏସ୍‌ଡ଼ିପିଓ ଉପାସନା ପାଢ଼ୀଙ୍କ ନେତୃତ୍ୱରେ ରଘୁନାଥପାଲୀ ଥାନା ପୋଲିସ, ବିଏସ୍‌ଏଫ୍ ତଥା ଆଇଆର୍‌ବି ଯବାନ୍‌ମାନେ ଫ୍ଲାଗମାର୍ଚ୍ଚରେ ସାମିଲ ହୋଇଥିଲେ। ଏହି ଫ୍ଲାଗମାର୍ଚ୍ଚ ଥାନା ନିକଟରୁ ଆରମ୍ଭ ହୋଇ ପାନପୋଷ ବସ୍ତି, ଗଙ୍ଗାଧରପାଲୀ, ଛେଣ୍ଡ ମାର୍କେଟ ପରିକ୍ରମା କରି ମହାରାଜ ଅଗ୍ରସେନ ଭବନ ନିକଟରେ ଶେଷ ହୋଇଥିଲା। ଥାନାଧିକାରୀ ରାଜେନ୍ଦ୍ର ସ୍ୱାଇଁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।


ରଘୁନାଥପାଲୀ ଥାନାରୁ ଫ୍ଲାଗମାର୍ଚ୍ଚ ବାହାରି ଛେଣ୍ଡ ପରିକ୍ରମା କରିଛି।

# ୱାଟ୍‌କୋ ଅଫିସ ଘେରିଲେ ବସ୍ତିବାସୀ

ରାଉରକେଲା,୨୨।୩(ସଙ୍ଗୀତା ଜେନା)

ପାନୀୟ ଜଳ ଯୋଗାଣ ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା କରିଥିଲେ ମଧ୍ୟ ଲୋକଙ୍କ ସମସ୍ୟା ସମାଧାନ ହୋଇପାରୁନାହିଁ। ଫଳରେ ଗ୍ରୀଷ୍ମ ଆରମ୍ଭରୁ ରାଉରକେଲା ମହାନଗର ନିଗମ ଅଧୀନ ଗୋପବନ୍ଧୁପାଲୀ, ଟିମ୍ବରକଲୋନୀ, ମଧୁସୂଦନପାଲୀ ସମେତ ଅନ୍ୟ ବସ୍ତିଗୁଡ଼ିକରେ ଜଳକଷ୍ଟ ଦେଖାଦେଇଛି। ଏହି ସମସ୍ୟାର ସମାଧାନ ଦାବି କରି ବସ୍ତିବାସୀ ଶୁକ୍ରବାର ୱାଟ୍‌କୋ କାର୍ଯ୍ୟାଳୟ କରିଥିଲେ। ଏହି ସମୟରେ ରାଉରକେଲା କଂଗ୍ରେସ ସଭାପତି ରବି ରାୟ, ପିସିସି ସାଧାରଣ ସମ୍ପାଦକ ବିରେନ ସେନାପତି, ଦେବବ୍ରତ ବିହାରୀ ରାମପୁକାର ସିଂହ, ବ୍ଲକ ସଭାପତି ଭୀମ ମହତୋ, ବୈଲୋଚନ ସାହୁ ପ୍ରମୁଖ ବସ୍ତିବାସୀଙ୍କ ଦାବିକୁ ସମର୍ଥନ ଜଣାଇଥିଲେ। ତେବେ ଏହି ନେତୃବୃନ୍ଦ ୱାଟକୋ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବାକୁ ଯାଇଥିଲେ ମଧ ୱାଟକୋ ଜିଏମ୍ ଅନୁପସ୍ଥିତ ଥିବାରୁ ତାଙ୍କ ସହ ଆଲୋଚନା ହୋଇପାରି ନ ଥିଲା ।



କାର୍ଯ୍ୟକ୍ରମରେ ବସ୍ତିବାସୀ ଉପସ୍ଥିତ ଅଛନ୍ତି।

## ସଂକ୍ଷେପରେ

### ହିଣ୍ଡାଲ୍‌କୋ ପକ୍ଷରୁ ୨ ଦିନିଆ ଓଷ୍ଟିଓପାଥ୍ ଶିବିର

**ସମ୍ବଲପୁର,୨୨।୩(ବି.ଶଙ୍କର):** ହୀରାକୁଦସ୍ଥିତ ହିଣ୍ଡାଲ୍‌କୋ ପରିପାର୍ଶ୍ୱିକ ଉନ୍ନୟନ ବିଭାଗ ପକ୍ଷରୁ ଦୁଇଦିନିଆ ଓଷ୍ଟିଓପାଥ୍ ଶିବିର ଶୁକ୍ରବାର କମ୍ପାନୀ କମ୍ୟୁନିଟି ସେଣ୍ଟରଠାରେ ଅନୁଷ୍ଠିତ ହୋଇଯାଇଛି। କମ୍ପାନୀର ସମ୍ବଲପୁର କ୍ଲଷ୍ଟର ମୁଖ୍ୟ କୈଳାସ ନାଥ ପାଣ୍ଡେଙ୍କ ମାର୍ଗଦର୍ଶନ ଓ ୟୁନିଟ ହେଡ ଦେବାଶିଷ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଶିବିର ହୋଇଛି। ଶିବିରକୁ ଓଡିଶା କ୍ଲଷ୍ଟର ହେଡ (ମାନବ ସମ୍ବଳ ଓ ମାଇନ୍ସ) କ୍ରିଷ୍ଣା ପାଢ଼ୀ ଉଦ୍‌ଘାଟନ କରିଥିଲେ। ହିଣ୍ଡାଲ୍‌କୋ ପରିପାର୍ଶ୍ୱିକ ଉନ୍ନୟନ ବିଭାଗର କ୍ଲଷ୍ଟର ହେଡ ଶିବ ମହାପାତ୍ର, ହୀରକୁଦ ବରିଷ୍ଠ ନାଗରିକ ସଂଗଠନ ସଭାପତି ସୁରେନ୍ଦ୍ର କୁମାର ଚୌବେ, ବିଶେଷଜ୍ଞ ଡା. ନନ୍ଦକିଶୋର ପରାସର, ହିଣ୍ଡାଲ୍‌କୋ ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡା. ସୁବ୍ରତ ଚାଟାର୍ଜୀ, ହେଡ ଆଡମିନ ଆଣ୍ଡ ସିକ୍ୟୁରିଟି କର୍ନେଲ ସନ୍ଦୀପ ତିୱାରୀ ସମ୍ମାନିତ ଅତିଥି ଥିଲେ। ହୀରାକୁଦ ସହର ଓ ଗ୍ରାମାଞ୍ଚଳର ୨୨୯ ମହିଳାପୁରୁଷ ଶିବିରରେ ଚିକିତ୍ସିତ ହୋଇଥିଲେ। ବିଘ୍ନେଶ୍ୱର ପଣ୍ଡା, ଆନନ୍ଦ ଚକ୍ରବର୍ତ୍ତୀ, ରାଜ ସିଂହ, ସତ୍ୟପ୍ରକାଶ ପଣ୍ଡା, ଡା. ମାୟାଧର ସାହୁ, ସରୋଜ କୁମାର ଆଚାର୍ଯ୍ୟ, ସନ୍ତୋଷ କୁମାର ତ୍ରିପାଠୀ, ମିଳନ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ସଦେଇପାଲି ଖେଳପଡ଼ିଆରୁ ପାଣିଟାଙ୍କି ସ୍ଥାନାନ୍ତର ଦାବି

**ସମ୍ବଲପୁର,୨୨।୩ (ଭବାନୀ ଶଙ୍କର ଭୋଇ):** ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବୁର୍ଲା ସହରର ୫ନଂ ୱାର୍ଡ଼ ସଦେଇପାଲି ୟୁପି ସ୍କୁଲ ସମ୍ମୁଖରେ ଥିବା ଖେଳପଡିଆରେ ପାଣିଟାଙ୍କି ନିର୍ମାଣ ନ କରିବାକୁ ଗ୍ରାମର ଯୁବକମାନେ ଶୁକ୍ରବାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବରିଷ୍ଠ ଆଇନଜୀବୀ ଲକ୍ଷ୍ମୀଧର ମହାନ୍ତି, ପ୍ରଭାସ ପୃଷ୍ଟେଠ, କୈଳାସ ପ୍ରଧାନ, ସତ୍ୟନାରାୟଣ ମାହାରଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କୁ ଭେଟି ପାଣିଟାଙ୍କି ସ୍ଥାନ ପରିବର୍ତ୍ତନ କରିବା ସହ ସଦେଇପାଲି ପଡିଆର ସୁରକ୍ଷା ପାଇଁ ଦାବୀପତ୍ର ଜରିଆରେ ଅନୁରୋଧ କରିଛନ୍ତି।

### ଉଦୀୟମାନ ମାତୃକ୍ଷେତ୍ରରେ ହେବ ହୋଲି ଶିବିର

**ସମ୍ବଲପୁର,୨୨।୩ (ଭବାନୀ ଶଙ୍କର ଭୋଇ):** ଶ୍ରୀଅରବିନ୍ଦଙ୍କ ୧୫୦ତମ ଜନ୍ମବାର୍ଷିକୀ ତଥା ଉଦୀୟମାନ ମାତୃକ୍ଷେତ୍ରର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଆସନ୍ତା ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ୫୧ତମ ଶ୍ରୀଅରବିନ୍ଦ ହୋଲି ଶିବିର ଆୟୋଜନ କରାଯିବ। ଏହାସହ ସଙ୍ଗତି ମଣ୍ଡଳର ୨୫ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହେବ ବୋଲି ଶୁକ୍ରବାର ମାତୃକ୍ଷେତ୍ରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏଥିପାଇଁ ୨୪ ତାରିଖ ସକାଳେ ସମ୍ବଲପୁର, ବୁର୍ଲା, ହୀରାକୁଦ, ବ୍ରଜରାଜନଗର ଆଦି କେନ୍ଦ୍ରମାନଙ୍କରୁ କଳସଯାତ୍ରା ବାହାରି ମାତୃକ୍ଷେତ୍ରଠାରେ ପହଞ୍ଚିବ। ଆଧ୍ୟାତ୍ମିକ ପତାକା ଉତ୍ତୋଳନ କରାଯାଇ ହୋଲି ଶିବିର ଉଦ୍‌ଘାଟନ କରାଯିବ। ତିନିଦିନ ଧରି ଆୟୋଜିତ କାର୍ଯ୍ୟକ୍ରମ ହୋଲିର ଆଧ୍ୟାତ୍ମିକ ଦିଗକୁ ବୁଝିବା ପାଇଁ ସହଯୋଗ କରିବ ବୋଲି ଖବରଦାତା ସମ୍ମିଳନୀରେ ସଙ୍ଗତି ମଣ୍ଡଳର ଆବାହକ ପ୍ରଫୁଲ୍ଲ ପଣ୍ଡା, ମନୋରଞ୍ଜନ ପଟ୍ଟନାୟକ ଓ ବିରେନ୍ଦ୍ର ପାଣିଗ୍ରାହୀ ସୂଚନା ଦେଇଛନ୍ତି।



ଡେବ୍ରିଗଡ଼ ଅଭୟାରଣ୍ୟରେ ହାଇକରମାନେ।

# ଡେବ୍ରିଗଡ଼ ଅଭୟାରଣ୍ୟରେ ଦୁଃସାହସିକ ପରିଭ୍ରମଣ

**ସମ୍ବଲପୁର,୨୨।୩(ପ୍ରମୋଦ ବହିଦାର)**

**ଭାଗନେଲେ ବିଭିନ୍ନ ରାଜ୍ୟର ୨୨ ଉତ୍ସାହୀ ହାଇକର୍**

ସମ୍ବଲପୁର ଜିଲା ହୀରାକୁଦ ବନ୍ୟପ୍ରାଣୀ ବିଭାଗ ଆନୁକୂଲ୍ୟରେ ଡେବ୍ରିଗଡ଼ ଅଭୟାରଣ୍ୟରେ ତିନିଦିନିଆ ହାଇକିଂ (ଦୁଃସାହସିକ ପରିଭ୍ରମଣ) କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। ବନ୍ୟପ୍ରାଣୀ ବିଭାଗ ପ୍ରକୃତି ଶିକ୍ଷା ଅଭିଯାନ ଅନ୍ତର୍ଗତ ହୀରାକୁଦ ବନ୍ୟପ୍ରାଣୀ ବିଭାଗ ଓ ଭାରତର ବିଶିଷ୍ଟ ଟ୍ରାକିଂ ସଂଗଠନ ଇଣ୍ଡିଆ ହାଇକର୍ସର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଦୁଇରାତି ଓ ତିନିଦିନ ଧରି ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ, ଉତ୍ତରପ୍ରଦେଶ, ତାମିଲନାଡୁ, ମଧ୍ୟପ୍ରଦେଶ, ପଞ୍ଜାବ, ହରିୟାଣା, କେରଳ, କର୍ନାଟକ, ଚଣ୍ଡିଗଡ଼, ଝାଡ଼ଖଣ୍ଡ ଓ ଦିଲ୍ଲୀ ଆଦି ଅଞ୍ଚଳରୁ ପ୍ରାୟ ୨୨ ଜଣ ଉତ୍ସାହୀ ହାଇକର୍ ଭାଗ ନେଇଥିଲେ। ସେମାନେ ସମସ୍ତେ ପେଶାଗତ ଟ୍ରାକର୍ ଓ ହାଇକର୍। ଏପରି କି ହିମାଳୟର ବରଫାବୃତ୍ତ ରାସ୍ତାରେ ମଧ ଟ୍ରାକିଂରେ ସେମାନେ ବେଶ ଅଭିଜ୍ଞ। ଏହି ଅବସରରେ ଅଂଶଗ୍ରହଣକାରୀ ଡେବ୍ରିଗଡ଼ ଅଭୟାରଣ୍ୟ ଅନ୍ତର୍ଗତ ପାର୍ବତ୍ୟ ଉପତ୍ୟକା, ପର୍ବତ ଶିଖର, ବିସ୍ତୃର୍ଣ୍ଣ ତୃଣଭୂମି, ହୀରାକୁଦ ଜଳଭଣ୍ଡାର ମଧ୍ୟରେ ରହିଥିବା ବିଭିନ୍ନ ଭୂଖଣ୍ଡ ଓ ଦୀପ ଆଦି ପରିଦର୍ଶନ କରିଥିଲେ।

ପ୍ରଥମ ଦିବସରେ ପଦଯାତ୍ରୀମାନେ ଅଭୟାରଣ୍ୟର ୫ଶହ ଫୁଟ୍ ଉଚ୍ଚ ପର୍ବତ ଶିଖରରେ ଥିବା ରାଣୀବସାରେ ପହଞ୍ଚି ତମ୍ବୁ ପକାଇ ରାତ୍ରୀ ଯାପନ କରିଥିଲେ। ପରଦିନ ସେମାନେ ପର୍ବତରୁ ଓହ୍ଲାଇ ବାଟ୍ ଆଇଲାଣ୍ଡ (ବାଦୁଡ଼ିଦୀପ) ଓ ହୀରାକୁଦ ଜଳଭଣ୍ଡାର ମଧ୍ୟରେ ରହିଥିବା ଅନେକ ନିର୍ଜନ ଦୀପ ଆଦି ଭ୍ରମଣ କରିଥିଲେ। ଉକ୍ତଦିନ ସେମାନେ ଗୋରୁଦୀପରେ ଅସ୍ଥାୟୀ ଶିବିର ପକାଇ ରାତ୍ରୀଯାପନ କରିଥିଲେ। ପ୍ରଥମଥର ପାଇଁ ଗୋରୁଦୀପରେ ଏଭଳି ଏକ ପରିବେଶ ଅନୁକୂଳ ଦୁଃସାହସିକ ଭ୍ରମଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ହାଇକର୍‌ମାନଙ୍କ ପକ୍ଷରୁ ସ୍ୱଚ୍ଛତା ପ୍ରତି ବିଶେଷ ଧ୍ୟାନ ଦିଆଯାଇଥିଲା। ସେମାନେ ରାତ୍ରି ଯାପନ କରିଥିବା ଅସ୍ଥାୟୀ ଶିବିର ଗୁଡ଼ିକରେ ଆଦୌ ପ୍ଲାଷ୍ଟିକ ସାମଗ୍ରୀ ବ୍ୟବହାର କରି ନ ଥିଲେ କି ବ୍ୟବହାର କରିଥିବା ସାମଗ୍ରୀକୁ ଏଣେତେଣେ ଫୋପାଡ଼ି ନ ଥିଲେ। ଇଣ୍ଡିଆ ହାଇକର୍ସ ସଂସ୍ଥାର ଦୁଇଜଣ ଅଭିଜ୍ଞ ଓ ପ୍ରକୃତି ବିଶେଷଜ୍ଞଙ୍କ ନେତୃତ୍ୱରେ ଆୟୋଜିତ ଦୁଃସାହସିକ ଯାତ୍ରାରେ ପ୍ରକୃତି ସହ ଯୋଗାଯୋଗ, ଉଦ୍ଭିଦ ସହ କଥାବାର୍ତ୍ତା ଭଳି କେତେକ କୌତୁକିଆ କାର୍ଯ୍ୟକ୍ରମକୁ ଅଂଶଗ୍ରହଣକାରୀ ବେଶ୍ ଉପଭୋଗ କରିଥିଲେ। ସେମାନେ ଭ୍ରମଣକାରୀଙ୍କ ସହିତ ରହି ବଣ୍ୟପ୍ରାଣୀ ଓ ପକ୍ଷୀ ବିବିଧତା ସମ୍ପର୍କରେ ଅବଗତ କରିଥିଲେ।

# ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ଗିରଫଦାରିକୁ ଏଏପିର ବିରୋଧ

**ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର**

**ସମ୍ବଲପୁର,୨୨।୩(ପ୍ରମୋଦ ବହିଦାର)**



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏଏପି କର୍ମକର୍ତ୍ତାଙ୍କ ବିକ୍ଷୋଭ।

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଗୁରୁବାର ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଗିରଫଦାରିକୁ ଆମ ଆଦ୍‌ମୀ ପାର୍ଟି (ଏଏପି) ସମ୍ବଲପୁର ଶାଖା ପକ୍ଷରୁ ବିରୋଧ କରାଯାଇଛି। ଏହି ଘଟଣାକୁ ତୀବ୍ର ନିନ୍ଦା କରି ଏଏପି ଏହାକୁ ଗଣତନ୍ତ୍ରର ହତ୍ୟା ବୋଲି ଅଭିହିତ କରିଛି। ଏହିପରିପ୍ରେକ୍ଷୀରେ ଶୁକ୍ରବାର ପୂର୍ବାହ୍ନରେ ସମ୍ବଲପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ୨ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା ମାମଲାରେ ଏଏପି ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କୁ ଗିରଫ କରିବା ପଛରେ ଦିଲ୍ଲୀର ନିର୍ବାଚିତ ସରକାରଙ୍କୁ ଗାଦିଚ୍ୟୁତ କରିବା ପାଇଁ କ୍ଷମତାସୀନ ସରକାରଙ୍କ ଏକ ହୀନ ଷଡ଼ଯନ୍ତ୍ର ବୋଲି ଦଳ ପକ୍ଷରୁ କୁହାଯାଇଛି। ଏ ନେଇ ଏଏପି ସମ୍ବଲପୁର ଜିଲା ସଂଯୋଜକ ଲାଲମଣି ଲୁଗୁନ, ବୀରେନ୍ଦ୍ର ପାଣିଗ୍ରାହୀ, ଭୂପେନ ସାହୁ, ଜୟକୃଷ୍ଣ ଓରାମ, କୁଞ୍ଜ ରୋହିଦାସ, ରଜନୀରଞ୍ଜନ ପଟ୍ଟନାୟକ, ସ୍ୱପ୍ନିଳ ମିଶ୍ର, ଦୀପକ କୁମାର ସହାୟ, ମହମ୍ମଦ ଆଲ୍ଲାଦ୍ଦିନ ସିଦ୍ଦିକି ପ୍ରମୁଖ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

# ବିକାଶରେ ବିଶ୍ୱ ଜଙ୍ଗଲ ଓ କବିତା ଦିବସ

**ସମ୍ବଲପୁର,୨୨।୩(ବି.ଶଙ୍କର)**



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ସମ୍ବଲପୁର ଶାସନସ୍ଥିତ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସଭାକକ୍ଷରେ ଶୁକ୍ରବାର ବିଶ୍ୱ କବିତା ଦିବସ ଓ ବିଶ୍ୱ ଜଙ୍ଗଲ ଦିବସ ପାଳିତ ହୋଇଯାଇଛି। ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସମ୍ବଲପୁର ରାଷ୍ଟ୍ରୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍)ର ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ହୋଇଥିଲା। କବିତାର ମହତ୍ତ୍ୱ ତଥା ମଣିଷ ଜୀବନରେ କବିତାର ମୂଲ୍ୟକୁ ସଂସ୍କୃତ ଅଧ୍ୟାପିକା ନନ୍ଦିନୀ କର୍ଣ୍ଣ ଓ ଓଡ଼ିଆ ଅଧ୍ୟାପିକା ଚିନ୍ମୟୀ ବାରିକ ନିଜର ବକ୍ତବ୍ୟ ମାଧ୍ୟମରେ ଆଲୋଚନା କରିଥିଲେ। ଏହି ଅବସରରେ କଲେଜ ଅଧ୍ୟକ୍ଷ ସଞ୍ଜୀବ କୁମାର ବାବୁ ପ୍ରତ୍ୟେକ ବ୍ୟକ୍ତି ନିଜ ଜନ୍ମଦିନରେ ଅତି କମ୍‌ରେ ଗୋଟିଏ ଚାରା ରୋପଣ କରିବାକୁ ଆହ୍ୱାନ ଦେଇଥିଲେ। ଛାତ୍ରୀଛାତ୍ର ସ୍ୱରଚିତ କବିତା ପାଠକରି ସଚେତନତା ସୃଷ୍ଟି କରିଥିଲେ। ଏନ୍‌ଏସ୍‌ଏସ୍ କାର୍ଯ୍ୟକାରୀ ସଂଯୋଜକ ମନୋରଞ୍ଜନ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ କଲେଜ ଛାତ୍ରୀ ଅନ୍ୱେଷା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

## ଏପ୍ରିଲ ୨ରୁ ହିତାଧିକାରୀଙ୍କୁ ଏଲ୍‌ଆର୍‌ସି ବଣ୍ଟନ

**ସମ୍ବଲପୁର,୨୨।୩(ପ୍ରମୋଦ ବହିଦାର)**

ସମ୍ବଲପୁର ସହରାଞ୍ଚଳର ବସ୍ତି ବାସିନ୍ଦାଙ୍କୁ ଓଡ଼ିଶା ସରକାରଙ୍କ ଜାଗା ମିଶନ ଯୋଜନାରେ ବାସୋପଯୋଗୀ ଜମି ବଣ୍ଟନ ଆରମ୍ଭ ହୋଇଛି। ତେବେ ଆଗାମୀ ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା ହେବା ସହ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଛି। ଏହା ସତ୍ତ୍ୱେ ପଞ୍ଜୀକୃତ ହୋଇଥିବା ହିତାଧିକାରୀଙ୍କୁ ଜମି ଅଧିକାର ସାର୍ଟିଫିକେଟ୍ (ଏଲ୍‌ଆର୍‌ସି) ବଣ୍ଟନ ଅବ୍ୟାହତ ରହିବ ବୋଲି ସମ୍ବଲପୁର ମହାନଗର ନିଗମ କମିଶନର ବେଦଭୂଷଣ ସୂଚନା ଦେଇଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ଆଭାସୀ ମାଧ୍ୟମରେ ସୂଚନା ଦେଇ ବେଦଭୂଷଣ କହିଛନ୍ତି, ସମ୍ବଲପୁର ସହରାଞ୍ଚଳରେ ଜାଗା ମିଶନ ଯୋଜନାରେ ୧୦୦୫ ହିତାଧିକାରୀ ପଞ୍ଜିକୃତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୭୭୪୭ ଜଣଙ୍କୁ ଏଲ୍‌ଆର୍‌ସି ବଣ୍ଟନ କରାଯାଇ ସାରିଥିବା ବେଳେ ଅବିଶିଷ୍ଟଙ୍କୁ ଆସନ୍ତା ଏପ୍ରିଲ୍ ୨ରୁ ବଣ୍ଟନ କରାଯିବ। ଏହା ଏପ୍ରିଲ୍ ୨୦ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଏହି ସମୟ ମଧ୍ୟରେ କୌଣସି କାରଣରୁ ଆସିପାରି ନ ଥିବା ହିତାଧିକାରୀଙ୍କୁ ପ୍ରତ୍ୟେକ ମଙ୍ଗଳବାର ଏଲ୍‌ଆର୍‌ସି ପ୍ରଦାନର ବ୍ୟବସ୍ଥା କରାଯାଇଛି। ମାତ୍ର ବର୍ତ୍ତମାନ ନିର୍ବାଚନ ଆଚରଣ ବିଧି ହେତୁ ଜାଗା ପାଇଁ ନୂତନ ଭାବେ ଆବଦେନକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି ବୋଲି ସେ କହିଛନ୍ତି।

# ୧୮ ସମ୍ବେଦନଶୀଳ ବୁଥ୍ ଚିହ୍ନଟ

**ରେଢ଼ାଖୋଲ,୨୨।୩(ଅଚ୍ୟୁତାନନ୍ଦ ପୁରୋହିତ)**

**ରେଢ଼ାଖୋଲ ବିଧାନସଭା ନିର୍ବାଚନମଣ୍ଡଳୀ**

ରେଢାଖୋଲ ବିଧାନସଭା ନିର୍ବାଚନ ମଣ୍ଡଳୀ-୧୮ରେ ମୋଟ ୨ଲକ୍ଷ ୧ହଜାର ୩୩୨ ଭୋଟର ଆସନ୍ତା ନିର୍ବାଚନରେ ମତଦାନ କରିବେ। ଶୁକ୍ରବାର ଅୟୋଜିତ ଖବରଦାତା ସମ୍ମିଳନୀରେ ନିର୍ବାଚନ ଅଧିକାରୀ ତଥା ରେଢାଖୋଲ ଉପଜିଲାପାଳ ରଶ୍ମିରଞ୍ଜନ ମହାନ୍ତ ଏହି ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି, ମୋଟ ଭୋଟରଙ୍କ ମଧ୍ୟରୁ ୧ଲକ୍ଷ ୯୦୧ ଜଣ ପୁରୁଷ, ୧ଲକ୍ଷ ୪୧୬ ମହିଳା ଓ ୧୫ ଜଣ ତୃତୀୟଲିଙ୍ଗ ଭୋଟର ରହିଛନ୍ତି। ଚଳିତବର୍ଷ ୧୮ରୁ ୧୯ ବର୍ଷ ମଧ୍ୟରେ ସମୁଦାୟ ୪ହଜାର ୮୩୨ ଜଣ ନୁତନ ଭୋଟର ସାମିଲ ହୋଇଛନ୍ତି। ୫ହଜାର ୩୧୩ଜଣ ଦିବ୍ୟାଙ୍ଗ ଭୋଟର ରହିଥିବା ବେଳେ ୧ହଜାର ୬୭୧ ଜଣ ବରିଷ୍ଠ ନାଗରିକ ଓ ୪ଶହ ସରକାରୀ ଚାକିରିଆ ଭୋଟର ମତଦାନ କରିବେ। ନିର୍ବାଚନ ମଣ୍ଡଳୀରେ ସମୁଦାୟ ୨୫୨ ବୁଥ୍ ରହିଥିବା ବେଳେ ଏଥିମଧ୍ୟରୁ ୧୮ଟି ସମ୍ବେଦନଶୀଳ ବୋଲି ସୂଚନା ଦେଇଛନ୍ତି। ନିର୍ବାଚନ ପାଇଁ ସୁନାମୁଦି, ଗୁଞ୍ଜିଘରା, କଣ୍ଡଳ, ପଲସାବୁରୀ ଓ ଧାତୁକିମାଳ ଆଦି ୫ ନୁତନ ବୁଥ୍ କରାଯାଇଛି। ରେଢାଖୋଲ ଏନ୍‌ଏସିର ପୁରୁଣାଗଡ ବୁଥ୍‌କୁ ଦିବ୍ୟାଙ୍ଗମାନେ ପରିଚାଳନା କରିବେ ବୋଲି ଉପଜିଲାପାଳ ସୂଚନା ଦେଇଛନ୍ତି।



ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି ନିର୍ବାଚନ ଅଧିକାରୀ।

# ଶାରୀରିକ ଶିକ୍ଷା ଶିକ୍ଷକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

**ସମ୍ବଲପୁର,୨୨।୩(ବି.ଶଙ୍କର)**

ସମ୍ବଲପୁର ଜିଲା ଶିକ୍ଷା ବିଭାଗ ପକ୍ଷରୁ ଜିଲାସ୍ତରୀୟ ଶାରୀରିକ ଶିକ୍ଷା ଶିକ୍ଷକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଶୁକ୍ରବାର ସିନ୍ଦୂରପଙ୍କସ୍ଥିତ ଜନାର୍ଦ୍ଦନ ପୂଜାରୀ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ଶାରୀରିକ ଶିକ୍ଷା ଶିକ୍ଷକଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମୂରଲୀଧର ବେହେରା ଓ ଜୟଶ୍ରୀ ଦୋରା, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ସୁଜାତା ପଟ୍ଟନାୟକ ଓ ଜନାର୍ଦ୍ଦନ ପୂଜାରୀ, ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ମୀରା ପଟେଲ ସମ୍ମାନିତ ଅତିଥି ଥିଲେ। ସଭାକୁ ଶାରିରିକ ଶିକ୍ଷା ଶିକ୍ଷକ ସତ୍ୟ ରଞ୍ଜନ ପଣ୍ଡା ପରିଚାଳନା କରି ଥିବାବେଳେ ପ୍ରକାଶ ପଣ୍ଡା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲାରୁ ୧୩୦ଜଣ ଶାରୀରିକ ଶିକ୍ଷା ଶିକ୍ଷକ ଯୋଗଦେଇଥିଲେ। ଶିକ୍ଷକ ଜଗବନ୍ଧୁ ବେହେରା, ଲକ୍ଷ୍ମଣ ନାଥ, କୈଳାସ ଚନ୍ଦ୍ର ନାୟକ, ଉଦିତ ପ୍ରତାପ ଦେଓ, ସୌଭାଗ୍ୟ ପଟେଲ, ପ୍ରଦୀପ ପଟେଲ, କୃଷ୍ଣଚନ୍ଦ୍ର ପଟେଲ, ବାସୁଦେବ ସାହୁ, ବୁଦ୍ଧରାମ ବିଶି, ଗନେ କାଉ, ପ୍ରମୋଦ ପଟେଲ, ପ୍ରବୀଣ ପଟେଲଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।



ଜିଲାସ୍ତରୀୟ ଶାରୀରିକ ଶିକ୍ଷା ଶିକ୍ଷକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ।

# ଏନ୍‌ଏସ୍‌ସିବି ମହାବିଦ୍ୟାଳୟରେ ଆତ୍ମରକ୍ଷା କୌଶଳ ଶିବିର

**ସମ୍ବଲପୁର,୨୨।୩(ବି.ଶଙ୍କର)**

ସମ୍ବଲପୁରର ନେତାଜୀ ସୁଭାଷ ଚନ୍ଦ୍ର ବୋଷ (ଏନ୍‌ଏସ୍‌ସିବି) ସରକାରୀ ମହାବିଦ୍ୟାଳୟରେ ଆତ୍ମରକ୍ଷା କୌଶଳ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀଙ୍କ ପାଇଁ ୨୦ଦିନ ଧରି ପ୍ରଶିକ୍ଷଣ ଶିବିର ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ହରପାଲ ଶିବିରର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ନାତକୋତ୍ତର ଇତିହାସ ବିଭାଗ ମୁଖ୍ୟ ପ୍ରଫେସର ଦୁର୍ଲ୍ଲଭ କୁମାର ସା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆତ୍ମବିଶ୍ୱାସ ବଜାୟ ରଖି ମାନସିକ ଓ ଶାରୀରିକ ଭାବେ ପ୍ରସ୍ତୁତ ରହିବାକୁ ଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ସ୍ନାତକୋତ୍ତର ଓଡ଼ିଆ ବିଭାଗ ମୁଖ୍ୟ ଡ. ଶ୍ୟାମ ଭୋଇ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ବିଭିନ୍ନ ଉଦାହରଣ ମାଧ୍ୟମରେ ଆତ୍ମରକ୍ଷା କୌଶଳ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ରେଡିଓ ହୀରାଖଣ୍ଡର ଉପନିର୍ଦ୍ଦେଶିକା ପିଙ୍କି ପ୍ରଧାନ ଯୋଗଦେଇ ଆତ୍ମରକ୍ଷା କୌଶଳର ଗୁରୁତ୍ୱ ସମ୍ପର୍କରେ ଛାତ୍ରୀମାନଙ୍କୁ ବୁଝାଇଥିଲେ। ଆତ୍ମରକ୍ଷା ପ୍ରଶିକ୍ଷଣ କ୍ଲବର ସଂଯୋଜିକା ଅଧ୍ୟାପିକା ପ୍ରିୟଦର୍ଶିନୀ ବେଉରା ସଭା ପରିଚାଳନା କରିଥିଲେ। ଅଧ୍ୟାପିକା ରୋଜାଲୀ ସେଠ ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରରେ ୧୭୦ରୁ ଅଧିକ ଛାତ୍ରୀ ଅଂଶଗ୍ରହଣ କରିଥିଲେ।

# ସନ୍ତାନ ଭଳି ବୃକ୍ଷର ଯତ୍ନ ନେବା ଆବଶ୍ୟକ

**କୁଚିଣ୍ଡା,୨୨।୩(ବିରଞ୍ଚି ଦର୍ଲା)**

**ବାମରାରେ ବିଶ୍ୱ ବନ ଦିବସ**

ବାମରା ବନ୍ୟପ୍ରାଣୀ ଡିଭିଜନ ପକ୍ଷରୁ ବାମରା ରେଞ୍ଜ କାର୍ଯ୍ୟାଳୟଠାରେ ଗୁରୁବାର ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ବାମରା ଡିଏଫ୍‌ଓ ସମୀର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ସମ୍ବଲପୁର ଆର୍‌ସିସିଏଫ୍ ଟି. ଅଶୋକ କୁମାର ମୁଖ୍ୟଅତିଥି, କୁଚିଣ୍ଡା କେନ୍ଦୁପତ୍ର ଡିଏଫ୍‌ଓ ଦେବାର୍ଚ୍ଚନ ବେହେରା, ସମ୍ବଲପୁର ୱାର୍କିଂ ପ୍ଲାନ ଅଧିକାରୀ ଜିତେନ୍ଦ୍ର କୁମାର ବେହେରା, ବାମରା ଟ୍ରଷ୍ଟ ଫଣ୍ଡ କଲେଜର ଅଧ୍ୟକ୍ଷ ଅଶୋକ ମେହେର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ମଣିଷ ବଞ୍ଚିବା ପାଇଁ ଖାଦ୍ୟ ଛଡା ବୃକ୍ଷ ହିଁ ଭରସା। ତେଣୁ ସମସ୍ତେ ବୃକ୍ଷକୁ ସନ୍ତାନ ଦୃଷ୍ଟିରେ ଦେଖି ଏହାର ସୁରକ୍ଷା କଲେ ଯାଇ ମଣିଷ ସମାଜ ତିଷ୍ଠିପାରିବ ବୋଲି ଅତିଥିମାନେ କହିଥିଲେ। ଏଥିରେ ବାମରା ଭାରପ୍ରାପ୍ତ ରେଞ୍ଜର ଦୀପକ ମହାନନ୍ଦ, ବଡରମା ରେଞ୍ଜର ଗିରିଧାରୀ ପ୍ରଧାନ, ଭୋଜପୁର ଓ କୁଚିଣ୍ଡା ରେଞ୍ଜର ଲକ୍ଷ୍ମୀ ନାରାୟଣ ନାୟକ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଅତିଥିଗଣ ଛାତ୍ରୀଛାତ୍ରଙ୍କୁ ନେଇ ବୃକ୍ଷରୋପଣ କାର୍ଯ୍ୟକ୍ରମ କରିଥିଲେ। ବାମରା ଏସିଏଫ୍ ଆଲୋକ ଷଡଙ୍ଗୀ ସଭା ପରିଚାଳନା କରି ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଡିଭିଜନ ଅଧୀନସ୍ଥ ସମସ୍ତ ଫରେଷ୍ଟର, ଫରେଷ୍ଟ ଗାର୍ଡ ଓ ୱାଚରମାନେ ଯୋଗଦେଇଥିଲେ।



ଛାତ୍ରୀମାନେ ଚାରା ରୋପଣ କରୁଛନ୍ତି।

# ବିକାଶ ପାଇଁ ମହିଳାଙ୍କୁ ଉତ୍ସାହିତ କରିବା ଲକ୍ଷ୍ୟ

**ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ନାରୀଶକ୍ତି କାର୍ଯ୍ୟକ୍ରମ**

**ସମ୍ବଲପୁର,୨୨।୩ (ଭବାନୀ ଶଙ୍କର ଭୋଇ)**



ନାରୀଶକ୍ତି କାର୍ଯ୍ୟକ୍ରମରେ ସାମିଲ ମହିଳାମାନେ।

ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଭତରା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ମହିଳା ସଚେତନତା କାର୍ଯ୍ୟକ୍ରମ ନାରୀଶକ୍ତି ଅନୁଷ୍ଠିତ ହୋଇଯାଇଛି। ସହ ସଂଯୋଜିକା ଝୁନୁ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଭତରା ଓ ଧନୁପାଲି ଅଞ୍ଚଳର ୫୦ଜଣ ମହିଳା ଅଂଶଗ୍ରହଣ କରିଥିଲେ। ମହିଳାମାନେ ପରିବାରର ସମସ୍ୟା ଭିତରେ ବାନ୍ଧି ହୋଇ ନିଜର ବ୍ୟକ୍ତିଗତ ପ୍ରତିଭାର ବିକାଶ ଦିଗରେ ଧ୍ୟାନ ଦେଇପାରୁ ନାହାନ୍ତି। ସେମାନଙ୍କୁ ନିଜର ପ୍ରତିଭା ପ୍ରଦର୍ଶନ ଓ ବିକାଶ ଦିଗରେ ଉତ୍ସାହିତ କରିବାକୁ ନାରୀଶକ୍ତି ଅଭିଯାନ ଜରିଆରେ ଚେଷ୍ଟା କରାଯାଉଥିବା କାର୍ଯ୍ୟକ୍ରମର ସହସଂଯୋଜିକା ମତ ପ୍ରକାଶ କରିଥିଲେ। ଏହାସହ ବହୁ ମହିଳାଙ୍କ ଭିତରେ ସମାଜକୁ ଦିଗଦର୍ଶନ ଦେବାର କ୍ଷମତା ରହିଥିବା ସତ୍ତ୍ୱେ ସେମାନେ ସୁଯୋଗ ପାଇପାରୁ ନ ଥିବା ମତପୋଷଣ କରିଥିଲେ। ସମାଜରେ ପ୍ରତ୍ୟେକ ନାରୀ ଆଉ ଜଣେ ନାରୀଙ୍କୁ ସହଯୋଗ କରିବାକୁ ଚେଷ୍ଟା କଲେ ପୁରା ସମାଜ ଆଗକୁ ବଢିପାରିବ ବୋଲି ପଶ୍ଚିମାଞ୍ଚଳ ଏକତା ମଞ୍ଚର କେନ୍ଦ୍ରୀୟ କମିଟି ସଦସ୍ୟା କାନ୍ତି ମେହେର କହିଥିଲେ। ନାରୀମାନେ ପୂର୍ବରୁ କେବଳ ଶ୍ୱଶୁର ଘର ପରିବାରର ଦାୟିତ୍ୱ ନେଉଥିବା ବେଳେ ଏବେ ଅନେକ ମହିଳା ନିଜ ମା'ବାପାଙ୍କ ପରିବାର ଦାୟିତ୍ୱ ତୁଲାଉଥିବା କହିଥିଲେ। ପୁରୁଷମାନେ ମଧ ସ୍ତ୍ରୀଙ୍କ କାମରେ ସହଯୋଗ କରି ସେମାନଙ୍କୁ ବିଭିନ୍ନ ଦିଗରେ କାର୍ଯ୍ୟ କରିବାକୁ ଉତ୍ସାହିତ କରୁଥିବା ନୃତ୍ୟଗୁରୁ ତଥା ନାରୀଶକ୍ତିର ସଂଗଠିକା ପଙ୍କଜିନୀ ବୈଠାରୁ କହିଥିଲେ। ଏହି ଅବସରରେ ଅନେକ ମହିଳା ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ମହିଳାମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିବା ପାଇଁ ଏକ କୁଇଜ୍ ପ୍ରତିଯୋଗିତା କରାଯାଇ ପୁରସ୍କାର ପ୍ରଦାନ କରାଯାଇଥିଲା। ନାରୀଶକ୍ତିର ମହିଳା ସଂଗଠିକା ସୁଜାତା ଗୁରୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛବି ପତି, ସଂଘମିତ୍ରା ପଣ୍ଡା, ସରିତା ଧଳ, ଦେବଶ୍ରୀ ମହାପାତ୍ର, ଶାନ୍ତିଲତା ଝାଙ୍କର ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଶେଷରେ ନାରୀଶକ୍ତିର ସମ୍ବଲପୁର ସଂଯୋଜିକା ସ୍ୱପ୍ନିକା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରାଣୀ ଚିକିତ୍ସାଳୟରେ ତାଲା, ଚାଷୀ ମହଲରେ ଅସନ୍ତୋଷ

ସିନାପାଲି,୨୨।୩(ମନଫୁଲ ମେହେର)

**ସିନାପାଲି ପ୍ରାଣୀ ଚିକିତ୍ସାଳୟ**




ନୂଆପଡ଼ା ଜିଲା ସିନାପାଲି ପ୍ରାଣୀ ଚିକିତ୍ସାଳୟରେ ଅବ୍ୟବସ୍ଥା ଦେଖା ଦେଇଥିବା ଅଭିଯୋଗ ହୋଇଛି। ଦୀର୍ଘ ଦିନ ଧରି ଚିକିତ୍ସାଳୟରେ ତାଲା ପଡ଼ିରହୁଥିବାରୁ ଚାଷୀ ତଥା ଅଞ୍ଚଳର ଜନସାଧାରଣ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶଯୋଗ୍ୟ ଯେ, ସିନାପାଲି ଅଞ୍ଚଳର ଜନସାଧାରଣ ପ୍ରାୟତଃ କୃଷି ଉପରେ ନିର୍ଭର କରନ୍ତି। ଚାଷ କାର୍ଯ୍ୟ ପାଇଁ ଗାଇ ଗୋରୁ ରହିଥିବା ବେଳେ ଅନେକ ଚାଷୀ ଦୁଇ ପଇସା ରୋଜଗାର କରି ପରିବାର ପ୍ରତିପୋଷଣ କରିବା ପାଇଁ ଛେଳି, ମେଣ୍ଢା ସମେତ ଅନେକ ଗୃହ ପାଳିତ ପଶୁ ପକ୍ଷୀ ଚାଷ କରୁଛନ୍ତି। ଏପରିକି ଚାଷୀମାନଙ୍କୁ ସ୍ୱାବଲମ୍ବୀ ହେବା ପାଇଁ ସରକାରଙ୍କ ପକ୍ଷରୁ ଉନ୍ନତମାନର କୁକୁଡ଼ା, ବତକ, ଛେଳି, ଗାଇ ରିହାତିରେ ଯୋଗାଉଛନ୍ତି। ହେଲେ ଏଠାରେ ନିୟୋଜିତ ପ୍ରାଣୀ ଚିକିତ୍ସା ଅଧିକାରୀ ଅନୁପସ୍ଥିତ ରହୁଥିବା ବେଳେ ଅନେକାଂଶ ସମୟରେ ତାଲା ପଡ଼ିରହୁଥିବା ଦେଖିବାକୁ ମିଳୁଛି। ଏପରି କି ବିଭିନ୍ନ ସମୟରେ ଚାଷୀମାନେ ପରାମର୍ଶ ପାଇଁ ଫୋନରେ ଯୋଗାଯୋଗ କଲେ ମଧ୍ୟ କୌଣସି ଉତ୍ତର ମିଳୁନାହିଁ। ଫଳରେ ପଶୁ, ପକ୍ଷୀମାନଙ୍କୁ ଆବଶ୍ୟକ ଚିକିତ୍ସା ଅଭାବରୁ ଅକାଳରେ ମୃତ୍ୟୁ ଘଟୁଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ସରକାରଙ୍କ ପକ୍ଷରୁ ଭ୍ରାମ୍ୟମାଣ ଗାଡ଼ିରେ ଚିକିତ୍ସା ସୁବିଧା ଯୋଗାଇବାକୁ ନିର୍ଦ୍ଦେଶ ରହିଥିବା ବେଳେ ଏଠାରେ ତାହାର ବ୍ୟତିକ୍ରମ ଦେଖାଦେଇଛି। ଏହି ଘଟଣା ନେଇ ଅଭିଯୋଗ କରୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ ବୋଲି ଅଞ୍ଚଳର ଜନସାଧାରଣ ଓ ଚାଷୀମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ନୂଆପଡ଼ା ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ପଚାରିବାରୁ କିଛି ଦିନ ହେଲା ତାଲା ପଡ଼ିଥିବା ଖବର ପାଇଛି। ଘଟଣାର ତଦନ୍ତ କରୁଛି ଓ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

# ରାଲି କରିବା ପାଇଁ ଆମକୁ ଅନୁମତି ଦିଅ



ଦାବିପତ୍ର ଦେବା ପାଇଁ ଆସିଥିବା ଆଦିବାସୀ ସଂଘର କର୍ମକର୍ତ୍ତାବୃନ୍ଦ।

ନୂଆପଡ଼ା,୨୨।୩(ମକାରୁ ବେମାଲ)

**ଜିଲାପାଳଙ୍କୁ ଆଦିବାସୀ କଲ୍ୟାଣ ସଂଘର ଦାବିପତ୍ର**

ନୂଆପଡା ଜିଲା ଆଦିବାସୀ କଲ୍ୟାଣ ସଂଘ ଆଦିବାସୀମାନଙ୍କ ହକ ଅଧିକାର ଓ ବିଭିନ୍ନ ସମସ୍ୟା ଉପରେ ଜିଲାପାଳଙ୍କୁ ଜଣାଇବା ପାଇଁ ପାରମ୍ପାରିକ ଅସ୍ତ୍ରଶସ୍ତ୍ର ଧରି ରାଲିରେ ଆସିବା ପାଇଁ ଅନୁମତି ପାଇଁ ଆବେଦନ କରିଥିଲେ। ସରକାରଙ୍କ ନିର୍ବାଚନ ଆଦର୍ଶ ଆଚରଣବିଧି ଲାଗୁ ହୋଇଥିବାରୁ ମନୁମତି ମିଳିଲା ନାହିଁ। ହେଲେ ଏକ ସରକାରୀ ଦଳ ରାଲି କରି ବିଶାଳ ଜନସମାବେଶ କରିଥିବାରୁ ଜିଲା ଆଦିବାସୀ କଲ୍ୟାଣ ସଂଘ ବିରୋଧ କରୁଛି। ଆମକୁ ଅନୁମତି ମିଳିଲା ନାହିଁ ବୋଲି ରାଲିକୁ ବନ୍ଦ କରିଦେଲ। ନିର୍ଦ୍ଦିଷ୍ଟ ଏକ ଦଳ କେମିତି ରାଲି କରି ସଭା ସମିତି କରୁଛି। ଏହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଆଦିବାସୀ ସଂଘ ପକ୍ଷରୁ ଶୁକ୍ରବାର ଜିଲାପାଳ ହେମକାନ୍ତ ସାଏଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଜିଲା ଆଦିବାସୀ କଲ୍ୟାଣ ସଂଘ ପାରମ୍ପାରିକ ଅସ୍ତ୍ରଶସ୍ତ୍ର ଧରି ବାଧ ହୋଇ ରାଲି କରିବୁ ବୋଲି ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଆଦିବାସୀ କଲ୍ୟାଣ ସଂଘ ନୂଆପଡା ବ୍ଲକ ସଭାପତି ଭକ୍ତବନ୍ଧୁ ଧରୁଆ, ତିରଥ ରାମ ମାଝି, ଜ୍ଞାନେଶ୍ୱର ମାଝି, ରାମଶଙ୍କର ମାଝି, ରାମରାଜ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

# ଲୋକଙ୍କୁ ଭୟଭୀତ କରି ଲୁଟୁଥିଲେ: ଅଭିଯୋଗ ପରେ ଜେଲଗଲେ ବାବା

ପାଟଣାଗଡ଼,୨୨।୩(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ ଥାନା ସୁନାମୁଦୀ ଗାଁରେ ତନ୍ତ୍ରମନ୍ତ୍ର ସାଧନାକରି ଲୋକଙ୍କୁ ଅନ୍ଧବିଶ୍ୱାସର ବଶବର୍ତ୍ତୀ କରାଇ ଧୁଆଁବୁଲାଇବା ସହ ଶାରୀରିକ ମାନସିକ ନିର୍ଯାତନା ଦେଇ ଅର୍ଥ ଉପାର୍ଜନ କରୁଥିବା ଜଣେ ତାନ୍ତ୍ରିକ ବାବାଙ୍କୁ ଶୁକ୍ରବାର ପାଟଣାଗଡ଼ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। କୋର୍ଟ ଚାଲାଣ ହୋଇଥିବା ଭଣ୍ଡବାବା ଜଣକ ହେଲେ ମିତ୍ରଭାନୁ ଭୁଏ। ସୂଚନା ଅନୁସାରେ ୧ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ମିତ୍ରଭାନୁ ଗାଁର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ତନ୍ତ୍ରମନ୍ତ୍ର ସାଧନାକରି ମଣିଷ ଖପୁରୀ ଓ କୁଆଁରୀ ହାଡରଖି ପୂଜାପାଠ କରିଆସୁଥିଲେ। ଗ୍ରାମାଞ୍ଚଳର ଲୋକଙ୍କୁ ଅନ୍ଧବିଶ୍ୱାସର ବଶବର୍ତ୍ତୀ କରାଇ ରୋଗ, ଦୁଃଖ ଡାହାଣୀ ଛଡେଇବାର ପ୍ରତିଶ୍ରୁତି ଦେଉଥିଲେ। ଲୋକେ ତାଙ୍କ ହାବଭାବ ସହ କଥାକୁ ବିଶ୍ୱାସକରି ଚିନ୍ତିମତ ଭାବରେ ଅଭିଯୋଗ ନେଇ ତାଙ୍କ ପାଖକୁଆସୁଥିଲେ। ଭଣ୍ଡବାବା ଜଣକ ଏହାର ସୁଯୋଗନେଇ ତନ୍ତ୍ରମନ୍ତ୍ର କରି ଆସୁଥିବା ମହିଳା ଓ ପୁରୁଷମାନଙ୍କୁ ଭୟଭୀତ କରାଇବାସହ ବିଭିନ୍ନ ପ୍ରକାରେ ଶାରିରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଏପରିକି ଏହାର ଭିଡିଓ ସେ ତାଙ୍କ ସହଯୋଗୀଙ୍କ ମାଧ୍ୟମରେ ଉଠାଇ ତାଙ୍କ ସୋସିଆଲ ମିଡ଼ିଆରେ ଭାଇରାଲ କରିଆସୁଥିଲେ । କିଛିଦିନ ପୂର୍ବରୁ ଏପରି ଏକ ଭିଡିଓ ବଲାଙ୍ଗୀର ଏସପିଙ୍କ ଦୃଷ୍ଟିକୁ ଆସିଥିଲା। ବଲାଙ୍ଗୀର ଏସ୍‌ପି ଡିଜିଙ୍କ ସହ ଆଲୋଚନା ପରେ ଗ୍ରାମବାସୀଙ୍କ ସହଯୋଗରେ ଗୁରୁବାର ସନ୍ଧ୍ୟାରେ ଭଣ୍ଡତାନ୍ତ୍ରିକଙ୍କୁ ତନ୍ତ୍ରମନ୍ତ୍ର ପିଠରୁ ଗିରଫକରି ଥାନାକୁ ଆଣି ଅଟକ ରଖିଥିଲା। ରାତିତମାମ ପଚରାଉଚରା ପରେ ତନ୍ତ୍ରମନ୍ତ୍ର ପିଠରୁ ମଣିଷ ଖପୁରୀ ଓ କୁଆଁରୀ ହାଡ ପୋଲିସ ଜବତ କରିବା ସହ ଶୁକ୍ରବାର କୋର୍ଟ ଚାଲାଣ କରିଛି। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଏସଆଇ ବ୍ରଜକିଶୋର ପଣ୍ଡା ଙ୍କ ଠାରୁ ଜଣାପଡ଼ିଛି ।

# ଭାଜପାର ନିର୍ବାଚନୀ ପ୍ରସ୍ତୁତି ବୈଠକ




ଭାଜପାର ନିର୍ବାଚନୀ ପ୍ରସ୍ତୁତି ବୈଠକରେ ଉପସ୍ଥିତ ନେତୃମଣ୍ଡଳୀ।

ଜୁନାଗଡ଼,୨୨।୩(ଅଂଶୁମାନ ଯୋଶୀ)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବାଲିଛଡା ମଣ୍ଡିଠାରେ ଶୁକ୍ରବାର ଭାଜପାର ସ୍ଥାନୀୟ ନିର୍ବାଚନ ମଣ୍ଡଳୀସ୍ତରୀୟ ନିର୍ବାଚନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଆର୍ତ୍ତତ୍ରାଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କଳାହାଣ୍ଡି ଲୋକ ସଭା ସଂଯୋଜକ ଶିବ ପ୍ରସାଦ ମୁଣ୍ଡ, ସହ ସଂଯୋଜକ ଗୋଦାବରୀଶ ପାତ୍ର, ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ଜୁନାଗଡ ନଗରପାଳ ମୁକେଶ ଅଗ୍ରୱାଲ,ପୂର୍ବତନ ଜିଲା ସଭାପତି ଦେବେନ୍ଦ୍ର ମହାନ୍ତି,ଭାରତ ଦେଓ, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଦୀପ ଜ୍ୟୋତି ମୁଣ୍ଡ, ଜିଲା ଉପସଭାପତି ଅଜୟ ପାଣିଗ୍ରାହୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ମେହେର, ଜିଲା ସମ୍ପାଦକ ସତ୍ୟରଞ୍ଜନ ବେହେରା, ଲାଭାର୍ଥୀ ସଂଯୋଜକ କାଳୀ ପ୍ରସାଦ ରାୟଗୁରୁ, ଜିଲା ସଭାନେତ୍ରୀ ନିରୁପମା ନାଏକ, ଜିଲା ସମ୍ପାଦିକା କାଞ୍ଚନ ବେମାଲ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ଆଗାମୀ ସାଧାରଣ ନିର୍ବାଚନ ପାଇଁ ବିଭିନ୍ନ ରଣନିତୀ ପ୍ରସ୍ତୁତ କରାଯାଇଥିଲା। ମୋଦି ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାକୁ ତୃଣମୂଳସ୍ତରରେ ପହଞ୍ଚାଇବା ସହ ୪ଶହ ପାର ନାରାକୁ ସଫଳ କରିବା ସହ ଓଡିଶାରେ ଭାଜପା ସରକାର ଆଣିବା ପାଇଁ କର୍ମକର୍ତ୍ତାଙ୍କୁ ଆହ୍ୱାନ ଦିଆଯାଇଥିଲା। ଏମପି ପ୍ରତିନିଧି କାଳିନ୍ଦ୍ରୀ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିବାବେଳେ ଓବିସି ମୋର୍ଚ୍ଚା ଜିଲା ସାଧାରଣ ସମ୍ପାଦକ ଟଙ୍କଧର ନାଏକ ଧନ୍ୟବାଦ ଦେଇଥିଲେ। ବୈଠକରେ ଜୁନାଗଡ ନିର୍ବାଚନ ମଣ୍ଡଳୀର ଜୁନାଗଡ ଓ ଗୋଲାମୁଣ୍ଡା ବ୍ଲକର ୭ଟି ଜୋନ୍‌ର ସଭାପତି, ସମ୍ପାଦକ ଓ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

# ୨୪ ଘଣ୍ଟା ପରେ ମଧ୍ୟ ଅଭିଯୁକ୍ତଙ୍କ ଠିକଣା ପାଉନି ପୋଲିସ

ପାଟଣାଗଡ଼,୨୨।୩(ସଚ୍ଚିଦାନନ୍ଦ ମହାକୁର)

**ଡାକ୍ତରଖାନାରେ ଗଞ୍ଜେଇ ବେପାରୀ ମୃତ ଘଟଣା**

ବଲାଙ୍ଗୀର ଜିଲା ବେଲପଡା ଥାନା ପୋଲିସ ଜଣେ ଗଞ୍ଜେଇ ବେପାରୀକୁ ସଂଜ୍ଞାହୀନ ଅବସ୍ଥାରେ ଗିରଫକରି ପାଟଣାଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲା । ତେବେ ଗୁରୁବାର ଚିକିତ୍ସାଧୀନ ଅବସ୍ଥାରେ ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁ ପୂର୍ବରୁ ଗଞ୍ଜେଇ ବେପାରୀ ଜଣଙ୍କର ସାମାନ୍ୟ ଚେତା ଫେରିବାରୁ ତାଙ୍କୁ ଜଗି ରହିଥିବା ବେଲପଡା ପୋଲିସ କର୍ମଚାରୀ ଓ ଚିକିତ୍ସା କରୁଥିବା ଷ୍ଟାଫ୍‌ନର୍ସ ତାଙ୍କର ପରିଚୟ ପଚାରିବାରୁ ସେ ହିନ୍ଦୀ ଭାଷାରେ କେବଳ ନିଜର ନାମ କୋଟି ସୁନ୍ଦର ବୋଲି କହିବା ପରେ ପୁଣି ସଂଜ୍ଞାହୀନ ଅବସ୍ଥାକୁ ଫେରିଯାଇଥିଲେ। ଗଞ୍ଜେଇ ବେପାରୀଙ୍କ ମୃତ୍ୟୁ ପୂର୍ବରୁ ପୋଲିସ ତାଙ୍କ ଠିକଣା ପାଇପାରି ନ ଥିବାରୁ ବର୍ତ୍ତମାନ ପୋଲିସ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ବଲାଙ୍ଗୀର ଏସପିଙ୍କ ନିର୍ଦ୍ଦେଶକ୍ରମେ ପାଟଣାଗଡ଼ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ସାଇଣ୍ଟିଫିକ୍ ଟିମର ସହାୟତା ନେଇ ବେଲପଡା ପୋଲିସକୁ ଯୋଗାଯୋଗକରି ଘଟଣାସ୍ଥଳ ପରିଦର୍ଶନ କରିଥିବା ଜଣାପଡ଼ିଛି। ତେବେ କେଉଁ ପରିସ୍ଥିତିରେ ଗଞ୍ଜେଇ ବେପାରୀର ମୃତ୍ୟୁ ଘଟିଛି ତାକୁ ନେଇ ଏବେବି ସସ୍‌ପେନ୍ସ ଜାରି ରହିଥିବାବେଳେ ବର୍ତ୍ତମାନ ତାହା ପୋଲିସର ମୁଣ୍ଡବ୍ୟଥା କାରଣ ସାଜିଛି। ଅପରପକ୍ଷରେ ମୃତ ଗଞ୍ଜେଇ ବେପାରୀଙ୍କ ମୃତଦେହ ଏକ ଫ୍ରିଜରରେ ୭୨ ଘଣ୍ଟା ପାଇଁ ବଲାଙ୍ଗୀର ଭିମଭୋଇ ଡାକ୍ତରଖାନାର ଶବ ଗୃହରେ ରଖାଯାଇଛି ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଖବର ଅନୁସାରେ ପାଟଣାଗଡ ଥାନା ନେହେନାବନ୍ଧ ଛକରେ ଥିବା ଏକ ନଳକୂପ ପାଖରେ ମୃତ ଗଞ୍ଜେଇ ବେପାରୀଙ୍କୁ ସେହି ରାସ୍ତାଦେଇ ଯାଉଥିବା କିଛି ଲୋକେ ଦେଖିବାକୁ ପାଇଥିବା ଜଣାପଡ଼ିଛି।

# ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ ଦାଖଲ

ବଲାଙ୍ଗୀର,୨୨।୩(ବୀରେନ୍ଦ୍ର କୁମାର ଝାଙ୍କର)

**ଟିଟିଲାଗଡ଼ ଉପକାରାଗାରରୁ ଦୁଇ କଏଦୀ ଫେରାର ଘଟଣା**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଜେଲ ଭିତରୁ ହତ୍ୟା ଅଭିଯୁକ୍ତ ଦୁଇ କଏଦୀ ଫେରାର ଘଟଣାକୁ ନେଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆରସି)ଙ୍କ ନିକଟରେ ନ୍ୟାୟ ପାଇଁ ଲଢେଇ ପରିବାର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ ଅଭିଯୋଗ ଦାଖଲ କରିଛନ୍ତି। ଏହି ଅଭିଯୋଗ ପତ୍ରରେ ସେ ଜେଲ ସୁପରିଟେଣ୍ଡେଣ୍ଟ, ଓଡ଼ିଶା ଜେଲ ଡିଜି, ରାଜ୍ୟ ଗୃହ ସଚିବ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ପକ୍ଷଭୁକ୍ତ କରିଛନ୍ତି। ଗତ ୯ ତାରିଖରେ ଟିଟିଲାଗଡ ଉପକାରାଗାରରୁ ଦୁଇ ବିଚାରାଧୀନ କଏଦୀ ସୁମିତ ବିହାରୀ ଓ ଶୋଭାବନ ରଣା ଫେରାର ହୋଇଯାଇଥିଲେ। ଜେଲରେ ଚାରିପଟେ ସିସିଟିଭି କ୍ୟାମେରା ଲାଗିଥିବା ବେଳେ କିଭଳି ଭାବେ ଦୁଇ ବିଚାରଧୀନ କଏଦୀ ୨୧ ଫୁଟ ଉଚ୍ଚ ପାଚେରୀ ଡେଇଁ ଫେରାର ହେଲେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଦୁଇ କଏଦୀ ଫେରାର ହେବାପରେ ଯେଉଁ ହତ୍ୟା ମାମଲାରେ ଏହି ଅଭିଯୁକ୍ତମାନେ ଜେଲରେ ଥିଲେ ସେଇ ପୀଡିତ ପରିବାରମାନେ ଭୟଭୀତ ଅବସ୍ଥାରେ ରହୁଥିବା ସମସ୍ତ ଗଣମାଧ୍ୟମରେ ଅଭିଯୋଗ କରିଛନ୍ତି। ଏଣୁ କମିଶନ ଉଚିତ ତଦନ୍ତ କରି ଫେରାର କଏଦୀ ଘଟଣାର ଦୋଷୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ଜଣାଇଛନ୍ତି।

# ବେଲଗାଁ ଆଶ୍ରମ ବିଦ୍ୟାଳୟ ବାର୍ଷିକ ଉତ୍ସବ




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।

ନୂଆପଡ଼ା,୨୨।୩(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ରଜନା ପଞ୍ଚାୟତ ବେଲଗାଁ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଆଶ୍ରମ ପ୍ରଧାନ ଶିକ୍ଷକ ହରଦେବ ହଂସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ କଳାହାଣ୍ଡି ଓ ନୂଆପଡା ଜିଲା ଶିକ୍ଷା ନିରିକ୍ଷକ ଉଦୟ ସିଂ ମାଝି ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ସଞ୍ଜୟ କୁମାର ଭୋଇ, କୋମନା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶ୍ୟାମ ସୁନ୍ଦର ଧରୁଆ, ସ୍ଥାନୀୟ ସରପଞ୍ଚ କ୍ଷୀରସିନ୍ଧୁ ଭୋଇ, ସୋମନାଥ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଦୀପ୍ତ କୁମାର ଯୋଶୀ, ଶିକ୍ଷକ ସୁବାଷ ଚନ୍ଦ୍ର ପ୍ରଧାନ, ଶିକ୍ଷୟିତ୍ରୀ ଝାରମଣୀ ଦେଇ, ବିଦ୍ୟାଳୟ ପରି ଚାଳନା କମିଟି ସଭାପତି ଜୟ ସିଂ କରୁଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ହେଉଛି ମଣିଷର ଚରିତ୍ର ଗଠନ କରିବା କାରଖାନା। ବିଦ୍ୟାଳୟରେ ସବୁ ପ୍ରକାର କାର୍ଯ୍ୟକ୍ରମ ହେବା ନିହାତି ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ଦେଇ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ପରେ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶିକ୍ଷକ ଗଗନ ବିହାରୀ ଅଗସ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କାମାକ୍ଷା ପ୍ରସାଦ ମାଝି, ଧନୁର୍ଦ୍ଧର ମାଝି, ଇନ୍ଦ୍ରମଣି ବେମାଲ, ଝରଣା ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ୧ କୁଇଣ୍ଟାଲ ଗଞ୍ଜେଇ ଜବତ: ୨ ଗିରଫ

ଘଣ୍ଟାପଡ଼ା,୨୨।୩ (ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା ମନମୁଣ୍ଡା ପୋଲିସ ଚଢ଼ାଉ କରି ୧ କୁଇଣ୍ଟାଲ ଗଞ୍ଜେଇ ଜବତ କରିଥିବା ବେଳେ ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରିଛି । ମିଳିଥିବା ସୂଚନା ଅନୁଯାୟୀ, ଗଞ୍ଜେଇ ଚୋରା ଚାଲାଣ ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ ଶୁଣ୍ଡିପଦର ପଞ୍ଚାୟତ ଚିଚେଙ୍ଗ ଗ୍ରାମରେ ଚଢ଼ାଉ କରି ଉକ୍ତ ସ୍ଥାନରୁ ୨ଗୋଟି ବସ୍ତାରେ ଥିବା ୧ କୁଇଣ୍ଟାଲ ଗଞ୍ଜେଇ ଜବତ କରିଥିଲା। ଚଢାଉ ବେଳେ ଘଟଣାସ୍ଥଳରୁ ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଚିଚେଙ୍ଗ ଗ୍ରାମର ରଘୁନାଥ ମହାକୁଡ ଓ ପଶ୍ଚିମବଙ୍ଗ ରାଜ୍ୟ ବାମନାବାଦ ଗ୍ରାମର ରଞ୍ଜିତ ମଣ୍ଡଳ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ଏ ସଂକ୍ରାନ୍ତରେ ମନମୁଣ୍ଡା ଥାନାରେ ୧୧୬/୨୪ ରେ ଏକ ମାମଲା ରୁଜୁ ହୋଇଛି । ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଓ ଅଧିକ ତଦନ୍ତ ଜାରି ରହିଥିବା ମନମୁଣ୍ଡାର ନୂତନ ଥାନା ଅଧିକାରୀ ରାମ କୁମାର ମୁର୍ମୁ ସୂଚନା ଦେଇଛନ୍ତି ।



# ଡୁଙ୍ଗୁରିପାଲି ଓ ଶୁଖାକୁ ନେଇ ଭାଜପାର ମଣ୍ଡଳସ୍ତରୀୟ ପ୍ରସ୍ତୁତି ବୈଠକ



ଭାଜପା ପକ୍ଷରୁ ଅନୁଷ୍ଠିତ ମଣ୍ଡଳସ୍ତରୀୟ ବୈଠକରେ କର୍ମକର୍ତ୍ତା ବୃନ୍ଦ ।

ଡୁଙ୍ଗୁରିପାଲି,୨୨।୩(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକରେ ଭାଜପା ପକ୍ଷରୁ ଡୁଙ୍ଗୁରିପାଲି ଓ ଶୁଖା ଜୋନକୁ ନେଇ ଏକ ମଣ୍ଡଳସ୍ତରୀୟ ପ୍ରସ୍ତୁତି ବୈଠକ ଆରଏମସି ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଜିଲା ସାଧାରଣ ସମ୍ପାଦକ ହେମନ୍ତ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲା ସଭାପତି ପ୍ରମୋଦ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଓବିସି ମୋର୍ଚ୍ଚା ଉପ ସଭାପତି ଗୋବିନ୍ଦ ବାରିକ, ନବକୃଷ୍ଣ ଦନ୍ତା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଶୁଖା ଭାଜପା ମଣ୍ଡଳ ସଭାପତି ସୁରେଶ ପଧାନ ସଂଯୋଜନା କରିଥିଲେ। ବୈଠକରେ ଶନିବାରଠାରୁ ସମସ୍ତ ଗ୍ରାମକୁ ଭାଜପାର କାର୍ଯ୍ୟକର୍ତ୍ତାମାନେ ଯାଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ନେଇ ଆଲୋଚନା କରାଯାଇଥିଲା। ଆଗକୁ ହେବାକୁ ଥିବା ଲୋକସଭା ଓ ବିଧାନସଭା ନିର୍ବାଚନରେ ଭାଜପା କିଭଳି ବହୁ ଭୋଟରେ ବିଜୟୀ ହେବ ସେଥିପାଇଁ ସମସ୍ତ ବୁଥରେ ସଂଗଠନକୁ ଆହୁରି ସୁଦୃଢ଼ କରି ନିର୍ବାଚନ ଲଢ଼ିବାକୁ ରଣନୀତି ପ୍ରସ୍ତୁତ କରାଯାଇଥିଲା। ବୈଠକରେ ଡୁଙ୍ଗୁରିପାଲି ମଣ୍ଡଳ ସଭାପତି ନିତେଇ ପାଲ, ଧୀରେନ୍ଦ୍ର ପଧାନ, ସୁନିଲ ବେହେରା, ରଥ ସାହୁ, ଅଣାକାର ବିଶେଶ୍ୱର, କଳାକାହ୍ନୁ ମହାନନ୍ଦ, ଗୋପାଳ ପଧାନ, ଝରଣା ଭୁଏ, ସୌଦାମିନୀ ପଧାନ, ସନ୍ତୋଷିନୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଯୁବ ମୋର୍ଚ୍ଚା ଜିଲା ଉପ ସଭାପତି ପ୍ରବିର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିଶୁ ବିଦ୍ୟାମନ୍ଦିରରେ କଣ୍ଢେଇ ଦିବସ ପାଳନ

ଅମରପାଲି,୨୨।୩(ପୀତାମ୍ବର ସାହୁ)



ଶିଶୁ ବିଦ୍ୟାମନ୍ଦିରରେ କଣ୍ଢେଇ ଦିବସ ପାଳନ ଅବସରରେ ଛାତ୍ରୀଛାତ୍ର ଓ ଅଭିଭାବକ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିକ୍ଷା ଓ ବିକାଶ ସମିତିର ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ କଣ୍ଢେଇ ଦିବସ ପାଳନ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯକ୍ରମରେ ୮୬ ଜଣ ଅଭିଭାବକ ନିଜ ନିଜ ପିଲାଙ୍କ ସହିତ ଆସି ଯୋଗ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ତଥା ନାଟ୍ୟକାର ନାରାୟଣ ଦେହୁରୀ ମୁଖ୍ୟଅତିଥି ଏବଂ ସ୍ଥାନୀୟ ମହିଳା ମହାବିଦ୍ୟାଳୟର ସଂସ୍କୃତ ବିଭାଗର ଅଧାପିକା ସନ୍ତୋଷିନୀ ନାୟକ , ପରିଚାଳନା ସମିତିର ସମ୍ପାଦକ ରାଜେନ୍ଦ୍ର ପଧାନ,ସହ ସମ୍ପାଦକ ପ୍ରଫୁଲ୍ଲ ଡାଙ୍ଗ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିଶୁ ବାଟିକାର ପ୍ରମୁଖ ନମିତା କର ଅତିଥି ପରିଚୟ ପ୍ରଦାନ କରିବା ସହ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଜନକ ରାମ ପଟେଲ ମାର୍ଗଦର୍ଶନ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅତିଥିମାନେ କୁନି ଛାତ୍ରୀଛାତ୍ରଙ୍କୁ କଣ୍ଢେଇ ସହିତ ତୁଳନା କରିଥିଲେ। ଶିଶୁଙ୍କୁ କଣ୍ଢେଇ ପରି ସୁନ୍ଦର ଭାବେ ଗଢି ତୋଳିବା ଉଭୟ ମାତାପିତା,ଅଭିଭାବକ ଓ ଗୁରୁମା,ଗୁରୁଜୀଙ୍କ କର୍ତ୍ତବ୍ୟ ବୋଲି କହିବା ସହିତ ପ୍ରଦୂଷଣ ମୁକ୍ତ ଜିନିଷରେ ତିଆରି କଣ୍ଢେଇ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା କଣ୍ଢେଇ ପ୍ରଦର୍ଶନୀ ହୋଇଥିଲା। ରଶ୍ମି ପାଣିଗ୍ରାହୀ,ସୁଜାତା ପୁରୋହିତ,ସନ୍ତୋଷ ମହାକୁର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଘରୋଇ ଆର୍ଥିକ ସ୍ଥିତିର ସମୀକ୍ଷା

## ଆର୍‌ବିଆଇର କେନ୍ଦ୍ରୀୟ ନିର୍ଦ୍ଦେଶକ ବୋର୍ଡର ବୈଠକ

ଭୁବନେଶ୍ୱର,୨୨।୩(ଅନୁରାଧା ମହାରଣା)


ଶକ୍ତିକାନ୍ତ ଦାସ

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଗଭର୍ନର ଶକ୍ତିକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଆର୍‌ବିଆଇର କେନ୍ଦ୍ରୀୟ ନିର୍ଦ୍ଦେଶକ ବୋର୍ଡର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୋର୍ଡ ପକ୍ଷରୁ ବିଶ୍ୱ ତଥା ଘରୋଇ ଆର୍ଥିକ ସ୍ଥିତିର ସମୀକ୍ଷା କରାଯାଇଥିଲା। ବୈଠକରେ ଭୌଗୋଳିକ, ରାଜନୈତିକ ଆହ୍ୱାନ ସହ ବିଶ୍ୱ ଆର୍ଥିକ ବଜାରରେ ଅଶାନ୍ତି ଦେଖାଦେଇଛି। ଭାରତୀୟ ରିଜର୍ଭ ବ୍ୟାଙ୍କ ଏକ ପ୍ରେସ୍ ବିଜ୍ଞପ୍ତି ଜାରିକରି କହିଛି, ଆର୍‌ବିଆଇର କେନ୍ଦ୍ରୀୟ ବୋର୍ଡର ୬୦୭ତମ ବୈଠକ ନାଗପୁରରେ ଅନୁଷ୍ଠିତ ହୋଇଥିଲା। ଆର୍‌ବିଆଇ ଗଭର୍ନର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବୋର୍ଡ ଘରୋଇ ଅର୍ଥନୈତିକ ପରିସ୍ଥିତି ଏବଂ ବିଶ୍ୱବ୍ୟାପୀ ଦୃଷ୍ଟିକୋଣର ସମୀକ୍ଷା କରିଛି। ବୈଠକରେ ଆର୍‌ବିଆଇ ବୋର୍ଡ ଭୌଗୋଳିକ, ରାଜନୈତିକ ବିକାଶ ସହ ବିଶ୍ୱ ଆର୍ଥିକ ବଜାରରେ ଦେଖାଦେଇଥିବା ସମସ୍ୟା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଛି। ଆର୍ଥିକ ବର୍ଷ ୨୦୨୩-୨୪ ଆର୍ଥିକ ବର୍ଷରେ ଡିଜିଟାଲ ପେମେଣ୍ଟରେ ଅଗ୍ରଗତି ଏବଂ ଉପଭୋକ୍ତାମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଉପଭୋକ୍ତା ଶିକ୍ଷା ତଥା ସଚେତନତା ଅଭିଯାନରେ ଆର୍‌ବିଆଇ ବୋର୍ଡ ସମୀକ୍ଷା କରିଛି। ଆର୍‌ବିଆଇ ବୋର୍ଡ ୨୦୨୪-୨୫ ହିସାବ ବର୍ଷ ପାଇଁ କେନ୍ଦ୍ରୀୟ ବ୍ୟାଙ୍କର ବଜେଟକୁ ଅନୁମୋଦନ କରିଛି। ଗୋଟିଏପଟେ ତୃତୀୟ ତ୍ରୈମାସିକରେ ଭାରତର ଜିଡିପି ୮.୪ ପ୍ରତିଶତ ଥିବା ପରିସଂଖ୍ୟାନ ମନ୍ତ୍ରଣାଳୟ ତଥ୍ୟ ପ୍ରକାଶ କରିଥିବାବେଳେ ଅନ୍ୟପଟେ ଏହି ବୈଠକ ଅନୁଷ୍ଠିତ ହୋଇଛି। ସେହିପରି ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଜିଡିପି ୭.୬ ପ୍ରତିଶତ ଆକଳନ କରାଯାଇଛି। ଜିଡିପି ତଥ୍ୟ ପ୍ରକାଶ ପାଇବା ପରେ ଅନେକ ରେଟିଂ ଏଜେନ୍ସି ଏବଂ ଅନୁଷ୍ଠାନ ଚଳିତ ଆର୍ଥିକ ବର୍ଷ ବ୍ୟତୀତ ୨୦୨୪-୨୫ ପାଇଁ ଭାରତର ଜିଡିପି ଆକଳନ ବୃଦ୍ଧି କରିଛନ୍ତି। ୨୦୨୪ କ୍ୟାଲେଣ୍ଡର ବର୍ଷରେ ଭାରତର ଜିଡିପି ୬.୮ ପ୍ରତିଶତ ହୋଇପାରେ, ଯାହା ପୂର୍ବରୁ ୬.୧ ପ୍ରତିଶତ ବୋଲି ଆକଳନ କରାଯାଇଥିଲା। ଆର୍‌ବିଆଇ ପାଇଁ ଏହା ଏକ ସନ୍ତୋଷର ବିଷୟ ଯେ, ଫେବୃଆରୀ ୨୦୨୪ରେ ଖୁଚୁରା ମୁଦ୍ରାସ୍ଫୀତି ହାର ୫.୦୯ ପ୍ରତିଶତ ହୋଇଛି। ସୂଚନା ଥାଉକି, ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ମୁଦ୍ରାନୀତି କମିଟିର ପ୍ରଥମ ବୈଠକ ୩ ରୁ ୫ ଏପ୍ରିଲ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏପ୍ରିଲ ୫ରେ ଏହି ନୀତି ଘୋଷଣା କରାଯିବ। ୨୦୨୪ରେ ୩ଥର ସୁଧ ହାର ହ୍ରାସ କରିବାକୁ ଫେଡ୍ ରିଜର୍ଭ ସୂଚିତ କରିଛି। ଏହା ପରେ ଅନୁମାନ କରାଯାଉଛି ଯେ କ୍ୟାଲେଣ୍ଡର ବର୍ଷର ଦ୍ୱିତୀୟାର୍ଦ୍ଧରେ ଯଦି ମୁଦ୍ରାସ୍ଫୀତି ହାର ୪ ପ୍ରତିଶତ ପାଖାପାଖି ରହିଲେ ଆର୍‌ବିଆଇ ଋଣ ଶସ୍ତା କରିପାରେ।

## ଶେୟାର ବଜାର କାରବାରରେ ଉତ୍ସାହ

ନୂଆଦିଲ୍ଲୀ,୨୨।୩

କ୍ରମାଗତ ୩ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୧୯୧ (୧୯୦.୭୫) ପଏଣ୍ଟ ବଢି ୭୨,୮୩୨(୭୨,୮୩୧.୯୪) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍‌ଏକ୍ସଚେଞ୍ଜ (ଏନ୍‌ଏସ୍ଇ) ର ନିଫ୍ଟି-୫୦ରେ ମଧ୍ୟ ୮୫(୮୪.୮୦) ପଏଣ୍ଟ ବୃଦ୍ଧି ଘଟି ୨୨,୦୯୭(୨୨,୦୯୬.୭୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

## ମୁକେଶଙ୍କୁ ଜୀବନବ୍ୟାପୀ ସାଧନା ପୁରସ୍କାର




ଭୁବନେଶ୍ୱର,୨୨।୩

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ (ଆର୍‌ଆଇଏଲ୍)ର ଅଧ୍ୟକ୍ଷ ତଥା ଏମ୍‌ଡି ମୁକେଶ ଧୀରୁଭାଇ ଅମ୍ବାନୀଙ୍କୁ ନିକଟରେ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ ପ୍ରଦାନ କରାଯାଇଛି। ବିଶେଷକରି ଭାରତୀୟ ଟେଲିକମ୍ ଶିଳ୍ପରେ ଉଲ୍ଲେଖନୀୟ ସଫଳତା ଓ ଅତୁଳନୀୟ ଅବଦାନ ପାଇଁ ମୁକେଶଙ୍କୁ ଭଏସ୍ ଆଣ୍ଡ ଡାଟା ପକ୍ଷରୁ ଏଭଳି ଏକ ସମ୍ମାନଜନକ ଲାଇଫ୍ ଟାଇମ୍ ଆଚିଭମେଣ୍ଟ (ଜୀବନବ୍ୟାପୀ ସାଧନା) ପୁରସ୍କାରରେ ପୁରସ୍କୃତ କରାଯାଇଛି। ସେହିଭଳି ନୂଆଦିଲ୍ଲୀଠାରେ ଆୟୋଜିତ ପୁରସ୍କାର ସମାରୋହ ଉତ୍ସବରେ ରିଲାଏନ୍ସ ଜିଓ ଇନ୍‌ଫୋକମ୍‌ର ପ୍ରେସିଡେଣ୍ଟ ମାଥ୍ୟୁ ଓମେନ୍‌ଙ୍କୁ ବର୍ଷ ୨୦୨୩ ପାଇଁ ପାଥ୍‌ବ୍ରେକର ଅଫ୍ ଦି ଇୟର ପୁରସ୍କାର ପ୍ରଦାନ କରାଯାଇଛି। ଦେଶରେ ଟେକ୍ନୋଲୋଜି କ୍ଷେତ୍ରର ବିକାଶ ଦିଗରେ ୫ଜିର ଦ୍ରୁତ ପ୍ରଚଳନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବାରୁ ଓମେନ୍‌ଙ୍କୁ ଏହି ପୁରସ୍କାର ମିଳିଛି।

ଏ ନେଇ ମାଥ୍ୟୁ ଓମେନ୍ କହିଛନ୍ତି, ଭଏସ୍ ଆଣ୍ଡ ଡାଟା ପକ୍ଷରୁ ମୁକେଶ ଅମ୍ବାନୀଙ୍କୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ ପ୍ରଦାନ କରାଯାଇଥିବାରୁ ଆମେ ଗର୍ବ ଅନୁଭବ କରୁଛୁ। ଏପରିକି ତାଙ୍କ (ଅମ୍ବାନୀ) ବଳିଷ୍ଠ ନେତୃତ୍ୱରେ କମ୍ପାନୀ ଟେଲିକମ୍, ରିଟେଲ, ମିଡିଆ ଏବଂ କ୍ରୀଡ଼ା କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ ଏବଂ ଅନ୍ତର୍ଭୁକ୍ତୀକରଣ ଜରିଆରେ ଏସବୁକୁ ସମସ୍ତଙ୍କ ପାଇଁ ସହଜ ଲଭ୍ୟ କରିଛି। ଆଜିର ଡିଜିଟାଲ ଦୁନିଆରେ ଭାରତର ଭୂମିକା ବୈପ୍ଳବିକ ହେବ। ଏକ ଶିଳ୍ପ ଏବଂ ରାଷ୍ଟ୍ର ଭାବେ ଆମର ଅବଦାନ ଅତୁଳନୀୟ ହେବ ଏବଂ ଏହା ସମସ୍ତ ଭାରତୀୟଙ୍କ ପାଇଁ ଅଧିକ ସମାନତା ଏବଂ ଦୀର୍ଘସ୍ଥାୟୀ ଭବିଷ୍ୟତର ପଥ ପ୍ରଶସ୍ତ କରିବ।

ପୁରସ୍କାର ଗ୍ରହଣ କରିବା ଅବସରରେ ଟେକ୍ନୋଲୋଜି ଅଗ୍ରଗତିକୁ ତ୍ୱରାନ୍ୱିତ କରିବାରେ ସହଭାଗିତାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଉପସ୍ଥାପିତ କରିବା ସହିତ ଟେଲିକମ୍ ଶିଳ୍ପ ସହ ଜଡ଼ିତ ନୀରଜ ମିଲ ଏବଂ ଗୋପାଳ ଭିଟ୍ଟଲଙ୍କୁ ଓମେନ୍ ଅଭିନନ୍ଦନ ଜଣାଇଛନ୍ତି। ନୀରଜ ମିଲ ଓ ଗୋପାଳ ଭିଟ୍ଟଲଙ୍କ ସହ ମିଳିତ ଭାବେ ମାଥ୍ୟୁ ଓମେନ୍‌ଙ୍କୁ ପାଥ୍‌ବ୍ରେକର ଅଫ୍ ଦି ଇୟର ପୁରସ୍କାର ମିଳିଛି।

ଏଆଇ ଓ ନିରାପତ୍ତା ପରିସୀମାକୁ ପରିବର୍ଦ୍ଧିତ କରୁଥିବା ଜିପିୟୁ ଏବଂ କ୍ୱାଣ୍ଟମ୍ କମ୍ପ୍ୟୁଟ ଭଳି ପ୍ରଯୁକ୍ତିର ଅଭ୍ୟୁଦୟ ତଥା ପ୍ରଯୁକ୍ତି କ୍ଷେତ୍ରରେ ଘଟୁଥିବା ନିରନ୍ତର ବିକାଶ ସମ୍ପର୍କରେ ଉଲ୍ଲେଖକରି ମାଥ୍ୟୁ ଓମେନ୍ ସମାଜ ଉପରେ ପ୍ରଯୁକ୍ତିବିଦ୍ୟାର ଯୁଗାନ୍ତକାରୀ ପ୍ରଭାବ ଉପରେ ଆଲୋକପାତ କରିଥିଲେ। ସମାଜର ସମସ୍ତ ବର୍ଗକୁ ଦାୟିତ୍ୱପୂର୍ଣ୍ଣ ଓ ଦୀର୍ଘ ସ୍ଥାୟୀ ଭାବେ ଉନ୍ନତ କରିବା ପାଇଁ ଅତ୍ୟାଧୁନିକ ଜ୍ଞାନକୌଶଳର ଉପଯୋଗ ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ଉଲ୍ଲେଖଯୋଗ୍ୟ, ଭଏସ୍ ଆଣ୍ଡ ଡାଟା ଆୱାର୍ଡ ସମାରୋହ ଉତ୍ସବରେ ରିଲାଏନ୍ସ ଜିଓକୁ ନେଟ୍‌ୱର୍କ ଭିତ୍ତିଭୂମି, ବହୁଭାଷୀ ଇଣ୍ଟରନେଟ, କମ୍ୟୁନିକେଶନ ପ୍ଲାଟ୍‌ଫର୍ମ, ବିଜ୍‌ନେସ୍ ପ୍ରୋସେସ୍ ଇନୋଭେଶନ,ନେଟ୍‌ୱର୍କ ସର୍ଭିସେସ୍ ଏବଂ ଆଇଓଟି ସମେତ ବିଭିନ୍ନ ବର୍ଗରେ ଆଉ ୬ଟି ପୁରସ୍କାର ମିଳିଛି।

## ଏଚ୍‌ଏମ୍‌ଏସ୍‌ଆଇର ନୂତନ ମୋବାଇଲ ଆପ୍

ଭୁବନେଶ୍ୱର,୨୨।୩

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ନୂତନ ମୋବାଇଲ ଆପ୍ 'ସ୍ମାର୍ଟ ୱାର୍କଶପ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଗ୍ରାହକ ଅନୁଭୂତିରେ ଉନ୍ନତି ଆଣିବା ଲାଗି ଶିଳ୍ପର ପ୍ରଥମ ନବସୃଜନ ସ୍ମାର୍ଟ ୱାର୍କଶପ୍ ମୋବାଇଲ ଆପ୍‌କୁ ନିକଟରେ ଉନ୍ମୋଚନ କରାଯାଇଛି। ଉକ୍ତ ଆପ୍ ଜରିଆରେ ଗ୍ରାହକମାନେ ଗାଡ଼ିର ସର୍ଭିସ୍ ଅଗ୍ରଗତି ବିଷୟରେ ବାସ୍ତବ ସମୟ ସୂଚନା ପାଇପାରିବେ। ସେହିଭଳି ଗ୍ରାହକମାନଙ୍କୁ ସୁବିଧା ଓ ସ୍ୱଚ୍ଛତା ପ୍ରଦାନ କରିବାରେ ଏଚ୍‌ଏମ୍‌ଏସ୍‌ଆଇର ପ୍ରତିବଦ୍ଧତାକୁ ଏହା ଦୋହରାଉଛି। ଏ ସମ୍ପର୍କରେ ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆର ସେଲ୍ସ ଆଣ୍ଡ ମାର୍କେଟିଂ ନିର୍ଦ୍ଦେଶକ ଯୋଗେଶ ମାଥୁର କହିଛନ୍ତି, ଗ୍ରାହକଙ୍କ ସନ୍ତୁଷ୍ଟି ଓ ନବସୃଜନ ବୃଦ୍ଧି ପାଇଁ ଆମ ପ୍ରତିବଦ୍ଧତା ଆମକୁ 'ସ୍ମାର୍ଟ ୱାର୍କଶପ୍' ମୋବାଇଲ ଆପ୍ ବିକଶିତ କରିବାକୁ ପ୍ରେରଣା ଦେଇଛି। ଏହି ବୈପ୍ଳବିକ ଉପକରଣ କେବଳ ସ୍ୱଚ୍ଛତା ପ୍ରଦାନ କରିବ ନାହିଁ ବରଂ ଆମ ମୂଲ୍ୟବାନ ଗ୍ରାହକଙ୍କ ପାଇଁ ଏକ ଅସୁବିଧାମୁକ୍ତ ଅନୁଭୂତି ମଧ୍ୟ ସୁନିଶ୍ଚିତ କରିବ। ଏହି ଆପ୍ଲିକେଶନର ଶୁଭାରମ୍ଭ ଏହାର ଗ୍ରାହକଙ୍କ ସୁବିଧା ପାଇଁ ପ୍ରଯୁକ୍ତିର ଉପଯୋଗ କରିବା ପାଇଁ ଏଚ୍‌ଏମ୍‌ଏସ୍‌ଆଇର ସମର୍ପଣର ପ୍ରମାଣ। ଉଲ୍ଲେଖଯୋଗ୍ୟ, ସ୍ମାର୍ଟ ୱାର୍କଶପ୍' ଆପ୍ ଜରିଆରେ ଗ୍ରାହକମାନେ ବର୍ତ୍ତମାନ ଗୋଟିଏ ଏସ୍‌ଏମ୍‌ଏସ୍ ଲିଙ୍କ୍ ଜରିଆରେ ନିଜ ଗାଡ଼ିର ସର୍ଭିସ୍ ପ୍ରସ୍ତୁତିର ପ୍ରତ୍ୟେକ ପର୍ଯ୍ୟାୟକୁ ଟ୍ରାକ୍ କରିବାର କ୍ଷମତା ରଖିଛନ୍ତି। ସର୍ଭିସ୍ ସେଣ୍ଟରଗୁଡ଼ିକରେ ଗ୍ରାହକଙ୍କ ଗାଡି ଭର୍ତ୍ତି ହେବା, ମରାମତି ହେବା ଏବଂ ଗାଡ଼ି ବାହାରିବାଠାରୁ ଆରମ୍ଭକରି ବିଭିନ୍ନ ପର୍ଯ୍ୟାୟ ଦେଇ ଯାଇଥାଏ।

## କେନ୍‌ଷ୍ଟାରର ସ୍ୱତନ୍ତ୍ର ଅଭିଯାନ

ଭୁବନେଶ୍ୱର,୨୨।୩ (ଅଭୟ ଦାଶ)



ଦେଶର ପ୍ରମୁଖ ଗୃହୋପଯୋଗୀ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଉତ୍ପାଦକ ତଥା କେନ୍‌ଷ୍ଟାରର ଓଡ଼ିଶା ୟୁନିଟ୍ ପକ୍ଷରୁ ଏକ ମାସିକିଆ ସ୍ୱତନ୍ତ୍ର ଅଭିଯାନ 'କ୍ୟାମ୍ପେନିଂ ଭ୍ୟାନ୍'ର ଶୁଭାରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ରାଣ୍ଡ ପକ୍ଷରୁ ୨ଟି ପ୍ରଦର୍ଶନୀଭିତ୍ତିକ ଭ୍ୟାନ୍‌ର ଉନ୍ମୋଚନ କରାଯାଇଛି। ବିଶେଷକରି ଉକ୍ତ ଭ୍ୟାନ୍‌ରେ ବ୍ରାଣ୍ଡର ନୂତନ ଉତ୍ପାଦ 'କୁଲର ଏବଂ ୱାଶିଂ ମେଶିନ' ସଂଯୋଗ ହୋଇଛି। ଏହା ଉଭୟ କମ୍ପାନୀର ଆଭିମୁଖ୍ୟ ଓ ଉତ୍ପାଦକୁ ପ୍ରଦର୍ଶିତ କରାଇବ ବୋଲି ବ୍ରାଣ୍ଡ ପକ୍ଷରୁ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ଉଲ୍ଲେଖଯୋଗ୍ୟ, କମ୍ପାନୀର ଓଡ଼ିଶା ୟୁନିଟ୍ ପକ୍ଷରୁ ଭୁବନେଶ୍ୱରର ଶହୀଦନଗର ଏବଂ ପଟିଆଠାରେ ଏକ ସ୍ୱତନ୍ତ୍ର ଶୁଭାରମ୍ଭ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ କେନ୍‌ଷ୍ଟାରର ଆଞ୍ଚଳିକ ମୁଖ୍ୟ (ଇଷ୍ଟ) ଚିତ୍ତରଞ୍ଜନ ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଆନୁଷ୍ଠାନିକ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍‌ଷ୍ଟାର ଓଡ଼ିଶା ୟୁନିଟ୍‌ର ଶାଖା ପରିଚାଳକ (ବିଏମ୍) ରଞ୍ଜନ ପରିଡାଙ୍କ ସମେତ ବ୍ରାଣ୍ଡ ପାର୍ଟନର ଶ୍ୟାମ ଅଗ୍ରୱାଲ, ସନ୍ତୋଷ କୁମାର ସାହୁ, ନିବାସ ମହାପାତ୍ର ଏବଂ ଅଜୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷରେ ଏହି ଅଭିଯାନ ୨୦୨୪ ଏପ୍ରିଲ ୨୦ ପର୍ଯ୍ୟନ୍ତ ସାରା ଓଡ଼ିଶାରେ ଜାରି ରହିବ। ବିଶେଷ କରି କମ୍ପାନୀର ୨ଟି ସ୍ୱତନ୍ତ୍ର ଭ୍ୟାନରେ ବ୍ରାଣ୍ଡର କୁଲର ଏବଂ ୱାଶିଂ ମେଶିନ ସୁଜିତ ହୋଇ ରହିଥିବାବେଳେ ଉକ୍ତ ଭ୍ୟାନ୍ ୩୦ ଦିନରେ ୩୦ ଜିଲାର ପ୍ରମୁଖ ବଜାର, ଜନଗହଳିପୂର୍ଣ୍ଣ ଅଞ୍ଚଳ ସହିତ କମ୍ପାନୀର ଡିଷ୍ଟ୍ରିବ୍ୟୁଟର୍ସ ଓ ରିଟେଲ ଆଉଟ୍‌ଲେଟ ଦେଇ ଅତିକ୍ରମ କରିବ। ଏପରିକି କମ୍ପାନୀର ଅଭିଜ୍ଞ କର୍ମଚାରୀମାନେ ବ୍ରାଣ୍ଡର ନୂତନ ଉତ୍ପାଦ ସମ୍ପର୍କରେ ଗ୍ରାହକଙ୍କୁ ଅବଗତ କରାଇବା ସହ ଉତ୍ପାଦର ଗୁଣବତ୍ତା ଓ ସୁବିଧା ଆଦି ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରିବେ।

## ଜେଏସ୍‌ଏଲ୍‌କୁ କର୍ପୋରେଟ୍ ଗଭର୍ନାନ୍ସ ଆୱାର୍ଡ

ଭୁବନେଶ୍ୱର,୨୨।୩




ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍)କୁ ନିକଟରେ ଆଉ ଏକ ଜାତୀୟସ୍ତରର ସମ୍ମାନ 'କର୍ପୋରେଟ୍ ଗଭର୍ନାନ୍ସ ଆୱାର୍ଡ' ଦିଆଯାଇଛି। ବିଶେଷ କରି ଶିଳ୍ପ ସଙ୍ଗଠନ ମଧ୍ୟରେ ସ୍ୱଚ୍ଛ କାର୍ଯ୍ୟକଳାପକୁ ସମର୍ଥନ କରିବା ପାଇଁ 'କର୍ପୋରେଟ ଗଭର୍ନାନ୍ସ' ବର୍ଗରେ ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ ପକ୍ଷରୁ ସମ୍ମାନଜନକ କର୍ପୋରେଟ ଗଭର୍ନାନ୍ସ ଏବଂ ସଷ୍ଟେନେବିଲିଟି ଭିଜନ ପୁରସ୍କାର-୨୦୨୪ରେ ଜେଏସ୍‌ଏଲ୍‌କୁ ସମ୍ମାନିତ କରାଯାଇଛି। ଏପରିକି କମ୍ପାନୀର ଫ୍ଲାଗ୍‌ଶିପ୍ ପଦକ୍ଷେପ ମାଧ୍ୟମରେ ଆଇସିସି ଏକ ସ୍ଥାୟୀ ଭବିଷ୍ୟତ ସୃଷ୍ଟି ଦିଗରେ ଉଦ୍ୟମ ପାଇଁ ଭାରତ ବ୍ୟବସାୟକୁ ସ୍ୱୀକୃତି ଦେଇଛି।

ଏହି ପରିପ୍ରେକ୍ଷୀରେ ଆୟୋଜିତ କାର୍ଯ୍ୟକ୍ରମରେ କୋଇଲା ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଏମ୍.ନାଗରାଜୁ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମଧ୍ୟ ନାଗରାଜୁ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ହେଡ୍ (ଏଲ୍ ଆଣ୍ଡ ସିଏସ୍) ନଭନିତ ରଘୁଭନସି କମ୍ପାନୀ ପକ୍ଷରୁ ଉକ୍ତ ପୁରସ୍କାର ଗ୍ରହଣ କରିଥିଲେ।

ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ହେଡ୍ (ଏଲ୍ ଆଣ୍ଡ ସିଏସ୍) ନଭନିତ ରଘୁଭନସି କହିଛନ୍ତି, ଏହି ସମ୍ମାନଜନକ ପୁରସ୍କାର ପାଇ ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଏକ ସ୍ଥାୟୀ ବ୍ୟବସାୟ ଅଭ୍ୟାସ ପ୍ରତି ଆମର ପ୍ରତିବଦ୍ଧତାକୁ ସ୍ୱୀକାର କରିଥିବାରୁ ଆମେ ଆଇସିସିକୁ ଧନ୍ୟବାଦ ଦେଉଛୁ। ସେହିଭଳି ଆମେ ବିଶ୍ୱାସ କରୁ ଯେ ଉତ୍ତମ ଶାସନ ହେଉଛି ଏକ ସଫଳ ଏବଂ ସ୍ଥାୟୀ ବ୍ୟବସାୟର ମୂଳଦୁଆ ଏବଂ ଆମର ସମସ୍ତ କାର୍ଯ୍ୟରେ ଅଖଣ୍ଡତା ଏବଂ ସ୍ୱଚ୍ଛତାର ସର୍ବୋଚ୍ଚ ମାନ୍ୟତା ପାଇଁ ଆମେ ପ୍ରତିବଦ୍ଧ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

## ଟାଇଟନ ଏସ୍‌ବିଆଇ କାର୍ଡର ଶୁଭାରମ୍ଭ

ଭୁବନେଶ୍ୱର,୨୨।୩

ଦେଶର ୨ ପ୍ରମୁଖ ଘରୋଇ ସଂସ୍ଥା ଏସ୍‌ବିଆଇ କାର୍ଡ ଏବଂ ଟାଇଟନର ମିଳିତ ସହଭାଗିତାରେ 'ଟାଇଟାନ ଏସ୍‌ବିଆଇ କାର୍ଡ'ର ଶୁଭାରମ୍ଭ କରାଯାଇଛି। ବିଶେଷ କରି ଏହି ଧରଣର ଏକମାତ୍ର ଶପିଙ୍ଗ୍ କ୍ରେଡିଟ କାର୍ଡ ଗ୍ରାହକଙ୍କର ଆକାଂକ୍ଷୀ ଖର୍ଚ୍ଚ ଆବଶ୍ୟକତା ପ୍ରତି ଧ୍ୟାନଦେବାକୁ ଡିଜାଇନ କରାଯାଇଛି। ଏପରିକି ଟାଇଟନ ଏସ୍‌ବିଆଇ କାର୍ଡ ବହୁବିଧ ଲାଇଫ ଷ୍ଟାଇଲ ବର୍ଗରେ ଖର୍ଚ୍ଚର ତ୍ୱରିତ ଫାଇଦା ଯୋଗାଇ ଦେଉଛି। କ୍ୟାଶ୍‌ବ୍ୟାକ, ଟାଇଟନ ଗିଫ୍ଟ ଭାଉଚର ଓ ରିୱାର୍ଡ ପଏଣ୍ଟ ସମେତ ଅନେକ ବୈଶିଷ୍ଟ୍ୟ ଥିବା ଏହି କାର୍ଡଧାରୀମାନେ ବାର୍ଷିକ ୨,୦୦,୦୦୦ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ସ୍ୱତନ୍ତ୍ର ଫାଇଦାର ସୁଯୋଗ ନେଇପାରିବେ। ଏ ସମ୍ପର୍କରେ ଏସ୍‌ବିଆଇ କାର୍ଡର ଏମ୍‌ଡି ଓ ସିଇଓ ଅଭିଜିତ ଚକ୍ରବର୍ତ୍ତୀ କହିଥିଲେ,ଆକାଂକ୍ଷୀ ଜୀବନଶୈଳୀ ଏବଂ ଉତ୍ପାଦଗୁଡିକ ନିମନ୍ତେ ଭାରତୀୟ ଗ୍ରାହକଙ୍କର ବର୍ଦ୍ଧିତ ପ୍ରବୃତ୍ତି ରହୁଛି। ଆମେ ଏକ ସ୍ପେଶାଲାଇଜ୍‌ଡ କ୍ରେଡିଟ କାର୍ଡ ଟାଇଟନ ଏସ୍‌ବିଆଇ କାର୍ଡ ପ୍ରଚଳନ କରିବା ନେଇ ଆନନ୍ଦିତ ଅଛୁ, ଯାହା ଆମ ଗ୍ରାହକଙ୍କର ଜୀବନଶୈଳୀ ଆଧାରିତ ଖର୍ଚ୍ଚ ଆବଶ୍ୟକତା ପ୍ରତି ଦୃଷ୍ଟି ଦେଉଛି। ସେହିଭଳି ଟାଇଟନ କମ୍ପାନୀ ଲିମିଟେଡ୍‌ର ଏମ୍‌ଡି ସି.କେ.ଭେଙ୍କଟରମଣ କହିଥିଲେ, ଭାରତ ତୃତୀୟ ସର୍ବବୃହତ୍ ଉପଭୋକ୍ତା ବଜାର ହେବା ପଥରେ ଅଗ୍ରସର ହେଉଛି ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. eT-CRW-MCS-EL-12-2023

**କାର୍ଯ୍ୟର ନାମ :** 36 ମାସ ଅବଧି ନିମନ୍ତେ ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ୱର ଠାରେ POH ସମୟରେ LHB AC କୋଚ୍‌ଗୁଡ଼ିକର LHB ପ୍ୟାଣ୍ଟ୍ରି କାର ଏବଂ କମ୍ପୋଜିଟ/ମିନି ପ୍ୟାଣ୍ଟ୍ରି ଆଇଟମ୍ ଗୁଡ଼ିକରେ ସମସ୍ତ ପ୍ୟାଣ୍ଟ୍ରି ଆଇଟମ୍‌ଗୁଡ଼ିକର ମରାମତି ଏବଂ ଓଭରହାଲିଙ୍ଗ୍ ।

**ବିଜ୍ଞାପିତ ମୂଲ୍ୟ(₹):** 49,24,293.56, EMD(₹) : 98,500.00, ଶେଷ ହେବା ଅବଧି : 36 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.27.03.2024ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.10.04.2024ରିଖ 1500 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡରର ନଥିପତ୍ର ସହିତ ସଂପୂର୍ଣ୍ଣ ସୂଚନାବଳୀ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ,
ରେଳ ଡବା ମରାମତି କାରଖାନା,
ମଞ୍ଚେଶ୍ୱର

PR-1201/O/23-24

## ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ପକ୍ଷରୁ ୫୩ତମ ଜାତୀୟ ସୁରକ୍ଷା ସପ୍ତାହ

ଭୁବନେଶ୍ୱର,୨୨।୩




ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ ବା ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ପକ୍ଷରୁ ୫୩ତମ ଜାତୀୟ ସୁରକ୍ଷା ସପ୍ତାହ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ଓଡ଼ିଶା ୟୁନିଟ୍ (ଓଡ଼ିଶା ଅପରେଶନ)ରେ ମଧ୍ୟ ୫୩ତମ ଜାତୀୟ ସୁରକ୍ଷା ସପ୍ତାହ ପାଳନ କରାଯାଇଥିଲା। ବିଶେଷକରି କମ୍ପାନୀର କର୍ମଚାରୀଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ଏବଂ ନିରାପତ୍ତା ଆଦି ଉପରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ ସହ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା। ଉଲ୍ଲେଖଯୋଗ୍ୟ, କମ୍ପାନୀର ଓଡ଼ିଶା ୟୁନିଟ୍ ପକ୍ଷରୁ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମକୁ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ଓଡ଼ିଶା ଅପରେଶନ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁରେଶା ଜି ସୁରକ୍ଷା ପତାକା ଉତ୍ତୋଳନ ସହ ସପ୍ତାହବ୍ୟାପୀ ଉତ୍ସବକୁ ଶୁଭାରମ୍ଭ କରିଥିଲେ। ଅପରପକ୍ଷରେ ପରିବେଶ, ସାମାଜିକ ଏବଂ ଶାସନ (ଇଏସ୍‌ଜି) ଉତ୍କର୍ଷ ପାଇଁ ସୁରକ୍ଷା ନେତୃତ୍ୱ ଉପରେ ଧ୍ୟାନଦେବା ଉକ୍ତ କାର୍ଯ୍ୟକ୍ରମର ମୂଳ ବିଷୟବସ୍ତୁ ରହିଥିଲା ଏବଂ ଏହା ସହ କର୍ମକ୍ଷେତ୍ରରେ ନିରାପତ୍ତାକୁ ପ୍ରୋତ୍ସାହିତ କରିବା ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ଥିଲା ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଥିଲା। ଏପରିକି ପ୍ରଶାସନର ସୁରକ୍ଷା ପ୍ରତିଶ୍ରୁତି ସହିତ କାର୍ଯ୍ୟକ୍ରମର ଆରମ୍ଭ ସହ କାରଖାନା ପରିସରରେ ଏକ ରାଲିର ଆୟୋଜନ କରାଯାଇଥିଲା। ଏ ସମ୍ପର୍କରେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ଓଡ଼ିଶା ଅପରେଶନ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁରେଶା ଜି କହିଛନ୍ତି, ବୃତ୍ତିଗତ ସ୍ୱାସ୍ଥ୍ୟ ଏବଂ ନିରାପତ୍ତା ଆମର ପ୍ରାଥମିକତା ହୋଇଥିଲାବେଳେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆ କାରଖାନାର କର୍ମଚାରୀ ଏବଂ ଶ୍ରମିକମାନଙ୍କ ପାଇଁ ସ୍ୱାସ୍ଥ୍ୟ ଏବଂ ନିରାପତ୍ତା ସ୍ଥିତିର ଏକ ଆଦର୍ଶସ୍ତର ସ୍ଥିର କରିବାକୁ ପ୍ରତିଶ୍ରୁତିବଦ୍ଧ ରହିଛି। ଏପରିକି ବିଭିନ୍ନ ଆଚରଣ ଭିତ୍ତିକ ଅଧିବେଶନ, କ୍ରସ୍ ସପ ଫ୍ଲୋର ଅଡିଟ୍ ଏବଂ ସର୍ବୋତ୍ତମ ସୁରକ୍ଷାକୁ ଉତ୍ସାହିତ କରିବା ପାଇଁ ବିଭିନ୍ନ ପୁରସ୍କାର ଏବଂ ସ୍ୱୀକୃତି ପ୍ରଦାନ କରି ଆମେ ସ୍ୱାସ୍ଥ୍ୟ ଏବଂ ନିରାପତ୍ତାରେ ସାମଗ୍ରିକ ଉନ୍ନତି ଆଣିବାକୁ ଲକ୍ଷ୍ୟ ରଖିଛୁ। ଏହି ଅବସରରେ ପେଲେଟ ପ୍ଲାଣ୍ଟ ହେଡ୍ ୟୁଏସ୍‌ଆର୍ ରାଜୁ, ପାୱାର ପ୍ଲାଣ୍ଟ ହେଡ୍ ସରୋଜ ପଟ୍ଟନାୟକ ଏବଂ ହେଡ୍-ଅପରେଶନ୍ସ ସି. ଏ. ହରିପ୍ରସାଦ କର୍ମଚାରୀଙ୍କ ସହ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ଦଳ ଦ୍ୱାରା ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ପରିଶେଷରେ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ମୁଖ୍ୟ ସଞ୍ଜୀବ ମୁଦୁଲି ସ୍ୱାସ୍ଥ୍ୟ ଏବଂ ନିରାପତ୍ତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଏବଂ କର୍ମକ୍ଷେତ୍ରକୁ ସୁସ୍ଥ ଏବଂ ନିରାପଦ କରିବାରେ କର୍ମଚାରୀମାନଙ୍କୁ ଦାୟିତ୍ୱ ଗ୍ରହଣ କରିବା ସହ ପରସ୍ପରକୁ ସାହାଯ୍ୟ କରିବାକୁ ଅନୁରୋଧ କରିଥିଲେ।

**ODISHA PUBLIC SERVICE COMMISSION**
**CUTTACK**
**NOTICE**
**No. : 1732 / PSC, Dt : 21.03.2024**
(DR-IV)(2PF-01-2023-24)

No.D-275:It is for information of all concerned that, the written Examination for recruitment to the post of **Veterinary Assistant Surgeon / Additional Veterinary Assistant Surgeon**, pursuant to Advertisement No. 24 of 2023-24 will be held on 28.04.2024 (Sunday) in two session i.e. 1st session from **09.30 A.M. to 12.00 Noon (12.50 P.M. for PwD candidates)** and 2nd session from **02.00 P.M. to 04.30 P.M. (05.20 P.M. for PwD candidates)** at Cuttack zone.

The detailed programme of examination along with name of examination centre will be notified shortly. The candidates are advised to visit the website of the Commission (www.opsc.gov.in) regularly for further information in this regard.

OIPR-12002/11/0191/2324 **Sd./-Secretary**

**THE ASKA CO-OPERATIVE SUGAR INDUSTRIES LTD.**
P.O.:Nuagam (Aska)-761111, Dist-Ganjam, State-Odisha
Email id:askasugar@yahoo.co.in
GSTIN:21AAAAT5989L1ZO

L.No.(Pur.) /256/ Dt.21.3.2024
2056

**CANCELLATION OF QUOTATION CALL NOTICE**

The Aska Cooperative Sugar Industries Ltd., at Nuagam, Aska Quotation Call Notice No. (Pur), 1882, Dt.15.02.2024, No.1881, Dt.15.02.2024. For detail please visit our website:www.askasugar.com.

**Sd./- Managing Director**

**NOTICE**
**IN THE DEBTS RECOVERY TRIBUNAL, CUTTACK**
C-71, SECTOR-7, CDA, CUTTACK-753014
O.A. No. 406 of 2023

State Bank of India, Stressed Assets Recovery Branch (SARB), Madhupatna, Cuttack, Represented through its Assistant General Manager .... Applicant
-And-
Ms. Madhusmita Mohanty .... Defendant
To,
Mrs. Madhusmita Mohanty, D/o- Amarendra Mohanty, At/PO: Bhanpur, PS: Cuttack Sadar, Dist.: Cuttack, PIN-753011.

**SUMMONS BY PAPER PUBLICATION**
**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **OA No. 406 of 2023** in the Court of the Debts Recovery Tribunal, Orissa, at Cuttack for a recovery of **Rs.23,48,559.00** only together with current and future interest, costs and other relief's. The above-mentioned defendants are therefore hereby directed to appear before this Tribunal in person or through an Advocate or duly authorised agent, in support of their defense to show cause within **30 days** from the publication or on **2nd day of May, 2024 at 10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **8th day of March, 2024.**

Sd/- (Nikhila Ranjan Pati)
Registrar
Debts Recovery Tribunal

**FORM No. 13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
C-71, SECTOR - 7, C.D.A, CUTTACK, ODISHA
O.A. No. 577 OF 2023

Bank of India, Gopalpur Branch ...Applicant
Versus
Sukanta Charan sethy & Others ... Defendant(s)
To
1. Sukanta Charan Sethy,
2. Basanta Kumar Sethy,
3. Bishanta Charan Sethy,
4. Hemanta Kumar Sethy,
All are sons of Late Bishnu sethy
5. Mamita Sethy,
W/o: Late Prasant Ku Sethy,
6. Soumya Ranjan Sethy (Minor),
S/o: Late Prasant Ku Sethy,
7. Miss Meghana Priyadarsini Sethy (Minor),
D/o: Late Prasant Ku Sethy,
(Defendants No.: 6 & 7 represented through their mother guardian defendant No.: 5 Mamita Sethy)

All are At: Elamapur, P.O.: Ramakrishnapur, P.S.: Salipur, Cuttack, Odisha-754201.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A No. 577 of 2023** in the court of the debts of recovery Tribunal, Cuttack for recovery of **Rs. 23,80,871/-** only together with current and future interest, cost and other reliefs. The above mentioned defendants are therefore directed to appear before this Tribunal in person or through an Advocate or duly authorized agent, in support of their defence to show cause within **30 days** from the publication or on **dt 26.04.2024 at 10.30 a.m.** as to why reliefs prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **20th day of March, 2024.**

Sd/- (Nikhila Ranjan Pati)
REGISTRAR

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ନୁମାନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଘଣ୍ଟାଏ ଅନ୍ଧାର ହୋଇଯିବ ବିଶ୍ୱ

## ଆଜି ଆର୍ଥ ଆୱାର୍ ଡେ’



**୨**୩ ମାର୍ଚ୍ଚ ୨୦୨୪ ଅର୍ଥାତ୍ ଆଜି ରାତି ୮:୩୦ରୁ ୯:୩୦ ମଧ୍ୟରେ ଆର୍ଥ ଆୱାର ପାଳନ କରାଯିବ। ଏହା ଏକ ବିଶ୍ୱସ୍ତରୀୟ ଅଭିଯାନ। ଏଥିରେ ଲୋକମାନେ ଏକ ଘଣ୍ଟା ପାଇଁ ଲାଇଟ୍ ବନ୍ଦ କରି ଶକ୍ତି ସଞ୍ଚୟ କରିବାକୁ ପ୍ରତିଶ୍ରୁତି ନିଅନ୍ତି। ୱାର୍ଲ୍ଡ ୱାଇଲ୍ଡ ଫଣ୍ଡ ଫର୍ ନେଚର୍ ସଂସ୍ଥା ପକ୍ଷରୁ ସାରା ବିଶ୍ୱରେ ପ୍ରତିବର୍ଷ ଆର୍ଥ ଆୱାର ଆୟୋଜିତ ହୋଇଥାଏ। ଏହା ଅଧୀନରେ ବିଶ୍ୱର କୋଟି କୋଟି ଲୋକ ଏକ ଘଣ୍ଟା ପାଇଁ ବିଦ୍ୟୁତ ବ୍ୟବହାର ବନ୍ଦ କରିଦିଅନ୍ତି। ଏହାକୁ ଆର୍ଥ ଆୱାର କୁହାଯାଏ। ଆର୍ଥ ଆୱାର ୨୦୦୭ରେ ଅଷ୍ଟ୍ରେଲିଆର ସିଡନୀରେ ଆରମ୍ଭ ହୋଇଥିଲା। ସେବେଠାରୁ ଏହା ସମଗ୍ର ବିଶ୍ୱରେ ଏକ ଲୋକପ୍ରିୟ ଆନ୍ଦୋଳନରେ ପରିଣତ ହୋଇଛି। ୨୦୨୩ରେ, ୧୮୮ଦେଶ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୧୯୦ ନିୟୁତରୁ ଅଧିକ ଲୋକ ଆର୍ଥ ଆୱାରରେ ଅଂଶଗ୍ରହଣ କରିଥିଲେ। ଏଥର ମଧ୍ୟ ସମସ୍ତ ଦେଶ ଉତ୍ସାହର ସହିତ ଅଂଶଗ୍ରହଣ କରିବେ। ଆର୍ଥ ଆୱାର ଏକ ଛୋଟ ପ୍ରୟାସ, କିନ୍ତୁ ଏହାର ଏକ ବଡ ପ୍ରଭାବ ପଡିପାରେ। ଏହା ଆମକୁ ଶକ୍ତି ସଞ୍ଚୟ, ଜଳବାୟୁ ପରିବର୍ତ୍ତନ ସହିତ ମୁକାବିଲା ଏବଂ ଏକ ଉତ୍ତମ ଗ୍ରହ ସୃଷ୍ଟି କରିବାକୁ ପ୍ରେରଣା ଦିଏ। ଏହି ଇଭେଣ୍ଟ ମାଧ୍ୟମରେ ବିଶ୍ୱର ଲୋକମାନେ ପ୍ରତିଦିନ ପ୍ରକୃତିର କ୍ଷତି ବିଷୟରେ ଅବଗତ ହୁଅନ୍ତି। ଏହା ବ୍ୟତୀତ ପ୍ରକୃତିର ବିନାଶକୁ ରୋକିବା ପାଇଁ ପ୍ରୟାସ କରାଯାଏ। ଆଜି ରାତି ୮:୩୦ ରୁ ୯:୩୦ ପର୍ଯ୍ୟନ୍ତ ଘର, ଦୋକାନ ଏବଂ କାର୍ଯ୍ୟାଳୟରେ ବିଦ୍ୟୁତ ବନ୍ଦ କରନ୍ତୁ। ମହମବତୀ, ଦୀପ କିମ୍ବା ସୌର ଚାଳିତ ଦୀପ ବ୍ୟବହାର କରନ୍ତୁ। ଆର୍ଥ ଆୱାରରେ ଅଂଶଗ୍ରହଣ କରିବାକୁ ଆପଣଙ୍କ ପରିବାର ଏବଂ ସାଙ୍ଗମାନଙ୍କୁ ଉତ୍ସାହିତ କରନ୍ତୁ।

**Classified Everyday**
**0674-2580101, 2549949**



**REAL ESTATE**
**SALE**

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 3,60,000/-, ଛତାବର Bypass sqft.- 500/-. 9776974912. D-75931

**66 Dec-2875sqft. plot to be sold in front of Pradhan Transport, Shikarpur, 1.75cr, 8895331410.** D-2842

Wanted Sharing Land with 30/40 feet road for Simplex/ Duplex/ Apartment projects within Bhubaneswar, Cuttack, Puri. 7008550473. D-2838

Book 3/4BHK premium flat at Saubhagya Nagar, OUAT Square near Khimji & Narula Sweets. Flooring work going on, handover Aug-24. Contact- 9439716901. D-75526

Duplex project at Retanga Medical, Station near CV Raman University, Tamando, Bhubaneswar. 7008459987. D-75928

**2/3BHK premium flat for sale at Jayadev Vihar Chhak. Contact- 9437307086, 7008789347, 7978209277.** D-2706

Bhubaneswar ପୋଖରୀପୁଟରୁ 5K.M. କୁହା ମୌଜାରେ ଚାରିପଟେ ଘରଥାଇ ମଝିରେ 2000sqft. plot 38,00,000/- ବିକ୍ରିହେବ। 9938016295. D-75930

**Gharabari Plots and 2/3BHK Flats at Uttara, Patrapada, Bhubaneswar. 8270370007** D-2712

**Bank approved gharabari plot boundary wall ସହିତ ବିକ୍ରି ହେଉଛି near Oxford Engg. College just 7.5 K.M. from Hanspal Square. 9437005434.** D-75926

Buy or Sale Property- 8984071303. Balianta 1 acre, Jatni Gate 2 acre, Nakhara 1 acre, Baranga 4 acre available. D-2839

ଭୁବନେଶ୍ୱର Hot Location ତ୍ରିଶୂଳିଆ ଛକ ନିକଟବର୍ତ୍ତୀ CISF, Sai International School ଓ Central Schoolଠାରୁ 700 mtrs. ମଧ୍ୟରେ 30ft. Road, Electricity, Boundary ଥାଇ ‘Srikrishna Vihar’ରେ ପ୍ଲଟ୍ ବିକ୍ରିହେବ। 6371902075, 9776602067. D-75921

**Semifurnished 3BHK flat for sale at Jharpada 80’ road side. Contact- 9437307086, 7008789347, 7978209277.** D-2705

ଭୁବନେଶ୍ୱର ପଟିଆ ତ୍ରିଶୁଳିଆ ଛକ ପାଖରେ **100ft. roadside yellowzone 30ft.** ରାସ୍ତା ଥାଇ ସଙ୍ଗେସଙ୍ଗେ ଘର କଲାଭଳି ପୋଜେସନ୍ ପ୍ଲଟ୍ ମିଳୁଛି। **7978701424, 9937025614.** D-75299




Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75718

**Relax, Refresh your body, Mind at Saikrupa Spa with best therapies. 8984068077.** D-2774

Relax, Refresh your body, mind by expert therapist. Contact- 9938843929. D-76108

**LOST**

ମୁଁ ଶ୍ରୀ ଘନଶ୍ୟାମ ସାହୁ, ପିତା- ଶତ୍ରୁଘ୍ନ ସାହୁ, ଗ୍ରାମ- ବୋଧେଇ, ପୋ- ଡାଗରପଡ଼ା, ଥାନା- ତିର୍ତ୍ତୋଲ, ଜିଲ୍ଲା- ଜଗତ୍‌ସିଂହପୁର। ଏହି ବିଜ୍ଞାପନ ଦ୍ୱାରା ସୂଚନା ଦେଉଛି ଯେ, ମୋର ଗୋଟିଏ ପଟ୍ଟା ଖାତା ନଂ.-୧୧୭/୯ ଓ ପ୍ଲଟ୍ ନଂ.-୧୭୭,୧୭୮, ୧୭୯, ମୌଜା- ବିନ୍ଧାପଡ଼ା, ତହସିଲ- ତିର୍ତ୍ତୋଲ ଓ ଗୋଟିଏ କବଲା ନଂ.- ୪୧,୧୮୫୦, ୧୮୫୧ ଯାହା ଗତ ତା ୧୪।୦୩।୨୦୨୪ରିଖ ଦିନ ମୋର କୌଣସି ଅସାବଧାନତା ଯୋଗୁ କେଉଁଠାରେ ହଜିଯାଇଛି। ଯଦି କୌଣସି ସହୃଦୟ ବ୍ୟକ୍ତି ଉକ୍ତ ପଟ୍ଟା ଓ କବଲାଟିକୁ ପାଇବେ ଆମ୍ଭ ଓକିଲଙ୍କ ସହ ଯୋଗାଯୋଗ କରିବାକୁ ବିନୀତ ଅନୁରୋଧ।
ଓକିଲ- ଦୀପକ କୁମାର ସାହୁ,
ମୋ- ୯୯୩୭୦୫୮୭୮୫
ଧ- ୨୮୪୫

ମୁଁ ଅଜୟ କୁମାର ଦଳେଇ, ପିତା- ୰ସଦାନନ୍ଦ ଦଳେଇ, ଗ୍ରାମ- ମୁକ୍ତାପୁର, ପୋଷ୍ଟ- କେରାଣ୍ଡିଟାଙ୍ଗି, ଥାନା- ଚାନ୍ଦପୁର, ଜିଲ୍ଲା- ନୟାଗଡ଼, ପିନ୍- ୭୫୨୦୨୪, ଓଡ଼ିଶା। ମୁଁ ବିଜ୍ଞାପନ ଦବାର କାରଣ ଏହିକି ଯେ ମୋର ଓରିଜିନାଲ୍ କବଲା ନଂ.-୧୪୧ ୨୧୦ ୧୫୫୧ ମୁଁ ତା ୧୫।୦୩।୨୦୨୪ରିଖ ସମୟ ଅପରାହ୍ନ ୩ ଘଟିକା ସମୟରେ ଚାନ୍ଦପୁରରୁ ଆମ୍ଭ ଗ୍ରାମ କେରାଣ୍ଡିଟାଙ୍ଗି ଫେରୁଥିବା ବେଳେ ରାସ୍ତାରେ କେଉଁଠାରେ ଉକ୍ତ କବଲାଟି ହଜିଯାଇଥିଲା। ଏଣୁ ବିନୀତ ଅନୁରୋଧ କରୁଅଛି କି ଯଦି କେହି ସହୃଦୟ ବ୍ୟକ୍ତି କବଲାଟିକୁ ପାଇବେ ନିମ୍ନମତେ ମୋ ଓକିଲଙ୍କୁ ଯୋଗାଯୋଗ କରିବେ। ଓକିଲ- ଦୀପକ କୁମାର ସାହୁ, ମୋ- ୯୯୩୭୦୫୮୭୮୫ (D୨୨୮୬୪). ଧ-୨୮୩୭

**AFFIDAVIT**

I, Jayashree Priyadarshanee Pradhan, W/o- Manoj Kumar Mohanty resident of ward No.-41, Janpath, P.O./P.S.- Kharvel Nagar, Unit-3, Plot-M, near Alishan Showroom Lane, Bhubaneswar, Dist.- Khurda, PIN-751001, Odisha declare by this affidavit No.-C.F. No.-36 dtd. 02.01.2020 that now onwards I shall be known as Jayashree Mohanty for all future purposes. D-2834

By virtue of an affidavit sworn before the Executive Magistrate, Bhubaneswar on dated 22.03.2024, I, BIJAYANI NAYAK, Plot No.- N-5/410, IRC Village, Bhubaneswar have changed my name from BIJAYANI NAIK to BIJAYANI NAYAK. Henceforth, I shall be known as BIJAYANI NAYAK for all purposes.
Sd./- Bijayani Nayak
D-2843

By virtue of an affidavit sworn before the Executive Magistrate, Bhubaneswar on dated 22.03.2024, I, Mr. KEDARNATH NAYAK, Plot No.- N-5/410, IRC Village, Bhubaneswar have changed my name from Mr. KEDARNATH NAIK to Mr. KEDARNATH NAYAK. Henceforth, I shall be known as Mr. KEDARNATH NAYAK for all purposes.
Sd./- Kedarnath Nayak
D-2844

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**LEGAL NOTICE**

ଶ୍ରୀଯୁକ୍ତ ଅତିରିକ୍ତ ଆୟୁକ୍ତ ବନ୍ଦୋବସ୍ତ, କୋର୍ଟ ନଂ.-୩, ଭୁବନେଶ୍ୱର, ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର, ଜି- ଖୋର୍ଦ୍ଧା ଆର୍.ପି.କେସ୍ ନଂ.- ୧୧୮୯/୨୦୧୮

କୈଳାଶ ଚନ୍ଦ୍ର ସାହୁ, ପିତା- ୰ଚକ୍ରଧର ସାହୁ, ସା/ପୋ- ଏବରଙ୍ଗ, ଥାନା- ଗୋପ, ଜି- ପୁରୀ, ବର୍ତ୍ତମାନ ଠିକଣା- ସା-ଏନ୍-୧ଏ/୨, ଆଇଆର୍‌ସି ଭିଲେଜ, ପୋ/ଥାନା- ନୟାପଲ୍ଲୀ, ଭୁବନେଶ୍ୱର, ଜି- ଖୋର୍ଦ୍ଧା।
.....ବାଦୀ

ବନାମ

କାଳନ୍ଦି ଚରଣ ପରିଡ଼ା, ପିତା- ୰ଫକିର ପରିଡ଼ା, ସା- ଭାତଖୁରି, ପୋ- ଗଙ୍ଗପଡ଼ା, ଥାନା- ଚନ୍ଦକା, ଜି- ଖୋର୍ଦ୍ଧା ଓ ଅନ୍ୟମାନେ
.....ପ୍ରତିବାଦୀମାନେ

ନୋଟିସ୍ ଅର୍ଡର-୫ ରୁଲ୍-୨୦ ସି.ପି.ସି. ମୁତାବକ

ପ୍ରାପ୍ତେଷୁ,
୧. କାଳନ୍ଦି ଚରଣ ପରିଡ଼ା, ବୟସ ୬୭ବର୍ଷ, ପିତା- ୰ଫକିର ପରିଡ଼ା, ସା- ଭାତଖୁରି, ପୋ- ଗଙ୍ଗପଡ଼ା, ଥାନା- ଚନ୍ଦକା, ଜି-ଖୋର୍ଦ୍ଧା, ୨. ବାଳକୃଷ୍ଣ ପରିଡ଼ା, ବୟସ ୫୮ବର୍ଷ, ପିତା- ୰ଫକିର ପରିଡ଼ା, ସା- ଭାତଖୁରି, ପୋ- ଗଙ୍ଗପଡ଼ା, ଥାନା- ଚନ୍ଦକା, ଜି- ଖୋର୍ଦ୍ଧା, ୩. ବଳରାମ ପରିଡ଼ା, ବୟସ ୫୨ବର୍ଷ, ପିତା- ୰ଫକିର ପରିଡ଼ା, ସା- ଭାତଖୁରି, ପୋ- ଗଙ୍ଗପଡ଼ା, ଥାନା- ଚନ୍ଦକା, ଜି- ଖୋର୍ଦ୍ଧା, ୪. ସିବାନୀ ଇଷ୍ଟେଟ୍ ଓ ପ୍ରମୋଟର୍ସ ପ୍ରା.ଲି଼ଃ. ତରଫ ମ୍ୟାନେଜିଂ ଡାଇରେକ୍ଟର ଶ୍ରୀ ରତିକାନ୍ତ କାନୁନ୍‌ଗୋ, ବୟସ ୫୪ବର୍ଷ, ପିତା- ଶ୍ରୀ ଅନିଲ କୁମାର କାନୁନ୍‌ଗୋ, ପ୍ଲଟ୍ ନଂ.-୮/ଏ, ପୋ/ଥାନା- ସହିଦ ନଗର, ଭୁବନେଶ୍ୱର, ଜି- ଖୋର୍ଦ୍ଧା।

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଉପରୋକ୍ତ ରିଭିଜନ ପିଟିସନ କେସ୍ ମାନ୍ୟବର ଅଦାଲତଙ୍କ ଇଜିଲାସରେ ଶୁଣାଣି ନିମନ୍ତେ ପଞ୍ଜୀକୃତ ଡ଼ାକ ଦ୍ୱାରା ନୋଟିସ୍ ଜାରି କରାଯାଇଥିଲେ ମଧ୍ୟ ଏହି ନୋଟିସ୍ ବିଭିନ୍ନ କାରଣ ଦର୍ଶାଇ ଫେରସ୍ତ ଆସିଅଛି। ଏଣୁ ଉକ୍ତ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରଲିଖିତ ଆର୍.ପି. କେସ୍‌ର ଶୁଣାଣି ଉପରୋକ୍ତ କାର୍ଯ୍ୟାଳୟରେ ଆସନ୍ତା ତା ୦୭।୦୫।୨୪ରିଖ ଦିବା ଘ୦୩:୦୦ ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଜମିର ବିବରଣୀ
ଜି-ଖୋର୍ଦ୍ଧା, ତହସିଲ- ଜଟଣୀ, ମୌଜା- ନୀଳକଣ୍ଠପୁର

ସାବକ
ସାବକ ଖାତା ନଂ.-୧୫୧, ସାବକ ପ୍ଲଟ୍ ନଂ.-୨୦୯, ରକବା- ଏ୧.୦୬୫ଡି., ସ୍ୱଧ ଏ୦.୦୨୮ଡି., ସ୍ୱତ୍ୱ, କିସମ

ହାଲ୍
ହାଲ୍‌ଖାତା ନଂ.-୪୪, ହାଲ୍ ପ୍ଲଟ୍ ନଂ.-୪୧୬, ରକବା- ଏ୦.୨୭୧ଡି., ସ୍ୱଧ ଏ୦.୦୨୮ଡି., (ସବ୍‌ପ୍ଲଟ୍ ନଂ.-୨୪), ସ୍ୱତ୍ୱ, କିସମ

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀମାନେ ନିଜେ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶ ଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଏସଲା କରାଯିବ।
ତା. ୦୭।୦୩/୨୪
ଭୁବନେଶ୍ୱର
ବନ୍ଦୋବସ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୨୮୩୬

## ପୁଣି ମା’ ହେବାକୁ ଚାହୁଁଥିଲି


ରାଣୀ ମୁଖାର୍ଜୀ

**ମୁମ୍ବାଇ:** ବଲିଉଡର ସବୁଠାରୁ ଟ୍ୟାଲେଣ୍ଟେଡ ଆକ୍ଟ୍ରେସଙ୍କ ଭିତରୁ ରାଣୀ ମୁଖାର୍ଜୀ ଅନ୍ୟତମ। ନିକଟରେ ସେ ତାଙ୍କର ୪୬ ତମ ଜନ୍ମଦିନ ପାଳନ କରିଛନ୍ତି। ଏକ ସାକ୍ଷାତକାରରେ ଅଭିନେତ୍ରୀ ବଖାଣିଛନ୍ତି, ଗର୍ଭପାତ ସମୟରେ ତାଙ୍କୁ କେତେ କଷ୍ଟ ହୋଇଥିଲା। ସେ କହିଛନ୍ତି, ମୋତେ ବହୁତ ଡର ଲାଗିଥିଲା । ମୋ ୮ ବର୍ଷର ଝିଅ ଆଦିରାଙ୍କୁ ଆଉ ଜଣେ ଭଉଣୀ ବା ଭାଇ ଦେଇ ପାରି ନ ଥିଲି। ଦ୍ୱିତୀୟ ସନ୍ତାନ ପାଇଁ ୭ ବର୍ଷ ଚେଷ୍ଟା କରିଥିଲି। ଶେଷରେ ଚେଷ୍ଟା କରି ଗର୍ଭବତୀ ହୋଇଥିଲି। ହେଲେ ମୋ ପିଲାକୁ ହରାଇଥିଲି। ହୁଏତ ତାହା ମୋ ପାଇଁ ଏକ ପରୀକ୍ଷାର ସମୟ ଥିଲା। ସେ ଆହୁରି ମଧ୍ୟ କହିଛନ୍ତି, ମୋ ବୟସ ହେଉଛି ଗର୍ଭପାତର ଆଉ ଏକ କାରଣ। ହେଲେ ପ୍ରତିକୂଳ ପରିସ୍ଥିତିରେ ବଞ୍ଚିବା ଶିଖିଛି। ସୂଚନାଥାଉ କି, କରୋନା ପୂର୍ବରୁ ତାଙ୍କ ଅଭିନୀତ ଫିଲ୍ମ ମିସେସ ଚାଟାର୍ଜୀ ଭର୍ସେସ ନରଓ୍ୱେ, ମାତୃତ୍ୱ ସମ୍ପର୍କରେ ଏକ ସଚେତନା ଥିଲା, ଯାହା କିଛିଦିନ ପୂର୍ବେ ସିନେମା ହଲରେ ହିଟ୍ ହୋଇଥିଲା।

**CLASSIFIED DISPLAY**

**MORE SPACE • SAME PRICE** — TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

SHUBHRA RANJAN
Always Ahead
Delhi’s Best IAS Institute now in Bhubaneswar
GS FOUNDATION COURSE
(ONLINE / OFFLINE MODE)
UPSC (IAS, IPS, IRS..) OPSC (OAS, OPS, ORS..)
GENERAL STUDIES INTEGRATED COURSE
COURSE FEATURES
- Comprehensive Coverage
- Conceptual Clarity
- Weekly Answer Writing
- Doubt Session
- 800+ Hours Classes
- Mentorship

MODULAR COURSES
- Test Series
- Current Affairs
- CSAT
- ESSAY

Head Office
25 PUSA ROAD, KAROL BAGH, NEW DELHI-110005
Mobile/Whatsapp
7008476028
7788807774
9668384085

OAS HUB
Make your dreams into reality
OAS / IAS
JOIN NEW PRELIMS TO PERSONALITY TEST (P2P) BATCH.
For Odisha Administrative Services.
ADMISSION OPEN NOW
Somi Palace, Plot No. M5/17, Ground Floor, Acharya Vihar, Bhubaneswar
Contact Us:
8926232634
9827166018

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା ।
ମୁଦ୍ରା ଫାଇନାନ୍ସ
Mob. 7382841797

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ**



**୰ସମର ଲେଙ୍କା**
ତିର୍ତ୍ତୋଲ, ଜଗତ୍‌ସିଂହପୁର
ଆବିର୍ଭାବ: ୧୪।୦୪।୧୯୩୪
ତିରୋଧାନ: ୧୩।୦୩।୨୦୨୪
ଚାହୁଁ ଚାହୁଁ ଏଗାର ଦିନ ବିତିଗଲା। ଏବେବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲି ଯାଇଛ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ପ୍ରେରଣା ଦାୟକ ହେଉ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଇତି: ହତଭାଗ୍ୟ ପୁତ୍ର: ସୁରେନ୍ଦ୍ର, ନିରଞ୍ଜନ, ଧୀରେନ୍ଦ୍ର, ବୋହୂ: ଶୈଳବାଳା, କାଦମ୍ବିନି, ଲିନାରାଣୀ, ଝିଅ: ମମତା, ସାଇଁତା, ଜ୍ୱାଇଁ: ନିଖିଳ, ତନ୍ମୟ, ନାତି, ନାତୁଣୀ, ଓ ଅଣନାତି
ଧ-୨୮୪୬

**ଏକାଦଶାହ ଶ୍ରଦ୍ଧାଞ୍ଜଳି**



**୰ସାରିଆ ଜେନା**
ଭୁବନପୁର, ବାଲିଅନ୍ତା, ଭୁବନେଶ୍ୱର
ଆବିର୍ଭାବ: ୦୧।୦୧।୧୯୫୨
ତିରୋଧାନ: ୧୩।୦୩।୨୦୨୪
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପୁତ୍ର: ରମେଶ ଚନ୍ଦ୍ର ଜେନା ଓ ବନ୍ଧୁ, ପରିବାରବର୍ଗ ।
ଧ-୭୧୨୨୯

## ସତର୍କ କରୁଛି, ଜୀବନ ବଞ୍ଚାଉଛି ପାଣିପାଗ ପୂର୍ବାନୁମାନ

### ଆଜି ବିଶ୍ୱ ପାଣିପାଗ ଦିବସ

**ଭୁବନେଶ୍ୱର,୨୨।୩(ଅନୁରାଧା ମହାରଣା):** ୧୯୫୦ ମାର୍ଚ୍ଚ ୨୩ରେ ଜାତିସଂଘ ଦ୍ୱାରା ବିଶ୍ୱ ପାଣିପାଗ ସଂଗଠନ ପ୍ରତିଷ୍ଠା ହୋଇଥିଲା। ତେବେ ୧୯୬୧ ମସିହାରୁ ପ୍ରତିବର୍ଷ ଏହିଦିନକୁ ବିଶ୍ୱ ପାଣିପାଗ ଦିବସ ଭାବେ ପାଳନ କରାଯାଉଛି। ମାନବ ସମାଜର ସୁରକ୍ଷା ଓ କଲ୍ୟାଣ ପାଇଁ ପାଣିପାଗ ଓ ଜଳବିଜ୍ଞାନ ସେବାର ଅବଦାନ ସମ୍ପର୍କରେ ଏହି ଦିବସ ମନେ ପକାଇଦିଏ। ବିଶ୍ୱ ପାଣିପାଗ ସଂଗଠନର ତଥ୍ୟ ସଂଗ୍ରହ ବିନା ଦୈନନ୍ଦିନ ପାଣିପାଗ ପୂର୍ବାନୁମାନ ପାଇବା ଅସମ୍ଭବ। ଖାଦ୍ୟ ନିରାପତ୍ତା, ଜଳସ୍ରୋତ, ପରିବହନ ଓ ଗମନାଗମନ କ୍ଷେତ୍ରରେ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କରେ ପୂର୍ବ ସୂଚନା ମିଳୁଥିବାରୁ ଜନଜୀବନକୁ ବିଶେଷ କ୍ଷତିଗ୍ରସ୍ତ ହେବାକୁ ପଡ଼େନାହିଁ। ବିଶ୍ୱ ପାଣିପାଗ ସଂଗଠନ ଯୋଗୁ ବର୍ଷା, ଝଡ଼, ବାତ୍ୟା ଓ ବନ୍ୟା ଆଦି ସମ୍ପର୍କରେ ସୂଚନା ପାଇ ଲୋକେ ସଚେତନ ହୋଇପାରୁଛନ୍ତି। ଆଗୁଆ ସତର୍କ ହୋଇଯାଉଥିବାରୁ କ୍ଷୟକ୍ଷତି ଟଳି ଯାଉଛି ବା କମ୍ ହେଉଛି। ତେଣୁ ଚଳିତବର୍ଷ ଏହି ଦିବସର ବିଷୟବସ୍ତୁ ରହିଛି ‘ଆଟ୍ ଦ ଫ୍ରଣ୍ଟ ଲାଇନ୍ ଅଫ୍ କ୍ଲାଇମେଟ୍ ଆକ୍ସନ’।

**‘ଅଙ୍ଗାରକାମ୍ଳ ବାହାର କରୁଥିବା ମାନବକୃତ ପ୍ରକ୍ରିୟା ଉପରେ ରୋକ ଲଗାଯାଉ’**

ଜଳବାୟୁ ପରିବର୍ତ୍ତନର ମନୁଷ୍ୟକୃତ କାରଣ ଅଧିକ ରହୁଛି। ସବୁଜଗୃହ ପ୍ରଭାବ ଅଧିକ କ୍ଷତିକାରକ ହେବାର ସମ୍ଭାବନା ରହିଛି। ବର୍ତ୍ତମାନ ଆମ କାର୍ଯ୍ୟକଳାପରେ ସୁଧାର ଆଣିବା ନିହାତି ଦରକାର। ତେବେ ଜଳବାୟୁ ପରିବର୍ତ୍ତନଜନିତ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇବା ପାଇଁ ୪ଟି ଦିଗ ପ୍ରତି ଗୁରୁତ୍ୱ ଦେବା ଆବଶ୍ୟକ। ପ୍ରଥମେ ପାଣିପାଗ ସ୍ଥିତି ସଂକ୍ରାନ୍ତରେ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଠିକ୍ ଆକଳନ କରାଯିବା ଦ୍ୱାରା ଅନେକ ସମସ୍ୟା ଏଡ଼ାଇ ଦିଆଯାଇପାରେ। ଅନ୍ୟ ୩ଟି ହେଲା ପାଣିପାଗଜନିତ ବିପର୍ଯ୍ୟୟର ଠିକ୍ ମୁକାବିଲା, ବିପର୍ଯ୍ୟୟ ରୋକିବାର ପ୍ରୟାସ ଏବଂ ପରିବେଶ ସୁରକ୍ଷା। ତେବେ ଅଙ୍ଗାରକାମ୍ଳ ବାହାରୁଥିବା ବିଭିନ୍ନ ମାନବକୃତ ପ୍ରକ୍ରିୟା ଉପରେ ରୋକ ଲଗାଇବା ହିଁ ସର୍ବଶ୍ରେଷ୍ଠ ମାଧ୍ୟମ।

**-ଡ. ମୃତ୍ୟୁଞ୍ଜୟ ମହାପାତ୍ର, ଡିଜି, ଭାରତୀୟ ପାଣିପାଗ ବିଜ୍ଞାନ କେନ୍ଦ୍ର।**

**‘ପାଣିପାଗର ଠିକ୍ ସୂଚନା ପ୍ରଦାନ ଜରୁରୀ’**

ଆମେ ସମସ୍ତେ ସଚେତନ ହେଲେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିବା ସହଜ ହୋଇପାରିବ। ପାଣିପାଗ ସମ୍ପର୍କିତ ଠିକ୍ ସୂଚନା ପାଇପାରିଲେ ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟରୁ ଅନେକ ଧନଜୀବନ ସୁରକ୍ଷିତ ରହିପାରିବ। ତେଣୁ ବର୍ତ୍ତମାନ ପାକିସ୍ତାନ, ଇଣ୍ଡୋନେସିଆ, ମାଲେସିଆ ଭଳି ଦେଶଗୁଡ଼ିକ ଏଥିପାଇଁ ଭାରତ ଉପରେ ନିର୍ଭରଶୀଳ। ତେବେ ଠିକ୍ ପାଣିପାଗ ନିର୍ଣ୍ଣୟ ସହ ଗ୍ଲୋବାଲ ୱାର୍ମିଂରୁ ପରିବେଶକୁ ସୁରକ୍ଷିତ ରଖିବା ମଧ୍ୟ ନିତାନ୍ତ ଆବଶ୍ୟକ।

**-ଉମାଶଙ୍କର ଦାଶ, ପାଣିପାଗ ବିଶେଷଜ୍ଞ**

# ପାଟଶାଣୀଙ୍କୁ ରଘୁ ସମର୍ଥକଙ୍କ ବିରୋଧ

## ଚିଲିକା ବିଧାନସଭା ନିର୍ବାଚନମଣ୍ଡଳୀ

ଖୋର୍ଦ୍ଧା,୨୨।୩ (ପ୍ରଭାତ ପାଣିଗ୍ରାହୀ)

ଆଗାମୀ ନିର୍ବାଚନ ପାଇଁ ତାରିଖ ଘୋଷଣା ହେବା ପରେ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି। ଖୋର୍ଦ୍ଧା ଜିଲା ଚିଲିକା ନିର୍ବାଚନମଣ୍ଡଳୀରେ ଶାସକ ଦଳରେ ଆଶାୟୀ ପ୍ରାର୍ଥୀଙ୍କ ମଧ୍ୟରେ ଛକାପଞ୍ଝା ଆରମ୍ଭ ହୋଇଯାଇଛି। ସମସ୍ତେ ନିଜ ସ୍ତରରେ ସମର୍ଥକଙ୍କ ସହ ଶକ୍ତି ପ୍ରଦର୍ଶନରେ ଲାଗିପଡ଼ିଛନ୍ତି। ଏପରିକି ଶୁକ୍ରବାର ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ସୋସିଆଲ ମିଡିଆ 'ଏକ୍ସ' ଜରିଆରେ ଭାଜପା ଏକାକୀ ଲଢ଼ିବ ବୋଲି କହିବା ପରେ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ (ବବି) ଦଳ ପ୍ରସ୍ତୁତ ଥିବା କହିଛନ୍ତି। ବବିଙ୍କ ମତ ଜାଣିବା ପରେ ବିଜେଡି ଆଶାୟୀମାନେ ଉତ୍ସାହିତ ହୋଇପଡ଼ିଥିବା ଲକ୍ଷ୍ୟ କରାଯାଉଛି।

ନିକଟରେ ନବୀନ ନିବାସରେ ପୁରୀ ଲୋକ ସଭା ଆସନ ଅନ୍ତର୍ଗତ ସମସ୍ତ ବିଧାନସଭା କ୍ଷେତ୍ର ପାଇଁ ଦଳୀୟ ଆଶାୟୀ ପ୍ରାର୍ଥୀ ଯୋଗ ଦେଇଥିଲେ। ଏଥିରେ ଦଳରୁ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ ଓ ବରିଷ୍ଠ ନେତା ଅରୂପ ପଟ୍ଟନାୟକ ଉପସ୍ଥିତ ଥିଲେ। ପ୍ରସନ୍ନ ଚିଲିକାରୁ ବିଧାୟକ ପ୍ରାର୍ଥୀ ଭାବେ ଲଢ଼ିବା ସ୍ଥିର ହୋଇଥିବା ଚର୍ଚ୍ଚା ହେବା ପରେ ଦଳରେ ଏହାକୁ ନେଇ ଆଲୋଡ଼ନ ସୃଷ୍ଟି ହୋଇଥିଲା। ପ୍ରସନ୍ନଙ୍କ ଜନ୍ମସ୍ଥାନ ଚିଲିକା ଅଞ୍ଚଳ ହୋଇଥିବା ବେଳେ ତାଙ୍କ କର୍ମଭୂମି ଖୋର୍ଦ୍ଧା ଏବଂ ଭୁବନେଶ୍ୱର ରହିଛି। ସେ ଖୋର୍ଦ୍ଧାରୁ କ୍ରମାଗତ ୪ଥର ବିଧାୟକ ରହିଥିବା ବେଳେ ଏକାଧିକ ଥର ଭୁବନେଶ୍ୱର ଏମ୍‌ପି ରହିଥିଲେ। ଚିଲିକା ନିର୍ବାଚନମଣ୍ଡଳୀରେ ତାଙ୍କର କୌଣସି ଭୂମିକା ନ ଥିବା ବେଳେ ଏଠାରୁ ତାଙ୍କର ପ୍ରାର୍ଥିତ୍ୱକୁ ନେଇ ଦଳୀୟ ମହଲରେ ଅସନ୍ତୋଷ ଦେଖାଦେଇଛି। ୨୦୧୯ରେ ଏଠାରୁ ପ୍ରଶାନ୍ତ ଜଗଦେବ ବିଜୟୀ ହୋଇଥିବା ସତ୍ତ୍ୱେ ପରବର୍ତ୍ତୀ ସମୟରେ ତାଙ୍କ ବ୍ୟବହାର ଖରାପ ହେବାରୁ କେବଳ ଚିଲିକା ବିଧାନସଭା ନିର୍ବାଚନମଣ୍ଡଳୀ ନୁହେଁ, ସାରା ଓଡ଼ିଶାରେ ସେ ନିନ୍ଦିତ ହୋଇଥିଲେ। ଏଭଳି ସ୍ଥଳେ ଦଳ ତା'ର ଭୁଲ ସୁଧାରି ଚଳିତ ବର୍ଷ ଯୁବ ନେତୃତ୍ୱକୁ ସ୍ଥାନ ଦେଉ ବୋଲି ଦାବି ହେଲାଣି। ଦଳ ଚାହିଁଲେ ଏଠାରୁ ସେ ଲଢ଼ିବେ ବୋଲି ପ୍ରସନ୍ନ ଗଣମାଧ୍ୟମ ଆଗରେ କହିଛନ୍ତି। ହେଲେ ତାଙ୍କ ପ୍ରାର୍ଥିତ୍ୱ ପ୍ରତି ଦଳୀୟ ବିରୋଧ ବଢ଼ୁଥିବାରୁ ଚିଲିକା ନିର୍ବାଚନମଣ୍ଡଳୀରେ ବିଜେଡି କର୍ମୀଙ୍କ ମଧ୍ୟରେ ଭିନ୍ନ ବାତାବରଣ ସୃଷ୍ଟି ହୋଇଛି। ପୁଣି ଚିଲିକାରୁ ପ୍ରସନ୍ନଙ୍କ ନାଁ ଉଠିବା ପରେ ପୂର୍ବତନ ବିଧାୟକ ରଘୁନାଥ ସାହୁଙ୍କ ସମର୍ଥକମାନେ ଦଳୀୟ ନିଷ୍ପତ୍ତିକୁ ସହଜରେ ଗ୍ରହଣ କରିପାରିନାହାନ୍ତି। ଦୀର୍ଘ ବର୍ଷ ଧରି ସେ ନିଜର ସଙ୍ଗଠନ ବଢ଼ାଇ ଚାଲିଥିବା ବେଳେ ଦଳ ଟିକେଟ ନ ଦେଲେ ତାଙ୍କ ଆଗାମୀ ରଣନୀତି କ'ଣ ହେବ ତାହାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଚାଲିଛି। ତେବେ ସେ ଏବେବି ଶୀର୍ଷ ନେତୃତ୍ୱଙ୍କ ଉପରେ ଭରସା ରଖିଥିବା କହୁଛନ୍ତି।


ଚିଲିକା ବିଧାନସଭା ନିର୍ବାଚନମଣ୍ଡଳୀରୁ ଆସିଥିବା ପୂର୍ବତନ ବିଧାୟକ ରଘୁନାଥ ସାହୁଙ୍କ ସମର୍ଥକମାନେ ଶଙ୍ଖ ଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

### ଶଙ୍ଖ ଭବନ ସମ୍ମୁଖରେ ବିକ୍ଷୋଭ

ଭୁବନେଶ୍ୱର,୨୨।୩(ଅନିଲ ଦାସ)

ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀଙ୍କୁ ଚିଲିକା ନିର୍ବାଚନମଣ୍ଡଳୀରୁ ଟିକେଟ ମିଳିବା ନେଇ ଚର୍ଚ୍ଚା ହେବା ପରେ ପୂର୍ବତନ ବିଧାୟକ ରଘୁନାଥ ସାହୁଙ୍କ ନିଦ ହଜିଯାଇଛି। ଶୁକ୍ରବାର ଶଙ୍ଖଭବନ ସମ୍ମୁଖରେ ରଘୁଙ୍କ ସମର୍ଥକମାନେ ପାଟଶାଣୀଙ୍କୁ ପ୍ରାର୍ଥୀ ନ କରିବା ପାଇଁ ନିବେଦନ କରିଛନ୍ତି। ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ଭାଜପାରେ ମିଶିବା ପରେ ସେହି ନିର୍ବାଚନମଣ୍ଡଳୀରେ ବିଜେଡି ଆଶାୟୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ତେବେ ପ୍ରସନ୍ନଙ୍କୁ ଚିଲିକାରୁ ପ୍ରାର୍ଥୀ କରିବା ପାଇଁ ସଙ୍କେତ ମିଳିଥିବା ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। ଏସବୁ ଦେଖି ରଘୁଙ୍କ ବହୁ ସମର୍ଥକ ଚିଲିକାରୁ ଭୁବନେଶ୍ୱର ଆସି ଶଙ୍ଖଭବନ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

# ପୁଞ୍ଜିପତିଙ୍କୁ ରାଜ୍ୟ ସମ୍ପତ୍ତି ଟେକିଦେଇଛି ବିଜେଡି: କଂଗ୍ରେସ

ଭୁବନେଶ୍ୱର, ୨୨।୩(ସୁନିତ୍ ମିଶ୍ର)

ବିଜେଡି ଭାରତବର୍ଷର ୫ମ ବୃହତମ ଆଞ୍ଚଳିକ ଦଳ ହିସାବରେ ୧୦୧୯.୫ କୋଟି ଟଙ୍କାର ରାଜନୈତିକ ଚାନ୍ଦା ନିର୍ବାଚନୀ ବଣ୍ଡ ମାଧ୍ୟମରେ ପାଇଥିବା ନିର୍ବାଚନ ଆୟୋଗଙ୍କ ଦ୍ୱାରା ପ୍ରକାଶିତ ତଥ୍ୟରୁ ଜଣାପଡ଼ିଛି। ଦୀର୍ଘ ବର୍ଷ ଧରି ଓଡ଼ିଶାର ଜନସାଧାରଣଙ୍କୁ ଭୁଆଁ ବୁଲାଉଥିବା ବିଜେଡିର ଅସଲ ମୁଖା ବର୍ତ୍ତମାନ ଖୋଲିଯାଇଛି। ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଉପେକ୍ଷାକରି ପୁଞ୍ଜିପତିଙ୍କୁ ରାଜ୍ୟର ସମ୍ପତ୍ତିକୁ ଟେକିଦେଇ ଅନେକ ହଜାର କୋଟି ଟଙ୍କାର ରାଜନୈତିକ ପାଣ୍ଠି ବିଜେଡି ବଢ଼ାଇ ଚାଲିଛି ବୋଲି ଅଖିଳ ଭାରତ ଜାତୀୟ କଂଗ୍ରେସ କମିଟି(ଏଆଇସିସି) ଗଣମାଧ୍ୟମ ବିଭାଗ ସଂଯୋଜିକା ବବିତା ଶର୍ମା କହିଛନ୍ତି।

କଂଗ୍ରେସ ଭବନଠାରେ ଶୁକ୍ରବାର ବବିତା କହିଛନ୍ତି, ଭାଜପା ଜୋରଜୁଲମ କରି ରାଜନୈତିକ ପାଣ୍ଠି ଆଦାୟ କରୁଥିବା ଦଳ। ଏଥିପାଇଁ ଇଡି, ସିବିଆଇ ଏବଂ ଆଇଟିକୁ ବିଭିନ୍ନ ଶିଳ୍ପପତି ଓ ବ୍ୟବସାୟୀଙ୍କ ବିରୋଧରେ ଲଗାଇ ତାଙ୍କୁ ଭୟଭୀତ କରି ଭାଜପା ୬ ବର୍ଷରେ ୮ ହଜାର ୨୫୨ କୋଟି ଟଙ୍କାର ରାଜନୈତିକ ପାଣ୍ଠି ନିର୍ବାଚନୀ ବଣ୍ଡ ମାଧ୍ୟମରେ ପାଇଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ବିଜେଡି ଏକ ଆଞ୍ଚଳିକ ଦଳ ହୋଇ ମଧ୍ୟ ଭାରତବର୍ଷର ରାଜନୈତିକ ଚାନ୍ଦା ପାଇଥିବା ୫ମ ବୃହତମ ଦଳ। ଏହି ଚାନ୍ଦା ୨୦୧୮ ଜୁଲାଇରୁ ୨୦୨୪ ଫେବୃଆରୀ ମଧ୍ୟରେ ବିଜେଡି ବିଭିନ୍ନ ଖଣି କମ୍ପାନୀ ଏବଂ ଷ୍ଟିଲ କମ୍ପାନୀଠାରୁ ପାଇଛି ବୋଲି ସେ ଅଭିଯୋଗ କରିଛନ୍ତି। ବିଜେଡି କେବଳ ଖଣି ଓ ଷ୍ଟିଲ୍ କମ୍ପାନୀ ନୁହେଁ, ବରଂ କୋଲକାତାର ୨ଟି ମଦ ବ୍ୟବସାୟ କରୁଥିବା କମ୍ପାନୀଠାରୁ ମଧ୍ୟ ନିର୍ବାଚନୀ ବଣ୍ଡ ଆଦାୟ କରିଛି। ଏହାର ସ୍ପଷ୍ଟୀକରଣ ବିଜେଡି ନେତୃବୃନ୍ଦ ରାଜ୍ୟବାସୀଙ୍କ ସମ୍ମୁଖରେ ରଖନ୍ତୁ ବୋଲି ବବିତା କହିଛନ୍ତି।

# ପିସିସି ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ ହେଲେ ପ୍ରଦୀପ

ଭୁବନେଶ୍ୱର, ୨୨।୩(ସୁନିତ୍ ମିଶ୍ର)

କଂଗ୍ରେସର ଆଗଧାଡ଼ିର କର୍ମୀ ପ୍ରଦୀପ ମହାପାତ୍ରଙ୍କୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ଓପିସିସି) ସାଧାରଣ ସମ୍ପାଦକ ଭାବେ ଗୁରୁବାର ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ନିଯୁକ୍ତ କରିଛି। ପ୍ରଦୀପ ତାଙ୍କର ଏହି ନବ ନିଯୁକ୍ତି ପାଇଁ ପିସିସି ସଭାପତି ଶରତ ପଟ୍ଟନାୟକ ଏବଂ ରାଜ୍ୟ ପ୍ରଭାରୀ ଅଜୟ କୁମାରଙ୍କୁ କୃତଜ୍ଞତା ଜଣାଇଛନ୍ତି। ଆଗାମୀ ଦିନରେ ମହାପାତ୍ର ଅଧିକ କ୍ରୀୟାଶିଳ ହୋଇ ଜନସାଧାରଣଙ୍କୁ ସମସ୍ତ ପ୍ରକାର ସାହାଯ୍ୟ ଓ ସେବା କରିବା ସହ ଦଳର କାର୍ଯ୍ୟରେ ନିଜକୁ ଅଧିକ ନିୟୋଜିତ ରଖିବେ ବୋଲି କହିଛନ୍ତି। ଏହାସହ ସବୁ ବର୍ଗର ଲୋକଙ୍କ ନ୍ୟାୟ ପାଇଁ ଲଢେଇ ଜାରି ରଖିବା ସହ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିବେ ବୋଲି ସେ ନିଜ ପ୍ରତିକ୍ରିୟରେ କହିଛନ୍ତି।

# ଏକାଠି ହେଲେ ଧ୍ରୁବ, ଅଂଶୁମାନ

ରାଜନଗର, ୨୨।୩ (ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ରାଜନଗର ନିର୍ବାଚନମଣ୍ଡଳୀର ବିଜେଡି ସମନ୍ୱୟ ବୈଠକ ଶୁକ୍ରବାର ଭୁବନେଶ୍ୱରସ୍ଥିତ ଶଙ୍ଖ ଭବନରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ତଥା କେନ୍ଦ୍ରାପଡ଼ା ଜିଲା କଂଗ୍ରେସ କମିଟି ସଭାପତି ଅଂଶୁମାନ ମହାନ୍ତି ଫେବୃଆରୀ ୧୪ରେ କଂଗ୍ରେସରୁ ଇସ୍ତଫା ଦେଇଥିଲେ। ଫେବୃଆରୀ ୧୬ରେ ସମର୍ଥକଙ୍କ ସହ ବିଜେଡିରେ ସାମିଲ ହୋଇଥିଲେ। ବିଜେଡିରେ ସାମିଲ ହୋଇଥିଲେ ମଧ୍ୟ ସେ ରାଜନଗର ଆଜି ଯାଏ ଆସିନାହାନ୍ତି। ବିଜେଡି କର୍ମୀ ଓ ଅଂଶୁମାନଙ୍କ ସମର୍ଥକଙ୍କ ମଧ୍ୟରେ ସୋସିଆଲ ମିଡିଆରେ ଆକ୍ଷେପ ପ୍ରତିଆକ୍ଷେପ ଜାରି ରହିଥିଲା। ଉଭୟଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ଫେରାଇ ଆଣିବାକୁ ସମନ୍ୱୟ ବୈଠକ ବସିଥିଲା। ଏଥିରେ ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, କେନ୍ଦ୍ରାପଡ଼ା ଜିଲା ପର୍ଯ୍ୟବେକ୍ଷକ ପ୍ରତାପ କୁମାର ଜେନା, ରାଜନଗର ବିଧାୟକ ଧ୍ରୁବ ସାହୁ ଓ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ଉପସ୍ଥିତ ଥିଲେ। ଏଥିରେ ରାଜନଗର ବିଜେଡି କର୍ମୀ ଓ ଦଳରେ ସାମିଲ ହୋଇଥିବା ଅଂଶୁମାନଙ୍କ ସମର୍ଥକ ଥିଲେ। ବୈଠକରେ ଉଭୟ ଧ୍ରୁବ ଓ ଅଂଶୁମାନ ଚଳିତ ନିର୍ବାଚନରେ ପ୍ରାର୍ଥୀ ହେଉଛନ୍ତି। ଏ ନେଇ ବିଧିବଦ୍ଧ ଭାବେ ଘୋଷଣା ହୋଇ ନ ଥିଲେ ମଧ୍ୟ ଦଳର ହାଇକମାଣ୍ଡ ଗ୍ରୀନ ସିଗ୍ନାଲ ଦେଇ ସାରିଛନ୍ତି। ଧ୍ରୁବ ରାଜନଗର ପାଇଁ ଓ ଅଂଶୁମାନ ସଂସଦୀୟ କ୍ଷେତ୍ର ନିମନ୍ତେ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ନେତା ସ୍ପଷ୍ଟ କରିଥିଲେ। ଏଥିସହ ଆସନ୍ତା ୨୭ ତାରିଖରେ ରାଜନଗରରେ ସମ୍ବର୍ଦ୍ଧନା ସଭା ପରେ ସଂସଦୀୟ କ୍ଷେତ୍ରରେ ଅଂଶୁମାନ ବୁଲିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ଉଭୟ କର୍ମୀ ଦଳର ଶୃଙ୍ଖଳା ମଧ୍ୟରେ କାମ କରିବେ। କେହି କାହା ବିରୋଧରେ ସୋସିଆଲ ମିଡିଆରେ ଆକ୍ଷେପ ପ୍ରତିଆକ୍ଷେପ କରିବେ ନାହିଁ। ରାଜନଗର ବ୍ଲକର ମହିଁଷାସୁରଠାରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହେବ।

ସମନ୍ୱୟ ବୈଠକରେ ଅଂଶୁମାନ ଓ ଧ୍ରୁବ ପରସ୍ପରକୁ ମିଠା ଖୁଆଇଥିବା ଏବଂ ଯୋଗ ଦେଇଥିବା ଛାମୁଆ କର୍ମୀମାନେ ମଧ୍ୟ ମିଠା ଖାଇ ଏକ ହୋଇ କାମ କରିବେ ବୋଲି ନିଷ୍ପତ୍ତି ନେଇଥିଲେ। ଏଥିରେ ବେଗୁନିଆର ବିଜେଡି ପର୍ଯ୍ୟବେକ୍ଷକ ମିଟୁ ଦାସ, ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡି ସଭାପତି କିଶୋର ଚନ୍ଦ୍ର ସାହୁ, ରାଜନଗର ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି ଅଧ୍ୟକ୍ଷ ହେମନ୍ତ କୁମାର ସାହୁ, ରାଜନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।


ଶଙ୍ଖ ଭବନରେ ଅନୁଷ୍ଠିତ ସମନ୍ୱୟ ବୈଠକରେ ଧ୍ରୁବ ସାହୁ ଓ ଅଂଶୁମାନ ମହାନ୍ତି ପାଖାପାଖି ବସିଛନ୍ତି।

# ନବୀନ କହିଲେ ବୁଥ୍‌ସ୍ତରରୁ ପ୍ରସ୍ତୁତି କର

ଭୁବନେଶ୍ୱର,୨୨।୩(ଅନିଲ ଦାସ)

**ବରଗଡ଼, ବଲାଙ୍ଗୀର, କଳାହାଣ୍ଡି ଲୋକ ସଭା କ୍ଷେତ୍ରର ସମୀକ୍ଷା**

- ଯୋଗଦେଲେ ୨୧ ବିଧାନସଭା ନିର୍ବାଚନମଣ୍ଡଳୀର ନେତା, ବିଧାୟକ
- ତାଳମେଳ ରଖି କାମ କରିବାକୁ ୫-ଟି ଅଧ୍ୟକ୍ଷଙ୍କ ପରାମର୍ଶ

ଗତ ପଞ୍ଚାୟତ ଓ ପୌର ନିର୍ବାଚନରେ ବିଜେଡି ପାଇଥିବା ସଫଳତାକୁ ଆଗାମୀ ଲୋକ ସଭା ଓ ବିଧାନସଭା ନିର୍ବାଚନରେ ପୁନରାବୃତ୍ତି କରିବ। ୨୦୧୯ ଲୋକ ସଭା ନିର୍ବାଚନରେ ହରାଇଥିବା ବରଗଡ଼, କଳାହାଣ୍ଡି ଓ ବଲାଙ୍ଗୀର ଲୋକ ସଭା ଆସନକୁ ଦଖଲ ସହ ଏହି ୩ ଲୋକ ସଭା କ୍ଷେତ୍ର ଅଧୀନ ସମସ୍ତ ୨୧ ବିଧାନସଭା ଆସନରେ ବିଜୟ ନିମନ୍ତେ ବିଜେଡି ରଣନୀତି ପ୍ରସ୍ତୁତ କରିଛି। ଶୁକ୍ରବାର ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ୩ ଲୋକ ସଭା ନିର୍ବାଚନମଣ୍ଡଳୀ ଓ ଏହା ଅଧୀନ ସମସ୍ତ ବିଧାନସଭା କ୍ଷେତ୍ରରେ ଦଳର ସ୍ଥିତି, ନିର୍ବାଚନୀ ପ୍ରସ୍ତୁତି ସମ୍ପର୍କରେ ସମ୍ପୃକ୍ତ ଅଞ୍ଚଳର ଦଳୀୟ ନେତା, ପର୍ଯ୍ୟବେକ୍ଷକଙ୍କ ସହ ବିସ୍ତୃତ ଆଲୋଚନା କରିଛନ୍ତି।

ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ନବୀନ ନିବାସରେ ପହଞ୍ଚିଥିଲେ ବରଗଡ଼, କଳାହାଣ୍ଡି ଓ ବଲାଙ୍ଗୀର ଲୋକ ସଭା କ୍ଷେତ୍ର ଓ ୨୧ଟି ବିଧାନସଭା ଅଞ୍ଚଳର ଦଳୀୟ ନେତା। ଏହି ବୈଠକରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଯୋଗ ଦେଇଥିଲେ। ପ୍ରଥମେ ବରଗଡ଼, ପରବର୍ତ୍ତୀ ପର୍ଯ୍ୟାୟରେ କଳାହାଣ୍ଡି ଓ ବଲାଙ୍ଗୀର ଲୋକ ସଭା କ୍ଷେତ୍ର ଅନ୍ତର୍ଗତ ବିଧାନସଭା ନିର୍ବାଚନମଣ୍ଡଳୀଗୁଡ଼ିକରେ ସାଙ୍ଗଠନିକ ପ୍ରସ୍ତୁତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଜଣ ଜଣ କରି ପର୍ଯ୍ୟବେକ୍ଷକ, ବିଧାୟକ ଓ ଅନ୍ୟ ନେତାମାନଙ୍କ ସହ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରତି ଥର ଆମ ଉପରେ ଜନତାଙ୍କ ଆଶା ଓ ଭରସା ବୃଦ୍ଧି ପାଉଛି। ସାଧାରଣ ଲୋକଙ୍କ ପାଇଁ ସରକାର ପ୍ରତିବଦ୍ଧ ଭାବରେ କାର୍ଯ୍ୟ କରି ଆସୁଛନ୍ତି। ଓଡ଼ିଶାର ରୂପାନ୍ତରଣ କାର୍ଯ୍ୟ ପ୍ରତ୍ୟେକ ଲୋକଙ୍କୁ ଖୁସି ଆଣି ଦେଇଛି ଓ '୫-ଟି' ଉପକ୍ରମ ରାଜ୍ୟବାସୀଙ୍କ ଜୀବନକୁ ପ୍ରଭାବିତ କରିଛି। ଲୋକଙ୍କ ମତ ଆଧାରରେ ସରକାର ପ୍ରକଳ୍ପ ଓ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଆଗାମୀ ୧୦ ବର୍ଷ ଓଡ଼ିଶା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏକ ନୂଆ ଏବଂ ସଶକ୍ତ ଓଡ଼ିଶା ଗଠନ ପାଇଁ ଆମର ପ୍ରତିବଦ୍ଧତାକୁ ଆହୁରି ନିବିଡ଼ କରିବାକୁ ହେବ। ତେଣୁ କାଳବିଳମ୍ବ ନ କରି ନିଜ ନିଜ ଅଞ୍ଚଳର ବୁଥ୍‌ସ୍ତରରେ କାର୍ଯ୍ୟ ଆରମ୍ଭ କରିବାକୁ ମୁଖ୍ୟମନ୍ତ୍ରୀ ଦଳୀୟ ନେତାମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ବାଚନ ପ୍ରସ୍ତୁତି, ରଣନୀତି ନିର୍ଦ୍ଧାରଣ ଓ କ୍ଷେତ୍ର ସ୍ତର କାର୍ଯ୍ୟ ମଧ୍ୟରେ ସମନ୍ୱୟ ରକ୍ଷା ନିମନ୍ତେ ନବୀନ ନିବାସ ଓ ଶଙ୍ଖ ଭବନରେ ମନିଟରିଂ ବା ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି। ଲୋକ ସଭା ଓ ବିଧାନସଭା କ୍ଷେତ୍ରଗୁଡ଼ିକରେ କାର୍ଯ୍ୟ କରୁଥିବା ପର୍ଯ୍ୟବେକ୍ଷକମାନେ ପ୍ରତି ସନ୍ଧ୍ୟାରେ ଏହି ନିୟନ୍ତ୍ରଣ କକ୍ଷକୁ ସିଧାସଳଖ ରିପୋର୍ଟ କରିବେ ବୋଲି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଛନ୍ତି, ମୁଖ୍ୟମନ୍ତ୍ରୀ ରାଜ୍ୟର ନବ ରୂପାନ୍ତର ନିମନ୍ତେ ପଣ କରିଛନ୍ତି। ଓଡ଼ିଶାକୁ ସମୃଦ୍ଧିର ଶୀର୍ଷରେ ପହଞ୍ଚାଇବା ସହ ରାଜ୍ୟର ପ୍ରତ୍ୟେକ ଲୋକଙ୍କୁ ନିଜ ପରିବାର ସଦସ୍ୟ ମନେକରି କାର୍ଯ୍ୟ କରିଛନ୍ତି। ତାଙ୍କ ସ୍ୱପ୍ନର ଓଡ଼ିଶା ଗଠନ ନିମନ୍ତେ ଆମେମାନେ ନିଷ୍ଠାର ସହ କାର୍ଯ୍ୟ କରିବା ଏବଂ ଆଗାମୀ ନିର୍ବାଚନରେ ଦଳର ବିଜୟ ପତାକା ଉଡ଼ାଇବା ପାଇଁ ପ୍ରତିବଦ୍ଧତାର ସହ କାର୍ଯ୍ୟ କରିବାକୁ ସେ କହିଛନ୍ତି। ବୈଠକରେ ଏମ୍‌ପି ସୁଜିତ କୁମାର, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ଦିବ୍ୟଶଙ୍କର ମିଶ୍ର, ଭୂପିନ୍ଦର ସିଂହ, ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ପର୍ଯ୍ୟବେକ୍ଷକ ପ୍ରଣବ ବଳବନ୍ତରାୟଙ୍କ ସହ ସମସ୍ତ ବିଧାୟକ ଓ ନେତା ଉପସ୍ଥିତ ଥିଲେ।


ଶଙ୍ଖ ଭବନ ଆଗରେ ଦଳୀୟ ନେତାଙ୍କ ଆଲୋଚନା।

# ପ୍ରଭାବ ଦେଖାଇବାକୁ ଆଶାୟୀଙ୍କ କସରତ

## ବୀରମହାରାଜପୁର ବିଧାନସଭା କ୍ଷେତ୍ର

ଅମରପାଲି,୨୨।୩ (ପୀତାମ୍ବର ସାହୁ)


ପଦ୍ମନାଭ ବେହେରା


ନାରାୟଣ ଲୁହା


ଇଂ ରଘୁନାଥ ଜଗଦଲା


ଆନନ୍ଦ ବାରିକ


ବିନୋଦ ପାତ୍ର


ପ୍ରଦୀପ ସେଠୀ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବିଧାନସଭା କ୍ଷେତ୍ରରେ ଆଶାୟୀ ପ୍ରାର୍ଥୀମାନେ ଦଳୀୟ ଟିକେଟ ପାଇଁ କସରତ ଆରମ୍ଭ କଲେଣି। ନିଜ ଢଙ୍ଗରେ ଦଳୀୟ ହାଇକମାଣ୍ଡଙ୍କ ନିକଟରେ ନିଜ ଅଞ୍ଚଳରେ ଥିବା ପ୍ରଭାବ ଦେଖାଇବାରେ ଏମାନେ ବ୍ୟସ୍ତ। ବିଜେଡି-ଭାଜପା ମେଣ୍ଟ ଆଶା ମଉଳିବାର ସଙ୍କେତ ମିଳିବା ପରେ ଏବେ ସବୁ ଦଳରେ ପ୍ରାର୍ଥୀ ଚୟନ ଲାଗି ଉତ୍ସୁକତା ବଢ଼ି ଯାଇଥିବା ଲକ୍ଷ୍ୟ କରାଯାଉଛି।

ବୀରମହାରାଜପୁର, ଉଲୁଣ୍ଡା ଓ ବିନିକା ବ୍ଲକ ଏବଂ ବିନିକା ଏନ୍‌ଏସିକୁ ନେଇ ଗଠିତ ବୀରମହାରାଜପୁର ବିଧାନସଭା ନିର୍ବାଚନମଣ୍ଡଳୀ। ଏହା ଅନୁସୂଚିତ ଜାତି ପାଇଁ ସଂରକ୍ଷିତ ରହିଛି। ପୂର୍ବରୁ ଏହି ନିର୍ବାଚନମଣ୍ଡଳୀରେ କେବଳ ବିନିକା ଏନ୍‌ଏସି ଥିବା ବେଳେ ଏବେ ବୀରମହାରାଜପୁର ସମେତ ଉଲୁଣ୍ଡା ଓ ସୁବଳୟାକୁ ମଧ୍ୟ ଏନ୍‌ଏସି ଘୋଷଣା କରାଯାଇଛି। ଏହିସବୁ ଦୃଷ୍ଟିରୁ ଏବେ ଏଠାକାର ରାଜନୈତିକ ପାଣିପାଗ ବେଶ ଉଷ୍ମ ରହିଛି। ବୀରମହାରାଜପୁର ବିଧାନସଭା କ୍ଷେତ୍ର ବିଜେଡିର ଗଡ଼ ବୋଲି କୁହାଯାଏ। ଏଠାରୁ ବିଜେଡି କ୍ରମାଗତ ୨୪ ବର୍ଷ ଧରି ଜିତି ନିଜର ସ୍ଥିତି ଜାହିର କରିଛି। ପଦ୍ମନାଭ ବେହେରା କ୍ରମାଗତ ତିନି ଥର ଏଠାରୁ ବିଜୟୀ ହୋଇଛନ୍ତି। ଚଳିତ ନିର୍ବାଚନରେ ମଧ୍ୟ ସେ ଦଳୀୟ ଟିକେଟ ପାଇଁ ଆଶାୟୀ ଅଛନ୍ତି। ତେବେ ବିଗତ ନିର୍ବାଚନଗୁଡ଼ିକରେ ପଦ୍ମନାଭଙ୍କ ଏକାନ୍ତ ଅନୁଗତ ଥିବା ବର୍ତ୍ତମାନର ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ତଥା ବ୍ଲକ ଯୁବ ବିଜେଡି ସଭାପତି ନାରାୟଣ ଲୁହା ବିଜେଡିରୁ ପ୍ରାର୍ଥୀ ହେବାକୁ ଆଶାୟୀ ରହିଛନ୍ତି। ସେ ଗାଁ ଗାଁ ବୁଲି ସଙ୍ଗଠନ କରିବା ସହ ବିଭିନ୍ନ ସମୟରେ ସମାବେଶ ଓ ରାଜନୈତିକ ଶୋଭାଯାତ୍ରା କରୁଥିବା ଦେଖିବାକୁ ମିଳୁଛି। ବିଜେଡିରେ ପଦ୍ମନାଭ ଓ ନାରାୟଣ ପ୍ରମୁଖ ଦାବିଦାର ରହିଛନ୍ତି। ଯଦି ମହିଳାଙ୍କୁ ପ୍ରାର୍ଥୀ କରାଯାଏ, ତେବେ ଏହି ଦୌଡ଼ରେ ବିଧାୟକ ପଦ୍ମନାଭ ବେହେରାଙ୍କ ଧର୍ମ ପତ୍ନୀ ତଥା ପୂର୍ବତନ ମନ୍ତ୍ରୀ ବିଷ୍ଣୁପ୍ରିୟା ବେହେରା ଓ ବର୍ତ୍ତମାନର ଜଟେସିଂହା ସମିତି ସଭ୍ୟା ରଶ୍ମିତା ପାଣ୍ଡେଙ୍କ ନାମ ଚର୍ଚ୍ଚାରେ ରହିଛି। ଏହା ସହିତ ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ତଥା ନାରାୟଣ ଲୁହାଙ୍କ ଧର୍ମ ପତ୍ନୀ ଶାନ୍ତି ଲୁହା ମଧ୍ୟ ଟିକେଟ ଦୌଡ଼ରେ ରହିଛନ୍ତି।

ଅନୁରୂପଭାବେ ଭାଜପାରେ ମଧ୍ୟ ଏକାଧିକ ଆଶାୟୀ ପ୍ରାର୍ଥୀ ରହିଛନ୍ତି। ୨୦୧୯ ବିଧାନସଭା ନିର୍ବାଚନରେ ଭାଜପାରୁ ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ ରଘୁନାଥ ଜଗଦଲା। ଚଳିତ ଥର ସେ ମଧ୍ୟ ପ୍ରସ୍ତୁତି ଚଳାଇଛନ୍ତି। ତାଙ୍କ ସହ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ତଥା ୨୦୧୪ ନିର୍ବାଚନରେ ଭାଜପା ପ୍ରାର୍ଥୀ ହୋଇଥିବା ଆନନ୍ଦ ବାରିକଙ୍କ ନାମ ଟିକେଟ ଦୌଡ଼ରେ ରହିଛି। ଉଭୟେ ବିଭିନ୍ନ ଗ୍ରାମକୁ ଯାଇ ସଙ୍ଗଠନ କରିବା ସହିତ ନିଜ ସପକ୍ଷରେ ସମର୍ଥନ ଯୋଗାଡ଼ କରୁଥିବା ଦେଖିବାକୁ ମିଳୁଛି। ଏହା ସହିତ ଆରଏସ୍‌ଏସ୍‌ର ସକ୍ରିୟ ସଦସ୍ୟ ଥିବା ମହେନ୍ଦ୍ର ମହାଲିକ ମଧ୍ୟ ଆଶାୟୀ ଥିବା ଜଣାପଡ଼ିଛି। ସେ କିଛି ଦିନ ପୂର୍ବେ ଶିକ୍ଷକ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇ ବିଭିନ୍ନ ସଙ୍ଗଠନ ଓ ସାଧାରଣ ଲୋକଙ୍କ ସହିତ ମିଶୁଥିବା ଦେଖିବାକୁ ମିଳୁଛି। ଏମାନଙ୍କ ବ୍ୟତୀତ ଇଂ. ଆଶ୍ରୟ ମହାନନ୍ଦ, ବଳରାମ ସୁନା, ପ୍ରଶାନ୍ତ ଦଣ୍ଡସେନା, ଇଂ. ବାବୁଲୁ ବିଶି ମଧ୍ୟ ଭାଜପା ଟିକେଟ ପାଇଁ ଆଶାୟୀ ଥିବା ଜଣାପଡ଼ିଛି। ଏଇ ନିକଟରେ ବିଜେଡି ଛାଡ଼ି ଭାଜପାରେ ସାମିଲ ହୋଇଥିବା ଋଷି ପଟେଲ ମଧ୍ୟ ପ୍ରାର୍ଥୀ ଦୌଡ଼ରେ ଥିବା ଆଲୋଚନା ହେଉଛି।

ଏହି ଦୁଇ ଦଳ ସହିତ କଂଗ୍ରେସ ଦଳରେ ମଧ୍ୟ ଏକାଧିକ ଆଶାୟୀ ପ୍ରାର୍ଥୀ ରହିଛନ୍ତି। ସୋନପୁରର ପୂର୍ବତନ ବିଧାୟକ ତଥା ୨୦୦୯ ଓ ୨୦୧୯ରେ ବୀରମହାରାଜପୁର ବିଧାନସଭା କ୍ଷେତ୍ରରୁ ପ୍ରାର୍ଥୀ ହୋଇଥିବା ବିନୋଦ ପାତ୍ର ଆଶାୟୀ ରହିଛନ୍ତି। କଂଗ୍ରେସ ଏସ୍‌ସି ସେଲ୍ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଦୀପ ସେଠୀ ଓ ଭୋଳାନାଥ ସାଗର ମଧ୍ୟ ଟିକେଟ ଲବିରେ ଧାଇଁଛନ୍ତି। ତେବେ ତିନି ପ୍ରମୁଖ ଦଳରେ ଏକାଧିକ ଆଶାୟୀ ପ୍ରାର୍ଥୀ ଥିବା ବେଳେ କେଉଁ ଦଳ କାହାକୁ ଭରସା କରି ପ୍ରାର୍ଥୀ କରିବ ସେନେଇ ସମସ୍ତଙ୍କ ନଜର ରହିଛି।

# ଭାଜପାରେ ପୂର୍ବତନ ଏମ୍‌ପି ଅର୍ଚ୍ଚନା ନାୟକ

ଭୁବନେଶ୍ୱର, ୨୨।୩(ସୁନିତ୍ ମିଶ୍ର)

କେନ୍ଦ୍ରାପଡ଼ାର ପୂର୍ବତନ ଏମ୍‌ପି ଅର୍ଚ୍ଚନା ନାୟକ ଶୁକ୍ରବାର ଆନୁଷ୍ଠାନିକ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ମଧ୍ୟ ଡେରାବିଶ ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷ ତଥା ବିଜେଡି ନେତା ସରୋଜକାନ୍ତ ସାହୁ ଏବଂ ପ୍ରଭାତୀ ମଲିକ, ପ୍ରିୟବ୍ରତ ମିଶ୍ର ଆନୁଷ୍ଠାନିକ ଭାବେ ଭାଜପାରେ ଯୋଗଦେଇଛନ୍ତି। ଭାଜପା ରାଜ୍ୟ ନେତୃବୃନ୍ଦ ନୂତନ ସଦସ୍ୟମାନଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ଏହି ଅବସରରେ ସ୍ୱାଗତ କରିଛନ୍ତି। ଏହି ଅବସରରେ ଦଳର ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଏବଂ ଭାଜପା ପ୍ରତି ଦେଶବାସୀ ତଥା ରାଜ୍ୟବାସୀଙ୍କ ଆସ୍ଥା ଓ ବିଶ୍ୱାସ ବୃଦ୍ଧି ପାଇଚାଲିଛି। ଓଡ଼ିଶାରେ ଛାୟା ସରକାରର ଶାସନ ଚାଲିଛି ଏବଂ ଏହା ବିତାଡ଼ିତ ହେବା ଦରକାର। ଆସନ୍ତା ଦିନରେ ଓଡ଼ିଶାରେ ମଧ୍ୟ ଏହା ନିଶ୍ଚିତ ପ୍ରତିଫଳିତ ହେବ। ରାଜ୍ୟରେ ଭାଜପା ହିଁ ଏକମାତ୍ର ବିକଳ୍ପ। ଏହି ମିଶ୍ରଣ ପର୍ବ ଦଳର ସଙ୍ଗଠନକୁ ଆହୁରି ସୁଦୃଢ଼ କରିବ। ମୋଦିଙ୍କ ହାତମୁଠାକୁ ଟାଣ କରିବା ପାଇଁ ସମସ୍ତ ବର୍ଗର ଲୋକେ ଭାଜପାକୁ ଆପଣାଉଛନ୍ତି। ୮୯୮୦୮୦୮୦୮୦ ନମ୍ବରରେ ଡାଏଲ କରି ଭାଜପାର ସଦସ୍ୟ ହୁଅନ୍ତୁ ବୋଲି ଦଳର ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।



ଭାଜପା ରାଜ୍ୟ କାର୍ଯ୍ୟାଳୟରେ ପୂର୍ବତନ ଏମ୍‌ପି ଅର୍ଚ୍ଚନା ନାୟକଙ୍କୁ ସ୍ୱାଗତ କରାଯାଉଛି।

# ଆଇପିଏଲ୍‌ର ରଙ୍ଗାରଙ୍ଗ ଉଦ୍‌ଘାଟନ



ଚେନ୍ନାଇରେ ଶୁକ୍ରବାର ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଉଦ୍‌ଘାଟନୀ ସମାରୋହରେ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି ବିଶିଷ୍ଟ ସଙ୍ଗୀତକାର ଏ.ଆର. ରହମନ।




ଷ୍ଟାଡିୟମରେ ଆତସବାଜି କାର୍ଯ୍ୟକ୍ରମ





ସାଥୀ କଳାକାରଙ୍କ ସହ ଡ୍ୟାନ୍ସ ଅବସରରେ ବଲିଉଡ୍ ଅଭିନେତା ଅକ୍ଷୟ କୁମାର ଓ ଟାଇଗର ଶ୍ରଫ୍।

## ମନ ମୋହିଲେ ଅକ୍ଷୟ, ଟାଇଗର ଓ ରହମନ

ଚେନ୍ନାଇ, ୨୨।୩

ସ୍ଥାନୀୟ ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମରେ ବ୍ୟୟବହୁଳ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୭ଶ ସଂସ୍କରଣ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଓ ରୟାଲ ଚ୍ୟାଲେଞ୍ଜର୍ସ ବଙ୍ଗାଲୋର (ଆର୍‌ସିବି) ମଧ୍ୟରେ ଏହି ଟି୨୦ ଲିଗ୍‌ର ପ୍ରଥମ ମ୍ୟାଚ ଖେଳାଯିବା ପୂର୍ବରୁ ଆୟୋଜିତ ହୋଇଥିଲା ରଙ୍ଗାରଙ୍ଗ ଉଦ୍‌ଘାଟନୀ ଉତ୍ସବ। ଉପସ୍ଥିତ ଦର୍ଶକମଣ୍ଡଳୀ ଏହାର ଖୁବ୍ ମଜା ନେଇଥିଲେ। ପ୍ରଥମେ ଅଭିନେତା ବୋମନ ଇରାନୀ ତାଙ୍କର ପରିଚୟ ପ୍ରଦାନ କରି ସମାରୋହର ଶୁଭାରମ୍ଭ ଘୋଷଣା କରିଥିଲେ। ବଲିଉଡ ଅଭିନେତା ଅକ୍ଷୟ କୁମାର ଓ ଟାଇଗର ଶ୍ରଫ୍ ଦଉଡ଼ିରେ ଷ୍ଟଣ୍ଟ ସହ ଷ୍ଟେଜ୍‌ରେ ଅବତରଣ କରି ସମସ୍ତଙ୍କୁ ଚମତ୍କୃତ କରିଦେଇଥିଲେ। ଦୁହିଁଙ୍କ ହାତରେ ଜାତୀୟ ପତାକା ଶୋଭା ପାଉଥିଲା। ସେମାନଙ୍କ




କାର୍ଯ୍ୟକ୍ରମ ଶେଷରେ ଅକ୍ଷୟ କୁମାର ଓ ଟାଇଗର ଶ୍ରଫ ଷ୍ଟାଡିୟମରେ ଏକ ଚକ୍କର ଲଗାଇଥିଲେ। ପରବର୍ତ୍ତୀ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ବିଶିଷ୍ଟ ସଙ୍ଗୀତକାର ଏ.ଆର. ରହମନ ଓ ସୋନୁ ନିଗମ। 'ବନ୍ଦେ ମାତରମ୍' ସେମାନଙ୍କ ପ୍ରଥମ ସଙ୍ଗୀତ ଥିଲା। ଏ.ଆର. ରହମନଙ୍କ ସହିତ ଯୋଗ ଦେଇଥିଲେ ମୋହିତ ଚୌହାନ। ଅମରଜିତ ସିଂ ଚମ୍‌କିଲାଙ୍କ ଉପରେ ପ୍ରସ୍ତୁତ ବାୟୋପିକ୍‌ରେ ସେ ନିଜେ ଗାଇଥିବା ଏକ ଗୀତ ଗାଇଥିଲେ। ପରେ ଷ୍ଟେଜ୍‌ରେ ଯୋଗ ଦେଇଥିଲେ ବଲିଉଡ୍ କଣ୍ଠଶିଳ୍ପୀ ନୀତି ମୋହନ। ଶୁକ୍ରବାର ମ୍ୟାଚର ଦୁଇ ଅଧିନାୟକ ଫାଫ୍ ଡୁ'ପ୍ଲେସି ଓ ଋତୁରାଜ ଗାଏକ୍ୱାଡ ଆଇପିଏଲ୍ ଟ୍ରଫି ସହ ମଧ୍ୟ ସ୍ଥଳକୁ ଆସିଥିଲେ। ମଞ୍ଚ ଉପରୁ ଆସିବା ଲାଗି ବିସିସିଆଇ ସଭାପତି ରୋଜର ବିନ୍ନି ଓ ସମ୍ପାଦକ ଜୟ ଶାହାଙ୍କ ସମେତ ଅନ୍ୟ କର୍ମକର୍ତ୍ତାଙ୍କୁ ମଧ୍ୟ ଅନୁରୋଧ କରାଯାଇଥିଲା। ଶେଷରେ ସମସ୍ତ ଷ୍ଟାର ଷ୍ଟେଜ୍‌ରେ ଧାଡ଼ି କରି ଛିଡ଼ା ହୋଇ ଲୋକପ୍ରିୟ ଫିଲ୍ମ 'ସ୍ଲମ୍‌ଡଗ୍ ମିଲିୟନେୟାର' ଗୀତ 'ଜୟ ହୋ' ମିଳିତ ଭାବେ ଗାନ କରିଥିଲେ। ପରେ ଆତସବାଜି ସହ ଉଦ୍‌ଘାଟନୀ ଉତ୍ସବର ପରିସମାପ୍ତି ହୋଇଥିଲା।

## ମୀରାରାଣୀ ଟେକ୍ନିକାଲ ଅଫିସିଆଲ

ଭୁବନେଶ୍ୱର, ୨୨।୩
(ତପନ ସ୍ୱାଇଁ)

**ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ରିଦମିକ୍ ଜିମ୍ନାଷ୍ଟିକ୍ସ**



ଅମୃତସରର ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟ ପରିସରରେ ସର୍ବଭାରତୀୟ ଆନ୍ତଃ-ବିଶ୍ୱବିଦ୍ୟାଳୟ ରିଦମିକ୍ ଜିମ୍ନାଷ୍ଟିକ୍ସ (ମହିଳା) ଚାମ୍ପିୟନଶିପ୍ ଶୁକ୍ରବାର ଆରମ୍ଭ ହୋଇଛି। ଏହି ସମ୍ମାନଜନକ ପ୍ରତିଯୋଗିତା ଲାଗି ଓଡ଼ିଶାର ଜାତୀୟସ୍ତରୀୟ ଜଜ୍ ମୀରାରାଣୀ ଦାସ ଟେକ୍ନିକାଲ ଅଫିସିଆଲ ନିଯୁକ୍ତ ହୋଇଛନ୍ତି। ଏଥିପାଇଁ ମୀରାରାଣୀ ଗୁରୁବାର ଭେନ୍ୟୁ ସ୍ଥଳରେ ରିପୋର୍ଟ କରି ଦାୟିତ୍ୱ ତୁଲାଉଛନ୍ତି। ପ୍ରତିଯୋଗିତା ଶନିବାର ଶେଷହେବ।

## କଳାହାଣ୍ଡି କପ୍: ସ୍ୱସ୍ତିକ, ଗିରିଜାଙ୍କ ଶତକ

ଭୁବନେଶ୍ୱର, ୨୨।୩
(ତପନ ସ୍ୱାଇଁ)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ କଳାହାଣ୍ଡି କପ୍ (ଡାଇମଣ୍ଡ ଏ ଓ ବି) କ୍ରିକେଟର ୬ଟି ମ୍ୟାଚ କଟକ ଓ ଭୁବନେଶ୍ୱରର ବିଭିନ୍ନ ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଯାଇଛି। ଏମ୍‌ଜିଏମ୍ ଗ୍ରାଉଣ୍ଡରେ ସୁନ୍ଦରଗଡ଼ ୮ ଉଇକେଟରେ ଭୁବନେଶ୍ୱର 'ଏ'କୁ, ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ଇକୋର୍ସା ୮୪ ରନରେ ଖୋର୍ଦ୍ଧାକୁ, ଡ୍ରିମ୍ସ ଷ୍ଟାଡିୟମରେ କଟକ 'ବି' ୪୨ ରନରେ ସମ୍ବଲପୁର 'ଏ'କୁ, କିଟ୍ ଷ୍ଟାଡିୟମରେ କଟକ 'ଏ' ୬ ଉଇକେଟରେ ରାଉରକେଲାକୁ, ସନ୍‌ସାଇନ୍ ପଡ଼ିଆରେ ଝାରସୁଗୁଡ଼ା ୭ ଉଇକେଟରେ ଢେଙ୍କାନାଳକୁ ଏବଂ ବାରବାଟୀ ଷ୍ଟାଡିୟମରେ ଯାଜପୁର ୩ ଉଇକେଟରେ ବାଲେଶ୍ୱରକୁ ପରାସ୍ତ କରିଛି। ସୁନ୍ଦରଗଡ଼ର ସ୍ୱସ୍ତିକ ସାମଲ (୮୦ ବଲ୍‌ରୁ ୧୧୧*) ଓ କଟକ 'ବି'ର ଗିରିଜା ବାରିକ (୧୧୨ ବଲ୍‌ରୁ ୧୦୭) ଶତକ ହାସଲ କରିଛନ୍ତି। ଆଦିତ୍ୟ ଜୟସିଂ, ଜୟନ୍ତ ବେହେରା, ପପୁ ରାୟ, ଏସ୍.କେ. ଆଖାରୁଦ୍ଦିନ ୪ ଉଇକେଟ ସଫଳତା ପାଇଛନ୍ତି।



ସ୍ୱସ୍ତିକ ସାମଲ



ଗିରିଜା ବାରିକ

## ସାଥିୟାଁଙ୍କୁ ଡବ୍ଲ୍ୟୁଟିଟି ଫିଡର ଟାଇଟଲ

ନୂଆଦିଲ୍ଲୀ, ୨୨।୩ (ପି.ଟି.)

ଷ୍ଟାର ଟେବୁଲ ଟେନିସ ଖେଳାଳି ଜି. ସାଥିୟାଁ ପ୍ରଥମ ଭାରତୀୟ ଭାବେ ଲେବାନନର ବେରୁଟଠାରେ ଅନୁଷ୍ଠିତ ଡବ୍ଲ୍ୟୁଟିଟି ଫିଡର ସିରିଜ ଇଭେଣ୍ଟରେ ପୁରୁଷ ସିଙ୍ଗଲ୍ସ ଟ୍ରଫି ହାସଲ କରିଛନ୍ତି। ଗୁରୁବାର ରାତିରେ ଡବ୍ଲ୍ୟୁଟିଟି ଫିଡର ବେରୁଟ ୨୦୨୪ର ଅନ୍ତିମ ଦିବସରେ ନିଜ ଦେଶର ମାନବ ଠକ୍କରଙ୍କୁ ୩-୧ (୬-୧୧, ୧୧-୭, ୧୧-୭, ୧୧-୪)ରେ ହରାଇ ଦେଇଛନ୍ତି। ଫାଇନାଲ ପଥରେ ୧୧ଶ ସିଡ୍ ସାଥିୟାଁ ୫ମ ସିଡ୍ ତଥା ନିଜ ଦେଶର ହରମିତ ଦେଶାଇ (୧୫-୧୩, ୬-୧୧, ୧୧-୮, ୧୩-୧୧) ଏବଂ ଟପ୍‌ସିଡ୍ ଚୁଆଙ୍ଗ ଚି-ୟୁଆନଙ୍କୁ (୧୧-୮, ୧୧-୧୩, ୧୧-୮, ୧୧-୯)ରେ ହରାଇ ଦେଇଥିଲେ। ଏକ ଡବ୍ଲ୍ୟୁଟିଟି ଇଭେଣ୍ଟରେ ସାଥିୟାଁଙ୍କର ଏହା ହେଉଛି ପ୍ରଥମ ପୁରୁଷ ସିଙ୍ଗଲ୍ସ ସଫଳତା। ୨୦୨୧ରେ ଆଇଟିଟିଏଫ୍ ଚେକ୍ ଇଣ୍ଟରନ୍ୟାଶନାଲ ଓପନ ପରେ ଏକ ଅନ୍ତର୍ଜାତୀୟ ର୍‍ୟାଙ୍କିଙ୍ଗ ଇଭେଣ୍ଟରେ ଏହା ହେଉଛି ତାଙ୍କର ପ୍ରଥମ ସିଙ୍ଗଲ୍ସ ଟାଇଟଲ।

## ଜାତୀୟ ସବ୍‌ଜୁନିୟର ଅସି ଚାଳନା ପାଇଁ ଓଡ଼ିଶା ଦଳ

ବଲାଙ୍ଗୀର, ୨୨।୩
(ବୀରେନ୍ଦ୍ର କୁମାର ଝାଙ୍କର)

ଜାତୀୟ ସବ୍‌ଜୁନିୟର ଅସି ଚାଳନା ପ୍ରତିଯୋଗିତା ପାଇଁ ଓଡ଼ିଶା କ୍ରୀଡା ବିଭାଗ ସହଯୋଗରେ ବଲାଙ୍ଗୀର ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସଠାରେ ମାର୍ଚ୍ଚ ୨ରୁ ରାଜ୍ୟ ଅସି ଚାଳନା ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ଏହି ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି। ଏହି ଶିବିରକୁ ଭୁବନେଶ୍ୱର ଅସି ଚାଳନା ଏକାଡେମୀର କୋଚ୍ ସୁକାନ୍ତ କୁମାର ସେଠ, ବଲାଙ୍ଗୀର ସ୍ପୋର୍ଟସ୍ ହଷ୍ଟେଲ କୋଚ ରୋଶନ ସାହୁ ଏବଂ ଅନ୍ୟଶା ରାଉତ ପରିଚାଳନା କରିଥିଲେ। ଏହି ଶିବିରରେ ୩୫ ଜଣ ଖେଳାଳି ଯୋଗଦେଇଥିଲେ। ସେଥିମଧ୍ୟରୁ ୧୯ ଖେଳାଳିଙ୍କୁ ଚୟନ କରାଯାଇଛି। ଆସନ୍ତା ୨୫ରୁ ୨୮ ପର୍ଯ୍ୟନ୍ତ ଆନ୍ଧ୍ରପ୍ରଦେଶର ରାଜମହେନ୍ଦ୍ରୀଠାରେ ହେବାକୁ ଥିବା ଜାତୀୟ ସବ୍‌ଜୁନିୟର ଅସି ଚାଳନା ପ୍ରତିଯୋଗିତାରେ ଏହି ମନୋନୀତ ୧୯ ଜଣିଆ ରାଜ୍ୟ ଅସି ଚାଳନା ଟିମ୍ ସଦସ୍ୟ ଭାଗ ନେବେ ବୋଲି ସଂଘର ଯୁଗ୍ମ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ଶୁକ୍ରବାର ସୂଚନା ଦେଇଛନ୍ତି। ମନୋନୀତ ବାଳକ ଦଳରେ ଲିଖିତ କୁମାର ବିଶ୍ୱାଳ, ନିଶାଙ୍କ ଶେଖର ପଟେଲ, ଆଦିତ୍ୟ ଶର୍ମା, ରିତିଶ କୁମାର ପରିଡା, ସ୍ୱାଗତ ପଟେଲ, ଓଁକାର ପଟେଲ, ପଦ୍ମଲୋଚନ ନାଏକ, ଦେବାଶିଷ ପଟେଲ, ଶାଶ୍ୱତ ପଟେଲ, କାହ୍ନା ଗଡ଼ତିଆ, ବିଭୂତି ଶଙ୍କର ପଟେଲ, ଓମ୍‌ଶଙ୍କର ପଟେଲ ମନୋନୀତ ହୋଇଥିବାବେଳେ ବାଳିକା ଦଳରେ ଝିଲି ସେଠ, ଜିଜ୍ଞାସା ମହାନ୍ତି, ସାରିକା ପଟେଲ, ଶ୍ରୀୟା ଶ୍ରୁତି ପଟେଲ, ଝରଣା ସେଠ, ସିୟୋନା ପଟ୍ଟନାୟକ, ନମ୍ରତା ପଟେଲ ମନୋନୀତ ହୋଇଛନ୍ତି। ଖେଳାଳିମାନଙ୍କ ସହ ପ୍ରବନ୍ଧକ ସୁଭଦ୍ରା ବେହେରା, ସ୍ୱପ୍ନା ସେଠ୍, ପ୍ରଶିକ୍ଷକ ସୁକାନ୍ତ ସେଠ୍, ରୋଶନ ସାହୁ ଆନ୍ଧ୍ରପ୍ରଦେଶ ଗସ୍ତ କରୁଥିବା ସୂଚନା ଦେଇଥିଲେ। ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସଠାରେ ଆୟୋଜିତ ପ୍ରଶିକ୍ଷଣ ଶିବିର ଉଦ୍‌ଯାପନୀ ସମାରୋହରେ ରାଜ୍ୟ ଅସି ଚାଳନା ସଂଘ ସଭାପତି ଅନଙ୍ଗ ଉଦୟ ସିଂଦେଓ ଯୋଗଦେଇ ମନୋନୀତ ଖେଳାଳିମାନଙ୍କୁ ଜାତୀୟସ୍ତରରେ ଭଲ ପ୍ରଦର୍ଶନ କରିବା ପାଇଁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମ ଆୟୋଜନରେ କୈଳାସ ମାଝି, ବୁନୁ ପଟ୍ଟନାୟକ, ସୁଦାମ ଧରୁଆ ସହଯୋଗ କରିଥିଲେ।




ଜାତୀୟ ସବ୍‌ଜୁନିୟର ଅସି ଚାଳନା ପ୍ରତିଯୋଗିତା ପାଇଁ ମନୋନୀତ ଓଡ଼ିଶା ଦଳର ୧୯ ଜଣିଆ ଖେଳାଳିଙ୍କ ସହ ରାଜ୍ୟ ସଂଘ ସଭାପତି ଅନଙ୍ଗ ଉଦୟ ସିଂଦେଓ ଓ ଅନ୍ୟମାନେ।

## ଲେମୁଏଲଙ୍କୁ ଡବଲ ଟାଇଟଲ

ଭୁବନେଶ୍ୱର, ୨୨।୩
(ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ୧୨ ଓ ୧୪ ବର୍ଷରୁ କମ୍ ଏଆଇଟିଏ-କେଡିଟିଏ ଚାମ୍ପିୟନଶିପ୍ ସିରିଜ (ସିଏସ୍୭) ଟେନିସ ଟୁର୍ନାମେଣ୍ଟରେ ତେଲଙ୍ଗାନାର ଲେମୁଏଲ ଆଲାଡି ଡବଲ ଟାଇଟଲ ହାସଲ କରିଛନ୍ତି। ୧୪ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଫାଇନାଲରେ ୩ୟ ସିଡ୍ ଲେମୁଏଲ ପଶ୍ଚିମବଙ୍ଗର ହାଭିଶ ବନସଲଙ୍କୁ ୬-୦, ୬-୦ ସେଟ୍‌ରେ ପରାସ୍ତ କରିଛନ୍ତି। ସେହିପରି ଡବଲ୍ସରେ ସେ ବନସଲଙ୍କୁ ସାଥିକରି ଓଡ଼ିଶା ଯୋଡ଼ି ଆୟୁଷ ପଟ୍ଟନାୟକ ଓ ଜଗତଜ୍ୟୋତି ପତିଙ୍କୁ ୪-୬, ୭-୬ (୫), ୧୦-୫ରେ ହରାଇ ଦେଇଛନ୍ତି। ୧୨ ବର୍ଷରୁ କମ୍ ସିଙ୍ଗଲ୍ସ ଫାଇନାଲରେ ମହାରାଷ୍ଟ୍ରର ସୋହମ ରନସୁଭେ ଝାଡ଼ଖଣ୍ଡର ଜୀତ ଭି.ଙ୍କୁ ୬-୧, ୬-୨ରେ ହରାଇ ଚାମ୍ପିୟନ ହୋଇଛନ୍ତି। ୧୨ ଓ ୧୪ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ ଫାଇନାଲ ଶନିବାର ଅନୁଷ୍ଠିତ ହେବ। ଖୋର୍ଦ୍ଧା ଜିଲା ଟେନିସ ଆସୋସିଏଶନ(କେଡିଟିଏ) ସଭାପତି ମଧୁସୂଦନ ପାଢ଼ୀ ପୁରସ୍କାର ବିତରଣ କରିଥିଲେ। ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଦାମୋଦର ପ୍ରଧାନୀ, କେଡିଟିଏ କାର୍ଯ୍ୟକାରିଣୀ ସଦସ୍ୟ ରବୀନ୍ଦ୍ର ସେନାପତି, ଦୁଷ୍ମନ୍ତ ତୁଙ୍ଗା, ପ୍ରଶାସନିକ ଅଧିକାରୀ ସମ୍ବିତ ପଟ୍ଟନାୟକ, ଟୁର୍ନାମେଣ୍ଟ ରେଫରି ଯତୀନ ବୈଷ୍ଣ ପ୍ରମୁଖ ଉପସ୍ଥିତ ଥିଲେ। ଦେଶର ୧୦ ରାଜ୍ୟରୁ ୮୫ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ।



ପୁରସ୍କାର ସହ ଅତିଥିଙ୍କ ଗହଣରେ କୃତୀ ଖେଳାଳିମାନେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧୁବଣୀ ପାଦରେ ସରୁ ଅଳତା**
**କୁଟୁଣୀ ଗୋଡ଼ରେ ବଳା**
**କୁମ୍ଭାରୁଣୀର ସରୁ ସରୁ ଚୁଲି**
**ଦେହ ଗୋଟିଯାକ କଳା।**

ଧୋବଣୀ ପାଦରେ ଅଳତା ପିନ୍ଧିଲେ ଲୁଗା କାଚିବା ବେଳେ ତାହା ଧୋଇହୋଇଯାଏ ଏବଂ ଲୁଗାରେ ଅଳତା ଲାଗିଯାଏ। ଧାନ କୁଟୁଥିବା ମହିଳା ଗୋଡ଼ରେ ବଳା ପିନ୍ଧିଲେ ଧାନ କୁଟିବା ବେଳେ ତାହା ଅସୁବିଧା ସୃଷ୍ଟିକରେ। ସେହିପରି ହାଣ୍ଡି ମାଠିଆ ଗଢୁଥିବା କୁମ୍ଭାରୁଣୀ ହାତ ଚୁଲି ପିନ୍ଧିବା ବି ତା'ପାଇଁ ଅସୁବିଧାଜନକ। ତେଣୁ ନିର୍ଦ୍ଦିଷ୍ଟ ଜାତି ଓ ସମ୍ପ୍ରଦାୟର ମହିଳା ଯାହା ପିନ୍ଧିବା ତାଙ୍କ ପାଇଁ ଶୋଭା ଦିଏ ନାହିଁ, ତାହା ଏଠାରେ ବର୍ଣ୍ଣନା କରାଯାଇଛି।

**ଧାନ ସେରକ ପାଇଁ ସାଇକି ଗଲି**
**କୁଳାକ ଚାଉଳ କୁକୁରକୁ ଦେଲି।**

ବ୍ୟକ୍ତି ନିଜ ଅଜ୍ଞତା ପାଇଁ ଦୁଃଖ କଷ୍ଟ ପାଇଥାଏ। ଅଯଥାରେ ଅଜସ୍ର ଧନ ନଷ୍ଟ କରି ବାହାରେ ସାମାନ୍ୟ କେତେଟା ଟଙ୍କା ପାଇଁ ହାତ ପତାଉଥିବା ଲୋକର ଚରିତ୍ର ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଦାମ ରାଉତଙ୍କ...

ପ୍ରଥମ ପୃଷ୍ଠାରୁ...

ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ବିଜେଡିର ବହୁ ନେତା ଓ କର୍ମୀ ଦାମଙ୍କ ଶେଷଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହାପରେ ମରଶରୀରକୁ ବିଧାନସଭାକୁ ନିଆଯାଇ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ସେଠାରୁ ଦାମଙ୍କ ମରଶରୀରକୁ ପାରାଦୀପ ଏବଂ ତାଙ୍କ ଜନ୍ମସ୍ଥାନ ଏରସମାକୁ ନିଆଯାଇଥିଲା। ରାତିରେ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଦାମଙ୍କ ବିୟୋଗରେ ବିଭିନ୍ନ ମହଲରେ ଗଭୀର ଶୋକପ୍ରକାଶ ପାଇଛି।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦାମଙ୍କ ବିୟୋଗରେ ଶୋକପ୍ରକାଶ କରି କହିଛନ୍ତି ଯେ ଓଡ଼ିଶା ଏବଂ ଦେଶର ଉନ୍ନତି ପାଇଁ ତାଙ୍କ ଅବଦାନ ସ୍ମରଣୀୟ। ରାଷ୍ଟ୍ରପତି ପରିବାର ବର୍ଗଙ୍କ ସହ ଅନୁଗାମୀଙ୍କୁ ଗଭୀର ସମବେଦନା ଜଣାଇଛନ୍ତି। ଦାମଙ୍କ ପରଲୋକରେ ରାଜ୍ୟପାଳ ରଘୁବର ଦାସ ଶୋକପ୍ରକାଶ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ଦାମୋଦର ରାଉତଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକପ୍ରକାଶ କରିଛନ୍ତି। ଦାମଙ୍କ ଦେହାନ୍ତ ଓଡ଼ିଶା ରାଜନୀତିରେ ଏକ ଅପୂରଣୀୟ କ୍ଷତି। ଲୋକଙ୍କ ସେବା ଲାଗି ତାଙ୍କ କାର୍ଯ୍ୟ ସର୍ବଦା ସ୍ମରଣୀୟ ରହିବ। ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ମୁଖ୍ୟମନ୍ତ୍ରୀ ସମବେଦନା ଜଣାଇଛନ୍ତି।

ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦାମଙ୍କ ବିୟୋଗରେ ଶୋକବ୍ୟକ୍ତ କରିଛନ୍ତି। ସେ ସୋସିଆଲ ମିଡିଆ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି ଯେ ଓଡ଼ିଶା ଜଣେ ସ୍ପଷ୍ଟବାଦୀ ଓ ଅନୁଭବୀ ରାଜନେତାଙ୍କୁ ହରାଇଲା। ଦାମଙ୍କ ବିୟୋଗରେ ବିଭିନ୍ନ ଦଳର ରାଜନେତା, ମନ୍ତ୍ରୀ, ପୂର୍ବତନ ମନ୍ତ୍ରୀ, ବିଧାୟକ ଶୋକପ୍ରକାଶ କରିଛନ୍ତି।

ଦାମ ବିଧାନସଭାକୁ ୭ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୫ ଥର ଏରସମା ଓ ୨ ଥର ପାରାଦୀପରୁ ନିର୍ବାଚିତ ହୋଇଥିଲେ। ୧୯୭୭ରେ ପ୍ରଥମ ଥର ପାଇଁ ସେ ଏରସମା ବିଧାନସଭା ନିର୍ବାଚନମଣ୍ଡଳୀରୁ ଜନତା ଦଳରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୧୯୮୦ରେ ଜନତା ଦଳ ସେକୁଲାରରୁ ସେ ଦ୍ୱିତୀୟ ଥର ପାଇଁ ନିର୍ବାଚିତ ହୋଇଥିଲେ। ତେବେ ସେ ୧୯୯୫ରେ ପରାଜିତ ହୋଇଥିଲେ। ୨୦୦୦ରୁ ୨୦୧୯ ପର୍ଯ୍ୟନ୍ତ ବିଜେଡିରୁ ନିର୍ବାଚିତ ହୋଇଥିଲେ। ବିଜୁ ପଟ୍ଟନାୟକ ଓ ନବୀନ ପଟ୍ଟନାୟକ ସରକାରରେ ଦାମ ବିଭିନ୍ନ ବିଭାଗର ମନ୍ତ୍ରୀ ପଦରେ ଥିଲେ। ୨୦୧୭ରେ ବିଜେଡିରୁ ବହିଷ୍କାର ହେବା ପରେ ସେ ଭାଜପାରେ ଯୋଗ ଦେଇଥିଲେ। ୨୦୧୯ରେ ବାଲିକୁଦାରୁ ଭାଜପା ଟିକେଟରୁ ଲଢ଼ି ପରାଜିତ ହୋଇଥିଲେ। ୨୦୨୪ ଜାନୁଆରୀରେ ବିଜେଡି ପକ୍ଷରୁ ତାଙ୍କ ଉପରୁ ବହିଷ୍କାର ଆଦେଶ ପ୍ରତ୍ୟାହାର କରାଯାଇଥିଲା।

MAHESWARI
+2 SCIENCE & ARTS HIGHER SECONDARY SCHOOL
Priyansu Neti (83%) Pratik Pruseth (81%) Riturani Dash (80%)
Best Summer Course in Sundargarh
Admission Open
Free Summer Course Start - 11th March 2024
Sankara, Sundargarh
Mob- 9437158472, 7008286350

DAYANAND PUBLIC SCHOOL
WE ARE ADHERED TO RTE NORMS & NPE 2020
www.dayanandpublicschoolsbp.co.in
ADMISSION OPEN FOR 2024-25
NURSERY TO XI
Residential & Day Boarding (Affiliated to CBSE)
DAY & RESIDENTIAL
* Based on Indian Culture & value. * Green & clean environment. * Affordable fees structure. * Trained & Expert Teachers. * Digital Class Room. * Matha, Science & Computer Lab. * Transport with GPS Facility. * Extra Curricular Activities. * Hygenic Foods. * CCTV Survelliance.
HLO Colony Playgroup to UKG M-8763032586
DHANUPALI Playgroup to Class-V M-9938895475, 8763032587
PADIABAHAL Playgroup to Class-XI M-7381058813 8763032588

# ଚିଟ୍‌ଫଣ୍ଡ ନାଁରେ ୫କୋଟି ଠକେଇ, ମହିଳା ଫେରାର

ରାୟଗଡ଼ା,୨୨।୩ (ଆଶିଷ ରଞ୍ଜନ ପଣ୍ଡା)

### ଏତଲା ଦେଲେ ଠକାମିର ଶିକାର ହୋଇଥିବା ମହିଳା



ଠକେଇର ଶିକାର ହୋଇଥିବା ମହିଳାମାନେ ଅଭିଯୋଗ ପାଇଁ ଜିଲା ପୋଲିସ କାର୍ଯ୍ୟାଳୟକୁ ଆସିଛନ୍ତି।

ବେଆଇନ ଭାବେ ଚାଲିଥିବା ଚିଟ୍‌ଫଣ୍ଡ ସ୍କିମ୍ ଓ ସୁଧ କାରବାର ଉପରେ କୌଣସି ଅଙ୍କୁଶ ଲଗାଯାଇ ନ ଥିବାରୁ ଦିନକୁ ଦିନ ଏହି ବ୍ୟବସାୟ ବଢ଼ିବାରେ ଲାଗିଛି। ଫଳରେ କିଛି ଖଳ ପ୍ରକୃତିର ଲୋକ ଏହାର ସୁଯୋଗ ନେଇ ଲୋକଙ୍କୁ ଭୁଆଁ ବୁଲାଇ ଲକ୍ଷାଧିକ ଟଙ୍କା ଠକି ନେଉଛନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ରାୟଗଡ଼ା ସହରରେ। ରାୟଗଡ଼ା ସହରର ଜଣେ ମହିଳା ଚିଟ୍‌ଫଣ୍ଡ ନାଁରେ ୫୦ରୁ ଊର୍ଦ୍ଧ୍ୱ ମହିଳାଙ୍କ ପ୍ରାୟ ୫କୋଟିରୁ ଊର୍ଦ୍ଧ୍ୱ ଟଙ୍କା ନେଇ ଫେରାର ହୋଇଯାଇଥିବା ଘଟଣା ଶୁକ୍ରବାର ସାମ୍ନାକୁ ଆସିଛି। ଠକାମିର ଶିକାର ହୋଇଥିବା ମହିଳାମାନେ ଶୁକ୍ରବାର ସନ୍ଧ୍ୟାରେ ଜିଲା ପୋଲିସ କାର୍ଯ୍ୟାଳୟକୁ ଯାଇ ଅଭିଯୋଗ କରିଛନ୍ତି। ରାୟଗଡ଼ା ଟାଉନ ଥାନା ଅଧିକାରୀ କେକେବିକେ କହିଁର ଏ ନେଇ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଘଟଣାରୁ ପ୍ରକାଶ ଯେ, ରାୟଗଡ଼ା ସହର ରିଂରୋଡ୍ ନିବାସୀ ତୃପ୍ତିରାଣୀ କର ପ୍ରାୟ ୩ ବର୍ଷ ହେବ ରାୟଗଡ଼ାରେ ରିଂରୋଡ୍, କୋଅପରେଟିଭ କଲୋନି ଓ ଏହାର ଆଖପାଖ ଅଞ୍ଚଳର ମହିଳାଙ୍କ ସହ ସମ୍ପର୍କ ସ୍ଥାପନକରି ଚିଟ୍‌ଫଣ୍ଡ ଆରମ୍ଭ କରିଥିଲେ। ପରେ ଉକ୍ତ ମହିଳାମାନଙ୍କଠାରୁ ସେ ଟଙ୍କା ସୁଧରେ ନେଇଥିଲେ। ପ୍ରଥମେ କମ୍ ରକମର ଚିଟ୍‌ଫଣ୍ଡ ଆରମ୍ଭକରି ମହିଳାମାନଙ୍କ ବିଶ୍ୱାସ ଜମାଇ ପରବର୍ତ୍ତୀ ସମୟରେ ବଡ଼ କାରବାର ଆରମ୍ଭ କରିଥିଲେ। ଏଥିସହ ସୁଧ ଦେବା ନାଁରେ ସେମାନଙ୍କଠାରୁ ନଗଦ ଟଙ୍କା ଋଣ ମଧ୍ୟ ନେଇଥିଲେ। ଏବେ ସେ ରହୁଥିବା ଘର ବିକ୍ରିକରି ସମସ୍ତଙ୍କ ଟଙ୍କା ନେଇ କେଉଁଆଡ଼େ ଫେରାର ହୋଇଯାଇଛନ୍ତି। ମିଳିଥିବା ସୂଚନା ଅନୁସାରେ ଶାନ୍ତି ବାରିକଙ୍କର ୭ଲକ୍ଷ ୫୦ହଜାର, ସୁଚିଶ୍ରୀ ବାରିକଙ୍କ ୧୩ଲକ୍ଷ ୫୦ହଜାର, ସଞ୍ଜୁଦୁର୍ବି ଜୈନଙ୍କର ୧୫ଲକ୍ଷ, ଜେ.କଳାବତୀଙ୍କର ୪ଲକ୍ଷ, ରୁବିନା ମହାରଣାଙ୍କ ୨ଲକ୍ଷ, ଲିଲି ଦାସଙ୍କ ୭ଲକ୍ଷ, ଲକ୍ଷ୍ମୀପ୍ରିୟା ସିଂଙ୍କ ୧୦ଲକ୍ଷ ଏବଂ ରୀତାଞ୍ଜଳି ସାମନ୍ତରାୟଙ୍କର ୧୩ଗ୍ରାମ ସୁନା ସମେତ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ମହିଳାଙ୍କର ଲକ୍ଷ ଲକ୍ଷ ଟଙ୍କା ନେଇ ଫେରାର ହୋଇଯାଇଛନ୍ତି ତୃପ୍ତିରାଣୀ। ଅଭିଯୋଗକାରୀ ମହିଳାଙ୍କ କହିବାନୁସାରେ, ପ୍ରାୟ ୫କୋଟିରୁ ଊର୍ଦ୍ଧ୍ୱ ଟଙ୍କା ନେଇ ତୃପ୍ତିରାଣୀ ଫେରାର ହୋଇଯାଇଛନ୍ତି। ତାଙ୍କ ମୋବାଇଲକୁ ଫୋନ୍ କଲେ ମଧ୍ୟ ଫୋନ୍ ଉଠାଉ ନ ଥିବା ଏବଂ ପରେ ବନ୍ଦ କରିଦେଇଥିବା ଠକେଇର ଶିକାର ହୋଇଥିବା ମହିଳାମାନେ କହିଛନ୍ତି। ତେବେ ଏହି ଘଟଣାରେ ପୋଲିସ କିଭଳି ପଦକ୍ଷେପ ନେଉଛି ଏବଂ ତୃପ୍ତିରାଣୀଙ୍କୁ ଖୋଜି ପାଉଛି କି ନାହିଁ ତାହା ଦେଖିବାକୁ ବାକି ରହିଲା।

# ବଳାତ୍କାରୀଙ୍କୁ ୧୦ବର୍ଷ ଜେଲ୍

ଭଦ୍ରକ, ୨୨।୩(ସନାତନ ରାଉତ)

### ନାବାଳିକା ଯୌନ ଶୋଷଣ ମାମଲା

ଭଦ୍ରକ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ଶୁକ୍ରବାର ଏକ ନାବାଳିକା ଯୌନ ଶୋଷଣ ମାମଲାର ରାୟ ପ୍ରକାଶ ପାଇଛି। କୋର୍ଟ ବିଚାରପତି ମୁକ୍ତିରଞ୍ଜନ ଶତପଥୀ ମାମଲାର ବିଚାର କରି ଦୋଷୀ ନାୟକାଣିଡିହୀ ଥାନା ଅଧୀନ ତମ୍ଭାଖଣ୍ଡି ଗ୍ରାମର ରତିକାନ୍ତ ନାୟକ(୩୩)ଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ ସହ ୨୫ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ୬ମାସ ଜେଲ୍‌ଦଣ୍ଡ ଭୋଗିବାକୁ ଆଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ରତିକାନ୍ତ ସ୍ଥାନୀୟ ଅଞ୍ଚଳର ଜଣେ ୧୫ବର୍ଷୀୟ ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବାରମ୍ବାର ଶାରୀରିକ ସମ୍ପର୍କ ରଖି ପରେ ବିବାହ କରିବାକୁ ମନା କରିଦେଇଥିଲେ। ଏନେଇ ନାବାଳିକା ଜଣକ ୨୦୧୪ ମେ' ୧୧ରେ ନାୟକାଣିଡିହୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତ ରତିକାନ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଅପରପକ୍ଷେ ଅଭିଯୁକ୍ତ ଗିରଫ ହେବା ପରେ ପୀଡ଼ିତା ନାବାଳିକାଙ୍କ ପକ୍ଷରୁ କୌଣସି ଅଭିଯୋଗ ନ ଥିବା ନେଇ ସତ୍ୟପାଠ ଦାଖଲ କରାଯିବାରୁ ଅଭିଯୁକ୍ତଙ୍କୁ ଜାମିନ ଦିଆଯାଇଥିଲା। ତେବେ ଚାର୍ଜସିଟ୍ ଦାଖଲ ପରେ ନାବାଳିକା କୋର୍ଟରେ ରତିକାନ୍ତଙ୍କ ବିରୋଧରେ ବୟାନ ଦେବାରୁ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ପୀଡ଼ିତାଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ବଟକୃଷ୍ଣ ଦାସ ମାମଲା ପରିଚାଳନା କରୁଥିଲେ।

# ବସ୍ ମାଲିକଙ୍କୁ ଗିରଫ ନିର୍ଦ୍ଦେଶ ଦେଲେ ଜିଲାପାଳ

ବାରିପଦା,୨୨।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

### ନିର୍ବାଚନ ନିୟମ ଉଲ୍ଲଂଘନ

ନିର୍ବାଚନ ନିୟମ ଉଲ୍ଲଂଘନ କରିବା ଅଭିଯୋଗରେ ମୟୂରଭଞ୍ଜ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଜଣେ ବସ୍ ମାଲିକଙ୍କୁ ଗିରଫ କରିବା ସହ ତାଙ୍କ ବସ୍ ଜବତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ଆଗାମୀ ସାଧାରଣ ନିର୍ବାଚନ ପରିଚାଳନା ସକାଶେ ଆବଶ୍ୟକତା ଦୃଷ୍ଟିରୁ ଜିଲାପାଳ ଶିନ୍ଦେ ଏକ ଯାତ୍ରୀବାହୀ ବସ୍ (ଓଡି୧୧ଏଲ୍-୯୧୫୯)କୁ କାର୍ଯ୍ୟରେ ଲଗାଇବା ପାଇଁ ମାଲିକ ଭଞ୍ଜପୁରସ୍ଥିତ ଯମୁନାଦେଈପୁର ଅଞ୍ଚଳର ପ୍ରସନ୍ନ ବାରିକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୨୦ ତାରିଖ ପୂର୍ବାହ୍ନ ୧୧ଟା ସୁଦ୍ଧା ବାରିପଦା ରିଜର୍ଭ ପୋଲିସ ଇନ୍ସପେକ୍ଟରଙ୍କ ନିକଟରେ ବସ୍ ପହଞ୍ଚାଇବା ପାଇଁ କୁହାଯାଇଥିଲା। ମାତ୍ର ମାଲିକ ଉକ୍ତ ନିର୍ଦ୍ଦେଶ ଅବମାନନା କରି ନିର୍ଦ୍ଧାରିତ ସମୟ ଓ ସ୍ଥାନରେ ବସ୍ ପହଞ୍ଚାଇ ନ ଥିଲେ। ଏନେଇ ଜିଲାପାଳ ଜନ ପ୍ରତିନିଧିତ୍ୱ ଅଧିନିୟମ ୧୯୫୧ ଅନ୍ତର୍ଗତ ବିଭାଗ ୧୬୭ ପ୍ରୟୋଗ କରି ବସ୍ ମାଲିକ ବାରିକଙ୍କୁ ଗିରଫ କରିବା ପାଇଁ ବାରିପଦା ଟାଉନ ଥାନା ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ବାଚନ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ଶିନ୍ଦେ କହିଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

# ୬ ସପ୍ତାହରେ ସରିବ ଆନନ୍ଦ ଟପ୍ପୋ ହତ୍ୟା ମାମଲାର ତଦନ୍ତ

କଟକ,୨୨।୩ (କାର୍ତ୍ତିକ ସାହୁ)

### ଅଦାଲତ ଅବମାନନାର ଅନ୍ତ ଘଟାଇଲେ ହାଇକୋର୍ଟ

ବହୁଚର୍ଚ୍ଚିତ ଆନନ୍ଦ ଟପ୍ପୋ ହତ୍ୟା ମାମଲାର ତଦନ୍ତ ଆସନ୍ତା ୬ ସପ୍ତାହ ମଧ୍ୟରେ ସରିବ। ଓଡ଼ିଶା ପୋଲିସ୍‌ରେ ଅଧିକାରୀଙ୍କ ଅଭାବ କାରଣରୁ କ୍ରାଇମବ୍ରାଞ୍ଚ ଆଇଜି ଏହି ମାମଲାର ତଦନ୍ତ କରିପାରିବେ ନାହିଁ। କ୍ରାଇମବ୍ରାଞ୍ଚର ୨ ଜଣ ଏସ୍‌ପି ମାମଲାର ତଦନ୍ତ କରିବେ। ଏହି ତଦନ୍ତ ପ୍ରକ୍ରିୟାକୁ ଆଇଜି ତଦାରଖ କରିବେ। ୬ ସପ୍ତାହ ମଧ୍ୟରେ ତଦନ୍ତ ଶେଷ କରି ରିପୋର୍ଟ ପ୍ରଦାନ କରିବେ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ଆଡ୍‌ଭୋକେଟ୍ ଜେନେରାଲ ହାଇକୋର୍ଟରେ ଉପସ୍ଥିତ ରହି ଅବଗତ କରାଇଛନ୍ତି। ହାଇକୋର୍ଟ ବିଚାରପତି ଶିବଶଙ୍କର ମିଶ୍ର ଅଦାଲତ ଅବମାନନା ମାମଲାର ଶୁଣାଣି କରି ମାମଲାର ଅନ୍ତ ଘଟାଇଛନ୍ତି।

ଆନନ୍ଦ ଟପ୍ପୋ ହତ୍ୟା ମାମଲାରେ ହାଇକୋର୍ଟ ୮ ମାସ ପୂର୍ବେ କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଅଭିଯୁକ୍ତ ଡିଏସ୍‌ପି ପାହ୍ୟାର ଅଧିକାରୀ ହୋଇଥିବାରୁ ମାମଲାର ତଦନ୍ତ ଡିଆଇଜି ପାହ୍ୟାରୁ ଉପରିସ୍ଥ ଅଧିକାରୀଙ୍କ ଦ୍ୱାରା କରାଇବାକୁ ଆଦେଶ ଦେଇଥିଲେ। ହେଲେ କ୍ରାଇମବ୍ରାଞ୍ଚ ଏହି ମାମଲାର ତଦନ୍ତ ଅଦ୍ୟାବଧି ଆରମ୍ଭ କରି ନ ଥିବା ଅଭିଯୋଗ ଆଣି ଆବେଦନକାରୀଙ୍କ ପକ୍ଷରୁ ଅଦାଲତ ଅବମାନନା ମାମଲା ରୁଜୁ ହୋଇଥିଲା।

ସୂଚନାଯୋଗ୍ୟ, ଆନନ୍ଦ ଟପ୍ପୋ ଭୁବନେଶ୍ୱରର ଇନ୍‌ଫୋସିଟି ଥାନା ଅଞ୍ଚଳରେ ତାଙ୍କର ଦୁଇ ବନ୍ଧୁଙ୍କ ସହ ରହୁଥିଲେ। ୨୦୨୨ ଫେବୃଆରୀ ୨୮ରେ ଆନନ୍ଦଙ୍କୁ ଝୁଲନ୍ତା ଅବସ୍ଥାରେ ତାଙ୍କ ରୁମ୍‌ରୁ ଉଦ୍ଧାର କରି ତାଙ୍କ ବନ୍ଧୁ ମନ୍‌ଜିତ୍ ଟେଟେ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆନନ୍ଦଙ୍କର ଅନ୍ୟତମ ବନ୍ଧୁ ହକି ତାରକା ବୀରେନ୍ଦ୍ର ଲାକ୍ରା ଏ ବିଷୟରେ ଆନନ୍ଦଙ୍କ ବାପା ବନ୍ଧନ ଟପ୍ପୋଙ୍କୁ ଫୋନ୍ କରି ଜଣାଇଥିଲେ। ଏନେଇ ଇନ୍‌ଫୋସିଟି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅପରପକ୍ଷରେ ଆନନ୍ଦଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ନେଇ ବନ୍ଧନ ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ପୋଲିସ ପ୍ରଥମେ ଗ୍ରହଣ କରି ନ ଥିଲା। ଅଦାଲତଙ୍କ ନିର୍ଦ୍ଦେଶ ପରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଆନନ୍ଦଙ୍କୁ ହତ୍ୟା କରାଯାଇ ନାହିଁ ବରଂ ସେ ଆତ୍ମହତ୍ୟା କରିଛନ୍ତି ବୋଲି ଅଦାଲତରେ ପୋଲିସ ଚାର୍ଜସିଟ୍ ଦାଖଲ କରିଥିଲା। ପୋଲିସ ତଦନ୍ତରେ ଭରସା ନ ପାଇବାରୁ ଆନନ୍ଦଙ୍କ ବାପା ମାମଲାର କ୍ରାଇମବ୍ରାଞ୍ଚ ତଦନ୍ତ ଦାବି କରି ହାଇକୋର୍ଟରେ ଏକ ପିଟିଶନ ଦାଖଲ କରିଥିଲେ। ପୋଲିସର ତଦନ୍ତ ପ୍ରକ୍ରିୟାରେ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଥିଲେ। ଗତବର୍ଷ ଜୁଲାଇ ୫ରେ ମାମଲାର କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଶିବଶଙ୍କର ମହାନ୍ତି ମାମଲା ପରିଚାଳନା କରୁଥିଲେ।

WE ARE HIRING
Archifabs
ARCHIFABS, is an organization in the field of Architectural Fabrications since last 15 years in Bhubaneswar with works related to Facades and surfaces.
ASST. ENGINEER (AE): AutoCAD competent, Knowledge of MS/ Aluminium Fabrications etc. conversant with Civil/Mechanical drawings, measurements, Bill of quantities etc. Edu. Qual.: Engg. Diploma/Sc. graduate. Experience: 2-3 years in relevant field. Salary: At par with the industry.
MANAGER ACCOUNTS (MA): Knowledge of Finance, Accounts and practices with GST, TDS, EPF, laws and Tally etc. Edu. Qual.: Commerce Graduate/Postgraduate, MBA – Finance, Inter ICWA etc. Experience: A min. of 4 years in relevant field with all exposure to various departments of Accounts and finance. Salary: As per incumbency.
SALES EXECUTIVE (SE): Techno-Sales and Marketing of building materials in Odisha and adjoining states. Edu. Qual.: MBA in Marketing with at least 2 years of experience in the relevant field. Engg. background will be preferred. Girls (with 2 Wheelers) can also apply.
Please rush in your CVs with reference codes within 7 days to :
rabinbehera100@gmail.com

WANTED
Used Car Showroom in Bhubaneswar requires Front Office Executive cum Telecaller, Marketing Professionals with experience in used Car Sales and Purchase of Four Wheeler.
For details contact :
7381091234, 9861194627

# ୱାର୍ଡର ନିଲମ୍ବିତ, ଚିଫ୍ ୱାର୍ଡରଙ୍କୁ ବଦଳି

### ଝାରପଡ଼ା ଜେଲ ମାର୍‌ପିଟ, ନିଶାଦ୍ରବ୍ୟ ଜବତ ଘଟଣାରେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୨୨।୩ (ସୂର୍ଯ୍ୟକାନ୍ତ ବେହେରା)




ଭୁବନେଶ୍ୱରସ୍ଥିତ ଝାରପଡ଼ା ଜେଲରୁ ନିଶାଦ୍ରବ୍ୟ ସହ ବେଆଇନ ସାମଗ୍ରୀ ଜବତ ହେବା ଓ ବିଚାରାଧୀନ କଏଦୀଙ୍କ ମଧ୍ୟରେ ମାର୍‌ପିଟ ଘଟଣାରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହୋଇଛି। କାର୍ଯ୍ୟରେ ଅବହେଳା ପାଇଁ ୱାର୍ଡର ପ୍ରଭାତ କୁମାର ମହାରଣାଙ୍କୁ ନିଲମ୍ବନ କରାଯାଇଥିବାବେଳେ ଚିଫ୍ ୱାର୍ଡର ମଙ୍ଗୁଳି ସେଠୀଙ୍କୁ ନିମାପଡ଼ା ସବ୍‌ଜେଲକୁ ବଦଳି କରାଯାଇଛି। ଝାରପଡ଼ା ଜେଲ୍‌ରେ ଢିଲା ସୁରକ୍ଷା ବ୍ୟବସ୍ଥା, ଅପରାଧୀ ଗୋଷ୍ଠୀଙ୍କ ରାଜ୍ ଓ କଏଦୀଙ୍କ ସହ କର୍ମଚାରୀଙ୍କ ମଧୁର ସମ୍ପର୍କକୁ ନେଇ ଦୀର୍ଘଦିନ ହେବ ଅଭିଯୋଗ ହୋଇ ଆସୁଥିଲାବେଳେ ଜେଲ୍ କର୍ତ୍ତୃପକ୍ଷଙ୍କ ନିଷ୍କ୍ରିୟତାକୁ ନେଇ ପ୍ରଶ୍ନ ଉଠିଥିଲା। ତେବେ କଏଦୀଙ୍କ ମଧ୍ୟରେ ଗଣ୍ଡଗୋଳ ଓ ଗଞ୍ଜେଇ, ଚିଲମ, ସିଗାରେଟ୍ ବିଡି ଭଳି ବେଆଇନ ସାମଗ୍ରୀ ମିଳିବା ପରେ ଜେଲ୍ ଡିଜି ଅମିତ୍ ମୋହନ ପ୍ରସାଦ ଘଟଣାକୁ ଗୁରୁତ୍ୱ ସହ ନେଇ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଜେଲ ଡିଆଇଜି ଅନସୂୟା ଜେନା ଓ ବ୍ରହ୍ମପୁର ମଣ୍ଡଳର ଅଧୀକ୍ଷକ ଧୀରେନ୍ଦ୍ର ନାଥ ବାରିକ ଜେଲକୁ ଯାଇ ତନାଘନା କରିଥିଲେ। ବିଭାଗୀୟ ତଦନ୍ତ ପରେ ୨ ୱାର୍ଡର କାର୍ଯ୍ୟରେ ଅବହେଳା କରିଥିବା ଜଣାପଡିବାରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତେବେ ନିଲମ୍ବିତ ହୋଇଥିବା ୱାର୍ଡର ପ୍ରଭାତ ହାଇସିକ୍ୟୁରିଟି ସେଲ୍ ଦାୟିତ୍ୱରେ ଥିବା ସତ୍ତ୍ୱେ ବିଚାରାଧୀନ ଅନ୍ତେବାସୀ ଚକରା ବାରିକଙ୍କୁ ଅନୁକମ୍ପା ଦେଖାଇଥିଲେ। ଏପରିକି ତାଙ୍କ ଉପରେ ନଜର ନ ରଖି ଖୋଲା ଛାଡିଥିବା ସିସିଟିଭି ଫୁଟେଜରୁ ସ୍ପଷ୍ଟ ହୋଇଛି। ସେହିପରି ନିମାପଡ଼ାକୁ ବଦଳି ହୋଇଥିବା ଚିଫ୍ ୱାର୍ଡର ମଙ୍ଗୁଳି ନାଇଟ୍ ଡ୍ୟୁଟିରେ ଥିବା ସମୟରେ ନିଶାଦ୍ରବ୍ୟ ମିଳିଥିଲା। ସିସିଟିଭି ଫୁଟେଜ ଯାଞ୍ଚରୁ ସେ ଆଡ୍‌ମିନିଷ୍ଟ୍ରେଟିଭ୍ ଗ୍ରାଉଣ୍ଡ ଏବଂ ଡ୍ୟୁଟିରେ ଅବହେଳା କରିଥିବା ନେଇ ତଦନ୍ତକାରୀ ଅଧିକାରୀ ଜାଣିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଜେଲ ଡିଜି କହିଛନ୍ତି। ଏହାସହ ଆଗାମୀ ଦିନରେ ଜେଲରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯିବା ନେଇ ସମୀକ୍ଷା କରାଯିବ ବୋଲି ସେ କହିଛନ୍ତି।

ସୂଚନାନୁସାରେ, ଗତ ୧୭ ତାରିଖ ଅପରାହ୍ନରେ ସାମାନ୍ୟ କଥାକୁ ନେଇ ଜେଲରେ ବିଚାରାଧୀନ କଏଦୀ ଚକ୍ରଧର ବାରିକ, ଜଗନ୍ନାଥ ମହାନ୍ତି ଓ ପାପୁନ ମାଝି ରବିବାର ଅପରାହ୍ନରେ ଜେଲ କ୍ୟାଣ୍ଟିନରୁ ଆସୁଥିବାବେଳେ ଶମ୍ଭୁନାଥ ବାରିକଙ୍କ ସହିତ ଧକ୍କା ହୋଇଥିଲା। ଫଳରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା ଏବଂ ଚକରା ଗ୍ୟାଙ୍ଗର ସମସ୍ତେ ମିଳିତ ଭାବରେ ଶମ୍ଭୁନାଥଙ୍କୁ ଆକ୍ରମଣ କରିବାରୁ ସେ ଗୁରୁତର ହୋଇଥିଲେ। ଘଟଣା ପ୍ରଘଟ ହେବା ପରେ ନିଶା କାରବାରକୁ ନେଇ ଏହି ଘଟଣା ଘଟିଥିବା ଚର୍ଚ୍ଚା ହୋଇଥିଲା। ତେବେ ୨୦ ତାରିଖରେ ଡିସିପିଙ୍କ ନେତୃତ୍ୱରେ କମିଶନରେଟ ପୋଲିସର ଏକ ଟିମ୍ ଜେଲକୁ ଯାଇ ଛାନଭିନ୍ କରିବା ସମୟରେ ଜେଲ୍‌ର କମନ ଏରିଆରୁ ଗଞ୍ଜେଇ, ଚିଲମ ସହ ଖଇନି, ବିଡ଼ି, ସିଗାରେଟ୍ ଭଳି ମାଦକ ଦ୍ରବ୍ୟ ମିଳିଥିଲା।

COOK REQUIRED
Indian & Chinise Cook
Required for Restaurant at Kesura, Bhubaneswar.
Ph.:7894716207
9437284700

Required
Graduates in Bhubaneswar
Good Odia & Hindi Communication skill.
SALARY + INCENTIVE.
IKONTEL (Software Company)
Office: Esplanade Mall, 6th floor, Rasulgarh
7008230175, 8763191697

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଇମେଲ୍ : crpd@sbi.co.in
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ
ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିନାମା ଆଧାରରେ
ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

| ବିଜ୍ଞାପନ ସଂ. : CRPD/SCO/2023-24/34 | | |
|---|---|---|
| ପୋଷ୍ଟ ନାମ | ଖାଲି ପଦବୀ | ସମକକ୍ଷ ଗ୍ରେଡ୍ |
| ମୁଖ୍ୟ (କର୍ପୋରେଟ୍ ଯୋଗାଯୋଗ ଏବଂ ମାର୍କେଟିଂ) | 1 | ଟିଇଜିଏସ୍-VII |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://bank.sbi/web/careers ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query) ରେ ଉପଲବ୍ଧ ।
• ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 16.05.2023 ରୁ 05.06.2023 ପର୍ଯ୍ୟନ୍ତ ।
ସ୍ଥାନ: ମୁମ୍ବାଇ
ତାରିଖ: 20.03.2024
ମହା ପ୍ରବନ୍ଧକ (ଆର୍‌ପି ଏବଂ ପିଏମ୍)

Exploring the Right Opportunity?
Be Associated with a renowned MNC
Work from Home • High Income • Work-life Balance
1st Month Training - Chargeable (Meals are Provided)
2nd Month Onwards - Earn Basic + Variable
Who can Join?
• House Wives • Students
• Retired Persons • Employees
• Professionals • Retired Persons
Interview Date : 27th March 2024
Time : 9.30 A.M. to 5.00 P.M.
Interested People Can Contact
9078259459
(Call Between 9.00 A.M. to 6.00 P.M.) to book Interview Slot.
Hurry up - Only 20 Posts available
: OFFICE ADDRESS :
2nd Floor, MM Mart Building, Hi-Tech Chowk, Sundarpada, BBSR - 751002

# କାର୍ତ୍ତିକ-ରାଓ୍ୱତଙ୍କ ୯୫ ରନ୍‌ର ଭାଗୀଦାରି

ଚେନ୍ନାଇ, ୨୨।୩

ଚେନ୍ନାଇର ଏମ.ଏ. ଚିଦାମ୍ବରମ ଷ୍ଟାଡିୟମରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୭ଶ ସଂସ୍କରଣ ଆରମ୍ଭ ହୋଇଛି। ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ୨୦ ଓଭରରେ ୬ ଉଇକେଟ ହରାଇ ୧୭୩ ରନ ସଂଗ୍ରହ କରିଛି। ଦୀନେଶ କାର୍ତ୍ତିକ ଓ ଅନୁଜ ରାଓ୍ୱତ ଅର୍ଦ୍ଧଶତକୀୟ ଭାଗୀଦାରି ଗଢ଼ି ଆରସିବିର ସମ୍ମାନ ରଖିଛନ୍ତି।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ଆରସିବି ଅଧିନାୟକ ଫାଫ୍ ଡୁପ୍ଲେସି। ଦଳର ଆରମ୍ଭ ଭଲ ହୋଇଥିଲେ ହେଁ ଓପନିଂ ଯୋଡ଼ି ଭାଙ୍ଗିବାପରେ ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଓପନିଂ ଯୋଡ଼ିରେ ବିରାଟ କୋହଲିଙ୍କ ସହ ୪୧ ରନ ଯୋଗ କରିବାପରେ ଡୁପ୍ଲେସି ବ୍ୟକ୍ତିଗତ ୩୫ (୨୩ ବଲ, ୮ ଚୌକା) ରନକରି ଆଉଟ ହୋଇଥିଲେ। ଏହାପରେ ରଜତ ପଟିଦାର ଓ ଗ୍ଲେନ ମ୍ୟାକ୍ସୱେଲ ଡକ୍ (୦)ରେ ଆଉଟ ହେବାରୁ ଆରସିବି ସ୍କୋର ୪୧/୧ରୁ ୪୨/୩ ହୋଇ ଯାଇଥିଲା। କୋହଲି ୨୦ ବଲରୁ ୨୧ ଓ କାମେରନ ଗ୍ରୀନ୍ ୧୮ ରନକରି ପ୍ୟାଭିଲିୟନ ଫେରିବାରୁ ୧୧.୪ ଓଭର ବେଳକୁ ଦଳୀୟ ସ୍କୋର ୭୮/୫ ହୋଇଥିଲା। ଫଳରେ ମୋଟ ସ୍କୋର ୧୫୦ ସ୍ପର୍ଶ କରିବାନେଇ ଆଶଙ୍କା ସୃଷ୍ଟି ହୋଇଥିଲା। ତେବେ ଦୀନେଶ କାର୍ତ୍ତିକ ଓ ଅନୁଜ ରାଓ୍ୱତ ୬ଷ୍ଠ ଉଇକେଟରେ ୫୦ ବଲ୍‌ରୁ ୯୫ ରନ ଯୋଗ କରିବାରୁ ଆରସିବି ସ୍କୋର ୧୭୩ରେ ପହଞ୍ଚି ପାରିଥିଲା। ଇନିଂସର ଶେଷ ବଲ୍‌ରେ ରନ୍ ଆଉଟ ହୋଇଥିବା ରାଓ୍ୱତ ୨୫ ବଲ୍‌ରୁ ସର୍ବାଧିକ ୪୮(୪ ଚୌକା, ୩ ଛକା) ରନ ସ୍କୋର କରିଥିଲେ। କାର୍ତ୍ତିକ ୩୮ (୨୬ ବଲ, ୩ ଚୌକା, ୨ ଛକା) ରନରେ ଅପରାଜିତ ରହିଥିଲେ। ଚେନ୍ନାଇ ପକ୍ଷରୁ ମୁସ୍ତାଫିଜୁର ରହମନ ୪ଟି ଓ ଦୀପକ ଚହର ଗୋଟିଏ ଉଇକେଟ ନେଇଥିଲେ।



ଶଟ୍ ଖେଳିବା ଅବସରରେ ଅନୁଜ ରାଓ୍ୱତ୍।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ପଞ୍ଜାବ ବନାମ ଦିଲ୍ଲୀ**
ସ୍ଥାନ: ଚଣ୍ଡିଗଡ଼
ସମୟ: ଅପରାହ୍ନ ୩.୩୦

**କୋଲକାତା ବନାମ ହାଇଦ୍ରାବାଦ**
ସ୍ଥାନ: କୋଲକାତା
ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୧୭୩/୬ (ଅନୁଜ ରାଓ୍ୱତ-୪୮, ଦୀନେଶ କାର୍ତ୍ତିକ-୩୮, ଫାଫ୍ ଡୁପ୍ଲେସି-୩୫, ମୁସ୍ତାଫିଜୁର ରହମନ-୪/୨୯, ଦୀପକ ଚହର-୧/୩୭)।

## କୋଟିଆନ ରୟାଲ୍ସରେ, ଶରଥ ଟାଇଟନ୍ସରେ

ନୂଆଦିଲ୍ଲୀ, ୨୨।୩ (ପି.ଟି.): ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ପାଇଁ ରାଜସ୍ଥାନ ରୟାଲ୍ସ ଅଷ୍ଟ୍ରେଲିଆର ଆଡାମ ଜାମ୍ପାଙ୍କ ସ୍ଥାନରେ ତନୁଶ କୋଟିଆନଙ୍କୁ ଦଳରେ ସ୍ଥାନ ଦେଇଛି। ଚଳିତ ସିଜନରେ ମୁମ୍ବାଇର ୪୨ତମ ରଣଜୀ ଟ୍ରଫି ସଫଳତାରେ କୋଟିଆନ ସଙ୍କଟ ମୋଚକ ଭାବେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। କୋଟିଆନ ତାଙ୍କ ବେସ୍ ପ୍ରାଇସ୍ ୨୦ ଲକ୍ଷ ଟଙ୍କାରେ ରାଜସ୍ଥାନ ରୟାଲ୍ସ ଦଳରେ ଯୋଗଦାନ କରିଥିବା ଆଇପିଏଲ ଘୋଷଣା କରିଛି। ଜୁନ୍‌ରେ ଅନ୍ତର୍ଜାତୀୟ ଟି୨୦ ବିଶ୍ୱକପ୍ ଦୃଷ୍ଟିରୁ ଅଧିକ କାର୍ଯ୍ୟଭାର ଦର୍ଶାଇ ଅଷ୍ଟ୍ରେଲୀୟ ଲେଗ୍ ସ୍ପିନର ଓହରିଯିବାକୁ ନିଷ୍ପତ୍ତି ନେଇଥିଲେ। ସୂଚନାଯୋଗ୍ୟ, ରାଜସ୍ଥାନ ରୟାଲ୍ସ ୧.୫ କୋଟି ଟଙ୍କା ଚୁକ୍ତିରେ ରିଟେନ କରିଥିଲେ। ଗତ ସିଜନରେ ସେ ରାଜସ୍ଥାନ ରୟାଲ୍ସ ତରଫରୁ ୬ଟି ମ୍ୟାଚ ଖେଳି ୮ ଉଇକେଟ ନେଇଥିଲେ। ଅନ୍ୟପକ୍ଷରେ କୋଟିଆନ ହେଉଛନ୍ତି ଜଣେ ଅଫ୍-ସ୍ପିନର ଏବଂ ଲୋୟର ଅର୍ଡର ବ୍ୟାଟର। ମୁମ୍ବାଇର ସୟଦ ମୁସ୍ତାକ ଅଲି ଟ୍ରଫି ସଫଳତାରେ ପ୍ରମୁଖ ଭୂମିକା ଗ୍ରହଣ କରିବା ପରେ ୨୦୨୩ରେ ସେ ଆଇପିଏଲ୍ କଣ୍ଟ୍ରାକ୍ଟ ପାଇବେ ବୋଲି ଆଶା କରାଯାଉଥିଲା। କିନ୍ତୁ ତାଙ୍କ ବୋଲିଂ ଆକ୍ସନ ଉପରେ ସନ୍ଦେହଜନକ ଏକ ରିପୋର୍ଟ ହୋଇଥିଲା। ଏହା ସତ୍ତ୍ୱେ ଏହି ୨୫ ବର୍ଷୀୟ କ୍ରିକେଟର ଦୃଢ ପ୍ରତ୍ୟାବର୍ତ୍ତନ କରି ଏହି ସିଜନରେ ମୁମ୍ବାଇର ରଣଜୀ ଟ୍ରଫି ସଫଳତାରେ ସେ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ (୫୦୨ ରନ ଓ ୨୯ ଉଇକେଟ) ବିବେଚିତ ହୋଇଥିଲେ। କୋଟିଆନ ସାଧାରଣତଃ ୮ ନମ୍ବର ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥାନ୍ତି।

## ଆଜି କ୍ୟାପିଟାଲ୍ସ ବନାମ କିଙ୍ଗ୍ସ

# ପନ୍ତଙ୍କ ଉପରେ ନଜର ରହିବ

ଚଣ୍ଡିଗଡ଼, ୨୨।୩ (ପି.ଟି.)

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଶନିବାର ଡବଲ ହେଡରରେ ଏଠାରେ ଦିଲ୍ଲୀ କ୍ୟାପିଟାଲ୍ସ ବନାମ ପଞ୍ଜାବ କିଙ୍ଗ୍ସ ଏବଂ କୋଲକାତାରେ କୋଲକାତା ନାଇଟ ରାଇଡର୍ସ ବନାମ ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ମୁଲ୍ଲାନପୁରଠାରେ ନବନିର୍ମିତ ମହାରାଜା ଯଦବିନ୍ଦ୍ର ସିଂ କ୍ରିକେଟ ଷ୍ଟାଡିୟମରେ ଖେଳାଯିବାକୁଥିବା ପଞ୍ଜାବ କିଙ୍ଗ୍ସ ବିପକ୍ଷ ମ୍ୟାଚରେ ଦିଲ୍ଲୀ ଦଳର ଅଧିନାୟକ ରିଷଭ ପନ୍ତଙ୍କ ଉପରେ ବିଶେଷ ନଜର ରହିବ। ଭୟାନକ ଦୁର୍ଘଟଣାରୁ ମୁକୁଳିବା ପରେ ପନ୍ତ ୧ ବର୍ଷରୁ ଊର୍ଦ୍ଧ୍ୱ ବ୍ୟବଧାନରେ ଆଇପିଏଲ୍‌ରେ ଦେଖିବାକୁ ମିଳିବେ। ଗତ ସିଜନରେ ଉଭୟ ଦିଲ୍ଲୀ ଓ ପଞ୍ଜାବ ଦକ୍ଷତା ଅନୁସାରେ ପ୍ରଦର୍ଶନ କରିପାରି ନ ଥିଲେ। ଏହି ନୈରାଶ୍ୟକୁ ପଛରେ ପକାଇ ଦୁଇ ଦଳ ଆଗାମୀ ମ୍ୟାଚରେ ଭଲ ପ୍ରଦର୍ଶନକୁ ନେଇ ଆଶାବାଦୀ ଅଛନ୍ତି।

୨୦୨୨ ଡିସେମ୍ବରରେ ପନ୍ତ କାର୍ ଦୁର୍ଘଟଣାର ସମ୍ମୁଖୀନ ହୋଇ କ୍ରିକେଟରୁ ଦୂରେଇ ରହିଥିଲେ। ଆକଳନଠାରୁ ବହୁ ଶୀଘ୍ର ଏହି ତାରକା ଉଇକେଟ ବ୍ୟାଟର ସୁସ୍ଥ ହେବା ସହ ଆଇପିଏଲ୍ ଦୃଶ୍ୟପଟକୁ ଆସିଛନ୍ତି। କେବଳ ସେତିକି ନୁହେଁ ଫ୍ରାଞ୍ଚାଇଜ୍ ତାଙ୍କୁ ଅଧିନାୟକର ଗୁରୁଦାୟିତ୍ୱ ମଧ୍ୟ ପ୍ରଦାନ କରିଛି। ଗତ ସିଜନରେ ଦିଲ୍ଲୀ ଡେଭିଡ ୱାର୍ନରଙ୍କ ନେତୃତ୍ୱରେ ଖେଳିଥିଲା। ୧୦ ଦଳ ବିଶିଷ୍ଟ ପ୍ରତିଯୋଗିତାରେ ଦିଲ୍ଲୀ ୯ମ ସ୍ଥାନରେ ରହିଥିଲା। ପନ୍ତ ଲିଗ୍ ଆରମ୍ଭରୁ ଉଇକେଟ କିପିଂ କରିବେ କି ନାହିଁ ତାହା ସ୍ପଷ୍ଟ କରାଯାଇ ନାହିଁ।

# ଭାରତ-ଆଫଗାନିସ୍ତାନ ମ୍ୟାଚ ଡ୍ର

**ଫିଫା ବିଶ୍ୱକପ୍ କ୍ୱାଲିଫାୟର୍ସ**

ଆଭା, ୨୨।୩ (ପି.ଟି.)

ଫିଫା ବିଶ୍ୱକପ୍ କ୍ୱାଲିଫାୟର୍ସ ୨୦୨୬ର ଗ୍ରୁପ୍ 'ଏ'ରେ ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଖେଳାଯାଇଥିବା ଏକ ମ୍ୟାଚ ଗୋଲ୍ ଶୂନ୍ୟ ଭାବେ ଶେଷ ହୋଇଛି। ଏହି ଫଳାଫଳ ଉଭୟ ଦଳର କୋଚ୍ ଇଗୋର ଷ୍ଟିମାକ୍ ଓ ଆସ୍‌ଲେ ୱେଷ୍ଟଉଡ୍‌ଙ୍କୁ କିଛି ଅଂଶରେ ହତାଶ କରିଛି। ମ୍ୟାଚରେ ଉଭୟ ଦଳ ଗୋଲ୍ ସ୍କୋର କରିବାର କେତୋଟି ସୁଯୋଗ ପାଇଥିଲେ ହେଁ ହାତଛଡ଼ା କରିଥିଲେ। ୨୦୨୬ ବିଶ୍ୱକପ୍ ବ୍ୟତୀତ ଏକ ସାଙ୍ଗରେ ୨୦୨୭ ଏଏଫ୍‌ସି ଏସିଆନ କପ୍ ପାଇଁ ପ୍ରିଲିମିନାରି କ୍ୱାଲିଫିକେଶନ ମ୍ୟାଚ।

# ଶୁଟ୍ ଆଉଟରେ ଜିତିଲା ସୋଆ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ୨୨।୩
(ବିଜୟ ରଣା)

ବିଶ୍ୱ ଜଳ ଦିବସ ପାଳନ ଅବସରରେ ୟୁନିସେଫ ଓ ୟୁଥ୍ ଫୋର ୱାଟର ପ୍ଲସ୍‌ର ମିଳିତ ସହଯୋଗରେ ଏକ ପ୍ରଦର୍ଶନୀ ମ୍ୟାଚ ଶୁକ୍ରବାର ସ୍ଥାନୀୟ ୟୁନିଟ୍-୧ ସ୍ଥିତ ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ସୋଆ ୟୁନିଭର୍ସିଟି ବନାମ ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି ମଧ୍ୟରେ ଏହି ମ୍ୟାଚ ଖେଳାଯାଇଥିଲା। ଏଥିରେ

**ଜାତିସଂଘ ବିଶ୍ୱ ଜଳ ଦିବସ ଅବସରରେ ପ୍ରଦର୍ଶନୀ ଫୁଟ୍‌ବଲ**

ସୋଆ ୟୁନିଭର୍ସିଟି ୪-୨ ପେନାଲ୍‌ଟି ଶୁଟଆଉଟରେ ବିଜୟ ଲାଭ କରିଥିଲା।

ଓଡ଼ିଶା ଏଫ୍‌ସି କ୍ଲବ ସଭାପତି ରାଜ ଅଥଓ୍ୱାଲ ଇଭେଣ୍ଟର ଉଦ୍‌ଘାଟନ କରିବା ସହ ତାଙ୍କ ଅଭିଭାଷଣ ରଖିଥିଲେ। ବିଶ୍ୱ ଜଳ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ସେ ବଖାଣି ଥିଲେ। ଜଳ ସଂରକ୍ଷଣ ଓ ସ୍ଥିରତା ବଜାୟ ରଖିବା କ୍ଷେତ୍ରରେ ସାମୁହିକ ଉଦ୍ୟମର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ଇଭେଣ୍ଟ ଅବସରରେ ୟୁନିସେଫ୍ ଓଡ଼ିଶାର ୱାଶ ସେସ୍ ସ୍ପେସାଲିଷ୍ଟ ସିପ୍ରା ସାକ୍‌ସେନା, କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଅଧୀନ ଆରଏମ୍‌ଏନ୍‌ଏଚ କାର୍ଯ୍ୟାଳୟ ମୁଖ୍ୟ ଡକ୍ଟର ଗୌରବ, ମ୍ୟାଙ୍ଗୋ ହେଟେଲ ନିର୍ଦ୍ଦେଶକ ଅମିତେଶ ଗୁଗ୍‌ନାନି, ଭୁବନେଶ୍ୱର ନାଇଟ୍ସ ରାଉଣ୍ଡ ଟେବୁଲ ୨୩୦ର ଚେୟାରପର୍ସନ ସର୍କଲର ଅଂଶୁ ଗୁପ୍ତାଙ୍କ ସମେତ ଅନ୍ୟ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ଓଡ଼ିଶା ଏଫ୍‌ସି କ୍ଲବ ସଭାପତି ରାଜ ଅଥଓ୍ୱାଲଙ୍କୁ ଏକ ତୈଳଚିତ୍ର ପ୍ରଦାନ କରୁଛନ୍ତି ୟୁନିସେଫ୍ ଓଡ଼ିଶାର ୱାଶ ସେସ୍ ସ୍ପେସାଲିଷ୍ଟ ସିପ୍ରା ସାକ୍‌ସେନା।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ